# ଧରିତ୍ରୀ
DHARITRI
ଧରିତ୍ରୀ 51 Years

ଭୁବନେଶ୍ୱର, ଶନିବାର, ନଭେମ୍ବର ୮/୨୦୨୫ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, November 8/2025 | Page 14 | ₹ 7.00 | RAYAGADA

୫୧ଶ ଭାଗ ୩୪୨ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 51 ISSUE 342 | ମୂଲ୍ୟ ₹୭/-




**ମା' ହେଲେ କ୍ୟାଟ୍ରିନା**
ବଲିଉଡ ଅଭିନେତ୍ରୀ କ୍ୟାଟ୍ରିନା କୈଫ ମା' ହୋଇଛନ୍ତି। ସେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିବା ସ୍ୱାମୀ ଭିକି କୌଶଲ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ୦୫

୧୪ **ସାବାଲେଙ୍କା ସେମିଫାଇନାଲରେ**
ଆମେରିକାର କୋକୋ ଗଫ୍‌ଙ୍କୁ ହରାଇ ଡବ୍ଲ୍ୟୁଟିଏ ଫାଇନାଲ୍ସର ସେମିଫାଇନାଲରେ ପ୍ରବେଶ କରିଛନ୍ତି ବେଲାରୁଷର ଆରିନା ସାବାଲେଙ୍କା ।



# ପରିବର୍ତ୍ତନ ପାଇଁ ନୂଆ ପ୍ରୟୋଗ ଜରୁରୀ: ଗଡ଼କରୀ




ଜନତା ମଇଦାନଠାରେ ଶୁକ୍ରବାର ଇଣ୍ଡିଆନ ରୋଡ୍‌ସ କଂଗ୍ରେସର ୮୪ତମ ବାର୍ଷିକ ଅଧିବେଶନ ଅବସରରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଚାନ୍ଦି ତାରକସୀରେ ନିର୍ମିତ କୋଣାର୍କ ଚକ୍ରର ଉପହାର ପ୍ରଦାନ କରୁଛନ୍ତି। ନିକଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉନ୍ନୟନ କମିଶନର ଅନୁ ଗର୍ଗ ଉପସ୍ଥିତ ଅଛନ୍ତି।

ଭାରତର ସଡ଼କ ପରିବହନ ନେଟ୍‌ୱର୍କ ବିଶ୍ୱର ସବୁଠାରୁ ବୃହତ୍ ଓ ବ୍ୟସ୍ତବହୁଳ। ପ୍ରତିବର୍ଷ ସଡ଼କରେ ୮.୨୨୫ ବିଲିୟନ ଯାତ୍ରୀ ଯିବାଆସିବା କରୁଥିବାବେଳେ ୯୮୦ ମିଲିୟନ ଟନ୍ ମାଲ୍ ପରିବହନ ହୋଇଥାଏ। ଦେଶର ସଡ଼କ ଅତ୍ୟଧିକ ମାତ୍ରାରେ ବ୍ୟବହାର ହେଉଥିବାରୁ ଏହାର ରୋଡ୍ ଇଞ୍ଜିନିୟରିଂ ସର୍ବଦା ଚର୍ଚ୍ଚାରେ ଥାଏ। ଶୁକ୍ରବାର ଭୁବନେଶ୍ୱରସ୍ଥିତ ଜନତା ମଇଦାନଠାରେ ଇଣ୍ଡିଆନ ରୋଡ୍‌ସ କଂଗ୍ରେସ(ଆଇଆର୍‌ସି)ର ୮୪ତମ ବାର୍ଷିକ ଅଧିବେଶନ ଆରମ୍ଭ ହୋଇଛି। ରାଷ୍ଟ୍ରୀୟ ସଂଯୋଗର ରୂପରେଖ ପ୍ରସ୍ତୁତ କରିବା ପାଇଁ ବିଶେଷଜ୍ଞ, ଯନ୍ତ୍ରୀ ଓ ନୀତି ପ୍ରଣେତାଙ୍କ ଏହି ମହାସମ୍ମେଳନକୁ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରି ଉଦ୍‌ଘାଟନ କରି ପରିବର୍ତ୍ତନ ପାଇଁ ନୂଆ ପ୍ରୟୋଗର ଆବଶ୍ୟକତା ରହିଥିବା କହିଛନ୍ତି।

- **ଡିପିଆର୍‌ରେ ତ୍ରୁଟି କାରଣରୁ ଯାଉଛି ଲକ୍ଷାଧିକ ଜୀବନ**
- **ଭୁବନେଶ୍ୱରରେ ଆଇଆରସିର ୮୪ତମ ଅଧିବେଶନ ଉଦ୍‌ଘାଟିତ**

ଭୁବନେଶ୍ୱର, ୭।୧୧ (ରବିନାରାୟଣ ଜେନା)

ସଡ଼କ ଯୋଗାଯୋଗ ଭିତ୍ତିଭୂମି କ୍ଷେତ୍ରରେ ପ୍ରଯୁକ୍ତି, ଗବେଷଣା ଏବଂ ନବସୃଜନ ଲାଗି ବର୍ତ୍ତମାନ ହିଁ ପ୍ରକୃଷ୍ଟ ସମୟ। ଭାରତ ଏବେ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥବ୍ୟବସ୍ଥା। ଭାରତର ବିକାଶଧାରାକୁ ତ୍ୱରାନ୍ୱିତ କରିବା ଲାଗି ଆମେ ନୂତନ ପଦ୍ଧତି ଓ ସଫଳ ପ୍ରୟୋଗ କରିବାକୁ ଚାହୁଁଛୁ। ଏଥିପାଇଁ କାର୍ଯ୍ୟଧାରା, ମାର୍ଗଦର୍ଶିକା ଏବଂ ଡିଜାଇନ୍ ପ୍ରଣାଳୀକୁ ପ୍ରୋତ୍ସାହିତ ☞ପୃଷ୍ଠା-୪

## ସମୃଦ୍ଧ ଓଡିଶା ପାଇଁ ହେଉଛି ମାଷ୍ଟର ପ୍ଲାନ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୭।୧୧ (ରବିନାରାୟଣ ଜେନା)

ଆଗାମୀ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଓଡ଼ିଶାର ଅର୍ଥନୀତିକୁ ମଜଭୁତ୍ କରୁଛୁ। ଏଥିପାଇଁ ଆମ ସରକାର ବନ୍ଦର, ସଡ଼କ, ରେଳ ଏବଂ ବିମାନ ଚଳାଚଳ କ୍ଷେତ୍ରର ବିକାଶ ଦିଗରେ ଉଦ୍ୟମ ଅବ୍ୟାହତ ରଖିଛନ୍ତି। ଓଡ଼ିଶା ଷ୍ଟେଟ୍ ରୋଡ୍ ପଲିସି-୨୦୨୫ ଏବଂ ଓଡ଼ିଶା ଷ୍ଟେଟ୍ ହାଇୱେ ଅଥୋରିଟି ଆକ୍ଟ-୨୦୨୫ ପ୍ରଣୟନ କରାଯାଇଛି। ସମୃଦ୍ଧ ଓଡ଼ିଶା ଗଠନ ପାଇଁ ବିସ୍ତୃତ ଭିତ୍ତିଭୂମିର ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଶୁକ୍ରବାର ୮୪ତମ ଭାରତୀୟ ସଡ଼କ କଂଗ୍ରେସ ସମାବେଶରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ୨୦୨୫-୨୬ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
**ସ୍ୱାୟତ୍ତତା ପ୍ରାପ୍ତି**

# ଡିଜିଟାଲ ଆରେଷ୍ଟରେ ଫସିଲେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ

## ଦେଢ଼ କୋଟି ଲୁଟିନେଲେ ସାଇବର ଠକ

- **୧୦ଦିନ ଧରି ଗୃହବନ୍ଦୀ ଥିବା ଦମ୍ପତିଙ୍କୁ ଉଦ୍ଧାର କଲା ପୋଲିସ**
- **ଭୁବନେଶ୍ୱର ସାଇବର ଥାନାରୁ କ୍ରାଇମବ୍ରାଞ୍ଚକୁ ଗଲା ମାମଲା**

ଭୁବନେଶ୍ୱର, ୭।୧୧(ସତ୍ୟଜିତ ରାଉତ)

ରାଜଧାନୀରେ ସାଇବର ଅପରାଧର ଏକ ଚାଞ୍ଚଲ୍ୟକର ଘଟଣା ଘଟିଛି। ସାଇବର ଠକମାନେ ଜଣେ ବରିଷ୍ଠ ନାଗରିକଙ୍କୁ ଡିଜିଟାଲ ଆରେଷ୍ଟ କରି ତାଙ୍କଠାରୁ ଦେଢ଼ କୋଟି ଟଙ୍କା ଲୁଟିନେଇଛନ୍ତି। ଠକେଇର ଶିକାର ବ୍ୟକ୍ତି ଜଣକ ହେଲେ ଶହୀଦନଗର ଥାନା ଅନ୍ତର୍ଗତ ଭିଏସ୍‌ଏସ୍‌ନଗର ହାଉସିଂବୋର୍ଡ କଲୋନୀରେ ରହୁଥିବା ବରିଷ୍ଠ ନାଗରିକ ତଥା ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ବିଜୟ କୁମାର ସାହୁ। ଏପରିକି ବିଜୟ ଓ ତାଙ୍କ ସ୍ତ୍ରୀଙ୍କୁ ଡିଜିଟାଲ ଆରେଷ୍ଟ କରାଯାଇଥିବା ଧମକ ଦେଇ ଅପରାଧୀମାନେ ଉଭୟଙ୍କୁ ୧୦ ଦିନ ଧରି ଗୃହବନ୍ଦୀ ରଖିଥିଲେ। ସାଇବର ଅପରାଧୀଙ୍କ ଦ୍ୱାରା ଏଭଳି ମାନସିକ ନିର୍ଯାତନାର ଶିକାର ହୋଇ ଘରେ ବନ୍ଦୀ ଥିବା ଦମ୍ପତିଙ୍କୁ କମିଶନରେଟ୍ ପୋଲିସ ଉଦ୍ଧାର କରିବା ପରେ ଶୁକ୍ରବାର ଘଟଣା ପଦାକୁ ଆସିଛି। ଗୁରୁବାର ରାତିରେ ବିଜୟ ଏନେଇ ଭୁବନେଶ୍ୱର ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିଥିଲେ। ତେବେ ଠକେଇର ପରିମାଣ ଢ଼େର ଅଧିକ ଥିବାରୁ ସାଇବର ଥାନା ପକ୍ଷରୁ ଏହି ମାମଲାକୁ କ୍ରାଇମବ୍ରାଞ୍ଚକୁ ଟ୍ରାନ୍ସଫର୍ କରିଦିଆଯାଇଛି। କ୍ରାଇମବ୍ରାଞ୍ଚର ସାଇବର ଥାନା ପକ୍ଷରୁ ଏ ସମ୍ପର୍କରେ ମାମଲା ରୁଜୁ କରାଯାଇ ଘଟଣାର ଛାନଭିନ୍ ଆରମ୍ଭ କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ବିଜୟ କିଛିବର୍ଷ ତଳେ ଅବସର ନେଇଥିଲେ। ସେ ସ୍ତ୍ରୀଙ୍କ ସହ ରହୁଥିବା ବେଳେ ତାଙ୍କ ପିଲାମାନେ ବିଦେଶରେ ରହୁଛନ୍ତି। ୧୦ଦିନ ତଳେ ବିଜୟଙ୍କୁ ସାଇବର ଠକମାନେ କଲ୍ କରି ନିଜକୁ ମୁମ୍ବାଇ କ୍ରାଇମ୍‌ବ୍ରାଞ୍ଚ ଅଧିକାରୀ ପରିଚୟ ଦେଇ ଧମକାଇଥିଲେ। ତାଙ୍କ ନମ୍ବର ଏକ କ୍ରାଇମ ☞ପୃଷ୍ଠା-୪






ଆମେରିକା ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସର ପୂର୍ବତନ ସ୍ପିକର ନାନ୍ସି ପେଲୋସି କଂଗ୍ରେସରୁ ଅବସର ନେଇଛନ୍ତି। ସେ ୟୁଏସ୍ ହାଉସ୍‌କୁ ପୁନର୍ବାର ନିର୍ବାଚିତ ହେବାକୁ ଚାହୁଁ ନ ଥିବା ଗୁରୁବାର ଘୋଷଣା କରିଥିଲେ। ପେଲୋସି ହାଉସ୍‌ର କେବଳ ପ୍ରଥମ ମହିଳା ସ୍ପିକର ନୁହନ୍ତି, ଆମେରିକା ରାଜନୀତିରେ ସେ ଅନ୍ୟତମ ପ୍ରଭାବଶାଳୀ ନେତ୍ରୀ। ପାଖାପାଖି ୪୦ ବର୍ଷ ଧରି ସେ ସାନ୍ ଫ୍ରାନ୍ସିସ୍କୋରୁ ପ୍ରତିନିଧିତ୍ୱ କରିଆସୁଥିଲେ।

## ସଂକ୍ଷେପରେ

### ଆସନ୍ତାବର୍ଷ ଭାରତ ଆସିପାରନ୍ତି ଟ୍ରମ୍ପ୍

**ୱାଶିଂଟନ୍,୭।୧୧**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଆସନ୍ତାବର୍ଷ ଭାରତ ଗସ୍ତରେ ଆସିପାରନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସେ ବନ୍ଧୁ ଓ ଜଣେ ମହାନ ବ୍ୟକ୍ତି ବୋଲି କହିଛନ୍ତି। ସେ ଭାରତ ଆସିବା ମୋଦି ଚାହାନ୍ତି ବୋଲି ଟ୍ରମ୍ପ୍ ସୂଚନା ଦେଇଛନ୍ତି। ଏଥିପାଇଁ ଆମେ ଏକାଠି ଆଲୋଚନା କରି ସ୍ଥିର କରିବୁ। ମୋଦିଙ୍କ ସହ ଏକ ବଡ଼ ଭ୍ରମଣ ହେବ ବୋଲି ଗୁରୁବାର ଓଭାଲ ଅଫିସ୍‌ରେ ଏକ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଟ୍ରମ୍ପ୍ କହିଛନ୍ତି। ନୂଆଦିଲ୍ଲୀରେ କ୍ୱାଡ୍ ସମିଟ୍ ଆୟୋଜିତ ହେବାକୁ ଯାଉଥିବାବେଳେ ସେଥିରେ ଆମେରିକା, ଅଷ୍ଟ୍ରେଲିଆ ଓ ଜାପାନର ନେତାମାନେ ଯୋଗଦେବେ। ତେବେ ଏହି ସମିଟ୍‌ର ତାରିଖ ଏପର୍ଯ୍ୟନ୍ତ ଘୋଷଣା ହୋଇନାହିଁ। ଭାରତ ରୁଷିଆରୁ ତେଲ କିଣିବା ବନ୍ଦ କରିଦେଇଛି ବୋଲି ଏହି ଅବସରରେ ଟ୍ରମ୍ପ୍ କହିଛନ୍ତି।

### ପୋଲିସ ଏସ୍ଆଇଙ୍କୁ ପିଟି ହତ୍ୟା

**ଚଣ୍ଡିଗଡ଼,୭।୧୧**

ହରିୟାଣା ପୋଲିସରେ ସବ୍‌ଇନ୍ସପେକ୍ଟର ଥିବା ରମେଶ କୁମାରଙ୍କୁ ତାଙ୍କ ହିସାରସ୍ଥିତ ଘର ବାହାରେ କେତେକ ଦୁର୍ବୃତ୍ତ ପିଟି ହତ୍ୟା କରିଛନ୍ତି। ଗୁରୁବାର ମଧ୍ୟରାତ୍ରରେ ଉକ୍ତ ଯୁବକମାନେ ସବ୍‌ଇନ୍ସପେକ୍ଟରଙ୍କ ଘର ପାଖରେ ହୋହଲ୍ଲା କରି ଅଶାନ୍ତିକର ସ୍ଥିତି ସୃଷ୍ଟି କରୁଥିବାରୁ ସେ ସେମାନଙ୍କୁ ଅଟକାଇବାକୁ ଉଦ୍ୟମ କରିଥିଲେ। ଖରାପ ଭାଷା ପ୍ରୟୋଗ ନ କରିବାକୁ ସେ ଯୁବକମାନଙ୍କୁ ପରାମର୍ଶ ଦେଇଥିଲେ। ପ୍ରଥମେ ସେମାନେ ଘଟଣାସ୍ଥଳରୁ ପଳାଇଥିଲେ। କିଛି ସମୟ ପରେ ସେମାନେ କାର୍ ଏବଂ ବାଇକ୍ ଯୋଗେ ଆସି କୁମାରଙ୍କ ଘର ଆଗରେ ପୁଣି ହୋହଲ୍ଲା କରିଥିଲେ। କୁମାର ହସ୍ତକ୍ଷେପ କରିବାରୁ ସେମାନେ ଗାଳିଗୁଲଜ କରିବା ସହ ଇଟା ଓ ଲାଠିରେ ଆକ୍ରମଣ କରିଥିଲେ। ସେମାନଙ୍କ ମାଡ଼ରେ କୁମାରଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ହିସାରର ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ (ଏଡିଜିପି)ଙ୍କ କାର୍ଯ୍ୟାଳୟରେ ପୋଷ୍ଟିଂ ହୋଇଥିବା ୫୭ ବର୍ଷୀୟ କୁମାର ଆସନ୍ତାବର୍ଷ ଜାନୁଆରୀରେ ଅବସର ନେଇଥାନ୍ତେ। ପୋଲିସ ହତ୍ୟା ମାମଲା ରୁଜୁ କରିବା ସହ ଆକ୍ରମଣକାରୀ ବ୍ୟବହାର କରିଥିବା ଗାଡ଼ିକୁ ଜବତ କରିଛି।

### ଇଣ୍ଡୋନେସିଆ ମସ୍‌ଜିଦରେ ବିସ୍ଫୋରଣ: ୫୫ ଆହତ

**ଜାକର୍ତ୍ତା,୭।୧୧**

ଇଣ୍ଡୋନେସିଆ ରାଜଧାନୀ ଜାକର୍ତ୍ତାର ଏକ ହାଇସ୍କୁଲ୍ ପରିସରରେ ଥିବା ମସ୍‌ଜିଦରେ ଶୁକ୍ରବାର ନମାଜ ପାଠ ବେଳେ ଏକାଧିକ ବିସ୍ଫୋରଣ ହୋଇଛି। ବିସ୍ଫୋରଣରେ ମସ୍‌ଜିଦ ଦୋହଲିଯିବା ସହ ଅନ୍ୟୁନ ୫୫ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଅଧିକାଂଶ ଛାତ୍ର ଥିବା ଜଣାପଡ଼ିଛି। ପୋଲିସ ଘଟଣାର ତଦନ୍ତ ଚଳାଇଥିବାରୁ ଏହାକୁ ଆତଙ୍କବାଦୀ ଆକ୍ରମଣ କହି ଗୁଜବ ପ୍ରଚାର ନ କରିବାକୁ ଲୋକଙ୍କୁ ପରାମର୍ଶ ଦେଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଜାକର୍ତ୍ତାର ଉତ୍ତରଭାଗରେ ଥିବା କେଲାପା ଗେଡିଂସ୍ଥିତ ନୌସେନା କମ୍ପାଉଣ୍ଡ ମଧ୍ୟରେ ଏସ୍ଏମ୍ଏ ୨୭ ସରକାରୀ ହାଇସ୍କୁଲ୍ ରହିଛି। ଏହା ପରିସରରେ ଥିବା ମସ୍‌ଜିଦରେ ମଧ୍ୟାହ୍ନ ସମୟରେ ପ୍ରବଚନ ଆରମ୍ଭ ହୋଇଥିଲା। ଏହି ସମୟରେ ମସ୍‌ଜିଦ ଭିତରେ ଓ ବାହାରେ ୨ଟି ବଡ଼ ବିସ୍ଫୋରଣର ଶବ୍ଦ ଶୁଭିବା ସହ ଧୂଆଁରେ ମସ୍‌ଜିଦ ଭର୍ତ୍ତି ହୋଇଯାଇଥିଲା। ଛାତ୍ରୀଛାତ୍ର ଓ ଅନ୍ୟମାନେ ଭୟରେ ଧାଁଦୌଡ଼ କରିଥିଲେ। ବିସ୍ଫୋରଣର କାରଣ ତୁରନ୍ତ ଜଣାପଡ଼ି ନ ଥିବାବେଳେ ମସ୍‌ଜିଦରେ ଲାଗିଥିବା ଡାକବାଜି ଯନ୍ତ୍ରରୁ ଏଭଳି ବିସ୍ଫୋରଣ ହୋଇଥାଇପାରେ ବୋଲି ପୋଲିସ କହିଛି। ଆହତମାନଙ୍କ ମଧ୍ୟରୁ ୩୫ ଜଣଙ୍କୁ ଚିକିତ୍ସା ପରେ ଛାଡ଼ିଦିଆଯାଇଥିବାବେଳେ ଗୁରୁତର ଥିବା ୨୦ ଜଣ ଏବେବି ଚିକିତ୍ସିତ ହେଉଛନ୍ତି।



ରାଷ୍ଟ୍ରୀୟ ଗୀତ 'ବନ୍ଦେ ମାତରମ୍'ର ୧୫୦ତମ ବର୍ଷପୂର୍ତ୍ତି ଅବସରରେ କୋଲକାତାରେ ଆୟୋଜିତ ରାଲିରେ କଳାକାରମାନେ।

## ଦେଶବ୍ୟାପୀ ଏସ୍ଆଇଆର୍‌କୁ ବିରୋଧ: ୧୧ରେ ଶୁଣାଣି

**ନୂଆଦିଲ୍ଲୀ,୭।୧୧(ପି.ଟି.)**

ଦେଶବ୍ୟାପୀ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ନିମନ୍ତେ ନିର୍ବାଚନ କମିଶନ (ଇସି)ଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଦାଏର ପିଟିଶନ୍‌ଗୁଡ଼ିକର ଶୁଣାଣି ଆସନ୍ତା ୧୧ ତାରିଖରେ କରିବା ପାଇଁ ସୁପ୍ରିମକୋର୍ଟ ଶୁକ୍ରବାର ରାଜି ହୋଇଛନ୍ତି। ଏହି ପ୍ରସଙ୍ଗ ଗଣତନ୍ତ୍ରର ମୂଳ ସହ ଜଡ଼ିତ ବୋଲି ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ ପକ୍ଷରୁ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ କହିବା ପରେ ନଭେମ୍ବର ୧୧ରୁ ଶୁଣାଣି ଆରମ୍ଭ କରିବାକୁ ଜଷ୍ଟିସ ସୂର୍ଯ୍ୟକାନ୍ତ ବଂ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ ସହମତ ହୋଇଥିଲେ। ବିଭିନ୍ନ ରାଜ୍ୟରେ ଏସ୍ଆଇଆର୍ ଆରମ୍ଭ ହୋଇଯାଇଥିବାରୁ ପିଟିଶନଗୁଡ଼ିକର ତ୍ୱରିତ୍ ଶୁଣାଣି ଜରୁରୀ ବୋଲି ପ୍ରଶାନ୍ତ କହିଥିଲେ। ବିହାରରେ ଏସ୍ଆଇଆର୍ ପରିଚାଳନା ଲାଗି ନିର୍ବାଚନ କମିଶନଙ୍କ



ନିଷ୍ପତ୍ତିର ବୈଧତାକୁ ଚ୍ୟାଲେଞ୍ଜ କରି ଦାଏର ପିଟିଶନଗୁଡ଼ିକର ଶୁଣାଣି ସୁପ୍ରିମକୋର୍ଟରେ ଜାରି ରହିଛି। ବିହାର ଏସ୍ଆଇଆର୍ ଠିକ୍ ବୋଲି ଇସି କହିବା ସହ ପିଟିଶନରମାନେ ରାଜନୈତିକ ଦଳ ଓ ଏନ୍‌ଜିଓ ହୋଇଥିବାରୁ ସେମାନେ ଏହି କାର୍ଯ୍ୟକୁ ବଦନାମ କରିବା ପାଇଁ ମିଥ୍ୟା ଅଭିଯୋଗ ଆଣୁଛନ୍ତି ବୋଲି ଅଦାଲତଙ୍କୁ ଗତ ମାସ ୧୬ ତାରିଖରେ ଜଣାଇଥିଲେ। ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବା ପରେ ଜଣେ ହେଲେ ବି ଭୋଟର ଅଭିଯୋଗ ଦାଖଲ କରି ନ ଥିବା ନିର୍ବାଚନ କମିଶନ କହିଥିଲେ।

# ବିବାଦରେ ବନ୍ଦେ ମାତରମ୍

**ଊନବିଂଶ ଶତାବ୍ଦୀରେ ଭାରତର ଅନ୍ୟତମ ସର୍ବାଧିକ ପ୍ରଭାବଶାଳୀ ଚିନ୍ତକ ତଥା ବଙ୍ଗାଳୀ ଲେଖକ ବଙ୍କିମ ଚନ୍ଦ୍ର ଚାଟାର୍ଜୀ ୧୮୭୫ ନଭେମ୍ବର ୭ରେ ଏକ କବିତା ଲେଖିଥିଲେ, ଯାହାକି ପରବର୍ତ୍ତୀ ସମୟରେ ଦେଶମାତୃକାକୁ ବ୍ରିଟିଶ୍ ଉପନିବେଶ ଶାସନରୁ ମୁକ୍ତ କରିବା ସକାଶେ ସ୍ୱାଧୀନତା ସଂଗ୍ରାମୀଙ୍କ ପାଇଁ ଆନ୍ଦୋଳନର ଘୋଷ ପାଲଟିଥିଲା। ସେହି ୬ ପଂକ୍ତିର ଗୀତ ୧୮୮୨ରେ 'ଆନନ୍ଦମଠ' ଉପନ୍ୟାସରେ 'ବନ୍ଦେ ମାତରମ୍' ରୂପେ ଆତ୍ମପ୍ରକାଶ କରିଥିଲା। ବର୍ତ୍ତମାନ ୧୫୦ ବର୍ଷ ପୁରୁଣା ଏହି ରାଷ୍ଟ୍ରଗୀତ ଭାଜପା ଓ କଂଗ୍ରେସ ମଧ୍ୟରେ ବିବାଦର କେନ୍ଦ୍ରବିନ୍ଦୁ ପାଲଟିଯାଇଛି। ୧୯୩୭ରେ କଂଗ୍ରେସର ଫରିଦାବାଦ୍ ଅଧିବେଶନ ବେଳେ 'ବନ୍ଦେ ମାତରମ୍'ରୁ ଗୁରୁତ୍ୱପୂର୍ଣ୍ଣ ପଂକ୍ତିକୁ ହଟାଇ ଦିଆଯାଇଥିଲା ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଅଭିଯୋଗ ଆଣି ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କୁ ଟାର୍ଗେଟ କରିବା ପରେ ଏହି ପ୍ରସଙ୍ଗରେ ଶାସକ ଓ ବିରୋଧୀ ଦଳ ମୁହାଁମୁହିଁ ହୋଇଛନ୍ତି।**



## ୧୯୩୭ରେ କଂଗ୍ରେସ ହଟାଇଥିଲା ଗୁରୁତ୍ୱପୂର୍ଣ୍ଣ ପଂକ୍ତି: ମୋଦି

**ନୂଆଦିଲ୍ଲୀ,୭।୧୧**

ରାଷ୍ଟ୍ର ଆରାଧନାର ସଙ୍ଗୀତ 'ବନ୍ଦେ ମାତରମ୍'କୁ ୧୫୦ ବର୍ଷ ପୂରିଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ନୂଆଦିଲ୍ଲୀସ୍ଥିତ ଇନ୍ଦିରା ଗାନ୍ଧୀ ଇନ୍‌ଡୋର ଷ୍ଟାଡିୟମ୍‌ରେ ବର୍ଷବ୍ୟାପୀ ସାରା ଦେଶରେ ଚାଲିବାକୁ ଥିବା କାର୍ଯ୍ୟକ୍ରମର ଉଦ୍‌ଘାଟନ କରି ଏକ ସ୍ମରଣିକା ଡାକଟିକଟ ଓ ମୁଦ୍ରା ଉନ୍ମୋଚନ କରିଛନ୍ତି। ପ୍ରଧାନମନ୍ତ୍ରୀ ନିଜ ବକ୍ତବ୍ୟରେ କହିଛନ୍ତି, 'ବନ୍ଦେ ମାତରମ୍' ପ୍ରତ୍ୟେକ ଭାରତୀୟଙ୍କ ଭାବନାକୁ ପ୍ରତିଫଳିତ କରି ସ୍ୱାଧୀନତା ସଂଗ୍ରାମର ସ୍ୱର ପାଲଟିଥିଲା। କିନ୍ତୁ ଦୁର୍ଭାଗ୍ୟବଶତଃ ୧୯୩୭ରେ ରାଷ୍ଟ୍ରଗୀତ 'ବନ୍ଦେ ମାତରମ୍'ରୁ ଗୁରୁତ୍ୱପୂର୍ଣ୍ଣ ପଂକ୍ତିଗୁଡ଼ିକୁ ହଟାଇ ଦିଆଯାଇଥିଲା। ଏହାର ଆତ୍ମାରୁ ଏକ ବିଶେଷ ଅଂଶକୁ

> ୧୯୫୦ ଜାନୁଆରୀ ୨୪ରେ ଭାରତର ସମ୍ବିଧାନ ସଭା ଆନୁଷ୍ଠାନିକ ଭାବେ 'ବନ୍ଦେ ମାତରମ୍'କୁ ଜାତୀୟ ଗୀତ ରୂପେ ଗୃହୀତ କରିଥିଲା। ବିଭିନ୍ନ ସୂତ୍ର ଅନୁଯାୟୀ ବର୍ତ୍ତମାନ ଗାନ କରାଯାଉଥିବା 'ବନ୍ଦେ ମାତରମ୍' ହେଉଛି ଏହାର ମୂଳ ୬ ପଂକ୍ତିର ପ୍ରଥମ ୨ଟି ପଂକ୍ତି। ୧୯୩୭ରେ ମୌଲାନା ଅବ୍‌ଦୁଲ କଲାମ ଆଜାଦ, ଜବାହରଲାଲ ନେହେରୁ, ସୁଭାଷ ଚନ୍ଦ୍ର ବୋଷ, ଆଚାର୍ଯ୍ୟ ନରେନ୍ଦ୍ର ଦେବ ଓ ରବୀନ୍ଦ୍ରନାଥ ଟାଗୋରଙ୍କ ସୁପାରିସ କ୍ରମେ ଏହି ପଂକ୍ତିଗୁଡ଼ିକୁ ରଖାଯାଇଥିଲା।


କାଟି ଦିଆଯାଇଥିଲା, ଯାହାକି ଦେଶ ବିଭାଜନର ମଞ୍ଜି ବୁଣିଥିଲା। ଏଭଳି ବିଭାଜନବାଦୀ ମାନସିକତା ଆଜି ମଧ୍ୟ ଦେଶ ସମ୍ମୁଖରେ ଏକ ଆହ୍ୱାନ ରୂପେ ଛିଡ଼ା ହୋଇଛି। ରାଷ୍ଟ୍ର ନିର୍ମାଣର ଏହି ମହାମନ୍ତ୍ର ସହ କାହିଁକି ଏପରି ଅନ୍ୟାୟ କରାଯାଇଥିଲା ତାହା ଆଜିର ପିଢ଼ି ଜାଣିବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, 'ବନ୍ଦେ ମାତରମ୍' ପ୍ରତ୍ୟେକ ଯୁଗରେ ପ୍ରାସଙ୍ଗିକ ହୋଇ ରହିବ। 'ଅପରେଶନ୍ ସିନ୍ଦୂର'ର ଅବତାରଣା କରି ମୋଦି କହିଛନ୍ତି, ଯେତେବେଳେ ଶତ୍ରୁପକ୍ଷ ଭାରତର ନିରାପତ୍ତା ଓ ସମ୍ମାନକୁ ଆତଙ୍କବାଦ ଜରିଆରେ ଆକ୍ରମଣର ଦୁଃସାହସ କଲା, ସାରା ବିଶ୍ୱ ଦେଖିଲା ଯେ ମାନବଜାତିର ସେବାରେ ନ୍ୟୁ ଇଣ୍ଡିଆ 'କମଳା ଓ ବିମଳା'ଙ୍କ ପ୍ରାଣଶକ୍ତିକୁ ଧାରଣ କରିଛି। କେବଳ ଏତିକି ନୁହେଁ, ଆତଙ୍କବାଦର ବିନାଶ ପାଇଁ ଭାରତ ଦଶଭୁଜା ଦୁର୍ଗା ପାଲଟି ଅସ୍ତ୍ରରେ ଶତ୍ରୁଙ୍କ ସଂହାର କରିଛି। ଏହି ଗୀତ ଅନେକ ପିଢ଼ିକୁ ଉତ୍ସାହିତ କରିଆସିଛି। ଯୁବପିଢ଼ିକୁ ବିଭ୍ରାନ୍ତ ଉଦ୍ୟମ କରାଯାଉଥିଲେ ମଧ୍ୟ ସେମାନେ ବିକଶିତ ଭାରତ ନିର୍ମାଣ ଉପରେ ଧ୍ୟାନ ଦେବା ଉଚିତ। ନକାରାତ୍ମକ ଦୃଷ୍ଟିଭଙ୍ଗୀର ଲୋକେ ଆମ ମନରେ ସନ୍ଦେହ ସୃଷ୍ଟି ଉଦ୍ୟମ କରିପାରନ୍ତି। ଏଭଳି ସମୟରେ 'ବନ୍ଦେ ମାତରମ୍' ଆମକୁ ଉତ୍ସାହ ଦେବ। ୧୪୦ କୋଟି ପିଲାଙ୍କ ଭାରତମାତା ଦୁର୍ବଳ ହୋଇ ନ ପାରେ। ଭାରତମାତାର ୨୮୦ କୋଟି ହାତ ରହିଛି। ଏହାର ୬୦%ରୁ ଅଧିକ ପିଲା ହେଉଛନ୍ତି ଯୁବତୀଯୁବକ। ଆମ ପାଇଁ କିଛି ଅସମ୍ଭବ ନୁହେଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହା ପୂର୍ବରୁ ଭାଜପା ମୁଖପାତ୍ର ସିଆର୍ କେଶବନ୍ 'ବନ୍ଦେ ମାତରମ୍'ରୁ ଦେବୀ ଦୁର୍ଗାଙ୍କ ସମ୍ପର୍କିତ ପଂକ୍ତିକୁ ନେହେରୁ ଓ କଂଗ୍ରେସ ସେମାନଙ୍କ ବିଭାଜନବାଦୀ କାର୍ଯ୍ୟସୂଚୀକୁ ଚରିତାର୍ଥ କରିବା ପାଇଁ ହଟାଇଦେଇଥିବା ଅଭିଯୋଗ ଆଣିଥିଲେ। ତେବେ ଆସନ୍ତା ବର୍ଷ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାରୁ ଭାଜପା ଜାଣିଶୁଣି ଦୁର୍ଗାଙ୍କ କଥା ଉଠାଉଛି ବୋଲି ବିରୋଧୀ ସମାଲୋଚନା କରିଛନ୍ତି।

## ୨ ପଂକ୍ତି ରଖିବାକୁ ଟାଗୋର ପରାମର୍ଶ ଦେଇଥିଲେ: ଖାର୍ଗେ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ବନ୍ଦେ ମାତରମ୍'କୁ ନେଇ କଂଗ୍ରେସକୁ ଟାର୍ଗେଟ କରିବା ପରେ ବିରୋଧୀ ଦଳ ଏହାର ଜବାବ ରଖିଛି। ଗୁରୁଦେବ ରବୀନ୍ଦ୍ରନାଥ ଟାଗୋରଙ୍କ ପରାମର୍ଶ କ୍ରମେ ରାଷ୍ଟ୍ରୀୟ ଗୀତକୁ ୨ଟି ପଂକ୍ତିରେ ସୀମିତ ରଖାଯାଇଥିଲା ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି। ଏଥିସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜ ମନ୍ତବ୍ୟ ପାଇଁ କ୍ଷମା ମାଗନ୍ତୁ ବୋଲି ଖାର୍ଗେ ଦାବି କରିଛନ୍ତି।

ରାଜ୍ୟ ସଭାର ବିରୋଧୀ ଦଳ ନେତା ଖାର୍ଗେ କହିଛନ୍ତି, ଭାଜପା ଓ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍ଏସ୍) 'ବନ୍ଦେ ମାତରମ୍'ର ୧୫୦ତମ ବର୍ଷପୂର୍ତ୍ତି ପାଳନ କରୁଥିବା କହୁଛନ୍ତି। କିନ୍ତୁ ସେମାନେ କେବେହେଲେ 'ବନ୍ଦେ ମାତରମ୍' ଗାନ କରନ୍ତି ନାହିଁ। ଆର୍‌ଏସ୍ଏସ୍ ଏହାର ଶାଖାଗୁଡ଼ିକରେ 'ବନ୍ଦେ ମାତରମ୍' କିମ୍ବା ଆମ ଜାତୀୟ ସଙ୍ଗୀତ 'ଜନ ଗଣ ମନ' ଗାନ କରେନାହିଁ। ଏହା ପରିବର୍ତ୍ତେ ସେମାନେ 'ନମସ୍ତେ ସଦା ବତ୍ସଲେ' ଗାନ କରି ରାଷ୍ଟ୍ରକୁ ନୁହେଁ, ବରଂ ନିଜ ସଙ୍ଗଠନକୁ ମହିମାମଣ୍ଡିତ କରନ୍ତି। ୧୯୨୫ରେ ସଂଘ 'ବନ୍ଦେ ମାତରମ୍' ଗାନ କରିବାକୁ ମନା କରିଦେଇଥିଲା। ଏହାର କୌଣସି ବହିରେ ବି ରାଷ୍ଟ୍ରୀୟ ଗୀତର ଉଲ୍ଲେଖ ନାହିଁ। ଆର୍‌ଏସ୍ଏସ୍ ଜାତୀୟ ପ୍ରତୀକକୁ ଅଣଦେଖା କରି ବ୍ରିଟିଶ୍‌ମାନଙ୍କ ସମର୍ଥକ ପାଲଟିଥିଲା ବୋଲି ଖାର୍ଗେ ପାଲଟା ଟାର୍ଗେଟ କରିଛନ୍ତି। ଖାର୍ଗେ ଆହୁରି କହିଛନ୍ତି, ଭାରତୀୟ ଜାତୀୟ କଂଗ୍ରେସ ଗର୍ବର ସହ 'ବନ୍ଦେ ମାତରମ୍'ର ଧ୍ୱଜାବାହକ ହୋଇ ରହିଆସିଛି। ୧୮୯୬ କଲିକତା ଅଧିବେଶନରେ କଂଗ୍ରେସର ତତ୍କାଳୀନ ଅଧ୍ୟକ୍ଷ ରହମାତୁଲ୍ଲା ସୟାନିଙ୍କ ନେତୃତ୍ୱରେ ଗୁରୁଦେବ ରବୀନ୍ଦ୍ରନାଥ ଟାଗୋର ଏହାକୁ ପ୍ରଥମ ଥର ପାଇଁ ସାର୍ବଜନୀନ ଭାବେ ଗାନ କରିଥିଲେ। ସେହି ସମୟରେ ଏହା ସ୍ୱାଧୀନତା ସଂଗ୍ରାମରେ ନୂଆ ପ୍ରାଣ ଭରିଦେଇଥିଲା ବୋଲି ଖାର୍ଗେ କହିଛନ୍ତି।



ବନ୍ଦେ ମାତରମ୍ ରଚୟିତା ବଙ୍କିମଚନ୍ଦ୍ର ଚାଟାର୍ଜୀ



ଜବାହରଲାଲ ନେହେରୁ

## କଲ୍ୟାଣ ବାନାର୍ଜୀଙ୍କ ଆକାଉଣ୍ଟରୁ ୫୬ ଲକ୍ଷ ଉଠାଇନେଲେ ସାଇବର ଠକ


**କୋଲକାତା,୭।୧୧**

ତୃଣମୂଳ କଂଗ୍ରେସ ଏମ୍‌ପି କଲ୍ୟାଣ ବାନାର୍ଜୀ ସାଇବର ଠକେଇର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି। କଲ୍ୟାଣ ବିଧାୟକ ଥିବା ସମୟରୁ ରହିଥିବା ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ପ୍ରାୟ ୫୬ ଲକ୍ଷ ଟଙ୍କା ଉଠାଇ ନିଆଯାଇଛି। ଏନେଇ ବ୍ୟାଙ୍କ କର୍ତ୍ତୃପକ୍ଷ କୋଲକାତା ପୋଲିସର ସାଇବର କ୍ରାଇମ୍ ବିଭାଗରେ ଅଭିଯୋଗ ଦାଏର କରିଛନ୍ତି। ସୂତ୍ର ଅନୁଯାୟୀ, କଲ୍ୟାଣ ୨୦୦୧ରୁ ୨୦୦୬ ଆସାନସୋଲ୍ ସାଉଥ୍‌ରୁ ବିଧାୟକ ରହିଥିଲେ। ସେହି ସମୟରେ ସେ ଓ ଅନ୍ୟ ବିଧାୟକମାନେ ଏକ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ବିଧାନସଭା ଉପଶାଖାରେ ଆକାଉଣ୍ଟ ଖୋଲିଥିଲେ। ବିଧାୟକ ଭାବେ ତାଙ୍କୁ ମିଳୁଥିବା ଭତ୍ତା ଆଦି ଉକ୍ତ ଆକାଉଣ୍ଟରେ ଜମା ହେଉଥିଲା। ଉକ୍ତ ଆକାଉଣ୍ଟରୁ ଦୀର୍ଘଦିନ ହେବ କାରବାର ହୋଇ ନ ଥିବାବେଳେ ଠକମାନେ ଏହାର ଫାଇଦା ଉଠାଇଛନ୍ତି। ଏମ୍‌ପିଙ୍କ ଫଟୋ ଓ ମୋବାଇଲ ନମ୍ବର ବ୍ୟବହାର କରି ଉକ୍ତ ଡର୍ମାଟ ଆକାଉଣ୍ଟ ଜରିଆରେ ସାଇବର ଠକମାନେ ୫୬ ଲକ୍ଷ ଟଙ୍କା ଟ୍ରାନ୍ସଫର କରିଥିଲେ ଓ ପରେ ସମ୍ପୂର୍ଣ୍ଣ ଅର୍ଥକୁ ଉଠାଇ ନେଇଥିଲେ।

## ବର୍ଷୀୟାନ ଅଭିନେତ୍ରୀ ସୁଲକ୍ଷଣା ପଣ୍ଡିତଙ୍କ ପରଲୋକ

**ମୁମ୍ବାଇ,୭।୧୧(ପି.ଟି.)**

ବର୍ଷୀୟାନ ଅଭିନେତ୍ରୀ ତଥା ପ୍ରଚ୍ଛଦପଟ୍ଟ ଗାୟିକା ସୁଲକ୍ଷଣା ପଣ୍ଡିତଙ୍କର ଗୁରୁବାର ରାତିରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୭୧ ବର୍ଷ ହୋଇଥିଲା। ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିବାରୁ ତାଙ୍କୁ ମୁମ୍ବାଇର ନାନାବତୀ ହସ୍ପିଟାଲକୁ ନିଆଯାଇଥିଲା। ତେବେ ସେ ହସ୍ପିଟାଲରେ ପହଞ୍ଚିବା ପୂର୍ବରୁ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ୧୯୭୫ରେ ଚଳଚ୍ଚିତ୍ର ଦୁନିଆରେ ପ୍ରବେଶ କରିବା ସହ ଉଲ୍‌ଝନ ଚଳଚ୍ଚିତ୍ରରେ ସଞ୍ଜୀବ କୁମାରଙ୍କ



ବିପକ୍ଷରେ ଅଭିନୟ କରିଥିଲେ। ରାଜେଶ ଖାନ୍ନା, ଶଶୀ କପୁର ଏବଂ ବିନୋଦ ଖାନ୍ନାଙ୍କ ସମେତ ବହୁ ଶୀର୍ଷ ଅଭିନେତାଙ୍କ ସହ ସେ ଅଭିନୟ କରିଛନ୍ତି। ଉଲ୍‌ଝନ ସମେତ ଚେହରେ ପେ ଚେହରା, ସଙ୍କୋଚ, ହେରାଫେରି, ଖାନଦାନ ଏବଂ ଧରମ କାଣ୍ଟା ଆଦି ଚଳଚ୍ଚିତ୍ରରେ ଅଭିନୟ ପାଇଁ ସୁଲକ୍ଷଣା ଜଣାଶୁଣା ଥିଲେ। ପ୍ରଚ୍ଛଦପଟ୍ଟ ଗାୟିକା ଭାବେ ସେ ଅନେକ ହିଟ୍ ଗୀତରେ କଣ୍ଠଦାନ କରିଛନ୍ତି। ସେଗୁଡ଼ିକ ମଧ୍ୟରେ ରହିଛି 'ତୁ ହି ସାଗର ତୁ ହି କିନାରା', 'ପର୍‌ଦେଶିଆ ତେରେ ଦେଶ ମେଁ', 'ବେକରାର ଦିଲ୍ ଟୁଟ୍ ଗୟା' ଏବଂ 'ବାନ୍ଧିରେ କାହେ ପ୍ରୀତ୍'।

## ଏୟାର ଟ୍ରାଫିକ୍ କଣ୍ଟ୍ରୋଲରେ ବୈଷୟିକ ତ୍ରୁଟି

### ଦିଲ୍ଲୀ ଏୟାରପୋର୍ଟରେ ୩୦୦ରୁ ଊର୍ଦ୍ଧ୍ୱ ବିମାନ ବିଳମ୍ବିତ

**ନୂଆଦିଲ୍ଲୀ,୭।୧୧(ପି.ଟି.)**

ଦେଶର ସବୁଠୁ ବ୍ୟସ୍ତବହୁଳ ଦିଲ୍ଲୀ ଏୟାରପୋର୍ଟରେ ଶୁକ୍ରବାର ଏୟାର ଟ୍ରାଫିକ୍ କଣ୍ଟ୍ରୋଲ (ଏଟିସି)ରେ ବୈଷୟିକ ସମସ୍ୟା ଦେଖାଦେବାରୁ ୩୦୦ରୁ ଊର୍ଦ୍ଧ୍ୱ ଘରୋଇ ଏବଂ ଅନ୍ତର୍ଜାତୀୟ ବିମାନ ଉଡ଼ାଣ ବିଳମ୍ବିତ ହୋଇଛି। ଫଳରେ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେବା ସହ ବିମାନବନ୍ଦରରେ ଉତ୍ତେଜନାପୂର୍ଣ୍ଣ ସ୍ଥିତି ସୃଷ୍ଟି ହୋଇଛି। ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଦୈନିକ ୧,୫୦୦ରୁ ଊର୍ଦ୍ଧ୍ୱ ବିମାନ ଚଳାଚଳ କରିଥାଏ। ଏୟାର ଟ୍ରାଫିକ୍ କଣ୍ଟ୍ରୋଲ ଡେଟାକୁ ସପୋର୍ଟ କରୁଥିବା ଅଟୋମେଟିକ୍ ମେସେଜ୍ ସୁଇଚିଂ ସିଷ୍ଟମ୍ (ଏଏମ୍ଏସ୍ଏସ୍)ରେ ବୈଷୟିକ ସମସ୍ୟା ଦେଖାଦେଇଥିବା ଭାରତର ବିମାନବନ୍ଦର କର୍ତ୍ତୃପକ୍ଷ କହିଛନ୍ତି। ଯଥାଶୀଘ୍ର ସ୍ଥିତି ସୁଧାରିବାକୁ ବୈଷୟିକ ଟିମ୍ କାର୍ଯ୍ୟ ଜାରି ରଖିଛି। ବିମାନ ଉଡ଼ାଣ ବିଳମ୍ବିତ ହେଉଥିବାରୁ ବୋର୍ଡିଂ ଗେଟ୍‌ଗୁଡ଼ିକ ନିକଟରେ ଯାତ୍ରୀଙ୍କ ଲମ୍ବା ଲାଇନ ଦେଖିବାକୁ ମିଳିଛି। ଏୟାରପୋର୍ଟ ଟର୍ମିନାଲଗୁଡ଼ିକରେ ଅନେକ ଶହ ଯାତ୍ରୀ ଅପେକ୍ଷା କରି ରହିଛନ୍ତି। ଏଟିସି କାଗଜକଲମରେ ଉଡ଼ାଣ ଯୋଜନା ପ୍ରସ୍ତୁତ କରୁଥିବାରୁ ବିଳମ୍ବ ହେଉଛି।



## ସ୍କୁଲ୍, ହସ୍ପିଟାଲ, ରେଳଷ୍ଟେଶନରୁ ବୁଲାକୁକୁରଙ୍କୁ ହଟାଅ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୭।୧୧(ପି.ଟି.)**

ଶିକ୍ଷାନୁଷ୍ଠାନ, ବସ୍‌ଷ୍ଟାଣ୍ଡ, ହସ୍ପିଟାଲ ଏବଂ ରେଳଷ୍ଟେଶନରେ କୁକୁର କାମୁଡ଼ା ଘଟଣା ବଢ଼ିଚାଲିଥିବାରୁ ସୁପ୍ରିମକୋର୍ଟ ଶୁକ୍ରବାର ଏହାକୁ ଗୁରୁତ୍ୱର ସହ ନେଇଛନ୍ତି। ବୁଲା କୁକୁରଙ୍କୁ ଉପରୋକ୍ତ ଅଞ୍ଚଳରୁ ହଟାଇ ସେମାନଙ୍କୁ ନିର୍ଦ୍ଦିଷ୍ଟ ଆଶ୍ରୟସ୍ଥଳରେ ରଖିବାକୁ ଅଦାଲତ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଜାତୀୟ ରାଜପଥ ଏବଂ ଏକ୍ସପ୍ରେସ୍‌ୱେଗୁଡ଼ିକୁ ବୁଲା ପ୍ରାଣୀ ଓ ଗୋରୁଗାଈଙ୍କ କବଳରୁ ମୁକ୍ତ ରଖିବା ପାଇଁ ଭାରତର ଜାତୀୟ ରାଜପଥ ପ୍ରାଧିକରଣ ସମେତ ଅନ୍ୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜଷ୍ଟିସ୍ ବିକ୍ରମ ନାଥ, ସନ୍ଦୀପ୍ ମେହେଟ୍ଟା ଏବଂ ଏନ୍.ଭି. ଅଞ୍ଜାରିଆଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଖଣ୍ଡପୀଠ ଏଭଳି କେତେକ ନିର୍ଦ୍ଦେଶନାମା ଜାରି କରିଛନ୍ତି।

ଜନସାଧାରଣଙ୍କ ସୁରକ୍ଷା, ସ୍ୱାସ୍ଥ୍ୟଗତ ସ୍ୱାର୍ଥ ଦୃଷ୍ଟିରୁ ଉପରୋକ୍ତ ନିର୍ଦ୍ଦେଶନାମା



ଜାରି କରିବାକୁ ଅଦାଲତ ଉପଯୁକ୍ତ ମନେ କରୁଥିବା ଖଣ୍ଡପୀଠ କହିଛନ୍ତି। ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ସେମାନଙ୍କ ପୌର କର୍ତ୍ତୃପକ୍ଷଙ୍କ ଜରିଆରେ ୨ ସପ୍ତାହ ମଧ୍ୟରେ ଏଭଳି ଅନୁଷ୍ଠାନଗୁଡ଼ିକୁ ଚିହ୍ନଟ କରିବେ। ଉକ୍ତ ଅନୁଷ୍ଠାନଗୁଡ଼ିକର ପରିସରକୁ ବୁଲାକୁକୁର ଦାଉରୁ ସୁରକ୍ଷିତ ରଖିବା ପାଇଁ ଏହାର ମୁଖ୍ୟମାନେ ପର୍ଯ୍ୟାପ୍ତ ବାଡ଼ବନ୍ଦୀ କରିବା ସହ ପାଚେରି, ଫାଟକ ଆଦି ନିର୍ମାଣ କରିବେ ଏବଂ ଅନ୍ୟାନ୍ୟ ଜରୁରୀ ପଦକ୍ଷେପ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ୮ ସପ୍ତାହ ମଧ୍ୟରେ ଏହିସବୁ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ଆବଶ୍ୟକ ବୋଲି କୁହାଯାଇଛି। କ୍ୟାମ୍ପସ୍ ପରିସରରେ ଯେପରି ବୁଲାକୁକୁର ନ ପଶନ୍ତି ଓ ଆଶ୍ରୟ ନ ନିଅନ୍ତି, ତାହା ସୁନିଶ୍ଚିତ କରିବା ପାଇଁ ସେଗୁଡ଼ିକୁ ସ୍ୱଚ୍ଛ ରଖିବା ନିମନ୍ତେ ଜଣେ ନୋଡାଲ ଅଫିସରଙ୍କୁ ଉତ୍ତରଦାୟୀ ରହିବାକୁ କୁହାଯାଇଛି। ଉପରୋକ୍ତ ଅନୁଷ୍ଠାନ ପରିସରଗୁଡ଼ିକ ଯେପରି ବୁଲାକୁକୁର ଦାଉରୁ ମୁକ୍ତ ରୁହେ, ସେଥିପାଇଁ ସ୍ଥାନୀୟ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ଓ ପଞ୍ଚାୟତ ପ୍ରତି ୩ ମାସରେ ଅନ୍ୟୁନ ଥରେ ସେଗୁଡ଼ିକୁ ନିୟମିତ ତଦାରଖ କରିବେ। ଶିକ୍ଷାନୁଷ୍ଠାନ ସମେତ ଅନ୍ୟାନ୍ୟ ଅନୁଷ୍ଠାନରୁ ପ୍ରତିଟି ବୁଲା କୁକୁରଙ୍କୁ ହଟାଇ ସେଗୁଡ଼ିକୁ ନିର୍ଦ୍ଦିଷ୍ଟ ଆଶ୍ରୟସ୍ଥଳରେ ରଖିବା ସ୍ଥାନୀୟ ପୌରସଂସ୍ଥା ବା କର୍ତ୍ତୃପକ୍ଷଙ୍କ ଦାୟିତ୍ୱ। ପ୍ରାଣୀ ଜନ୍ମ ନିୟନ୍ତ୍ରଣ ଆଇନ ଅନୁଯାୟୀ ସେଗୁଡ଼ିକୁ ଉପଯୁକ୍ତ ବନ୍ଧ୍ୟାକରଣ ଏବଂ ଟିକାକରଣ କରିବାକୁ ଖଣ୍ଡପୀଠ କହିଛନ୍ତି।

# ଆଜିଠୁ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ଫର୍ମ ପୂରଣ

**କଟକ,୭।୧୧(କାର୍ତ୍ତିକ ସାହୁ)**

## ଅଫ୍‌ଲାଇନ୍‌ରେ ମଧ୍ୟମା ଫର୍ମ ପୂରଣ

୨୦୨୬ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ (ରେଗୁଲାର ଓ ଏକ୍ସରେଗୁଲାର) ପରୀକ୍ଷା ପାଇଁ ଫର୍ମ ପୂରଣ ନଭେମ୍ବର ୮ରୁ ଆରମ୍ଭ ହେବ। ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ୱେବ୍‌ସାଇଟ୍ www.bseodisha.ac.in-ରେ ପ୍ରଦତ୍ତ ଲିଙ୍କ୍ ମାଧ୍ୟମରେ ୨୪ ଘଣ୍ଟିଆ ଅନ୍‌ଲାଇନ ଜରିଆରେ ଫର୍ମ ପୂରଣ କରାଯିବ। ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ/ପ୍ରଧାନଶିକ୍ଷକଙ୍କ ଜରିଆରେ ନଭେମ୍ବର ୮ରୁ ୨୨ ତାରିଖ ରାତି ୧୧.୪୫ ମିନିଟ ପର୍ଯ୍ୟନ୍ତ ଏହି ଫର୍ମ ପୂରଣ କରାଯିବ। ଏଥିପାଇଁ ସମସ୍ତ ସୂଚନା ବୋର୍ଡ ୱେବ୍‌ସାଇଟ୍‌ରେ ଉପଲବ୍ଧ ହୋଇଛି। ଅନୁରୂପ ଭାବେ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ନିମନ୍ତେ ମଧ୍ୟ ଫର୍ମ ପୂରଣ କରାଯିବ। ମାତ୍ର ମଧ୍ୟମା ପରୀକ୍ଷା ପାଇଁ ଫର୍ମ ପୂରଣ ଅଫ୍‌ଲାଇନ ମାଧ୍ୟମରେ ହେବ। ଏଥିପାଇଁ ନଭେମ୍ବର ୧୨ରୁ ୨୨ ତାରିଖ ପର୍ଯ୍ୟନ୍ତ ସମୟସୀମା ଧାର୍ଯ୍ୟ କରାଯାଇଛି। ସଂସ୍କୃତ ଟୋଲ୍‌ର ହେଡ୍ ପଣ୍ଡିତମାନେ ଫର୍ମ ପୂରଣ କରି ବୋର୍ଡ ଶାଖା କାର୍ଯ୍ୟାଳୟରେ ନଭେମ୍ବର ୨୪ ତାରିଖ ସୁଦ୍ଧା ଦାଖଲ କରିବେ।

**ନୂଆପଡ଼ା ଉପନିର୍ବାଚନ**

# ଭୋଟର ନୀରବ

**ନୂଆପଡ଼ା,୭।୧୧(ପୀତାମ୍ବର ସାହୁ)**

ଉପନିର୍ବାଚନ ପାଇଁ ନୂଆପଡ଼ା ଉଠୁଛିପଡୁଛି। ପ୍ରଚାରରେ କମ୍ପୁଛି ଗାଁଠୁ ସହର। ତିନି ପ୍ରମୁଖ ଦଳ ଭାଜପା, ବିଜେଡି ଓ କଂଗ୍ରେସ ସମେତ ଅନ୍ୟ ୧୧ ପ୍ରାର୍ଥୀ ପ୍ରଚାରକୁ ଜୋରଦାର କରିଛନ୍ତି। ଏହା ଭିତରେ ଭାଜପା, ବିଜେଡି ଓ କଂଗ୍ରେସ ଦଳର କର୍ମୀମାନେ ଡୋର ଟୁ ଡୋର କ୍ୟାମ୍ପେନିଂ କରି ନିଜ ଦଳର ପୁସିଂ କାର୍ଡ ଦେଇ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ନିବେଦନ କରୁଛନ୍ତି। ବିଭିନ୍ନ ଦଳର ଷ୍ଟାର ପ୍ରଚାରକ ଆସି ପ୍ରଚାରକୁ ଶାଣିତ କରିଛନ୍ତି। ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଆସି ଭାଜପା ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ପଞ୍ଚମପୁରରେ ଏକ ନିର୍ବାଚନୀ ସଭାରେ ଯୋଗଦେଇ ଦଳର ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ। ଏହି ଅଞ୍ଚଳ ଛତିଶଗଡ଼କୁ ଲାଗି ରହିଥିବାରୁ ଏଠାକାର ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଛତିଶଗଡ଼ର ଅନେକ ବିଧାୟକ, ଏମ୍‌ପି, ପୂର୍ବତନ ବିଧାୟକ ଓ ଏମ୍‌ପି ଛତିଶଗଡୀ ଲରିଆ ଭାଷାରେ ଭୋଟ ପ୍ରଚାର କରିଥିଲେ। ଏହି ସଭାରେ ଭାଜପା ପ୍ରଭାରୀ ବିଜୟ ପାଲ ସିଂ ତୋମାର, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ସମେତ ଓଡ଼ିଶାର ଅନେକ ବିଧାୟକ ଓ ଏମ୍‌ପି ଯୋଗଦେଇଥିଲେ। ଅପରପକ୍ଷେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୋମନା ବ୍ଲକ ଉଦ୍ୟାନବନ୍ଧରେ ରୋଡ୍ ଶୋ କରି ପ୍ରଚାର କରିଥିଲେ।

ସେହିପରି କଂଗ୍ରେସ ପାଇଁ ଆଗକୁ ସଚିନ ପାଇଲଟ, ଅଲକା ଲାମ୍ବା, କହ୍ନେୟା କୁମାର ଆସି ପ୍ରଚାର କରିବା କାର୍ଯ୍ୟକ୍ରମ ରହିଥିବା କଂଗ୍ରେସ ବିଧାୟକ ପ୍ରାର୍ଥୀ ଘାସିରାମ ମାଝୀ କହିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ପୁଣି ଶୁକ୍ରବାର ଏଠାକୁ ଆସି ଖରିଆର ରୋଡ୍ ଓ ନୂଆପଡ଼ାରେ ରୋଡ୍ ଶୋ କରିବା ସହିତ ଅପରାହ୍ନରେ ପରକୋଡଠାରେ ଏକ ନିର୍ବାଚନୀ ସଭାରେ ଯୋଗଦେଇଥିଲେ। ସଭାରେ ପୁଣି ସେ ବେଇମାନ ପ୍ରସଙ୍ଗ ଉଠାଇବା ସହିତ ଭାଜପା ଲୋକଙ୍କୁ ଡବଲ ଧୋକା ଦେଇଥିବା କହି ଟାର୍ଗେଟ କରିଥିଲେ। ଏହା ସହିତ ସେ ବିଜେଡି ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ଭୋଟ ଦେଇ ବିଜୟୀ କରାଇବାକୁ ନିବେଦନ କରିଥିଲେ। ପ୍ରଚାରର ଶେଷ ଦିନ ଅର୍ଥାତ୍ ୯ ତାରିଖରେ ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସମାଜବାଦୀ ପାର୍ଟିର ମୁଖ୍ୟ ଅଖିଳେଶ ଯାଦବ ନୂଆପଡ଼ାକୁ ଆସି ଦଳର ପ୍ରାର୍ଥୀ ରମାକାନ୍ତ ହାତୀଙ୍କ ପାଇଁ ପ୍ରଚାର କରିବେ ବୋଲି ସ୍ଥିର ହୋଇଛି।

ଉପନିର୍ବାଚନରେ ପୁଲାପୁଲା ଟଙ୍କା ଖର୍ଚ୍ଚ ହେଉଛି। ପ୍ରାୟ ସବୁ ଦଳ ଭୋଟରଙ୍କୁ ଟଙ୍କା ଦେଇ ଭୋଟ କିଣିବେ ବୋଲି ସବୁଠି ଆଲୋଚନା ହେଉଛି। ଭୋଟର ପିଛା ପ୍ରାୟ ୧ ହଜାରରୁ ୨ ହଜାର ଟଙ୍କା ଲେଖାଏ ବଣ୍ଟାହେବ ବୋଲି ଚା' ଖଟି କିମ୍ବା ଗାଁ ଗହଳିରେ ଆଲୋଚନା ହେଉଛି। ଆମେ ଶୁକ୍ରବାର ନିର୍ବାଚନୀ ଖବର ସଂଗ୍ରହ ପାଇଁ ପଞ୍ଚମପୁର ଅଞ୍ଚଳକୁ ଯାଇଥିବା ବେଳେ ଭେରାଠାରେ ଲୋକେ ଏହି କଥା ଆଲୋଚନା କରୁଥିବା ଶୁଣିବାକୁ ପାଇଲୁ। ଆଉ ଦିନେ କି ଦୁଇ ଦିନ ମଧ୍ୟରେ ଭୋଟରଙ୍କୁ ଭାଜପା ଓ ବିଜେଡି ଟଙ୍କା ବାଣ୍ଟିପାରନ୍ତି ବୋଲି ନୂଆପଡ଼ା ବ୍ଲକ ଛକର ଏକ ଚା' ଖଟିରେ ଆଲୋଚନା ହେଉଥିବା ଜଣେ ବ୍ୟକ୍ତି ଆମକୁ କହିଛନ୍ତି।

ଭୋଟ ପାଇଁ ଟଙ୍କା ବଣ୍ଟା ହେବ ବୋଲି ଚର୍ଚ୍ଚା ହେବା ପରେ ଭୋଟରମାନେ କୌଣସି ଦଳକୁ ନେଇ କିଏ ଜିତିବ, କିଏ ହାରିବ, କାହାକୁ ସେମାନେ ଭୋଟ ଦେବେ ସେକଥା ଆଉ କହିନାହାନ୍ତି। ଯଦି ଜଣେ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ଦଳ ଜିତିବ ବା ହାରିବ ବୋଲି କହିବ କିମ୍ବା ସେ ଗୋଟିଏ ନିର୍ଦ୍ଦିଷ୍ଟ ଦଳକୁ ସମର୍ଥନ କରୁଛି ବୋଲି କହିବ ତେବେ ତାଙ୍କୁ ଅନ୍ୟଦଳର ଟଙ୍କା ମିଳିବ ନାହିଁ। ଏହା ଭାବି ଭୋଟର ସମ୍ପୂର୍ଣ୍ଣ ନୀରବ ରହୁଥିବା ସାରାବଙ୍ଗ ଗ୍ରାମର ମନୋଜ ମାଝି ପ୍ରକାଶ କରିଛନ୍ତି। ତେଣୁ ଏବେ ସଭାସମିତି ଓ ରାଲିରେ ଲୋକ ଦେଖି ବିଭିନ୍ନ ଦଳର ନେତା ମଧ୍ୟ ଦଳର ସ୍ଥିତିନେଇ ଉତ୍ସାହିତ ହେଉଥିବା ଦେଖିବାକୁ ମିଳୁନାହିଁ। ତେବେ ନୀରବ ଭୋଟର ସଂଖ୍ୟା ଏବେ ବଢୁଥିବାରୁ ତିନି ଦଳ ପାଇଁ ନିର୍ବାଚନୀ ଆକଳନ କାଠିକର ପାଠ ହୋଇଗଲାଣି ବୋଲି ଚର୍ଚ୍ଚା ହେଉଛି।

ନିର୍ବାଚନ ହେଲେ ନେତାମାନେ ଗାଁକୁ ଆସି ତାଙ୍କ ଦଳକୁ ଭୋଟ ଦେବାକୁ କହୁଛନ୍ତି। ଆମ ଦଳ ଜିତିଲେ ସବୁ ସମସ୍ୟାର ସମାଧାନ କରିଦେବୁ ବୋଲି ପ୍ରତିଶ୍ରୁତି ଦେଉଛନ୍ତି। ମାତ୍ର ନିର୍ବାଚନରେ ଜିତିଗଲା ପରେ ଆଉ କାହାରି ଦେଖା ମିଳୁନାହିଁ। କେହି ବି ଆମ ସମସ୍ୟାର ସମାଧାନ କରିବାକୁ ଆସୁନାହାନ୍ତି। ତେଣୁ ଏବେ ଆମେ କାହାକୁ ବିଶ୍ୱାସ କରିବୁ ବୋଲି ସୁନାବେଡା ପଞ୍ଚାୟତ ଶିବନାରାୟଣପୁର ଗ୍ରାମର ରବି ଭୁଞ୍ଜିଆ ପ୍ରକାଶ କରିଛନ୍ତି।

ନୂଆପଡା ନିର୍ବାଚନମଣ୍ଡଳୀ ନୂଆପଡ଼ା ଓ ଖରିଆର ରୋଡ୍ ଏନ୍‌ଏସି ସହିତ ନୂଆପଡ଼ା ଓ କୋମନା ବ୍ଲକକୁ ନେଇ ଗଠିତ। ନୂଆପଡ଼ା ବ୍ଲକରେ ୩୧ ପଞ୍ଚାୟତ ଓ କୋମନାରେ ୩୨ ପଞ୍ଚାୟତ ରହିଛି। ଏହି ନିର୍ବାଚନମଣ୍ଡଳୀର ଅଧିକାଂଶ ଲୋକ ଗ୍ରାମାଞ୍ଚଳରେ ରହନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ନାମମାତ୍ର ଚାଷୀ। ପ୍ରାୟତଃ ପ୍ରତି ପରିବାରରୁ ଦାଦନ ଯାଇଥାନ୍ତି। ସେମାନଙ୍କ ପରିବାରର ଆର୍ଥିକ ସ୍ଥିତି ସେତେ ସୁଦୃଢ଼ ନୁହେଁ। ତେଣୁ ଏବେ ନିର୍ବାଚନରେ ଭୋଟରଙ୍କୁ ଟଙ୍କା ବଣ୍ଟାଯିବ ବୋଲି ଶୁଣି ଭୋଟରମାନେ ପ୍ରାୟ ନୀରବ ରହୁଥିବା ଜଣେ କଂଗ୍ରେସ ଯୁବନେତା ପ୍ରକାଶ କରିଛନ୍ତି।

ଏବେ ଲୋକଙ୍କୁ ସଭାସମିତି ଓ ରାଲିକୁ ଡାକିଲେ ଖାଦ୍ୟ, ପାନୀୟ, ଗାଡ଼ିରେ ତେଲ ଖର୍ଚ୍ଚ ବାଦ୍ ଦୁଇ ଶହ ଟଙ୍କା ଲେଖାଏ ନ ଦେଲେ ଲୋକେ ସଭାକୁ ଆସୁ ନ ଥିବା ପଶ୍ଚିମ ଓଡ଼ିଶାର ଜଣେ ବିଧାୟକ କହିଛନ୍ତି। ତେବେ ନିର୍ବାଚନ ପାଖେଇ ଆସୁଥିବାରୁ ଓ ଭୋଟର ନୀରବ ରହୁଥିବାରୁ ସବୁ ଦଳର ନେତା ଚିନ୍ତାରେ ପଡିଯାଇଛନ୍ତି।

# ମିଛ ପ୍ରଚାରରେ ବିକାଶ ହୁଏନି: ନବୀନ



ନୂଆପଡ଼ା ପରକୋଟ ପଡ଼ିଆଠାରେ ଶୁକ୍ରବାର ଆୟୋଜିତ ସମାବେଶକୁ ଉଦ୍‌ବୋଧନ ଦେଉଛନ୍ତି ବିଜେଡି ସଭାପତି ନବୀନ ପଟ୍ଟନାୟକ।

**ଭୁବନେଶ୍ୱର,୭।୧୧(ସୁନିତ୍ ମିଶ୍ର)**

## ପୁଣିଥରେ ବେଇମାନ କଥା ଉଠାଇ ଟାର୍ଗେଟ୍ କଲେ

ମିଛ ପ୍ରଚାରରେ ବିକାଶ ହୁଏ ନାହିଁ। ଖାଲି ରଙ୍ଗ ମାରିଦେଲେ ବିକାଶ ହେବନି। ମିଛ ପ୍ରତିଶ୍ରୁତିରେ ସରକାର ଚାଲେନି। ବିଜେଡି ସରକାର ସମୟରେ ଶିକ୍ଷା, ସ୍ୱାସ୍ଥ୍ୟ, ଯୋଗାଯୋଗ, ପାନୀୟ ଜଳ, ଜଳସେଚନ, ଆଦିବାସୀ କଲ୍ୟାଣ ଆଦି ବିଭିନ୍ନ କ୍ଷେତ୍ରରେ ପ୍ରଭୂତ ବିକାଶ ଆସିଥିଲା। ନୂଆପଡ଼ାରେ ବହୁ ହଜାର ଏକର ଜମିକୁ ଜଳସେଚନ ଯୋଗାଇ ଦିଆଯାଇଥିଲା। ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ପ୍ରଭୂତ ଉନ୍ନତି ଆସିଥିଲା। ବିଜେଡି ସରକାର ସମୟରେ ହୋଇଥିବା ବିଜୁ ଏକ୍ସପ୍ରେସ ୱେ ବର୍ତ୍ତମାନ ନୂଆପଡ଼ାର ଆର୍ଥିକ ବିକାଶ ପାଇଁ ସୁଯୋଗ ଆଣିଦେଇଛି। ବର୍ତ୍ତମାନ ସାରା ରାଜ୍ୟରେ ବିକାଶ କାମ ପୂରା ବନ୍ଦ ହୋଇଯାଇଛି। ୫୦୦ ଦିନ ପୂରଣ କରିଥିବା ଭାଜପା ସରକାର ଲୋକଙ୍କ ପାଇଁ କ'ଣ କରିଛି ବୋଲି ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଶୁକ୍ରବାର ନୂଆପଡ଼ା ପ୍ରଚାରରେ ଯୋଗଦେବା ଅବସରରେ ପ୍ରଶ୍ନ କରିଛନ୍ତି। ଏହାସହ ପୁଣିଥରେ ବେଇମାନ କଥା ଉଠାଇ ଭାଜପାକୁ ସେ ଟାର୍ଗେଟ୍ କରିଛନ୍ତି।

ପରକୋଟ ପଡ଼ିଆଠାରେ ଶୁକ୍ରବାର ଆୟୋଜିତ ସମାବେଶକୁ ଉଦ୍‌ବୋଧନ ଦେବା ଅବସରରେ ଭାଜପା ସରକାର ଉପରେ ତୀବ୍ର ଆକ୍ରମଣ କରି ନବୀନ କହିଛନ୍ତି, ୩୦୦ ୟୁନିଟ୍ ମାଗଣା ବିଜୁଳି, ୩୫୦୦ ଟଙ୍କା ପେନ୍‌ସନ, ଚାଷୀଙ୍କୁ ୟୁରିଆ ସାର, ଯୁବକଙ୍କୁ ଚାକିରି ଆଦି ପ୍ରତିଶ୍ରୁତି ପୂରଣରେ ରାଜ୍ୟ ସରକାର ବିଫଳ ହୋଇଛି। ମିଶନ ଶକ୍ତି ମା'ମାନଙ୍କୁ ଲୋନ୍ ମିଳୁନି। କଟ୍‌ନୀ ଛଟ୍‌ନୀ ଏଯାଏ ବନ୍ଦ ହୋଇନାହିଁ। ବିଏସ୍‌କେୱାଇ କାର୍ଡରେ ଲୋକଙ୍କୁ ସେବା ମିଳୁଥିଲା। କିନ୍ତୁ ଆୟୁଷ୍ମାନ କାର୍ଡରେ କେବଳ ଟେନ୍‌ସନ ହିଁ ମିଳୁଛି। ଏହି ୫୦୦ ଦିନ ମଧ୍ୟରେ ଲୋକଙ୍କୁ କେବଳ ମିଳିଛି ଧୋକା ଓ ଡବଲ ଧୋକା। ଗତ ୩ ତାରିଖରେ ତାଙ୍କ ସଭାକୁ ଯେପରି ଲୋକ ନ ଆସିପାରିବେ ସେଥିପାଇଁ ଅନେକ ଚେଷ୍ଟା କରାଯାଇଥିଲା। କିନ୍ତୁ କୋମନାରେ ଭୋଟର ଭଉଣୀ, ଭାଇମାନେ ବହୁ ସଂଖ୍ୟାରେ ତାଙ୍କ ସଭାରେ ଯୋଗଦେଲେ। ଏମାନେ ମିଛ କହି ସରକାର କରିବା ସହିତ ପ୍ରାର୍ଥୀ ମଧ୍ୟ ଚୋରି କରିପାରନ୍ତି। କିନ୍ତୁ ସେମାନେ ଲୋକଙ୍କ ହୃଦୟ ଜିତିପାରିବେନି। କୋମନା ସଭାରେ ଲୋକଙ୍କ ମନରେ ଯେଉଁ କ୍ରୋଧ ଓ ଦୁଃଖ ସେ ଦେଖିଥିଲେ ବର୍ତ୍ତମାନ ମଧ୍ୟ ନୂଆପଡ଼ାରେ ଲୋକଙ୍କ ଆଖିରେ ସମାନ କଥା ରହିଛି। ଜନସାଧାରଣ, ବିଜେଡି ଓ ତାଙ୍କ ସହିତ କିପରି ବେଇମାନ କରାଗଲା ନୂଆପଡ଼ାବାସୀ ତାହା ଭଲ ଭାବେ ଜାଣନ୍ତି। ଏହାର ଜବାବରେ ନୂଆପଡ଼ାର ଭୋଟରମାନେ ୧୧ ତାରିଖରେ ଭୋଟ୍ ଦେବେ। ସ୍ନେହାଙ୍ଗିନୀ ଛୁରିଆଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ଆଶୀର୍ବାଦ କରିବା ପାଇଁ ନବୀନ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ନୂଆପଡ଼ାବାସୀଙ୍କ ସେବା କରିବା ପାଇଁ ସ୍ନେହାଙ୍ଗିନୀ ଛୁରିଆଙ୍କୁ ସେ ନିର୍ଦ୍ଦେଶ ଦେଇଥିବା କହିଛନ୍ତି। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ବିଜେଡିର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ସହିତ ଦଳର ସ୍ଥାନୀୟ ନେତାମାନେ ଉପସ୍ଥିତ ଥିଲେ।

ସାଧାରଣସଭା ସାରିବା ପରେ ନବୀନ ମାରାଥନ୍ ନିର୍ବାଚନ ପ୍ରଚାର କରିଛନ୍ତି। ୩ ଘଣ୍ଟା ଧରି ଖରିଆର ରୋଡ୍ ଓ ନୂଆପଡ଼ା ଏନ୍‌ଏସି ଅଞ୍ଚଳରେ ବିଶାଳ ରୋଡ୍ ଶୋ' କରି ସ୍ନେହାଙ୍ଗିନୀ ଛୁରିଆଙ୍କ ସପକ୍ଷରେ ନିର୍ବାଚନୀ ପ୍ରଚାର କରିଛନ୍ତି। ଖରିଆର ରୋଡ୍‌ର ଡାଗା, ବିଜୁ ପଟ୍ଟନାୟକ ଓ ଲଖନିଆ ପେଟ୍ରୋଲ୍ ପମ୍ପ ଛକଠାରେ ଜନସାଧାରଣଙ୍କୁ ସମ୍ବୋଧିତ କରିଛନ୍ତି। ସେହିପରି ନୂଆପଡ଼ା ଏନ.ଏ.ସି. ଅଞ୍ଚଳର ସୂର୍ଯ୍ୟନଗର, ଗାୟତ୍ରୀ ମନ୍ଦିର ଓ ଏକତା ଛକଠାରେ ମଧ୍ୟ ଜନସାଧାରଣଙ୍କୁ ସମ୍ବୋଧନ କରି ଆସନ୍ତା ୧୧ ତାରିଖରେ ବିଜେଡିକୁ ଆଶୀର୍ବାଦ କରିବା ସହିତ ଦଳୀୟ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ଶଙ୍ଖ ଚିହ୍ନରେ ଭୋଟ୍ ଦେବା ପାଇଁ ଅନୁରୋଧ କରିଛନ୍ତି।

# ନୂଆପଡ଼ାରେ ଜନପ୍ରତିନିଧିଙ୍କ ହାତପାଣ୍ଠି ଖର୍ଚ୍ଚରେ ସିଇଓଙ୍କ ରୋକ୍

**ଭୁବନେଶ୍ୱର,୭।୧୧(ରବିନାରାୟଣ ଜେନା)**

ନୂଆପଡ଼ା ଉପନିର୍ବାଚନ ପରିପ୍ରେକ୍ଷୀରେ ଏମ୍‌ପି ଏବଂ ବିଧାୟକଙ୍କ ହାତପାଣ୍ଠିକୁ ମନଇଚ୍ଛା ଖର୍ଚ୍ଚ କରାଯାଇପାରିବ ନାହିଁ। ଏନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ବିଭାଗର ସଚିବଙ୍କୁ ଅବଗତ କରାଯାଇଛି। ସିଇଓଙ୍କ କାର୍ଯ୍ୟାଳୟ ପକ୍ଷରୁ ଅତିରିକ୍ତ ସଚିବ ରାମଚନ୍ଦ୍ର କିସ୍କୁ ପତ୍ର ଲେଖି ରାଜ୍ୟ ଉନ୍ନୟନ ଆୟୁକ୍ତଙ୍କ ସମେତ ସମସ୍ତ ବିଭାଗର ସଚିବଙ୍କୁ ଦର୍ଶାଇଛନ୍ତି ଯେ, ଆଦର୍ଶ ଆଚରଣବିଧି ସଂକ୍ରାନ୍ତରେ ଗତ ଅକ୍ଟୋବର ୬ରେ ଭାରତ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସ୍ପଷ୍ଟ ନିର୍ଦ୍ଦେଶନାମା ଜାରି ହୋଇଛି। ନିର୍ଦ୍ଦେଶନାମା ଅନୁଯାୟୀ, ଏମ୍‌ପି ଏବଂ ବିଧାୟକଙ୍କ ହାତପାଣ୍ଠି(ସ୍ଥାନୀୟ ଅଞ୍ଚଳର ବିକାଶ ପାଣ୍ଠି) କେବଳ କେତେକ ସର୍ତ୍ତରେ ଖର୍ଚ୍ଚ ହୋଇପାରିବ। ଯେଉଁଠାରେ ନିର୍ବାଚନ କିମ୍ବା ଉପନିର୍ବାଚନ ଜାରି ରହିଛି ସେଠାରେ କୌଣସି ପ୍ରକାର ଏମ୍‌ପି ଏବଂ ବିଧାୟକଙ୍କ ହାତପାଣ୍ଠି ଖର୍ଚ୍ଚ ହୋଇପାରିବ ନାହିଁ। ଏହାସହିତ କୌଣସି ନୂତନ ଯୋଜନା କିମ୍ବା କାର୍ଯ୍ୟକ୍ରମରେ ଯେପରି ଏମ୍‌ପି ଏବଂ ବିଧାୟକଙ୍କ ବିକାଶ ପାଣ୍ଠି ଖର୍ଚ୍ଚ ନ ହେବ ସେଥିପ୍ରତି ଗୁରୁତ୍ୱ ଦେବାକୁ ସେ ପତ୍ରରେ ଦର୍ଶାଇଛନ୍ତି।

ବିତରକ ପାଇଁ ନିମନ୍ତ୍ରଣ |

JSW ପ୍ରିମିୟମ୍ TMT ବାର୍ ବିକ୍ରୟ ଏବଂ ବିତରଣ ପାଇଁ ଉଦ୍ୟୋଗୀ ବିତରକମାନଙ୍କୁ ଆମେ ନିମନ୍ତ୍ରଣ କରୁଛୁ।
(ସୁନ୍ଦରଗଡ଼, ଅନୁଗୁଳ, କୋରାପୁଟ, କେନ୍ଦୁଝର ଏବଂ ଯାଜପୁର ଅଞ୍ଚଳ ପାଇଁ।)

JSW Steel
ଭାରତରେ ଏକ ପ୍ରସିଦ୍ଧ ବ୍ୟବସାୟ ଗୋଷ୍ଠୀ ସହିତ ଜଡିତ।

ଇସ୍ପାତ, ସିମେଣ୍ଟ, ପାଇପ୍ ଏବଂ ସମ୍ବନ୍ଧୀୟ ଉତ୍ପାଦ ବିତରଣରେ ଦୃଢ଼ ଆର୍ଥିକ ସ୍ଥିତି ଏବଂ ଅଭିଜ୍ଞତା ଥିବା ବିତରକମାନଙ୍କୁ ଆମର TMT ବାର୍ ବିକ୍ରୟ ଏବଂ ବିତରଣ ପାଇଁ JSW ର ଜଣେ ଅଧିକୃତ ବିତରକ ହେବା ପାଇଁ ଆବେଦନ କରିବାକୁ ଆମନ୍ତ୍ରିତ କରାଯାଉଛି।

ଆବେଦନ କରିବାକୁ, ଦୟାକରି ଆପଣଙ୍କର କମ୍ପାନୀ ପ୍ରୋଫାଇଲ୍ ଏବଂ ଯୋଗାଯୋଗ ବିବରଣୀ tmt.retail@jsw.in କୁ ଇମେଲ୍ କରନ୍ତୁ କିମ୍ବା 7439698211 କୁ କଲ୍ କରନ୍ତୁ।

# ଆଜି ନୂଆପଡ଼ାରେ ପ୍ରଚାର କରିବେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୭।୧୧(ସୁନିତ୍ ମିଶ୍ର)**

ନୂଆପଡ଼ା ଉପନିର୍ବାଚନ ଘୋଷଣା ହେବାପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ତୃତୀୟ ଥର ଲାଗି ସେଠାକୁ ପ୍ରଚାର ପାଇଁ ଯିବେ। ଏହି ଅବସରରେ ସେ ବିଭିନ୍ନ ସ୍ଥାନରେ ଜନସଭା ଏବଂ ରୋଡ୍ ଶୋ କରି ଭାଜପା ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବାର କାର୍ଯ୍ୟକ୍ରମ ରହିଛି। ମିଳିଥିବା ସୂଚନା ମୁତାବକ, ମୁଖ୍ୟମନ୍ତ୍ରୀ ତାଙ୍କ ପ୍ରଥମ ସଭା କୋମନା ବ୍ଲକର ସୁନାବେଇ ଠାକୁରାଣୀଙ୍କ ପାଖରେ କରିବାର କାର୍ଯ୍ୟକ୍ରମ ରହିଛି। କୋମନା ବ୍ଲକର ସେହିସବୁ ଅଞ୍ଚଳଗୁଡ଼ିକରେ ବିଜେଡି ଏବଂ କଂଗ୍ରେସର ଭୋଟ୍ ଭଲ ହେବ ବୋଲି ସୂଚନା ମିଳିବା ପରେ ଭାଜପା ପକ୍ଷରୁ ସେଠାରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ରଖି ସ୍ଥାନୀୟ ଭୋଟରଙ୍କୁ ନିଜ ସପକ୍ଷରେ ନେବାକୁ ଚେଷ୍ଟା କରାଯିବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଏହାପରେ ମୁଖ୍ୟମନ୍ତ୍ରୀ ଖରିଆର୍ ରୋଡ୍‌ରେ ରୋଡ୍ ଶୋ କରିବା ସହିତ ଏକ ସାଧାରଣ ସଭାକୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି। ଏହାପରେ ମୁଖ୍ୟମନ୍ତ୍ରୀ ନୂଆପଡ଼ା ଏନ୍‌ଏସି ଅଞ୍ଚଳରେ ଦଳୀୟ ପ୍ରାର୍ଥୀ ଜୟ ଢୋଲକିଆଙ୍କ ଲାଗି ରୋଡ୍ ଶୋ ଜରିଆରେ ପ୍ରଚାର କରିବେ ବୋଲି ଜଣାପଡ଼ିଛି।

# ଡ୍ୟୁଟି ସମୟରେ ଟଳିପଡ଼ିଲେ କନଷ୍ଟେବଲ

**ସୋନପୁର,୭।୧୧(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ପୋଲିସ ମୁଖ୍ୟାଳୟର ଡିଷ୍ଟ୍ରିକ୍ଟ କ୍ରାଇମ୍ ରେକର୍ଡ ବ୍ୟୁରୋ (ଡିସିଆର୍‌ବି)ରେ କାର୍ଯ୍ୟରତ କନଷ୍ଟେବଲ ସରୋଜ କୁମାର ପଧାନ (୫୨)ଙ୍କ ଶୁକ୍ରବାର ମୃତ୍ୟୁ ହୋଇଛି। ଉଲୁଣ୍ଡା ତହସିଲ କାର୍ଯ୍ୟାଳୟ ପରିସରରେ ଡ୍ୟୁଟିରେ ଥିବା ସମୟରେ ହଠାତ୍ ସେ ଟଳିପଡ଼ିଥିଲେ। ସଙ୍ଗେସଙ୍ଗେ ପୋଲିସ ଟିମ୍ ତାଙ୍କୁ ନିକଟରେ ଥିବା ଉଲୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।



କନଷ୍ଟେବଲ ସରୋଜ ପଧାନ

ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୁବର୍ଣ୍ଣପୁର ଜିଲା ଲକ୍ଷେଘର ଗଣ୍ଡା ସମାଜ ପକ୍ଷରୁ ବିଭିନ୍ନ ଦାବି ନେଇ ଉଲୁଣ୍ଡା ତହସିଲ ଅଫିସ ସମ୍ମୁଖରେ ଆନ୍ଦୋଳନ କାର୍ଯ୍ୟକ୍ରମ ଥିଲା। ତେଣୁ ଆଇନଶୃଙ୍ଖଳା ରକ୍ଷା ପାଇଁ ପୋଲିସ ଟିମ୍ ନିୟୋଜିତ ଥିଲେ। ସରୋଜ କାର୍ଯ୍ୟକ୍ରମର ଫଟୋ ଉଠାଉଥିବା ସମୟରେ ମୋଡି ହୋଇ ତଳେ ପଡ଼ି ଯାଇଥିଲେ। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ତାହା ସ୍ପଷ୍ଟ ହେବ। ଏ ସମ୍ପର୍କରେ ଉଲୁଣ୍ଡା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ପରେ ମୃତଦେହକୁ ପୋଲିସ ପକ୍ଷରୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ସରୋଜଙ୍କ ଘର ଉଲୁଣ୍ଡା ବ୍ଲକର ମହୁଲପାଲି ଅଞ୍ଚଳରେ। ତାଙ୍କ ମୃତ୍ୟୁରେ ଜିଲା ପୋଲିସ ବିଭାଗରେ ଶୋକର ଛାୟା ଖେଳିଯାଇଛି। ମୃତ ସରୋଜଙ୍କ ସ୍ତ୍ରୀ, ଗୋଟିଏ ଝିଅ ଓ ପୁଅ ଥିବା ଜଣାପଡିଛି।




# ସେବାୟତ ବେଶରେ ଗର୍ଭଗୃହରେ ପଶିଲେ ଭକ୍ତ

**ପୁରୀ,୭।୧୧(ଅଜିତ୍ କୁମାର ମହାନ୍ତି)**

## ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାରେ ବଡ଼ ତ୍ରୁଟି

### ଅନ୍ୟ ଜଣେ ଚଷମାରେ ହିଡେନ କ୍ୟାମେରା ନେଇ ଧରାପଡ଼ିଲେ

ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାରେ ପୁଣି ବଡ଼ଧରଣର ତ୍ରୁଟି ଦେଖିବାକୁ ମିଳିଛି। ଶୁକ୍ରବାର ଜଣେ ଭକ୍ତ ଚଷମାରେ ହିଡେନ କ୍ୟାମେରା ନେଇ ଶ୍ରୀମନ୍ଦିରରେ ପ୍ରବେଶ କରି ଏବଂ ଅନ୍ୟ ଜଣେ ଭକ୍ତ ସେବାୟତ ବେଶରେ ଗର୍ଭଗୃହକୁ ପ୍ରବେଶ ଉଦ୍ୟମ କରି ଧରାପଡ଼ିଛନ୍ତି। ଏହି ଦୁଇଟି ଘଟଣାରେ ସମ୍ପୃକ୍ତ ବ୍ୟକ୍ତି ଦ୍ୱୟଙ୍କ ବିରୋଧରେ ସିଂହଦ୍ୱାର ଥାନାରେ ଶ୍ରୀଜଗନ୍ନାଥ ଟେମ୍ପଲ ଆକ୍ଟ ଅନୁଯାୟୀ ଦୁଇଟି ପୃଥକ ମାମଲା ରୁଜୁ କରାଯାଇଛି।

ସୂଚନା ଅନୁଯାୟୀ, ପୂର୍ବାହ୍ନରେ ସୁରକ୍ଷା ବଳୟ ଭେଦି ଜଣେ ଭକ୍ତ ହିଡେନ କ୍ୟାମେରା ନେଇ ଶ୍ରୀମନ୍ଦିରରେ ପ୍ରବେଶ କରି ଧରାପଡ଼ିଛନ୍ତି। ସେ ହେଲେ ଗୁଜରାଟ ଅହମ୍ମଦାବାଦର ଭରତ ପାଣ୍ଡିଆ(୫୫)। ଭରତ ଚଷମାରେ ହିଡେନ କ୍ୟାମେରା ଖଞ୍ଜି ଶ୍ରୀମନ୍ଦିରରେ ପ୍ରବେଶ କରିଥିବାବେଳେ ଦାୟିତ୍ୱରେ ଥିବା ଶ୍ରୀଜଗନ୍ନାଥ ଟେମ୍ପଲ ପୋଲିସ (ଜେଟିପି) ଏବଂ କେତେଜଣ ସେବାୟତ ତାଙ୍କୁ ଧରିଥିଲେ। ତାଙ୍କୁ ସିଂହଦ୍ୱାର ପୋଲିସ ଜିମା ଦିଆଯାଇଥିଲା। ପୋଲିସ ତାଙ୍କଠାରୁ ହିଡେନ କ୍ୟାମେରା ଲାଗିଥିବା ଚଷମା ଜବତ କରିବା ସହ ପଚରାଉଚରା କରିଥିଲା। ଆଗାମୀ ଦିନରେ ତଦନ୍ତରେ ସହଯୋଗ କରିବା ସର୍ତ୍ତରେ ତାଙ୍କଠାରୁ ବେଲ୍‌ବଣ୍ଡ ଲେଖାଇ ନିଆଯାଇ ଛାଡ଼ି ଦିଆଯାଇଛି।

ଏସ୍‌ପି ପ୍ରତୀକ ସିଂ କହିଛନ୍ତି, ଏନେଇ ସିଂହଦ୍ୱାର ଥାନା ପକ୍ଷରୁ ଶ୍ରୀଜଗନ୍ନାଥ ମନ୍ଦିର ଆକ୍ଟ ଅନୁଯାୟୀ, ୨୦୪/୨୫ରେ ଏକ ମାମଲା ରୁଜୁ କରାଯାଇଛି। ଏଥିସହ ଉକ୍ତ ଚଷମା ଓ ମୋବାଇଲ ଫୋନକୁ ଜବତ କରାଯାଇଛି। ବ୍ୟକ୍ତି ଜଣଙ୍କ କେଉଁ ଦ୍ୱାର ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରିଛନ୍ତି ଏବଂ ପ୍ରୋଟୋକଲରେ ଯାଇଛନ୍ତି କି ନାହିଁ, ସେନେଇ ସିସିଟିଭି ଯାଞ୍ଚ କରାଯାଇଛି। ଚଷମା ସାଇଣ୍ଟିଫିକ୍ ଲ୍ୟାବ୍‌କୁ ପଠାଯିବ। ତଦନ୍ତ ଜାରି ରହିଛି। ତଦନ୍ତ ରିପୋର୍ଟ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସେହିପରି ଅନ୍ୟ ଏକ ଅଭାବନୀୟ ଘଟଣା ମଧ୍ୟ ଘଟିଛି। ସେବାୟତଙ୍କ ଆଖିରେ ଧୂଳି ଦେଇ ଜଣେ ଶ୍ରଦ୍ଧାଳୁ ଶ୍ରୀମନ୍ଦିର ଭିତରକାଠ ଡେଇଁ ଗର୍ଭଗୃହକୁ ପ୍ରବେଶ ଉଦ୍ୟମ କରୁଥିବା ବେଳେ ପୋଲିସ ତାଙ୍କୁ ଅଟକ ରଖିଛି। ଅଟକ ଯୁବକ ହେଲେ ଯାଜପୁର ଜିଲା ଜେନାପୁର ଥାନା ଅଧୀନ ଗଡ଼ମଧୁପୁର ଅଞ୍ଚଳର ଶାନ୍ତନୁ ମିଶ୍ର (୨୯)। ସେ ନିୟମ ନ ମାନି ସେବାୟତ ବେଶରେ ଗର୍ଭଗୃହ ଭିତରକୁ ପ୍ରବେଶ ପାଇଁ ଉଦ୍ୟମ କରିଥିବା ନେଇ ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ କେସ୍ ନଂ ୨୦୫/୨୦୨୫ ରୁଜୁ ହୋଇ ତଦନ୍ତ ଚାଲିଛି। ଏସ୍‌ପି କହିଛନ୍ତି, ସେବାୟତ ବେଶରେ କିଏ ଯାଉଛନ୍ତି, ତାହା ଚିହ୍ନଟ କରିବା ପୋଲିସ ପକ୍ଷରେ କଷ୍ଟକର। ଜଗମୋହନ ପରେ ଯିବା ଆସିବାରେ ପୋଲିସର ସେଠାରେ କିଛି ଭୂମିକା ନାହିଁ। ଯଦି ସେବାୟତ ବେଶରେ ଅନ୍ୟ କେହି ପ୍ରବେଶ କରୁଛନ୍ତି, ତେବେ ସେମାନଙ୍କୁ ପ୍ରତିହାରୀ ସେବକ ଏବଂ ଜେଟିପି ଚିହ୍ନଟ କରିପାରିବେ। ପୋଲିସ ସର୍ବଦା ରୋଟେଶନ୍‌ରେ ରୁହେ। ତେଣୁ ଅଣସେବାୟତଙ୍କୁ ଶ୍ରୀମନ୍ଦିର ଭିତରେ ଚିହ୍ନଟ କରିବା କଷ୍ଟସାଧ୍ୟ। ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ବୋଲି ଏସ୍‌ପି ପ୍ରକାଶ କରିଛନ୍ତି। ପ୍ରଶାସନ ପକ୍ଷରୁ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଏପରି ଘଟଣା ବାରମ୍ବାର ଘଟୁଥିବା ଅଭିଯୋଗ ହେଉଛି। ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ୨୪ ଘଣ୍ଟିଆ ପୋଲିସ ବ୍ୟବସ୍ଥା ସହିତ ଶ୍ରୀମନ୍ଦିର ଭିତରେ ଅଧିକ ସଂଖ୍ୟକ ଜେଟିପି ନିଯୁକ୍ତି ସହ ସିସିଟିଭି କ୍ୟାମେରା ଲଗାଯିବାକୁ ସେବାୟତ ଓ ଜଗନ୍ନାଥପ୍ରେମୀ ମତ ଦେଇଛନ୍ତି।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- 'ଆ କା ମା–ବିଜ୍ ବଜ୍ ସୋଇରି' ବିଜନେସ୍ କାର୍ନିଭାଲ, ସ୍ଥାନ: ଆର୍‌ସିଏମ୍ କ୍ୟାମ୍ପସ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଦ୍ୟୁମ୍ନ ବଳଙ୍କ ୯୩ତମ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ, ସ୍ଥାନ: ପ୍ରଗତିବାଦୀ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀଜୟଦେବଙ୍କ ରଚିତ ଗୀତଗୋବିନ୍ଦ ଏବଂ ପ୍ରସିଦ୍ଧ କବିମାନଙ୍କ ଛାନ୍ଦ, ଚଉତିଶା, ଚମ୍ପୁର ରସାମୃତ ଗାୟନ ଓ ବୃତ୍ତ ଚିତ୍ର ପ୍ରଦର୍ଶନ, ସ୍ଥାନ: ବୁଦ୍ଧ ପାର୍କ, ଚନ୍ଦ୍ରଶେଖରପୁର, ସମୟ: ଅପରାହ୍ନ ୪ଟା।
- ଚୁଡ଼ଙ୍ଗଗଡ଼ ବାରଙ୍ଗ ମହୋତ୍ସବ–୨୦୨୫ ର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ମେଡିକାଲ ଛକ, ବାରଙ୍ଗ, ସମୟ: ଅପରାହ୍ନ୫ଟା।
- ସୃଜନୀ ଅନୁଷ୍ଠାନ ଆନୁକୂଲ୍ୟରେ ନାରାୟଣ ଶିଶୁ ନାଟ୍ୟ ମହୋତ୍ସବ–୨୦୨୫, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୫ଟା ୩୦।
- 'ପ୍ରକଳ୍ପ–୨୦୨୫' ସମ୍ମିଳନୀ, ସ୍ଥାନ: ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ବନ୍ଦେ ମାତରମ୍ ଗାନ ଉତ୍ସବ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବରିଷ୍ଠ ଖବରଦାତାଙ୍କ ତିରୋଧାନ ଦିବସ ଓ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଜିଲା ସାମ୍ବାଦିକ ପ୍ରକୋଷ୍ଠ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଭଦ୍ରକ

- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବାଉଦପୁର ବାଲିଯାତ୍ରା ପଡ଼ିଆ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

## ମୟୂରଭଞ୍ଜ

- ମେଗା ରକ୍ତଦାନ ଶିବିର,ସ୍ଥାନ: ଜଗଧାତ୍ରୀ ମେଳା ପଡ଼ିଆ, ଭଞ୍ଜପୁର, ବାରିପଦା,ସମୟ: ସକାଳ ୯ଟା।
- ବାର୍ଷିକ ଉତ୍ସବ 'ୟୁଫୋନୀ',ସ୍ଥାନ: ଡିଭାଇନ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନ, ବାରିପଦା,ସମୟ: ଅପରାହ୍ନ ୪ଟା।
- ମୟୂରଭଞ୍ଜ ଆର୍ଟ ଫାଉଣ୍ଡେଶନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜଗଧାତ୍ରୀ ମେଳା ପଡ଼ିଆ, ଭଞ୍ଜପୁର, ବାରିପଦା,ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର

- ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି', ସ୍ଥାନ: ଭିଭିଗିରି ବାଳିକା ଉଚ୍ଚ ବିଦ୍ୟାଳୟ. ସମୟ: ସକାଳ ୮ଟା ।
- ଆଲ୍‌ଫା କପ୍ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ:ଖଲ୍ଲିକୋଟ କଲେଜ ଗ୍ରାଉଣ୍ଡ, ସମୟ: ପୂର୍ବାହ୍ନ ୧୦ଟା।
- କବିସୂର୍ଯ୍ୟ ବଳଦେବରଥଙ୍କ ଜନ୍ମସ୍ଥାନକୁ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପୁରାତନ ଛାତ୍ରଙ୍କ ଆଲୁମିନି, ସ୍ଥାନ : କୁଇନ ମିଶନ ହାଇସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଆଧ୍ୟାତ୍ମିକ ସଶକ୍ତିକରଣ କାର୍ଯ୍ୟକ୍ରମ, ସ୍ଥାନ: ବଡବଜାର ବ୍ରହ୍ମାକୁମାରୀ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।

## ଢେଙ୍କାନାଳ

- ସପ୍ତଶଯ୍ୟା ପ୍ରତିଭା ସମ୍ମାନ, ସ୍ଥାନ: ଗୋପବନ୍ଧୁ ଟାଉନହଲ ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା।

## ଅନୁଗୋଳ

- ବିଜ୍ଞାନ ମେଳା ଉଦ୍‌ଘାଟନ, ସ୍ଥାନ : ଆଠମଲ୍ଲିକ ପୁରୁଣାଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ : ପୂର୍ବାହ୍ନ ୧୧ ଟା।
- ଏଆଇ ଉପରେ କର୍ମଶାଳା, ସ୍ଥାନ : ଅନୁଗୋଳ କ୍ରିଏଟିଭ କଲେଜ ହଲ୍, ସମୟ : ପୂର୍ବାହ୍ନ ୧୧ଟା ୪୫।
- କାର୍ତ୍ତିକେଶ୍ୱର ଭସାଣି ଉତ୍ସବ, ସ୍ଥାନ: ତୁରଙ୍ଗ ଗ୍ରାମ, ସମୟ : ଅପରାହ୍ନ ୪ଟା

## ଜଗତ୍‌ସିଂହପୁର

- ବିଚିତ୍ର ବର୍ଣ୍ଣାଳୀ ନାଟ୍ୟ ସଂସଦ ପକ୍ଷରୁ କଣ୍ଢେଇ ନାଚ, ସ୍ଥାନ: ବାଲିଯାତ୍ରା ମଞ୍ଚ, ବେଳାଭୂମି, ପାରାଦୀପ, ସମୟ: ସନ୍ଧ୍ୟା ୮ଟା।

## କେନ୍ଦ୍ରାପଡ଼ା

- ବାଲିଯାତ୍ରା ମହୋତ୍ସବ ଓ ରାସ ଉତ୍ସବ, ସ୍ଥାନ: ଗୋବରୀ ନଦୀ କୂଳ, ଗୁଲନଗର, କେନ୍ଦ୍ରାପଡା ସହର ; ଲୁଣା ନଦୀ ତଟ, କଳପଡା, କେନ୍ଦ୍ରାପଡ଼ା ; ମା' ମାଟିଆମଙ୍ଗଳା ପୀଠ, ବାରଗାଁ, ପଟ୍ଟାମୁଣ୍ଡାଇ ; ମହାନଦୀ ଘାଟ, ବାହାକୁଦ, ମା' ରାମଚଣ୍ଡୀ ଭାଗବତ ଆଶ୍ରମ, କୋଚିଲା ଭାଗବତ ପୀଠ, ଧ୍ୟାନ ଦାସ ମଠ, ବାରଡାଙ୍ଗ, ମହାକାଳପଡ଼ା ; ଶାସନୀପଡ଼ା ସେତୁ, ମାର୍ଶାଘାଇ ; ଚନ୍ଦ୍ରମୌଳି ପୀଠ, ଚନ୍ଦନନଗର, ରାଜନଗର, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼

- କାର୍ତ୍ତିକେଶ୍ୱର ପୂଜାର ୪ର୍ଥ ଦିବସ, ସ୍ଥାନ: ନୟାଗଡ଼ ଜଗନ୍ନାଥ ମନ୍ଦିର ସମ୍ମୁଖ, ସମୟ: ସକାଳ ୭ଟା।
- ସାଇବର ସୁରକ୍ଷା ଅଭିଯାନର ଫ୍ଲାଗ ଅପ, ସ୍ଥାନ: ନୟାଗଡ଼ର ପୋଲିସ ଟ୍ରେନିଂ ସ୍କୁଲ(ପିଟିଏସ୍) ଠାରୁ ନୟାଗଡ଼ ପୁରୁଣା ସହର ଜଗନ୍ନାଥ ମନ୍ଦିର, ସମୟ: ସକାଳ ୮ଟା।
- ଶ୍ରୀଅନ୍ନ ଅଭିଯାନରେ ମାଣ୍ଡିଆ ଦିବସ, ସ୍ଥାନ: ନୟାଗଡ଼ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଜ୍ଞାନ ମେଳା, ସ୍ଥାନ: ଖଣ୍ଡପଡ଼ାର ଓମ୍ ସାଇ ଇଣ୍ଟର ନ୍ୟାଶନାଲ ସ୍କୁଲ, ସମୟ: ମଧ୍ୟାହ୍ନ ୧୨ଟା।
- ବାବା ବଳିଆଙ୍କ ହରି କଥାମୃତ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ବଡବାଣପୁର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା।

## ରାୟଗଡ଼ା

- ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ଉପଲକ୍ଷେ ୱାକାଥନ, ସ୍ଥାନ: ମହାତ୍ମାଗାନ୍ଧୀ ପାର୍କ, ରାୟଗଡ଼ା, ସମୟ: ସକାଳ ୬ଟା ୩୦ ।
- ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ବିଜୁ ପଟ୍ଟନାୟକ ଅଡିଟୋରିୟମ, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲାସ୍ତରୀୟ ଛାୟା ଛାତ୍ର ସଂସଦ ପ୍ରତିଯୋଗିତା, ସ୍ଥାନ: ଗୋବିନ୍ଦ ଚନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ରାଜ୍ୟସ୍ତରୀୟ ଟି–୨୦ କ୍ରିକେଟ ଟୁର୍ନାମେଣ୍ଟ ସେମିଫାଇନାଲ ମ୍ୟାଚ, ସ୍ଥାନ: ଷ୍ଟାଡିୟମ, କୋରାପୁଟ, ସମୟ:ସକାଳ ୯ଟା।

## ମାଲକାନଗିରି

- ମଣ୍ଡଳସ୍ତରୀୟ ଶ୍ରୀ ଅରବିନ୍ଦ ସାହିତ୍ୟ ପରିଷଦ ସମ୍ମିଳନୀ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ମାଲକାନଗିରି, ସମୟ: ସକାଳ ୮ ଟା।
- ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: କୋରୁକୋଣ୍ଡା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ ଟା।

## ସମ୍ବଲପୁର

- ୟଙ୍ଗ ବ୍ୟଏଜ ଆସୋସିଏଶନ ପକ୍ଷରୁ ତୃତୀୟ ଶହୀଦ କୁଞ୍ଜଲ ସିଂ ସ୍ମାରକୀ ଆନ୍ତଃ କ୍ଲବ ବାଳକ କବାଡି ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ବାଲିବନ୍ଧା ନିକଟସ୍ଥ ବ୍ରଜମୋହନ ପାର୍କ, ସମୟ: ସକାଳ ୮ଟା।
- ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ୬୯ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ସନ୍ତରଣ ପ୍ରତିଯୋଗିତା ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଡାକ୍ତର ଝସକେତନ ସାହୁ ସନ୍ତରଣାଗାର, ସମୟ: ପୂର୍ବାହ୍ନ ୧୧ଟା।
- ଡକ୍ଟର ହାଡିବନ୍ଧୁ ମିର୍ଦ୍ଧା ସ୍ମୃତି ସମିତି ପକ୍ଷରୁ ପୁସ୍ତକ ସମୀକ୍ଷା ସଭା ହୃଦ୍ୟ ହାଡିବନ୍ଧୁ କାର୍ଯ୍ୟକ୍ରମ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ମାର୍ଗ ସ୍ଥିତ ଶିଳା ଟାୱାର ସଭାକକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଜିଗଜାଗ କ୍ଲବ ପକ୍ଷରୁ କାର୍ତ୍ତିକେଶ୍ୱର ପୂଜା ମହୋତ୍ସବ ଉପଲକ୍ଷେ ଗୀତ ଓ ନୃତ୍ୟ ପ୍ରତିଯୋଗିତା, ସ୍ଥାନ: ହୀରାକୁଦ ଜିଗଜାଗ କ୍ଲବ ପରିସର, ସମୟ : ଅପରାହ୍ନ ୫ଟା।
- ସାଇ ଶିକ୍ଷା ପରିଷଦ ପକ୍ଷରୁ ସମ୍ବଲପୁର ଲିଟିଲ ମିସ, ଟିନ ଓ ଲିଟିଲ ମାଷ୍ଟର, ଟିନ –୨୦୨୫ର ପ୍ରସ୍ତୁତି ବୈଠକ, ସ୍ଥାନ: ଜଗନ୍ନାଥ କଲୋନୀ ସ୍ଥିତ ନିଜସ୍ୱ କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର

- ବଲାଙ୍ଗୀର ଜିଲା ଓକିଲ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ସିଭିଲ କୋର୍ଟ ବାର ହଲ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମାସିକ ରଚନା ସନ୍ଧ୍ୟା ଆଲୋଚନା 'ଆମ ସଂସ୍କୃତି ଓ ଆଧୁନିକତା', ସ୍ଥାନ: ପିପି ଏକାଡେମୀ ସଭାଗୃହ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା।

## ରାଉରକେଲା

- କ୍ରିୟା ଯୋଗ ଧ୍ୟାନକେନ୍ଦ୍ରର ବାର୍ଷିକ ଉତ୍ସବ, ସ୍ଥାନ: ଜଗଦା, ସମୟ: ସକାଳ ୬ଟା ୩୦।
- ସମ୍ବିଧାନ ସଚେତନତା ଅଭିଯାନ, ସ୍ଥାନ: ସେକ୍ଟର–୧୭, ସମୟ: ସକାଳ ୯ଟା।
- ହୋମ୍ ଏବଂ ହୋପ୍‌ର ସଚେତନତା ଶିବିର, ସ୍ଥାନ: ସେକ୍ଟର–୨୦ ରାଉରକେଲା କ୍ଲବ, ସମୟ: ସକାଳ ୯ଟା।
- ଇନୋଭିଜନ୍ କାର୍ଯ୍ୟକ୍ରମର ୨ୟ ଦିବସ, ସ୍ଥାନ: ଏନ୍‌ଆଇଟି ରାଉରକେଲା, ସମୟ: ପୂର୍ବାହ୍ନ ୧୧ଟା।
- ୧ମ ଗଣଦୌଡ଼ ପ୍ରତିଯୋଗିତାର ଖବରଦାତା ସମ୍ମିଳନୀ, ସ୍ଥାନ: ଇଣ୍ଡୋ ଜର୍ମାନ କ୍ଲବ, ସମୟ: ଅପରାହ୍ନ ୪ଟା ୩୦।
- ମାସିକ ସାରସ୍ୱତ ସମାବେଶ, ସ୍ଥାନ: ଛେଣ୍ଡ ରାଉରକେଲା, ସମୟ: ସନ୍ଧ୍ୟା ୫ଟା ୩୦।

## ବରଗଡ଼

- ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା,ସ୍ଥାନ:ରାଣାପ୍ରତାପ ସ୍କୁଲ, ବରଗଡ଼,ସମୟ:ସକାଳ ୮ଟା।
- ବିରାଟ କୃଷକ ସଚେତନତା ସମାବେଶ,ସ୍ଥାନ:ଗୋରୁ ବଜାର, ପଦ୍ମପୁର, ସମୟ: ପୂର୍ବାହ୍ନ ୧୧ଟା।
- ବିଦ୍ୟାଳୟସ୍ତରୀୟ ଶକ୍ତି ସଂରକ୍ଷଣ କୁଇଜ୍ ପ୍ରତିଯୋଗିତା, ସ୍ଥାନ:ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ, ଭୁକ୍ତା,ସମୟ: ପୂର୍ବାହ୍ନ ୧୧ଟା।
- ବାଲିଯାତ୍ରା ଅବସରରେ ମହାଆଳତୀ, ସ୍ଥାନ: ଘେଁସ ବଡ଼ମାଳ, ସୋହେଲା, ସମୟ:ସନ୍ଧ୍ୟା ୬ଟା।

## ଦେବଗଡ଼

- ଖେଳ ମହୋତ୍ସବ ଉଦ୍‌ଯାପିତ, ସ୍ଥାନ: ଦେବଗଡ଼ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୯ଟା।

## ସୁବର୍ଣ୍ଣପୁର

- ପ୍ରାକ୍ତନ ସୋନପୁର ବିଧାୟକ ସ୍ୱର୍ଗତ କୁନ୍ଦୁରୁ କୁଶଳଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ସୋନପୁର ଟାଉନ ହଲ ସମ୍ମୁଖ, ସମୟ: ସକାଳ ୭ଟା ୩୦।
- ତରଭା ଶନି ମନ୍ଦିରରେ ମହା ଆଳତୀ ଓ ଶନି ପୁରାଣ ପଠନ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୩୦।

## ନୂଆପଡ଼ା

- ହନୁମାନ ମନ୍ଦିର, ସନ୍ତୋଷୀ ମନ୍ଦିର, ଚଣ୍ଡୀ ମନ୍ଦିର ପ୍ରତିଷ୍ଠା ଓ ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଧାରଣ, ସ୍ଥାନ: ଖଡିଆଳ ବ୍ଲକ ଚଚରାଭଟା ଗାଁ, ସମୟ: ସକାଳ ୯ଟା।

# ବ୍ୟାଙ୍କରୁ ୭୦ଲକ୍ଷ ଟଙ୍କାର ବନ୍ଧକ ଅଳଙ୍କାର, ୭ ଲକ୍ଷ ଟଙ୍କା ଆତ୍ମସାତ୍

**ବାଲୁଗାଁ,୭।୧୧ (ସଂଗ୍ରାମ ପାଇକରାୟ)**

ଖୋର୍ଦ୍ଧା ଜିଲା ବାଲୁଗାଁ ଶାଖା ଷ୍ଟେଟ୍‌ବ୍ୟାଙ୍କରେ ସିନିୟର ଆସୋସିଏଟ୍ (କ୍ୟାଶ ଇନ୍‌ଚାର୍ଜ) ଭାବେ କାର୍ଯ୍ୟରତ ଜିତେନ୍ଦ୍ର କୁମାର ବିଶ୍ୱାଳ ଅନ୍‌ଲାଇନ ଗେମ୍ ଖେଳି ସର୍ବସ୍ୱ ହରାଇବା ପରେ ଗ୍ରାହକଙ୍କ ପ୍ରାୟ ୭୦ଲକ୍ଷ ଟଙ୍କାର ବନ୍ଧକ ଅଳଙ୍କାର ସହିତ ୭ଲକ୍ଷ ଟଙ୍କା ଜମା ଅର୍ଥ ନେଇ ଫେରାର ହୋଇଯାଇଛନ୍ତି। ଏନେଇ ବ୍ୟାଙ୍କ ପରିଚାଳକ ସୁଶାନ୍ତ କୁମାର ସେଠୀଙ୍କ ଅଭିଯୋଗକ୍ରମେ ବାଲୁଗାଁ ଥାନା ପୋଲିସ ଏକ ମାମଲା (ନଂ.୨୩୫/୨୫) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ମୁତାବକ, ବାଲୁଗାଁ ଶାଖା ଷ୍ଟେଟବ୍ୟାଙ୍କର ସିନିୟର ଆସୋସିଏଟ୍ ବିଶ୍ୱାଳ ଅନ୍‌ଲାଇନ ଗେମ୍ ଖେଳି ଲକ୍ଷାଧିକ ଟଙ୍କା ହରାଇଥିଲେ। ତେବେ ଏହି କ୍ଷତି ଭରଣା ଆଶାରେ ସେ ବ୍ୟାଙ୍କରେ ବନ୍ଧକ ଥିବା ଗ୍ରାହକଙ୍କ ୧୦ପ୍ୟାକେଟ ସୁନାଅଳଙ୍କାର ନେଇଯାଇଥିଲେ। ସେ ବିଭିନ୍ନ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାରେ ଉକ୍ତ ୧୦ପ୍ୟାକେଟରେ ଥିବା ୭୦୦ଗ୍ରାମ୍‌ର ଅଳଙ୍କାର ବନ୍ଧକ ରଖି ୭୦ଲକ୍ଷ ଟଙ୍କା ଆଣିଥିଲେ। ଏଥିସହ ବ୍ୟାଙ୍କ କାରବାର ଅର୍ଥ ୭ଲକ୍ଷ ଟଙ୍କାକୁ ମଧ୍ୟ କୌଶଳକ୍ରମେ ହଡ଼ପ କରି ତାହାକୁ ପୁନର୍ବାର ଗେମ୍ ଖେଳି ହରାଇଥିଲେ। ତେବେ ବାଲୁଗାଁ ଅଞ୍ଚଳର ଗୋପୀନାଥ ପରିଡ଼ାଙ୍କ ସ୍ତ୍ରୀ ହରପ୍ରିୟା ପରିଡ଼ା ଋଣ ଅର୍ଥ ପରିଶୋଧ କରି ବନ୍ଧକ ଅଳଙ୍କାର ମୁକୁଳାଇବା ପାଇଁ ଗତ ୨୫ତାରିଖରେ ବ୍ୟାଙ୍କକୁ ଯାଇଥିଲେ। ହେଲେ ତାଙ୍କର ବନ୍ଧକ ଅଳଙ୍କାର ବ୍ୟାଙ୍କରେ ନ ଥିବା ପରିଚାଳକ କହିଥିଲେ। ଆଗକୁ ଝିଅ ବାହାଘର ଥିବା ବେଳେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କଠାରୁ ଏପରି କଥା ଶୁଣି ତାଙ୍କ ମୁଣ୍ଡରେ ଚଡ଼କ ପଡିଥିଲା। ବ୍ୟାଙ୍କ ଶାଖା ପରିଚାଳକ ଏନେଇ ବାଲୁଗାଁ ଥାନାର ଦ୍ୱାରସ୍ଥ ହୋଇଥିଲେ। ଅନ୍ୟପକ୍ଷରେ ଧରାପଡ଼ି ଜେଲ ଯିବା ଭୟରେ ଜିତେନ୍ଦ୍ର ଏକ ଚିଠି ଶାଖା ପରିଚାଳକ ସେଠୀଙ୍କୁ ଧରାଇ ଫେରାର ହୋଇଯାଇଥିଲେ। ଏଥିରେ ସେ ନିଜ ଅପରାଧ ସ୍ୱୀକାର କରିବା ସହ ଅନ୍‌ଲାଇନ ଗେମ୍ ଖେଳି ସର୍ବସ୍ୱ ହରାଇଥିବା ଉଲ୍ଲେଖ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅଣ୍ଡିରି ପିଲାର ଲଣ୍ଡି,**
**ମାଇକିନିଆ ଝିଅର ଗଣ୍ଡି ।**

ପୁରୁଷ ଲୋକର ସ୍ନାନଶୌଚାଦି କର୍ମ ଠିକ୍ ଥିଲେ ତା'ର ସ୍ୱାସ୍ଥ୍ୟ ଠିକ୍ ଥାଏ ବୋଲି ବୁଝିବାକୁ ପଡ଼ିଥାଏ। ସେହିପରି ଯୁବତୀ ନାରୀର ଚେହେରା ଠିକ୍ ଥିଲେ ତା'ର ସ୍ୱାସ୍ଥ୍ୟକୁ ନେଇ ସନ୍ଦେହ କରାଯାଇ ନ ପାରେ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଅଣଖୁଆ କାହିଁ ଆଖୁ ହୋଇବକି ?**
**ବଣଭୁଆ ହେବ ବାଘ**
**କଣ ଭୁଆସୁଣୀ ସଭାରେ ବସିବ,**
**ଛଣଗୁଣ୍ଡି ହେବ ଶାଗ ?**

ଯେପରି ଅଣଖୁଆ କେବେ ଆଖୁ ହୁଏ ନାହିଁ କି ବିଲେଇ ମଧ୍ୟ ବାଘ ଭଳି ହୁଏ ନାହିଁ ଠିକ୍ ସେହିପରି ଭାବେ ଛଣ ବିଡ଼ା ମଧ୍ୟ ଶାଗର ସମକକ୍ଷ ହୋଇପାରେ ନାହିଁ। ତେଣୁ ମଣିଷ ନିଜ ଜୀବନରେ କେବଳ ଯୋଗ୍ୟତା ଅନୁସାରେ ହିଁ ପଦମର୍ଯ୍ୟାଦା ଲାଭ କରିଥାଏ। ଯିଏ ଅଯୋଗ୍ୟ ସିଏ ଉପଯୁକ୍ତ ଆସନର ଅଧିକାରୀ ହୋଇପାରନ୍ତି ନାହିଁ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ପରିବର୍ତ୍ତନ ପାଇଁ ନୂଆ ...

କରିବାକୁ ପଡ଼ିବ। ପରିବର୍ତ୍ତନ ପାଇଁ ନୂଆ ପ୍ରୟୋଗ ଜରୁରୀ। ସବୁଜ ହାଇଡ୍ରୋଜେନ୍‌ଚାଳିତ ବାହନ ଚଳାଚଳ ପାଇଁ ୧୦ଟି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି, ସେଥିମଧ୍ୟରୁ ଗୋଟିଏ ଓଡ଼ିଶାରେ ରହିଛି ବୋଲି କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ କହିଛନ୍ତି।

ଶୁକ୍ରବାର ଜନତା ମଇଦାନଠାରେ ଇଣ୍ଡିଆନ ରୋଡ୍‌ସ କଂଗ୍ରେସ(ଆଇଆର୍‌ସି)ର ୮୪ତମ ବାର୍ଷିକ ଅଧିବେଶନକୁ ଉଦ୍‌ଘାଟନ କରି ଗଡ଼କରୀ କହିଛନ୍ତି, ହାଇଡ୍ରୋଜେନ୍ ଭଳି ସବୁଜ ଇନ୍ଧନ କ୍ଷେତ୍ରରେ ନିର୍ଭରଶୀଳତା ଦେଶର ତୈଳ ଆମଦାନୀ ହ୍ରାସ କରିବ। ଗବେଷଣା ଓ ନବସୃଜନ ବଳରେ ଉନ୍ନତ ସଡ଼କ ଏବଂ ବିକଳ୍ପ ଇନ୍ଧନ ଜରିଆରେ ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସକରି ଦେଶକୁ ସମୃଦ୍ଧ କରାଯାଇପାରିବ। ଇଥାନଲ୍, ମିଥାନଲ୍, ବାୟୋ–ଏଲ୍‌ଏନ୍‌ଜି, ସିଏନ୍‌ଜି ଏବଂ ସବୁଜ ହାଇଡ୍ରୋଜେନ୍‌ର ବହୁଳ ଗ୍ରହଣୀୟତା ଦ୍ୱାରା ଭାରତ ଇନ୍ଧନ ଆମଦାନୀକାରୀ ରାଷ୍ଟ୍ରରୁ ଇନ୍ଧନ ରପ୍ତାନିକାରୀ ରାଷ୍ଟ୍ର ହେବା ଦିଗରେ ଏକ ନିର୍ଣ୍ଣାୟକ ପରିବର୍ତ୍ତନ ଆଣୁଛି। ସେ କହିଛନ୍ତି, ଭାରତର ସଡ଼କ ନେଟ୍‌ୱର୍କ ବିଶ୍ୱରେ ଏକ ନମ୍ବର ହେବାକୁ ଯାଉଛି। ଉନ୍ନତ ସଡ଼କ ବିକଶିତ ହେଲେ ବାଣିଜ୍ୟ, ବ୍ୟବସାୟ ଓ ଶିଳ୍ପର ଆଗମନ ହୋଇଥାଏ। ଏସବୁକୁ ପ୍ରୋତ୍ସାହନ ମିଳିଲେ ପୁଞ୍ଜି ନିବେଶ, ରୋଜଗାର ସୃଜନ ଏବଂ ଆର୍ଥିକ ଅଭିବୃଦ୍ଧିର ମାର୍ଗ ପ୍ରଶସ୍ତ ହୋଇଥାଏ। ସଡ଼କ, ସେତୁ, ସୁଡ଼ଙ୍ଗ ଭଳି ଭିତ୍ତିଭୂମି ନିର୍ମାଣ ଲାଗି ବିଚାରବିମର୍ଶ କରିବା ନିମନ୍ତେ ଏହା ହେଉଛି ଭାରତର ସବୁଠୁ ବଡ଼ ଜ୍ଞାନବିନିମୟ କାର୍ଯ୍ୟକ୍ରମ। ସେ ଆହୁରି କହିଛନ୍ତି, ଭାରତକୁ ବିଶ୍ୱର ତୃତୀୟ ସର୍ବବୃହତ୍ ଅର୍ଥ ବ୍ୟବସ୍ଥାରେ ପରିଣତ କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସଂକଳ୍ପ ନେଇଛନ୍ତି। ଏବେ ବିଶ୍ୱଗୁରୁ ହେବାର ଲକ୍ଷ୍ୟ ଦିଗରେ ଦେଶ ଅଗ୍ରସର ହେଉଛି। ଏଥିପାଇଁ ବିଶ୍ୱସ୍ତରୀୟ ଭିତ୍ତିଭୂମିର ଆବଶ୍ୟକତା ରହିଛି। ମିତବ୍ୟୟୀ, ଉନ୍ନତମାନର ଭିତ୍ତିଭୂମି ନିର୍ମାଣ କରିବା ଆବଶ୍ୟକ ରହିଥିବା ବେଳେ ନିର୍ମାଣ ଖର୍ଚ୍ଚ କମାଇବା ପାଇଁ ଯୋଜନା ପ୍ରଣୟନ କରାଯିବା ଉଚିତ୍।

ଗଡ଼କରୀ ଆହୁରି କହିଛନ୍ତି, ଆଇଆର୍‌ସି ହେଉଛି ଭାରତର ସଡ଼କ ଇଞ୍ଜିନିୟରିଂର ଆତ୍ମା। ଦେଶରେ ସଡ଼କ ଭିତ୍ତିଭୂମି ନିର୍ମାଣ ଲାଗି ଉତ୍ତରଦାୟିତ୍ୱ, ଗମ୍ଭୀର ଆଭିମୁଖ୍ୟ, ଗୁଣବତ୍ତା ପାଇଁ ପ୍ରତିବଦ୍ଧତା ଏବଂ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ବ୍ୟବସ୍ଥାର ଆବଶ୍ୟକତା ରହିଛି। ଅନୁରୂପ ଭାବେ ଆମକୁ ଆମ ପରିବେଶ ଓ ଜୀବଜଗତର ସୁରକ୍ଷା ପ୍ରତି ମଧ୍ୟ ଧ୍ୟାନ ଦେବାର ଆବଶ୍ୟକତା ରହିଛି। ସଡ଼କ ନିର୍ମାଣରେ ବର୍ଜ୍ୟବସ୍ତୁ ଉପଯୋଗ କରିବା ଲାଗି ଯୋଜନା ଏବଂ ନୀତି ପ୍ରଣୟନ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଗଡ଼କରୀ ପୁଣି କହିଥିଲେ, ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ବର୍ତ୍ତମାନ ସୁଦ୍ଧା ସର୍ବାଧିକ ୨ ଲକ୍ଷ ୮୭ ହଜାର କୋଟି ଟଙ୍କାର ବଜେଟ୍ ଆବଣ୍ଟନ ହାସଲ କରିଛି। ସଡ଼କ ନିର୍ମାଣ କ୍ଷେତ୍ରରେ ଅର୍ଥ କିମ୍ବା ସମ୍ବଳର ଅଭାବ ନାହିଁ। ସଡ଼କ ନେଟ୍‌ୱର୍କର ମୁଦ୍ରୀକରଣ ଦ୍ୱାରା ୧୫ ଲକ୍ଷ କୋଟି ଟଙ୍କାରୁ ଅଧିକ ସଂଗ୍ରହ କରାଯାଇପାରିବ। ତେବେ ଏଥିପାଇଁ ସ୍ୱଚ୍ଛତା, ସଚ୍ଚୋଟତା, ସକାରାତ୍ମକ ଆଭିମୁଖ୍ୟ ଏବଂ ଦ୍ରୁତ ନିର୍ଣ୍ଣୟ ପ୍ରକ୍ରିୟାର ଆବଶ୍ୟକତା ରହିଛି। କେନ୍ଦ୍ର ମନ୍ତ୍ରୀ କହିଥିଲେ, ସରକାର ଦ୍ରୁତଗତିରେ ରାଜପଥ ନିର୍ମାଣ କରୁଛନ୍ତି। ୨୦୧୪ରେ ୯୧ ହଜାର ୨୮୭ କିଲୋମିଟର ରାଜପଥ ଥିବା ବେଳେ ବର୍ତ୍ତମାନ ଏହା ୬୦% ବୃଦ୍ଧି ପାଇ ୧,୪୬,୩୪୨ କିଲୋମିଟରରେ ପହଞ୍ଚିଛି। ସଡ଼କ ଦୁର୍ଘଟଣା କାରଣରୁ ଦେଶରେ ବର୍ଷକୁ ୧ ଲକ୍ଷ ୮୦ ହଜାର ଲୋକଙ୍କ ପ୍ରାଣହାନି ଘଟିବାକୁ ନେଇ କେନ୍ଦ୍ର ମନ୍ତ୍ରୀ ଚିନ୍ତାବ୍ୟକ୍ତ କରିବା ସହିତ ସଡ଼କ ସୁରକ୍ଷା ଏବଂ ଦୁର୍ଘଟଣା ହ୍ରାସ ପାଇଁ ସରକାରୀ ସ୍ତରରେ ହେଉଥିବା ପ୍ରୟାସ ଉପରେ ଆଲୋକପାତ କରିଥିଲେ। ଡିପିଆର୍(ସବିଶେଷ ପ୍ରକଳ୍ପ ରିପୋର୍ଟ)ରେ ତ୍ରୁଟି କାରଣରୁ ଅନେକ ଦୁର୍ଘଟଣା ହେଉଥିବାରୁ ଏଥିରେ ସୁଧାର ଆଣିବା ଲାଗି ସେ ଇଞ୍ଜିନିୟର ଏବଂ ଅନ୍ୟ ପେସାଦାରମାନଙ୍କୁ ଅନୁରୋଧ କରିଥିଲେ। ସଡ଼କ ଦୁର୍ଘଟଣାରେ ଆହତଙ୍କ ଜୀବନ ରକ୍ଷା କରୁଥିବା ସ୍ୱେଚ୍ଛାସେବୀଙ୍କୁ ପୋଲିସ ଜେରା କରିପାରିବ ନାହିଁ। ଏଥିପାଇଁ ସରକାର ଆଇନ ଆଣିଛନ୍ତି। ସଡ଼କ ନିର୍ମାଣ ସମୟରେ ପରିବେଶ ଓ ଜୀବଜଗତର ସୁରକ୍ଷା ଉପରେ କେନ୍ଦ୍ର ମନ୍ତ୍ରୀ କହିଥିଲେ, ରାସ୍ତା ନିର୍ମାଣ କାରଣରୁ ଦେଶରେ ସର୍ବାଧିକ ପ୍ରଦୂଷଣ ହେଉଛି। ଏହାର ସମାଧାନ ଲାଗି ବର୍ତ୍ତମାନ ସଡ଼କ ନିର୍ମାଣରେ ବର୍ଜ୍ୟବସ୍ତୁର ଉପଯୋଗ କରାଯାଉଛି। ଏବେ ସୁଦ୍ଧା ୮୦ ଲକ୍ଷ ଟନ୍ ସହରାଞ୍ଚଳ ବର୍ଜ୍ୟବସ୍ତୁକୁ ରାସ୍ତା ନିର୍ମାଣରେ ଉପଯୋଗ କରାଯାଇଛି। ରାଜପଥ ନିର୍ମାଣରେ ବାୟୋ–ବିଟୁମେନ୍ ଏବଂ ପୁନଃଚକ୍ରିତ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁର ବ୍ୟବହାର ଦୀର୍ଘସ୍ଥାୟିତ୍ୱ ଏବଂ ମୂଲ୍ୟ ଦକ୍ଷତାକୁ ଆହୁରି ବୃଦ୍ଧି କରୁଛି, ଯାହା ପରିବେଶ–ସଚେତନ ବିକାଶ ପାଇଁ ଆମର ଦୃଷ୍ଟିକୋଣ ସହିତ ସମନ୍ୱିତ ବୋଲି ଗଡ଼କରୀ କହିଥିଲେ।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସଡ଼କ ଭିତ୍ତିଭୂମିକୁ ସୁଦୃଢ଼ କରିବା ଦିଗରେ ରାଜ୍ୟ ସରକାର ବିଶେଷ ଗୁରୁତ୍ୱାରୋପ କରୁଥିବା କହିଛନ୍ତି। ଆଇଆର୍‌ସିର ଏହି ଅଧିବେଶନରୁ ବାହାରିଥିବା ନିଷ୍କର୍ଷ ଦେଶରେ ସଡ଼କ କ୍ଷେତ୍ରକୁ ଅଧିକ ଗତିଶୀଳ କରିବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ଆଇନ, ପୂର୍ତ୍ତ ଏବଂ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ।

### ସମୃଦ୍ଧ ଓଡ଼ିଶା ପାଇଁ ...

ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ଓଡ଼ିଶା ପାଇଁ ୧୩ ହଜାର ୬୯ କୋଟି ଟଙ୍କାର ଜାତୀୟ ରାଜପଥ ମଞ୍ଜୁର କରିଛନ୍ତି। କେନ୍ଦ୍ର ରାଜପଥ ମନ୍ତ୍ରୀଙ୍କ ଦ୍ୱାରା ୪ ହଜାର କୋଟି ଟଙ୍କାର ୧୯ଟି ସଡ଼କ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଛି ଏବଂ ୧୩ଟି ପ୍ରକଳ୍ପ ପାଇଁ ୯ ହଜାର କୋଟି ଟଙ୍କା ମଧ୍ୟ ସେ ପୂର୍ବରୁ ମଞ୍ଜୁର କରିସାରିଛନ୍ତି। ୫ ବର୍ଷ ମଧ୍ୟରେ ଆମ ସରକାର ୭୫ ହଜାର କିଲୋମିଟରର ସଡ଼କ ନିର୍ମାଣ ପାଇଁ ଲକ୍ଷ୍ୟ ରଖିଛନ୍ତି। ଓଡ଼ିଶାର ସଡ଼କଗୁଡ଼ିକୁ ବିଶ୍ୱସ୍ତରୀୟ ମାନର କରିବା ପାଇଁ କେନ୍ଦ୍ର ମନ୍ତ୍ରୀ ଗୁରୁତ୍ୱ ଦେଉଛନ୍ତି। ଆଗାମୀ ଦିନରେ କେନ୍ଦ୍ର ମନ୍ତ୍ରୀଙ୍କର ଏହି ସହଯୋଗ ଓଡ଼ିଶାର ବିକାଶକୁ ଆହୁରି ତୀବ୍ର କରିବ।

ମୁଖ୍ୟମନ୍ତ୍ରୀ କହିଛନ୍ତି, ୨୦୧୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦାୟିତ୍ୱ ନେବାଠାରୁ ସଡ଼କ ନିର୍ମାଣ କ୍ଷେତ୍ରରେ ଦ୍ରୁତ ଉନ୍ନତି ଆସିଛି। ପ୍ରଧାନମନ୍ତ୍ରୀଙ୍କ ଦିଗ୍‌ଦର୍ଶନ ଏବଂ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀଙ୍କ କାର୍ଯ୍ୟଦକ୍ଷତା ଯୋଗୁ ଉତ୍ତମ ସଡ଼କ ନିର୍ମାଣ କ୍ଷେତ୍ରରେ ଦେଶବ୍ୟାପୀ ବ୍ୟାପକ ପରିବର୍ତ୍ତନ ଆସିଛି। ସ୍ୱାଧୀନତା ପରଠାରୁ ୨୦୧୪ ମସିହା ସୁଦ୍ଧା ଦେଶରେ ମାତ୍ର ୯୧ ହଜାର କିଲୋମିଟର ରାଜପଥ ନିର୍ମାଣ ହୋଇଥିବା ବେଳେ ଗତ ଦଶବର୍ଷରେ ଆଉ ୫୫ ହଜାର କିଲୋମିଟର ରାଜପଥ ନିର୍ମାଣ କରାଯାଇଛି। ମନ୍ତ୍ରୀ ଗଡ଼କରୀଙ୍କ କାର୍ଯ୍ୟଦକ୍ଷତା ଓ ଦୂରଦୃଷ୍ଟି ଚିନ୍ତାଧାରା ଯୋଗୁ ଦେଶରେ ବିଶ୍ୱସ୍ତରୀୟ ସଡ଼କ ନିର୍ମାଣର ଅଗ୍ରଗତି ସମ୍ଭବ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ଯୋଗଦେଇ ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଦେଶରେ ଜାତୀୟ ରାଜପଥର ବିକାଶରେ ଭାରତୀୟ ସଡ଼କ କଂଗ୍ରେସର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଓଡ଼ିଶାରେ ଏହିଭଳି ସମ୍ମାନଜନକ ଆୟୋଜନ ଆମ ପାଇଁ ଗୌରବର କଥା। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ସଡ଼କ ନିର୍ମାଣ କ୍ଷେତ୍ରରେ ଗୁଣାତ୍ମକ ମାନ ବଜାୟ ରଖିବା ପାଇଁ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ସଡ଼କ କଂଗ୍ରେସର ସଭାପତି ପ୍ରଫେସର ମନୋରଞ୍ଜନ ପରିଡ଼ା, ମହାସଚିବ ରାହୁଲ ଗୁପ୍ତା ପ୍ରମୁଖ ସେମାନଙ୍କ ବକ୍ତବ୍ୟ ରଖିଥିଲେ। ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ସମସ୍ତଙ୍କୁ ସମାବେଶକୁ ସ୍ୱାଗତ କରିଥିଲେ।

### ଡିଜିଟାଲ ଆରେଷ୍ଟରେ ...

ସିଣ୍ଡିକେଟ୍‌ରେ ବ୍ୟବହାର ହୋଇଥିବା ସେମାନେ କହିବାରୁ ବିଜୟ ଡରିଯାଇଥିଲେ। ସାଇବର ଠକମାନେ ପୋଲିସ ପୋଷାକରେ ଭିଡିଓ କଲ୍ କରିଥିଲେ। ତାଙ୍କୁ ଗିରଫ କରାଯାଇଥିବା କହି ବ୍ଲାକ୍‌ମେଲ୍ କରିଥିଲେ। ଘରୁ ବାହାରକୁ ନ ଯିବାକୁ ଦମ୍ପତିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏପରିକି ସାଇବର ଠକଙ୍କ କଥାକୁ ବିଶ୍ୱାସ କରି ବିଜୟ ତାଙ୍କ ବ୍ୟକ୍ତିଗତ ତଥ୍ୟ ଦେବା ସହ ବିଭିନ୍ନ ପର୍ଯ୍ୟାୟରେ ସେମାନଙ୍କ ଆକାଉଣ୍ଟକୁ ଟଙ୍କା ପଠାଇ ଦେଇଥିଲେ। ଏପରିକି ନିଜ ପାଖରେ ପର୍ଯ୍ୟାପ୍ତ ଟଙ୍କା ନ ଥିବାରୁ ସେ ଋଣ ମଧ୍ୟ ଆଣିଥିଲେ। ଏହି ଘଟଣା ବିଷୟରେ ବିଜୟ ଓ ତାଙ୍କ ସ୍ତ୍ରୀ କାହାକୁ ନ କହି ଘରେ ମାନସିକ ଅବସାଦରେ ରହୁଥିଲେ। ସାଇବର ଠକମାନେ ନିରନ୍ତର ଭିଡିଓ କଲ୍‌ରେ ରହି ଦମ୍ପତିଙ୍କୁ ଡରାଇବା ସହ ତାଗିଦ୍ କରୁଥିଲେ। ତେବେ ବୟସ୍କ ଦମ୍ପତି ଘରୁ ବାହାରୁ ନ ଥିବାରୁ ସ୍ଥାନୀୟ ଲୋକଙ୍କ ସନ୍ଦେହ ହୋଇଥିଲା। ସେମାନେ ଗୁରୁବାର ରାତିରେ ଶହୀଦନଗର ଥାନାକୁ ଖବର ଦେଇଥିଲେ। ପୋଲିସ ଟିମ୍ ତାଙ୍କ ଘରକୁ ଯାଇ ଡାକିଥିଲେ ମଧ୍ୟ ସେମାନେ କବାଟ ଖୋଲି ନ ଥିଲେ। ବହୁ ଅନୁରୋଧ ପରେ ସେମାନେ ଭରସା କରି ବାହାରକୁ ଆସିଥିଲେ। ଏହାପରେ ପୋଲିସ ଟିମ୍ ଦମ୍ପତିଙ୍କୁ ସାଇବର ଥାନାକୁ ନେଇଥିଲା। ତେବେ ଟଙ୍କା ହରାଇ ସର୍ବସ୍ୱାନ୍ତ ହୋଇପଡିଥିବାରୁ ସେମାନେ ମାନସିକ ଚାପରେ ଥିବା ଦେଖିବାକୁ ମିଳିଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** ଆଜିର ଚନ୍ଦ୍ର ମୃଗଶିରା ନକ୍ଷତ୍ରରେ ରହି ଯାତ୍ରା, ବ୍ୟବସାୟ, ବନ୍ଧୁ ସମ୍ପର୍କ ସ୍ଥାପନ ଦିଗରେ ସହାୟକ ହେବେ। ପାରିବାରିକ ସମସ୍ୟା ସମାଧାନ ସକାଶେ ବନ୍ଧୁଙ୍କ ଅବଦାନକୁ ଅସ୍ୱୀକାର କରିହେବନି। ଆନୁଷ୍ଠାନିକ କାମ ଓ କାର୍ଯ୍ୟାରମ୍ଭ ସକାଶେ ଦିନଟି ପ୍ରଶସ୍ତ ରହିବ। କର୍ମକ୍ଷେତ୍ରରେ ସାଧାରଣ ଘଟଣାକୁ ନେଇ ମନସ୍ତାପ କରିବାକୁ ପଡ଼ିପାରେ।

**ବୃଷ** ରାଶିରେ ଉଚ୍ଚସ୍ଥ ଚନ୍ଦ୍ରଙ୍କ ସ୍ଥିତି କୌଣସି କର୍ମାରମ୍ଭ ପାଇଁ ମନ୍ଦ ନ ହେଲେ ମଧ୍ୟ ଶନି ଦୃଷ୍ଟିରୁ ଝିନଝଟ୍‌ରୁ ମୁକ୍ତି ମିଳିବ ନାହିଁ। ପ୍ରତ୍ୟେକ କ୍ଷେତ୍ରରେ ମାପିଚୁପି ଚଳିବା ଭଲ ନତୁବା ଆକସ୍ମିକ ଭାବରେ କଳହ ଲାଗିପାରେ। ଶିଳ୍ପ ଓ ପରିବହନ ପାଇଁ ଅସୁବିଧା ହେବ ନାହିଁ। କର୍ମକ୍ଷେତ୍ରରେ ମନୋବଳ ଟାଣ ରହିବ ଓ ଅଟକିଥିବା କାମକୁ ଶେଷ କରିବେ।

**ମିଥୁନ** ରାଶ୍ୟାଧିପ ଶନି ନକ୍ଷତ୍ରରେ ଅବସ୍ଥାନ କରିଥିବାରୁ ଆଜି ଯାହା ପାଇବା ଆଶା ରଖିଛନ୍ତି ତାହା ଅବଶ୍ୟ ପାଇବେ। ସନ୍ତାନ ହେତୁକ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଗୋଳମାଳିଆ ପରିସ୍ଥିତିରେ ମଧ୍ୟସ୍ଥତା କଲେ କୈଫିୟତ୍ ଦେବାକୁ ପଡ଼ିପାରେ। ବ୍ୟବସାୟରେ କ୍ରମଶଃ ସମସ୍ୟା ବଢ଼ି ବଢ଼ି ବଡ଼ ଆକାର ଧାରଣ କରିବାର ଆଶଙ୍କା ରହିଛି।

**କର୍କଟ** ସ୍ୱନକ୍ଷତ୍ର ପୁନର୍ବସୁରେ ଦେବଗୁରୁ ରହିଥିବାରୁ ଯଥା ସମୟରେ କାର୍ଯ୍ୟ ସାଧିତ ହେବ। ସମସ୍ୟା ରହିଥିଲେ ମଧ୍ୟ ବନ୍ଧୁଙ୍କଠାରୁ ଆବଶ୍ୟକ ସହଯୋଗ ପାଇବାର ସୁଯୋଗ ମିଳିବ। ଅଫିସରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ବ୍ୟବସାୟ କିମ୍ବା ପରିବହନରେ ଲାଭ ହେବା ବଦଳରେ କ୍ଷତିରେ ହିଁ ପଡ଼ିବେ।

**ସିଂହ** ବ୍ୟୟାଧିପ ଚନ୍ଦ୍ର କର୍ମସ୍ଥାନରେ ଅବସ୍ଥାନ କରିଥିବାରୁ କର୍ମକ୍ଷେତ୍ରରେ ସ୍ଥାନାନ୍ତରର ସମ୍ଭାବନା ରହିଛି। ଆଜି ଫେରନ୍ତା ରାସ୍ତାରେ କୌଣସି ବ୍ୟକ୍ତିଙ୍କୁ ଅପେକ୍ଷା କରି ବ୍ୟସ୍ତ ହେବେ। ପୁରାତନ ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ମନ ହଲ୍‌ଚଲ୍ ହେବ। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିଯାଇପାରେ।

**କନ୍ୟା** ଚନ୍ଦ୍ରଙ୍କ ସପ୍ତମରେ ରାଶ୍ୟାଧିପତି ରହିଥିବାରୁ ପ୍ରାପ୍ୟ ହାସଲ କରିବାରେ ପ୍ରତିବନ୍ଧକର ସାମ୍ନା କରିବେ। ଆଜି ପ୍ରତ୍ୟେକ ପରିସ୍ଥିତିକୁ ଲାଘବ କରିବା ଦିଗରେ ଆପଣଙ୍କ ନରମ କଥା ଓ କିଛିଟା ଅର୍ଥବ୍ୟୟ ସାହାଯ୍ୟ କରିବ। ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା, ସାହିତ୍ୟ ଓ ସଭା ସମିତିରେ ସମସ୍ୟା ସମାଧାନର ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ।

**ତୁଳା** ଶୁକ୍ର ନିଜ ଗୃହରେ ଅବସ୍ଥାନ କରିଥିବାରୁ ଆପଣଙ୍କୁ ସାମାଜିକ ପ୍ରତିଷ୍ଠା ସହ ପ୍ରତିଯୋଗିତା କ୍ଷେତ୍ରରେ ବିଜୟୀ କରାଇପାରନ୍ତି। ପରିବାରରେ ସୁଖ ଶାନ୍ତି ଫେରାଇ ଆଣିବା ଦିଗରେ ପ୍ରଯତ୍ନ କଲେ ଚେଷ୍ଟା କଦାପି ବିଫଳ ହେବନି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସଫଳତା ଅବଶ୍ୟ ମିଳିବ।

**ବିଛା** ଶନିଙ୍କ କୁପ୍ରଭାବରୁ ଅଧିକାଂଶ କ୍ଷେତ୍ରରେ ବିଚାର ବିଗିଡି ଯାଉଥିବାରୁ କ୍ଷୋଭ ପ୍ରକାଶ କରିପାରନ୍ତି। ଚତୁର୍ଥ କେନ୍ଦ୍ରରେ ରାହୁ ପାରିବାରିକ, ଆର୍ଥିକ ଏବଂ ସାମାଜିକ ଦିଗକୁ ସମସ୍ୟାବହୁଳ କରିବେ। ଯେଉଁ ବିଷୟ ସକାଶେ ଚିନ୍ତା କରୁଛନ୍ତି ସେପରି କିଛି ଅସୁବିଧା ହେବନି। ସାମ୍ବାଦିକତା, ରାଜନୀତି, ସାହିତ୍ୟ କ୍ଷେତ୍ରରେ ସୁନାମ ଅର୍ଜନ କରିବେ।

**ଧନୁ** ଧନାଧିପ ଶନି ଭାଗ୍ୟସ୍ଥାନକୁ କଟାକ୍ଷ କରୁଥିବାରୁ ଶେଷ ମୁହୂର୍ତ୍ତରେ ଯୋଜନା ବିଗିଡିଯିବ। ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ଅସମର୍ଥିତ ସୂତ୍ରରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଅବଶ୍ୟ ଶୁକ୍ର ସହ ରବିଙ୍କ ସ୍ଥିତି କେତେକାଂଶରେ ଆପଣଙ୍କ କାମରେ ସାହାଯ୍ୟ କରିପାରନ୍ତି।

**ମକର** ଚନ୍ଦ୍ରଙ୍କ ପାପଗ୍ରହଙ୍କ ଦୃଷ୍ଟି ମାନସିକ ଅସ୍ଥିରତା ସାଙ୍ଗକୁ କଡା ମିଜାଜର କଥା ପରିସ୍ଥିତିକୁ ସଙ୍ଗିନ କରିଦେବ। ଆଜି ଯେତେ ଚେଷ୍ଟା କଲେ ମଧ୍ୟ ସବୁ କାମ ଯଥା ସମୟରେ ସମ୍ପନ୍ନ କରିପାରିବେ ନାହିଁ। କର୍ମାଧିପତିଙ୍କ ସ୍ଥିତି ଶ୍ରବଣା ନକ୍ଷତ୍ର ପାଇଁ କାମ ହାସଲରେ ସହାୟକ ହେବ। ବନ୍ଧୁ ଠିକ୍ ସମୟରେ ନ ଫେରିବାରୁ ପ୍ରତୀକ୍ଷା ଯନ୍ତ୍ରଣା ତୀବ୍ର ହେବ।

**କୁମ୍ଭ** ରାଶିରେ ରାହୁ ଏବଂ ମୁଖ ଭାବରେ ଶନିଙ୍କ ସ୍ଥିତିଜନିତ ସମ୍ପର୍କୀୟଙ୍କ ସହ ବିବାଦ ଘନେଇପାରେ। କର୍ମକ୍ଷେତ୍ରରେ ଆତ୍ମୀୟତାର ସହ କାମ କରି ଓଲଟା ଫଳ ପାଇବେ। ମୂଲ୍ୟବାନ ଦ୍ରବ୍ୟ ଲାଭ ହୋଇପାରେ। ପାଖ ପଡ଼ୋଶୀ କିମ୍ବା ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇବା ଠିକ୍ ହେବନାହିଁ।

**ମୀନ** ବୁଧ କେନ୍ଦ୍ରାଧିପ ହୋଇ ଭାଗ୍ୟ ସ୍ଥାନରେ ରହୁଥିବାରୁ ବନ୍ଧୁଙ୍କ ଅକୁଣ୍ଠ ସମର୍ଥନ ପାଇ କାମ ହାସଲ କରିବେ। ପରିବାରରେ ବିଭିନ୍ନ ସମସ୍ୟାର ସାମ୍ନା କରି ନ ପାରି ବିବ୍ରତ ହେବେ। ପଡ଼ୋଶୀ ଏବଂ ସହକର୍ମୀଙ୍କ ସହାନୁଭୂତି ଯୋଗୁ କାମ ସମ୍ପନ୍ନରେ ଅସୁବିଧା ହେବ ନାହିଁ। ଆଜିର ରୋଜଗାର ତୁଳନାରେ ଖର୍ଚ୍ଚାଧିକ୍ୟ ମନସ୍ତାପର କାରଣ ହୋଇପାରେ।

ଆଜି ନଭେମ୍ବର ୮ ତାରିଖ, ମାର୍ଗଶିର କୃଷ୍ଣ ତୃତୀୟା ଯୁକ୍ତ ଚତୁର୍ଥୀ, ଶନିବାର, ରାଶି ନକ୍ଷତ୍ର–ମୃଗଶିରା/ବୃଷ, ଦିବା ଘ.୧୧।୧୫ ମି. ଗତେ ମିଥୁନ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୨୪ ଗତେ ଘ.୦୮।୪୨ ମଧ୍ୟେ, ଘ.୧୧।୫୨ଗତେ ଘ.୧୨।୫୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୪୨ ଗତେ ଘ.୧୦।୦୬ ମଧ୍ୟେ ରାହୁ କାଳ।




# ମାଓବାଦୀ ହିଂସା ଆଶଙ୍କାରେ ସୁରକ୍ଷା ବଢ଼ିଲା

## ନୂଆପଡ଼ା ଉପନିର୍ବାଚନ

■ ଛତିଶଗଡ଼ ପୋଲିସ ସମନ୍ୱୟରେ ଅପରେଶନ ଜୋରଦାର

■ ସୀମାନ୍ତ, ଘଞ୍ଚ ଜଙ୍ଗଲ ଉପରେ ଡ୍ରୋନ୍ ଦ୍ୱାରା ନଜର ରଖାଯାଉଛି: ଏଡିଜି

ଭୁବନେଶ୍ୱର,୭।୧୧(ତ୍ରିନାଥ ମହାନ୍ତି)

ଆସନ୍ତା ୧୧ ତାରିଖରେ ନୂଆପଡ଼ା ଉପ ନିର୍ବାଚନ ଅନୁଷ୍ଠିତ ହେବ। ଶୃଙ୍ଖଳିତ ନିର୍ବାଚନ ପାଇଁ ସବୁ ସ୍ତରରେ ଉଦ୍ୟମ ଜାରି ରହିଥିବାବେଳେ ମାଓବାଦୀ ହିଂସାକାଣ୍ଡ ଘଟାଇବା ଆଶଙ୍କା କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ବିଏସ୍‌ଏଫ୍, ସ୍ଥାନୀୟ ପୋଲିସ ସହାୟତାରେ ଅପରେଶନ ଜୋରଦାର ହୋଇଥିବାବେଳେ ଛତିଶଗଡ଼ ଏବଂ ଓଡ଼ିଶା ପୋଲିସର ସମନ୍ୱୟରେ ଏକ ସ୍ପେଶାଲ ଟିମ୍ ଗଠନ କରାଯାଇ ସର୍ଚ୍ଚ ଅପରେଶନ ଜାରି ରହିଛି।

ଛତିଶଗଡ଼ ସୀମାନ୍ତକୁ ଲାଗି ନୂଆପଡ଼ା ରହିଥିବାରୁ ମାଓବାଦୀ ପ୍ରବେଶ କରି ନିର୍ବାଚନରେ ବିଶୃଙ୍ଖଳା ଓ ହିଂସା ଘଟାଇବାର ଆଶଙ୍କା ରହିଛି। ତେଣୁ ସୀମାନ୍ତ ସମସ୍ତ ଅଞ୍ଚଳକୁ ସିଲ୍ କରାଯାଇଥିବାବେଳେ ଡ୍ରୋନ୍ ମାଧ୍ୟମରେ ଆକାଶମାର୍ଗରୁ ମାଓବାଦୀଙ୍କ ଉପରେ ନଜର ରଖାଯାଇଛି। ମାଓବାଦୀ ସକ୍ରିୟତା ନେଇ ଖବର ମିଳିବା ମାତ୍ରେ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଉଛି। ବିଶେଷକରି ଛତିଶଗଡ଼ ସଂଲଗ୍ନ ଜଙ୍ଗଲ ସୁନାବେଡ଼ା କୋର୍ ଅଞ୍ଚଳକୁ ଲାଗିଥିବାରୁ ପୋଲିସ ଏହି ଅଞ୍ଚଳ ଉପରେ ଅଧିକ ଫୋକସ୍ କରୁଛି। ଜଙ୍ଗଲର ପରିସୀମା ବଡ଼ ହୋଇଥିବାରୁ ସମ୍ପୂର୍ଣ୍ଣ ଜଙ୍ଗଲରେ ଅପରେଶନ କରିବା ଚ୍ୟାଲେଞ୍ଜ ହୋଇଛି। ତେଣୁ ଜଙ୍ଗଲ ଚାରିପଟ ଏବଂ ଜଙ୍ଗଲ ଭିତରେ ଡ୍ରୋନ୍ ମାଧ୍ୟମରେ ଅପରେଶନ କରାଯାଉଛି ବୋଲି ଆଣ୍ଟି ମାଓବାଦୀ ଅପରେଶନର ଏଡିଜି ସଞ୍ଜୀବ ପଣ୍ଡା ସୂଚନା ଦେଇଛନ୍ତି। ସେ କହିଛନ୍ତି, ନୂଆପଡ଼ା ନିର୍ବାଚନ ଆଉ ଅଳ୍ପଦିନ ଥିବାରୁ ମାଓବାଦୀଙ୍କ ଉପରେ ଅଧିକ ନଜର ରହିଛି। ଛତିଶଗଡ଼ରୁ ନୂଆପଡ଼ାକୁ ରହିଥିବା ପ୍ରବେଶ ପଥରେ କ୍ୟାମ୍ପ କରାଯାଇ ଯାଞ୍ଚ କରାଯାଉଛି। ସମ୍ବେଦନଶୀଳ ବୁଥ୍ ଉପରେ କଡ଼ା ନଜର ରହିଛି। ଏସ୍‌ପିଙ୍କ ସହ ଆଲୋଚନ କରାଯାଇ ଯେଉଁ ସ୍ଥାନରେ ସୁରକ୍ଷା ଆବଶ୍ୟକ, ସେଠାରେ ପୋଲିସ ମୁତୟନ ରହୁଛନ୍ତି। ବିଶେଷକରି ନିର୍ବାଚନ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଉଛି। ନିର୍ବାଚନ ଦିନ ପୋଲିସ ପାଇଁ ଚ୍ୟାଲେଞ୍ଜ ରହିବ। ସେହିଦିନ ପୋଲିସ ଏବଂ ଯବାନ ଅଧିକ ସକ୍ରିୟ ରହିବେ। ଯେଉଁଠି କିଛି ଅଘଟଣ ନେଇ ଖବର ଆସିଲେ ତୁରନ୍ତ ସେଠାରେ ଆକ୍ସନ ନେବାକୁ କୁହାଯାଇଥିବା ଏଡିଜି ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ମାଓବାଦୀମାନେ ଡ୍ରୋନ୍ ବ୍ୟବହାର କରୁଥିବାରୁ ପୋଲିସ କିପରି ଏହାର ମୁକାବିଲା ପାଇଁ ଚ୍ୟାଲେଞ୍ଜମୂଳକ ପଦକ୍ଷେପ ଗ୍ରହଣ କରିବ ଓ ଶୃଙ୍ଖଳିତ ନିର୍ବାଚନ ସାରିବ ତାହା ଉପରେ ଏବେ ନଜର ରହିବ। କାରଣ ଗତ କିଛିଦିନ ହେବ ଛତିଶଗଡ଼ ସୀମାରେ ମାଓବାଦୀମାନେ ଡ୍ରୋନ୍ ଉଡ଼ାଉଥିବା ଦେଖିବାକୁ ମିଳିଥିଲା। ପୋଲିସ ଗତିବିଧି ଉପରେ ନଜର ରଖିବାକୁ ସେମାନେ ଡ୍ରୋନ୍ ବ୍ୟବହାର କରୁଥିବା କୁହାଯାଉଥିଲେ ମଧ୍ୟ ଏହା ମାଧ୍ୟମରେ କୌଣସି ଆକ୍ରମଣ ଯୋଜନା ଆଶଙ୍କାକୁ ମଧ୍ୟ ଏଡାଇ ଦେଇ ହେଉନାହିଁ। ଡ୍ରୋନ୍ କମ୍ ଦାମ୍‌ରେ ମିଳିଯାଉଛି। ହେଲେ ଏହାକୁ କିଣି ଉଡ଼ାଇବା ଉପରେ ନିର୍ବାଚନୀ କଟକଣା ଲଗାଯାଉ ନ ଥିବାରୁ ମାଓବାଦୀମାନେ ଏହାର ଫାଇଦା ନେବାର ସମ୍ଭାବନା ରହୁଛି। ଗତ କିଛିଦିନ ହେଲା ପୋଲିସର ଆକ୍ରମଣ ଓ ଏନ୍‌କାଉଣ୍ଟର ଯୋଗୁ ବହୁ ମାଓବାଦୀଙ୍କ ମୃତ୍ୟୁ ଘଟିଲାଣି। ଫଳରେ ସେମାନଙ୍କ ସଙ୍ଗଠନ ଏବେ ସଙ୍କଟରେ ରହିଥିବାବେଳେ ମାଓବାଦୀମାନେ ଦଳଦଳ ହୋଇ ଆତ୍ମସମର୍ପଣ କରୁଛନ୍ତି। ତେଣୁ ମାଓବାଦୀମାନେ ନିଜ ସଙ୍ଗଠନ ବଢ଼ାଇବା ପାଇଁ ଅର୍ଥ ଲୋଭ ଦେଖାଇ ଗରିବ ଓ ନାବାଳକଙ୍କୁ ସାମିଲ କରୁଥିବାବେଳେ ଆଗାମୀ ନୂଆପଡ଼ା ଉପନିର୍ବାଚନରେ ସେମାନଙ୍କୁ ବ୍ୟବହାର କରି ନିଜ ଉପସ୍ଥିତିକୁ ଦର୍ଶାଇବାକୁ କିଛି ଘଟଣା ଘଟାଇପାରନ୍ତି ବୋଲି ଆଶଙ୍କା କରାଯାଉଛି।

## ଟ୍ରେନ୍‌ରୁ ପଡ଼ି ଦାଦନ ଶ୍ରମିକଙ୍କ ମୃତ୍ୟୁ


ସୂର୍ଯ୍ୟ ନାରାୟଣ ପ୍ରଧାନ

ଛତ୍ରପୁର,୭।୧୧ (ଦିଲୀପ ସାମଲ)

ଭିଟାମାଟିକୁ ଫେରୁଥିବା ଗଞ୍ଜାମ ଜିଲାର ଜଣେ ଦାଦନ ଶ୍ରମିକଙ୍କ ଆନ୍ଧ୍ରପ୍ରଦେଶରେ ଟ୍ରେନ୍‌ରୁ ଖସି ମୃତ୍ୟୁ ଘଟିଛି। ସେ ହେଲେ ଛତ୍ରପୁର ବ୍ଲକ ସୁନ୍ଦରପୁର ତଳସାହି ଶଙ୍କର ପ୍ରଧାନଙ୍କ ସାନ ପୁଅ ସୂର୍ଯ୍ୟ ନାରାୟଣ ପ୍ରଧାନ(୨୬)। ପରିବାର ପ୍ରତିପୋଷଣ ପାଇଁ ସୂର୍ଯ୍ୟ ନାରାୟଣ ୨ବର୍ଷ ତଳେ ଚେନ୍ନାଇ ଯାଇଥିଲେ। ସେଠାରେ ତାଙ୍କ ମା'ବାପା ମଧ୍ୟ ଥିଲେ। କୌଣସି ଏକ କାମ ପାଇଁ ସମସ୍ତେ ଟ୍ରେନ୍ ଯୋଗେ ଗାଁକୁ ଫେରୁଥିଲେ। ଶୁକ୍ରବାର ଆନ୍ଧ୍ରପ୍ରଦେଶ କାକିନଡା ନିକଟରେ ସୂର୍ଯ୍ୟ ନାରାୟଣ କୌଣସି ପ୍ରକାରେ ଟ୍ରେନ୍‌ରୁ ଖସି ପଡିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସେହି ଟ୍ରେନର ଅନ୍ୟ ଏକ ବଗିରେ ସୂର୍ଯ୍ୟ ନାରାୟଣଙ୍କ ମା' ବାପା ଥିଲେ। ଖବର ପାଇ ସ୍ଥାନୀୟ ଜିଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି କାଳିଆ ନାହାକ ଘଟଣାସ୍ଥଳରେ ପହଞ୍ଚି ମୃତଦେହ କିପରି ଗାଁକୁ ଫେରିବ ତାହାର ବ୍ୟବସ୍ଥା କରିବା ସହ ଜିଲା ପ୍ରଶାସନକୁ ଅବଗତ କରାଇଥିଲେ। ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ତହସିଲାଦର ମନୋଜ ପ୍ରଧାନ ସୂର୍ଯ୍ୟନାରାୟଣଙ୍କ ଘରେ ପହଞ୍ଚି ତାଙ୍କ ମା'ଙ୍କୁ ୩୦ ହଜାର ଟଙ୍କା ରେଡକ୍ରସରୁ ସହାୟତା ପ୍ରଦାନ କରିଛନ୍ତି।

# 'ବନ୍ଦେ ମାତରମ୍'ର ୧୫୦ତମ ବର୍ଷପୂର୍ତ୍ତି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ



## ପ୍ରଭାବ ଦେଖି ବ୍ରିଟିଶ ଶାସକ ବନ୍ଦେ ମାତରମ୍ ବ୍ୟାନ୍ କରିଥିଲେ: ମୋହନ

ଭୁବନେଶ୍ୱର,୭।୧୧(ସୁନିତ୍ ମିଶ୍ର)

ବନ୍ଦେ ମାତରମ୍ କେବଳ ଗୀତ ନୁହେଁ, ଏହା ରାଷ୍ଟ୍ରପ୍ରେମ, ତ୍ୟାଗ ଓ ବୀରତାର ପ୍ରତୀକ। ବଙ୍କିମ୍‌ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ 'ଆନନ୍ଦ ମଠ' ଉପନ୍ୟାସରୁ ଜନ୍ମ ନେଇଥିବା ଏହି ଗୀତ ସ୍ୱାଧୀନତା ସଂଗ୍ରାମ ସମୟରେ ଦେଶବାସୀଙ୍କ ମନରେ ଜାଗୃତି, ଉତ୍ସାହ ଓ ବୈପ୍ଳବିକ ମନୋଭାବ ଜଗାଇଥିଲା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଲୋକ ସେବା ଭବନରେ ଆୟୋଜିତ ରାଜ୍ୟ ସ୍ତରୀୟ ରାଷ୍ଟ୍ର ଗୀତ 'ବନ୍ଦେ ମାତରମ୍'ର ୧୫୦ତମ ବର୍ଷପୂର୍ତ୍ତି କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ଶୁକ୍ରବାର ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମ ନୂଆଦିଲ୍ଲୀରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଉଦ୍‌ଘାଟିତ ହେବା ସହ ରାଷ୍ଟ୍ରଗୀତ ବନ୍ଦେ ମାତରମ୍ ସାମୂହିକ ଗାନରେ ମୁଖ୍ୟମନ୍ତ୍ରୀ ସାମିଲ ହୋଇଛନ୍ତି।

ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଛନ୍ତି, ଏହି ଗୀତର ଲୋକପ୍ରିୟତା ଓ ପ୍ରଭାବକୁ ଦେଖି ବ୍ରିଟିଶ ଶାସକମାନେ ବନ୍ଦେ ମାତରମ୍ ବ୍ୟାନ କରିଥିଲେ, ଯାହା ଏହି ଗୀତର ଶକ୍ତିର ସ୍ପଷ୍ଟ ପ୍ରମାଣ। କେଉଁ ଭାଷା, କେଉଁ ଧର୍ମ ବା କେଉଁ ଅଞ୍ଚଳର ହେଲେ ବି ଦେଶପ୍ରେମ ବିନା ଦେଶର ଉନ୍ନତି ଅସମ୍ଭବ। ବନ୍ଦେ ମାତରମ୍ ଆମ ହୃଦୟରେ ଦେଶପ୍ରେମର ଅଗ୍ନିକୁ ପୁନଃଜାଗ୍ରତ କରିଥାଏ। ଯୁବପିଢ଼ି, ପିଲାମାନେ, ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଦେଶପ୍ରେମ ଜାଗ୍ରତ କରିବା ପାଇଁ ଏହି ବର୍ଷବ୍ୟାପୀ ପାଳନ ଖୁବ୍ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି। ବର୍ତ୍ତମାନ ସମସ୍ତେ ସାରା ଭାରତର ଲୋକ, କଶ୍ମୀରରୁ କନ୍ୟା କୁମାରୀ ପର୍ଯ୍ୟନ୍ତ, ବନ୍ଦେ ମାତରମ୍ ସାମୂହିକ ଭାବେ ଗାନ୍ କରିବାର ପ୍ରଭାବ ଖୁବ୍ ସୁଦୂରପ୍ରସାରୀ। ବିଶେଷକରି ଛୋଟ ପିଲା, ଛାତ୍ର ଓ ଯୁବକମାନଙ୍କ ଉପରେ ଏହାର ଖୁବ୍ ପ୍ରଭାବ ରହିବ। ଆଗାମୀ ଦିନରେ ଏହା ରାଷ୍ଟ୍ରବାଦକୁ ଏକ ନୂଆ ସଂଜ୍ଞା ଦେବାରେ ସଫଳ ହେବ। ଆଗାମୀ ବର୍ଷେ ଧରି ସମସ୍ତ ଜିଲାରେ ସ୍କୁଲ, କଲେଜ, ସରକାରୀ ଓ ବେସରକାରୀ ସଙ୍ଗଠନମାନଙ୍କ ମାଧ୍ୟମରେ ସାମୂହିକ ଗାନ, ସାଂସ୍କୃତିକ ଆୟୋଜନ ଓ ସଚେତନତା କାର୍ଯ୍ୟକ୍ରମ ଚାଲିବାକୁ ଯୋଜନା କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସମସ୍ତେ ଏହି ବର୍ଷବ୍ୟାପୀ କାର୍ଯ୍ୟକ୍ରମରେ ସାମିଲ ହେବା ଦରକାର। ବର୍ତ୍ତମାନ ଏହାର ଶୁଭାରମ୍ଭ ହେଲା, ବର୍ଷବ୍ୟାପୀ ଯାହା କାର୍ଯ୍ୟକ୍ରମ ହେବ ସେଥିରେ ସମସ୍ତେ ସାମିଲ ହେବା ସହିତ ଭାରତ ମାତାର ଗୌରବକୁ ପୃଥିବୀରେ ପରିବ୍ୟାପ୍ତ କରିବା ପାଇଁ ସଂକଳ୍ପବଦ୍ଧ ହେବା ବୋଲି ମୁଖ୍ୟମନ୍ତ୍ରୀ ଆହ୍ୱାନ କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ବିଜୟ କେତନ ଉପାଧ୍ୟାୟ ସହ ସମସ୍ତ ବିଭାଗୀୟ ସଚିବ, ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ରାଷ୍ଟ୍ରଗୀତ ବନ୍ଦେ ମାତରମ୍ ଗାନ କରିଛନ୍ତି।

## ବହୁଚର୍ଚ୍ଚିତ ଏସ୍‌ଆଇ ପରୀକ୍ଷା କେଲେଙ୍କାରୀ

# ଆର୍ଥିକ କାରବାରର ତଦନ୍ତ କରିବ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ

ଭୁବନେଶ୍ୱର,୭।୧୧(ସତ୍ୟଜିତ ରାଉତ)

ବହୁଚର୍ଚ୍ଚିତ ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି କେଲେଙ୍କାରୀରେ କ୍ରାଇମବ୍ରାଞ୍ଚ ତଦନ୍ତକୁ ଜୋର୍‌ଦାର କରିଛି। ରିମାଣ୍ଡରେ ଥିବା ମାଷ୍ଟରମାଇଣ୍ଡ୍ ଶଙ୍କର ପୃଷ୍ଟି ଓ ମଧ୍ୟସ୍ଥ ଅରବିନ୍ଦ ଦାସଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ ଗୁଡାଇତୁଡାଇ ପ୍ରଶ୍ନ ପଚାରି ତଥ୍ୟ ହାସଲ କରିବାରେ ଲାଗିଛି। ଅନ୍ୟପକ୍ଷରେ ଏହି ଦୁର୍ନୀତିରେ ବହୁ କୋଟି ଟଙ୍କା କାରବାର ହୋଇଥିବା ଅଭିଯୋଗ ରହିଥିବାରୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଘଟଣାକୁ ଗୁରୁତ୍ୱର ସହ ନେଇଛି। ଖୁବଶୀଘ୍ର କ୍ରାଇମବ୍ରାଞ୍ଚଠାରୁ ମାମଲା ସମ୍ପର୍କିତ ତଥ୍ୟ ଆଣି ଇଡି ବେଆଇନ ଅର୍ଥ କାରବାରର ତଦନ୍ତ କରିବ ବୋଲି ସୂଚନା ମିଳିଛି। ତେବେ ଘଟଣାରେ ମୁଖ୍ୟମନ୍ତ୍ରୀ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ତଦନ୍ତ ପାଇଁ ସୁପାରିଶ୍ କରିଥିବାବେଳେ ଇଡି ଘଟଣା ଉପରେ ନଜର ରଖିଥିବାରୁ ଘଟଣାରେ ସମ୍ପୃକ୍ତ ବଡ଼ବଡିଆଙ୍କ ମଧ୍ୟରେ ଛନକା ପଶିଛି। ଅପରପକ୍ଷରେ ରିମାଣ୍ଡ ବେଳେ ଶଙ୍କର ତଦନ୍ତରେ ସହଯୋଗ କରୁ ନ ଥିବା ଜଣାପଡିଛି। ସେ ଅନେକ ତଥ୍ୟ ଲୁଚାଉଥିବାରୁ ତଦନ୍ତକାରୀ ଟିମ୍ ଅଡୁଆରେ ପଡିଛି। ତେଣୁ ଶଙ୍କରଙ୍କ ଲାଏ ଡିଟେକ୍ସନ୍ ଟେଷ୍ଟ କରି ସତ ପଦାକୁ ଆଣିବାକୁ କ୍ରାଇମବ୍ରାଞ୍ଚ ନିଷ୍ପତ୍ତି ନେଇଥିବା ଜଣାପଡିଛି। ଏପରିକି ଗିରଫ ହୋଇ ଜେଲରେ ଥିବା ସିଲିକନ୍ ଟେକ୍ ପ୍ରାଇଭେଟ୍ ଲିମିଟେଡ୍ ମାଲିକ(ପ୍ରମୋଟର) ସୁରେଶ ଚନ୍ଦ୍ର ନାୟକଙ୍କ ମଧ୍ୟ ଲାଏ ଡିଟେକ୍ସନ୍ ଟେଷ୍ଟ କରିବାକୁ କ୍ରାଇମବ୍ରାଞ୍ଚ ଯୋଜନା କରୁଛି। ତେବେ ଶଙ୍କର ଓ ଅରବିନ୍ଦଙ୍କର ଶନିବାର ରିମାଣ୍ଡ ସରୁଥିବାରୁ ଏହାରି ମଧ୍ୟରେ ତଦନ୍ତକାରୀ ଟିମ୍ ତାଙ୍କୁ ମାରାଥନ୍ ଜେରା କରି ତଥ୍ୟ ହାସଲ କରିବାରେ ଲାଗିଛି। ଅଭିଯୁକ୍ତଙ୍କ ନିକଟରୁ ଜବତ ହୋଇଥିବା ଟେକ୍ନିକାଲ୍ ଡିଭାଇସ୍ ରାଜ୍ୟ ଫୋରେନସିକ୍ ସାଇନ୍ସ ଲାବରେଟୋରି (ଏସଏଫ୍‌ଏସ୍‌ଏଲ୍)କୁ ଯାଇଥିବାବେଳେ ଏହାର କିଛି ଯାଞ୍ଚ ରିପୋର୍ଟ କ୍ରାଇମବ୍ରାଞ୍ଚକୁ ଦିଆଯାଇଛି। ଏହାକୁ ଆଧାର କରି କ୍ରାଇମବ୍ରାଞ୍ଚ ଅଧିକ ଛାନଭିନ୍ ଚଳାଇଛି। ଉଲ୍ଲେଖଯୋଗ୍ୟ, ଏସ୍‌ଆଇ ପରୀକ୍ଷା ପରିଚାଳନା ଦାୟିତ୍ୱ ପାଇଥିବା କେନ୍ଦ୍ରୀୟ ସଂସ୍ଥା ଆଇଟିଆଇ ଲିମିଟେଡ୍ ଏହି କାର୍ଯ୍ୟକୁ ସିଲିକନ୍ ଟେକ୍‌କୁ ସବ୍ ଟେଣ୍ଡର ଦେଇଥିଲା। ଅଭିଯୁକ୍ତ ସୁରେଶ ପ୍ରଶ୍ନପତ୍ର ପ୍ରସ୍ତୁତି, ମୁଦ୍ରଣ ଏବଂ ପରିବହନ କରିଥିଲେ। ଫଳରେ ସୁରେଶ ଓ ଶଙ୍କର ନିୟମିତ ଯୋଗାଯୋଗରେ ରହି ପୂରା କେଲେଙ୍କାରୀ କରିବାକୁ ଯୋଜନା କରିଥିଲେ। ସୁରେଶ ତାଙ୍କ ନୂଆଦିଲ୍ଲୀ କାଲକାଜୀସ୍ଥିତ କମ୍ପାନୀ ଗେଷ୍ଟ ହାଉସ୍‌ରେ ଶଙ୍କରଙ୍କୁ ଆଶ୍ରୟ ଦେବା ସହ ଫେରାର ମଧ୍ୟ କରାଇଥିଲେ। ତେବେ ଏହି ମାମଲାରେ ଗିରଫ ହୋଇଥିବା ୧୧୪ ଚାକିରି ଆଶାୟୀ ଜାମିନରେ ମୁକୁଳିଥିବାବେଳେ ମାଷ୍ଟରମାଇଣ୍ଡ୍ ଶଙ୍କର ଓ ଅରବିନ୍ଦ ରିମାଣ୍ଡରେ ଏବଂ ଅନ୍ୟ ୯ଜଣ ଜେଲରେ ଅଛନ୍ତି।

# ତୀର୍ଥଯାତ୍ରୀ ବସ୍ ଦୁର୍ଘଟଣାଗ୍ରସ୍ତ, ୧୬ ଗୁରୁତର

ବଇଣ୍ଡା,୭।୧୧(ପରିକ୍ଷିତ ସାହୁ)


ରାଜପଥ ଡିଭାଇଡରରେ ପିଟି ହୋଇଯାଇଥିବା ତୀର୍ଥଯାତ୍ରୀ ବସ୍।

କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ଅନୁଗୋଳ ଜିଲା ହଣ୍ଡପା ଥାନା ଲୁହାମୁଣ୍ଡାଠାରେ ଶୁକ୍ରବାର ଭୋର ୫ଟାରେ ଏକ ତୀର୍ଥଯାତ୍ରୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ବସ୍ ଚାଳକଙ୍କୁ ମିଶାଇ ୧୬ଜଣ ତୀର୍ଥଯାତ୍ରୀ ଗୁରୁତର ହୋଇଛନ୍ତି। ସେମାନଙ୍କୁ ସ୍ଥାନୀୟ ଅଞ୍ଚଳବାସୀ ଉଦ୍ଧାର କରି କିଶୋରନଗର ମେଡିକାଲରେ ଭର୍ତ୍ତି କରିଛନ୍ତି।

ସୂଚନା ଅନୁଯାୟୀ, ମା' ସମଲେଇଙ୍କ ଦର୍ଶନ ପାଇଁ ଭୁବନେଶ୍ୱର ଉପକଣ୍ଠ ବିଭିନ୍ନ ଅଞ୍ଚଳରୁ ତୀର୍ଥଯାତ୍ରୀଙ୍କୁ ନେଇ ଏକ ବସ୍ (ଓଡି୦୨ ସିଏମ୍-୫୫୭୧) ସମ୍ବଲପୁର ଅଭିମୁଖେ ଯାଉଥିବା ବେଳେ ଚାଳକ ଭାରସାମ୍ୟ ହରାଇବାରୁ ଗାଡ଼ିଟି ଲୁହାମୁଣ୍ଡାଠାରେ ଜାତୀୟ ରାଜପଥ ଡିଭାଇଡରରେ ପିଟି ହୋଇଯାଇଥିଲା। ଫଳରେ ବସ୍‌ରେ ଥିବା ଭୁବନେଶ୍ୱର ବାଲକାଟି ଅଞ୍ଚଳର ମାନସ ରଞ୍ଜନ ସାହୁ, ଦେବଶ୍ରୀ ବେହେରା, କରିଷ୍ମା ବେହେରା, ବୁବୁନ ମହାପାତ୍ର, ରିନା ବେହେରା, ଯୋଗେନ୍ଦ୍ର ସାହୁ, ମାମିନା ସାହୁ, ମିତାଲି ସାହୁ, ଚନ୍ଦନ କୁମାର ବେହେରା, ପୂଜା ପତି, ରଶ୍ମି ପ୍ରସାଦ ମହାପାତ୍ର, ୫ ବର୍ଷର ବାଳକ ପ୍ରିୟାଂଶୁ ବେହେରା, ନାରାୟଣ ମହାପାତ୍ର, ଲକ୍ଷ୍ମୀପ୍ରିୟା ମହାପାତ୍ର, ସସ୍ମିତା ସାହୁ, ଟଙ୍କପାଣି ରୋଡ୍‌ର ଚନ୍ଦ୍ରଶେଖର ନାୟକ ଗୁରୁତର ହୋଇଥିଲେ। ଖବରପାଇ ବଇଣ୍ଡା ଫାଣ୍ଡି ଅଧିକାରୀ ତପନ କୁମାର ରାଏ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିକୁ ଜବତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି।

# 'ରେଡିଓଗ୍ରାଫର ଅଦୃଶ୍ୟକୁ ଦେଖିପାରନ୍ତି'

## ଆଜି ଅନ୍ତର୍ଜାତୀୟ ରେଡିଓଲୋଜି ଦିବସ



ପ୍ରତିବର୍ଷ ନଭେମ୍ବର ୮ରେ ପାଳିତ ହୋଇଥାଏ 'ଅନ୍ତର୍ଜାତୀୟ ରେଡିଓଲୋଜି ଦିବସ'। ୱିଲିୟମ୍ କନାର୍ଡ ରନ୍ତଜେନ୍ ନଭେମ୍ବର ୮, ୧୮୯୫ ମସିହାରେ ଏକ ଯୁଗାନ୍ତକାରୀ ଆବିଷ୍କାର କରିଥିଲେ। ସେ ଜଣେ ଇଞ୍ଜିନିୟର ଓ ପଦାର୍ଥ ବିଜ୍ଞାନୀ ଥିଲେ। ଥରେ ସେ କ୍ୟାଥୋଡ ରଶ୍ମିରେ କିଛି ପରୀକ୍ଷା କରୁଥିବା ବେଳେ ହଠାତ୍ ଏକ ଉଜ୍ଜ୍ୱଳ ପରଦା ଦେଖିବାକୁ ପାଇଲେ। ସେହି ରଶ୍ମି ପଥରେ ନିଜର ହାତ ରଖିବା ସମୟରେ ସେ ସେହି ତେଜସ୍କ୍ରିୟ ରଶ୍ମି ଦ୍ୱାରା ନିଜ ହାଡ଼ସବୁ ପରିଷ୍କାର ଭାବରେ ଦେଖିପାରିଲେ। ଏହି ଆବିଷ୍କାର ଚିକିତ୍ସା ବିଜ୍ଞାନରେ ରୋଗ ନିରୂପଣ, ଶଲ୍ୟ ଚିକିତ୍ସା ଓ ରଶ୍ମି ଚିକିତ୍ସାରେ ବୈପ୍ଳବିକ ପରିବର୍ତ୍ତନ ଆଣିଲା। ତାଙ୍କରି ସ୍ମୃତିରେ ୨୦୦୭ରୁ ପ୍ରତିବର୍ଷ ନଭେମ୍ବର ୮ରେ ଏହି ଦିବସ ପାଳିତ ହୋଇଆସୁଅଛି। ଚଳିତ ବର୍ଷ ଏହି ଦିବସ ଲାଗି ଥିମ୍ ରହିଛି 'ରେଡିଓଗ୍ରାଫର ଅଦୃଶ୍ୟକୁ ଦେଖିପାରନ୍ତି'।

ଏକ୍ସ-ରେ' ଆବିଷ୍କାର ଦ୍ୱାରା ଆମେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିପାରୁଛେ। ଏକ୍ସ୍-ରେ, ସିଟି ସ୍କାନ୍, ଏମ୍‌ଆର୍‌ଆଇ, ପିଇଟି ସ୍କାନ ଇତ୍ୟାଦି ଦ୍ୱାରା ବିନା ଅସ୍ତ୍ରୋପଚାର ଓ କଟାକଟିରେ ରୋଗ ନିର୍ଣ୍ଣୟ କରାଯାଇପାରୁଛି। ଏହା ଶରୀରର କୌଣସି କ୍ଷତ ବା କଟାକଟି ବିନା କରାଯାଇପାରୁଛି। ଏହାଦ୍ୱାରା ଆଭ୍ୟନ୍ତରୀଣ ଅଙ୍ଗକୁ ବିନା ଅସ୍ତ୍ରୋପଚାରରେ ଦେଖାଯାଇପାରୁଛି। ବାୟୋପ୍‌ସି, ଟ୍ୟୁମର ଅପସାରଣ, କ୍ୟାଥେଟର ଓ ଷ୍ଟେଣ୍ଟ ଇତ୍ୟାଦି ରୋପଣ କରିବା ବେଳେ ଏହି ରଶ୍ମି ଦ୍ୱାରା ଠିକ୍ ପଥ ପ୍ରଦର୍ଶନ କରାଯାଇପାରୁଛି। ରୋଗର ଚିକିତ୍ସା ଦ୍ୱାରା କେତେ ଅଗ୍ରଗତି ହୋଇଛି ତାହା ମଧ୍ୟ ଜଣାପଡୁଛି। ତ୍ୱରିତ ଚିକିତ୍ସା ପାଇଁ ଏହା ଏକ ବରଦାନ ସଦୃଶ ହୋଇଛି। ଗୁରୁତର ରୋଗ, ଯାହା ଅସ୍ତ୍ରୋପଚାରକୁ ଅତିକ୍ରମ କରିଯାଇଛି, ସେଗୁଡିକର ଉପଯୁକ୍ତ ଚିକିତ୍ସା କରାଯାଇପାରୁଛି। ରେଡିଓଲୋଜିକୁ ଏବେ ରେଡିଓଡାଇଗ୍ନୋସିନ୍ କୁହାଯାଉଛି। ଏମବିବିଏସ୍ ପରେ ଏଥିଲାଗି ତିନି ବର୍ଷର ପିଜି ପାଠ୍ୟକ୍ରମ ରହିଛି। ସେହିପରି ରେଡିଓଥେରାପି ମଧ୍ୟ ତିନି ବର୍ଷର ପିଜି ପାଠ୍ୟକ୍ରମ, ଯହିଁରେ କ୍ୟାନ୍‌ସର ରଶ୍ମି ଚିକିତ୍ସା ଅନ୍ତର୍ଭୁକ୍ତ। ଏହା କ୍ୟାନସର ଚିକିତ୍ସା ସହ ଅଙ୍ଗାଙ୍ଗୀ ଭାବରେ ଜଡିତ। ରେଡିଓଲୋଜିଷ୍ଟମାନେ ଡାକ୍ତର ହୋଇଥିବା ବେଳେ ରେଡିଓଗ୍ରାଫରମାନେ ତାଲିମପ୍ରାପ୍ତ ଟେକ୍ନିସିଆନ ଅଟନ୍ତି। ଏମାନଙ୍କର ଭୂମିକା ଚିକିତ୍ସା ବିଜ୍ଞାନରେ ଗୁରୁତ୍ୱପୂର୍ଣ୍ଣ। ମାତ୍ର ପରିତାପର ବିଷୟ ଅନେକ ସତର୍କତା ସତ୍ତ୍ୱେ ଏମାନଙ୍କୁ କାର୍ଯ୍ୟସ୍ଥଳରେ ତେଜସ୍କ୍ରିୟତା ରଶ୍ମିର ସାମ୍ନା କରିବାକୁ ପଡିଥାଏ, ଯାହାକି ଶରୀର ଏବଂ ପ୍ରାଥମିକ ସ୍ତରରେ ଥିବା କୋଷ ପାଇଁ କ୍ଷତିକାରକ।

ଯଦି ଆମର ସେମିତି ଆବଶ୍ୟକତା ନାହିଁ, ଆମେ ସିଟି ସ୍କାନ୍ ଓ ଏମ୍‌ଆରଆଇ ଇତ୍ୟାଦି ଅନେକ ଥର କରିବା ଉଚିତ ନୁହେଁ। ଏହି ରଶ୍ମି ସବୁ ଆମର ମସ୍ତିଷ୍କ ତଥା ପ୍ରଜନନ ଅଙ୍ଗର କୋଷିକାଗୁଡିକର ଅନେକ କ୍ଷତି ସାଧନ କରିଥାଆନ୍ତି। ରେଡିଓ ଥେରାପି ପରେ ଲୋକଟି ଶେତା ପଡିଯାଏ, ମୁହଁ ଶୁଖିଯାଏ ଏବଂ ଦେହ କଳା ପଡ଼ିଯାଏ। ଆଣବିକ ଶକ୍ତିର ଦୁଇଟି ପାର୍ଶ୍ୱ ଯଥା-ହିତକାରୀ ଏବଂ ଅନିଷ୍ଟକାରୀ ରହିଛି। ଆମେ ପ୍ରଥମଟି କରିବା, ଦ୍ୱିତୀୟଟି ନୁହେଁ।

**-ଡା. ରାମଚନ୍ଦ୍ର ରାଉତ,**
**ବରିଷ୍ଠ ଚିକିତ୍ସକ, ଭୁବନେଶ୍ୱର**
**ମୋ :୮୨୪୯୦୮୭୯୯୫**


କ୍ୟାଟ୍ରିନା କୈଫ

# ମା' ହେଲେ କ୍ୟାଟ୍ରିନା

ମୁମ୍ବାଇ

ବିବାହର ଚାରି ବର୍ଷ ପରେ ବଲିଉଡ ଅଭିନେତ୍ରୀ କ୍ୟାଟ୍ରିନା କୈଫ ମା' ହୋଇଛନ୍ତି। କ୍ୟାଟ୍ରିନା ଏକ ପୁତ୍ର ସନ୍ତାନର ଜନନୀ ହୋଇଥିବା ନେଇ ତାଙ୍କ ସ୍ୱାମୀ ଭିକି କୌଶଲ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ସେମାନେ ନଭେମ୍ବର ୭ ଶୁକ୍ରବାର ସେମାନଙ୍କ ନବଜାତ ପୁଅକୁ ସ୍ୱାଗତ କରିଛନ୍ତି। ଭିକି ଇନ୍‌ଷ୍ଟାଗ୍ରାମ୍‌ରେ ଏକ ପୋଷ୍ଟ ଶେୟାର କରି ସୂଚନା ଦେବା ପରେ ବଲିଉଡ ତାରକାଙ୍କଠାରୁ ଆରମ୍ଭ କରି ପ୍ରଶଂସକଙ୍କ ପର୍ଯ୍ୟନ୍ତ ସମସ୍ତେ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ, ନବରାତ୍ରିର ଦ୍ୱିତୀୟ ଦିନର ପବିତ୍ର ଅବସରରେ ସେପ୍ଟେମ୍ବର ୨୩ରେ କ୍ୟାଟ୍ରିନା ଏବଂ ଭିକି ପ୍ରେଗନେନ୍ସି ସମ୍ପର୍କରେ ଘୋଷଣା କରିଥିଲେ।

କ୍ୟାଟ୍ରିନା ଏବଂ ଭିକିଙ୍କ ବିବାହ ୨୦୨୧ରେ ରାଜସ୍ଥାନର ସୱାଇ ମାଧୋପୁରର ସିକ୍ସ ସେନ୍ସ ଫୋର୍ଟ ରିସର୍ଟରେ ହୋଇଥିଲା। ଦମ୍ପତିଙ୍କ ଗର୍ଭଧାରଣର ଗୁଜବ ବହୁତ ଦିନ ଧରି ପ୍ରସାରିତ ହେଉଥିଲା, କିନ୍ତୁ ଏହି ଦମ୍ପତି ଦୀର୍ଘ ସମୟ ଧରି ଏହାକୁ ଗୋପନ ରଖିଥିଲେ।

# ରାଜ୍ୟରେ ଶ୍ରେଷ୍ଠ, ଏସିଆରେ ୨୯୪ ସ୍ଥାନରେ କିଟ୍



## କ୍ୟୁଏସ୍ ଏସିଆ ୟୁନିଭର୍ସିଟି ର୍‍ୟାଙ୍କିଂ

ଭୁବନେଶ୍ୱର,୭।୧୧ (ଅନୁରାଧା ମହାରଣା)

କ୍ୟୁଏସ୍ ଏସିଆ ବିଶ୍ୱବିଦ୍ୟାଳୟ ର୍‍ୟାଙ୍କିଂ ୨୦୨୬ରେ କିଟ୍ ବିଶ୍ୱବିଦ୍ୟାଳୟ ଓଡ଼ିଶାରେ ଘରୋଇ ଓ ସରକାରୀ ବିଶ୍ୱବିଦ୍ୟାଳୟ ମଧ୍ୟରେ ଶ୍ରେଷ୍ଠ ସ୍ଥାନରେ ରହିଛି। ଏହା ସହିତ ସମଗ୍ର ଭାରତରେ କିଟ୍ ବିଶ୍ୱବିଦ୍ୟାଳୟ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ବେଳେ ଏସିଆରେ ୨୯୪ତମ ସ୍ଥାନ ହାସଲ କରିଛି। ସୂଚନାଥାଉକି, କ୍ୟୁଏସ୍ ଏସିଆ ବିଶ୍ୱବିଦ୍ୟାଳୟ ର୍‍ୟାଙ୍କିଂ ୨୦୨୬ରେ ବିଶ୍ୱର ୧୫ ଶହରୁ ଅଧିକ ବିଶ୍ୱବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ। ଏଥିରେ ୫୫୫ ନୂତନ ବିଶ୍ୱବିଦ୍ୟାଳୟ ରହିଥିଲା। ତେବେ ଏହି ସଫଳତାକୁ ନେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି, କ୍ୟୁଏସ୍ ଏସିଆ ବିଶ୍ୱବିଦ୍ୟାଳୟ ର୍‍ୟାଙ୍କିଂ କିଟ୍‌ର ଶୈକ୍ଷିକ ଉତ୍କର୍ଷତା କ୍ଷେତ୍ରରେ ନିରନ୍ତର ପ୍ରୟାସର ପ୍ରତିଫଳନ। ନିରବଚ୍ଛିନ୍ନ ଭାବେ ସମସ୍ତ ୱାର୍ଲଡ ର୍‍ୟାଙ୍କିଂରେ କିଟ୍ ବିଶ୍ୱବିଦ୍ୟାଳୟ ନିଜର ଉନ୍ନତ ର୍‍ୟାଙ୍କ ବଜାୟ ରଖି ଓଡ଼ିଶାକୁ ଗୌରବାନ୍ୱିତ କରିଆସିଛି। ଏହି ସଫଳତା ପାଇଁ ସେ କିଟ୍‌ର ସମସ୍ତ ଅଧ୍ୟାପିକାଅଧ୍ୟାପକ, କର୍ମଚାରୀ ଏବଂ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ଯେଉଁମାନେ ଗରିବ, ଅଜ୍ଞାନ, ନୀଚକୁଳରେ ଜାତ ଓ କଦର୍ଯ୍ୟ ପରିବେଶରେ ପ୍ରତିପାଳିତ ସେମାନଙ୍କୁ ଆମେ ଇତର ସାଧାରଣ ମଣିଷ ବୋଲି କହିବା ନାହିଁ ବରଂ ଅନ୍ୟପକ୍ଷରେ, ଆମେ ସେଇମାନଙ୍କୁ ହିଁ ଇତର ସାଧାରଣ ମଣିଷ କହିବା- ଯେଉଁମାନେ ଛୋଟ ଛୋଟ କଥାଗୁଡ଼ିକୁ ନେଇ ବଞ୍ଚିଥାନ୍ତି ଓ ଏକ ସାଧାରଣ ଜୀବନକୁ ନେଇ ସନ୍ତୁଷ୍ଟ ଥାନ୍ତି। -ଶ୍ରୀଅରବିନ୍ଦ



# ସ୍ୱାୟତ୍ତତା ପ୍ରାପ୍ତି



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଭାରତର ସେଣ୍ଟ୍ରାଲ ଆର୍ମଡ୍ ପୋଲିସ ଫୋର୍ସେସ୍ (ସିଏପିଏଫଏସ୍) ବା କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳର ଅଧିକାରୀମାନେ ଅନେକ ବର୍ଷ ଧରି ଗୁରୁତ୍ୱପୂର୍ଣ୍ଣ ପଦବୀ ନ ପାଇ ଅସନ୍ତୁଷ୍ଟ ରହିଛନ୍ତି। ସିଆର୍‌ପିଏଫ୍, ବିଏସ୍ଏଫ୍, ସିଆଇଏସ୍ଏଫ୍ ଏବଂ ଅନ୍ୟ ସବୁ ଫୋର୍ସର ଶୀର୍ଷ ପଦବୀଗୁଡ଼ିକରେ ଭାରତୀୟ ପୋଲିସ ସେବା (ଆଇପିଏସ୍) ଅଧିକାରୀମାନେ ଆଧିପତ୍ୟ ବିସ୍ତାର କରି ଆସିଛନ୍ତି। ସେମାନଙ୍କୁ ରାଜ୍ୟ କ୍ୟାଡରରୁ ଅଣାଯାଇ ନିଯୁକ୍ତ କରାଯାଉଥିବାବେଳେ ସିଏପିଏଫରେ ଥିବା ସମାନ ଯୋଗ୍ୟତା ସମ୍ପନ୍ନ ଅଧିକାରୀଙ୍କ କ୍ୟାରିୟର ଅଟକି ଯିବା ସେମାନେ ଲକ୍ଷ୍ୟ କରୁଛନ୍ତି। ତେବେ ସୁପ୍ରିମକୋର୍ଟ ଏହାର ମେ'୨୦୨୫ ରାୟର ପୁନର୍ବିଚାର କରିବା କେନ୍ଦ୍ର କରିଥିବା ଆବେଦନକୁ ଅସ୍ୱୀକାର କରିଛନ୍ତି, ଯେଉଁଥିରେ ସିଏପିଏଫଏସ୍‌ରେ ଆଇପିଏସ୍ ଡେପୁଟେଶନକୁ ପର୍ଯ୍ୟାୟକ୍ରମେ ୨ ବର୍ଷ ହ୍ରାସ କରିବାକୁ କୁହାଯାଇଥିଲା। ସିଏପିଏଫ୍‌କୁ ସଙ୍ଗଠିତ ଗ୍ରୁପ-ଏ ସର୍ଭିସ ବୋଲି ରାୟରେ କୁହାଯିବା ସହ ଦୀର୍ଘଦିନରୁ ମନା କରାଯାଇ ଆସୁଥିବା ନନ୍ ଫଙ୍କ୍‌ଶନାଲ ଫାଇନାନ୍ସିଆଲ ଅପଗ୍ରେଡେଶନ(ଏନଏଫ୍ଏଫ୍ୟୁ) ଓ ବ୍ୟବସ୍ଥାଗତ କ୍ୟାରିୟର ଅଗ୍ରଗତିକୁ ଅନୁମତି ଦେଇଛନ୍ତି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ରାୟରେ ସେମାନଙ୍କ ନେତୃତ୍ୱ ସ୍ତରୀୟ ପଦବୀଗୁଡ଼ିକର ଗରିମା ପୁନଃସ୍ଥାପିତ କରାଯାଇଛି। ଏହି ସ୍ତରରେ ଥିବା ମହିଳା ଏବଂ ପୁରୁଷ ଅଧିକାରୀମାନେ ରାଜ୍ୟ ସଚିବାଳୟର କନ୍‌ଫରେନ୍ସ ହଲ୍ ବଦଳରେ ସୀମା ଓ ମାଓବାଦୀ ପ୍ରବଣ ଅଞ୍ଚଳରେ ଅନେକ ଦଶନ୍ଧି ଧରି କାମ କରିଆସିଛନ୍ତି ବୋଲି ଦର୍ଶାଯାଇଛି। ଅବଶ୍ୟ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ (ଏମ୍ଏଚ୍ଏ)ଏହା କରିବାକୁ ଅନିଚ୍ଛା ପ୍ରକାଶ କରୁଛି। କିନ୍ତୁ ସୁପ୍ରିମକୋର୍ଟ ପୁନର୍ବିଚାର ଆବେଦନକୁ ରଦ୍ଦ କରିଥିବାରୁ ଏମ୍ଏଚ୍ଏ ଆଉ ନାରାଜ ନ ହୋଇ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ଆରମ୍ଭ କରୁ। କହିବାକୁ ଗଲେ ଅର୍ଦ୍ଧ ସାମରିକ ବଳଗୁଡ଼ିକ ସେମାନଙ୍କ ସ୍ୱାୟତ୍ତତା ପାଇଛନ୍ତି।

### ପଦବୀ ପୂରଣ ହେଉନି

ଅଜୟ ସେଠ୍ ନର୍ଥ ବ୍ଲକରୁ ଇନସ୍ୟୁରାନ୍ସ ରେଗୁଲେଟୋରି ଆଣ୍ଡ ଡେଭଲପମେଣ୍ଟ ଅଥରଟି ଅଫ୍ ଇଣ୍ଡିଆ(ଆଇଆର୍‌ଡିଏଆଇ)କୁ ଯିବା ୪ ମାସ ହୋଇଗଲାଣି, ତଥାପି ଅର୍ଥ ସଚିବ ପଦବୀ ଖାଲି ପଡ଼ିଛି। ସଂସ୍କାରଠାରୁ ଆରମ୍ଭ କରି ଟିକସୀକରଣ ପର୍ଯ୍ୟନ୍ତ ସବୁକିଛି ସଞ୍ଚାଳନ କରୁଥିବା ଏକ ମନ୍ତ୍ରଣାଳୟ ଏବେ ବିନା ନେତୃତ୍ୱରେ ଚାଲୁଛି। ରାଜସ୍ୱ, ବ୍ୟୟ, ଅର୍ଥନୈତିକ ବ୍ୟାପାର, ବିତ୍ତୀୟ ସେବା, ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏବଂ ଡିଆଇପିଏଏମ୍ ଭଳି ୬ଟି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ସମନ୍ୱୟ ରକ୍ଷା କରୁଥିବା ବ୍ୟକ୍ତି ଜଣକ ନ ଥିବାରୁ ସେସବୁ ନିଜ ଇଚ୍ଛାରେ ଚାଲିଛି। କ୍ୟାବିନେଟ ସଚିବ ଟି.ଭି. ସୋମନାଥନ ଏବେ ଦୁଇଟି ଦାୟିତ୍ୱ ସମ୍ଭାଳୁଥିବା କୁହାଯାଉଛି। ତେବେ ବଜେଟ ସମୟ ଶୀଘ୍ର ପାଖେଇ ଆସୁଥିବାରୁ ପଦବୀ ଖାଲି ରହିବା ଅତ୍ୟନ୍ତ ସମସ୍ୟାଜନକ । ଅର୍ଥ ସଚିବ କେବଳ ଏକ ପଦବୀ ନୁହେଁ, ଏହା ମନ୍ତ୍ରଣାଳୟଗୁଡ଼ିକ ସ୍ନାୟୁକେନ୍ଦ୍ର, ଯାହା ସମନ୍ୱୟ, ଶୃଙ୍ଖଳା ଏବଂ ନୀତିଗତ ସୁସଙ୍ଗତି ନିଶ୍ଚିତ କରିଥାଏ। ଏଣୁ ଅର୍ଥ ସଚିବଙ୍କ ବିନା ଆନ୍ତଃ ମନ୍ତ୍ରଣାଳୟ ସମନ୍ୱୟରେ ଅଧୋଗତି ନିଶ୍ଚିତ। ପ୍ରତ୍ୟେକ ବିଭାଗ ସେମାନଙ୍କ ନିଜସ୍ୱ ଲକ୍ଷ୍ୟ ହାସଲ କରିବାକୁ କାମ କରୁଛନ୍ତି । ହେଲେ ବହୁପୂର୍ବରୁ, ବିନା ସଞ୍ଚାଳକରେ ବା ନେତୃତ୍ୱରେ ମନ୍ତ୍ରଣାଳୟ ଚାଲୁଛି। ଏପରିକି ଜଣେ ବ୍ୟକ୍ତି ଅନେକ ଦାୟିତ୍ୱ ତୁଲାଉଛନ୍ତି। ମାର୍କେଟ, ରେଟିଂ ଏଜେନ୍ସି ଓ ବୈଶ୍ୱିକ ସଂସ୍ଥାଗୁଡ଼ିକ ସଞ୍ଚାଳନ ବା ଯୋଗାଯୋଗର ଏଭଳି ଅଭାବକୁ ଲକ୍ଷ୍ୟ କରୁଛନ୍ତି। ଜଣେ ବିତ୍ତୀୟ ନେତାଙ୍କ ଅନୁପସ୍ଥିତି ଶୀର୍ଷ ସ୍ତରରେ ନିଷ୍ପତ୍ତିର ଅଭାବକୁ ସୂଚିତ କରୁଛି।

### ନେଣଦେଣ ସଂସ୍କୃତି

ରାଜସ୍ଥାନର ଜଣେ ଅଧିକାରୀଙ୍କ ସ୍ତ୍ରୀ ଏକ ଘରୋଇ କମ୍ପାନୀଠାରୁ ୩୭.୫୪ ଲକ୍ଷ ଟଙ୍କା ନେଇଥିବା ସୋସିଆଲ ମିଡିଆ ପୋଷ୍ଟରୁ ଜଣାପଡ଼ିଛି। ଏହା ଭାରତର ଅମଲାତାନ୍ତ୍ରିକର ତଥାକଥିତ ସ୍ୱଚ୍ଛ ଆବରଣ ତଳେ ଚାଲିଥିବା ଅନିୟମିତତାକୁ ସାମ୍ନାକୁ ଆଣିଛି। ଆମେ ସାଧାରଣତଃ 'ଦକ୍ଷ ପ୍ରଶାସନ' ଏବଂ 'ଉତ୍ତମ ଶାସନ' ବିଷୟରେ କହିଥାଉ, କିନ୍ତୁ ବାସ୍ତବରେ ତାହା ବହୁସମୟରେ ଏକ ଘରୋଇ କ୍ଲବଠାରୁ ଅଧିକ ମନେହୁଏ, ଯେଉଁଠି ନୀତି ଓ ଉତ୍ତରଦାୟିତ୍ୱ ତୁଳନାରେ ସୁବିଧାସୁଯୋଗକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ ଅନେକ ଅଧିକାରୀ ବିପଦକୁ ଖାତିର ନ କରି ଘରୋଇ କମ୍ପାନୀଗୁଡ଼ିକଠାରୁ ମୋଟା ଅଙ୍କର ଅର୍ଥ ନେଉଛନ୍ତି। ବାବୁମାନେ ଲୋକଙ୍କ ସେବା ପାଇଁ ଅଛନ୍ତି, କର୍ପୋରେଟ୍‌କୁ ସହଯୋଗ କରି ଅର୍ଥ ରୋଜଗାର କରିବାକୁ ନିଯୁକ୍ତ ହୋଇନାହାନ୍ତି। ତଥାପି ପ୍ରଶାସନିକ ବ୍ୟବସ୍ଥାର ନୈତିକ ମାନଦଣ୍ଡ ସବୁବେଳେ କ୍ଷମତା ଓ ପ୍ରଭାବ ଆଡକୁ ମୁହାଁଉଛି। ଏବେ ସ୍ୱଚ୍ଛତାର ଗୁରୁତ୍ୱ ରହୁନାହିଁ। ଅନିୟମିତତା ଉପରେ ତଦନ୍ତ ଘୋଷଣା ହେଉଛି, ବିଳମ୍ବରେ ରିପୋର୍ଟ ପ୍ରକାଶ ପାଉଛି। ଆମେ ଡିଜିଟାଇଜେଶନ , ଇ-ଗଭର୍ନାନ୍ସ ଓ ଉତ୍ତରଦାୟିତ୍ୱ ସମ୍ପର୍କରେ ବହୁତ କଥା ଶୁଣୁଛୁ; କିନ୍ତୁ ରୁଦ୍ଧଦ୍ୱାର ପ୍ରଚ୍ଛଦରେ ବାସ୍ତବରେ ଗୋପନୀୟ ନେଣଦେଣର ସଂସ୍କୃତି ରହିଛି। ଅନେକ ସଚ୍ଚୋଟ ଅଧିକାରୀ ଗମ୍ଭୀରତାର ସହ ସେମାନଙ୍କ କର୍ତ୍ତବ୍ୟ କରୁଥିବାବେଳେ ଏଭଳି ଘଟଣା ଅତ୍ୟନ୍ତ ଅପମାନଜନକ ଏବଂ ସେମାନଙ୍କୁ ହତୋତ୍ସାହିତ କରୁଛି। ପ୍ରଶାସନିକ ଖ୍ୟାତିରେ ଏହା ବ୍ୟାପକ କ୍ଷତି ପହଞ୍ଚାଉଛି। ଭାରତ ସ୍ୱଚ୍ଛ ଶାସନର ସ୍ଥିତି ଜଣାଇଦେବାକୁ ଚାହୁଁଛି, ହେଲେ ଅମଲାତାନ୍ତ୍ରିକ ବ୍ୟବସ୍ଥାରେ ନେଣଦେଣକୁ ଦେଖିଲେ ମନ ଭାଙ୍ଗିଯାଉଛି। ବିଶ୍ୱ ସବୁ ଦେଖୁଛି। ନିବେଶକ ଏବଂ ନାଗରିକମାନେ ମଧ୍ୟ ଏହା ଲକ୍ଷ୍ୟ କରୁଛନ୍ତି। ରାଜସ୍ଥାନ ଘଟଣା ଏକ ନମୁନା ମାତ୍ର, ଏଭଳି ଅନେକ ଘଟଣା ଘଟିଚାଲିଛି। ଯଦି ସରକାର ଅଧିକ ଆଶାବାଦୀ ହେବାକୁ ଚାହୁଁଛନ୍ତି, ତେବେ ସ୍ଲୋଗାନ ଓ ଉତ୍ସବକୁ ଛାଡ଼ି ପ୍ରକୃତ ଉତ୍ତରଦାୟିତ୍ୱ ଆଡ଼କୁ ଗତି କରିବା ଦରକାର।

Email: dilipcherian@gmail.com

# ବିକାଶ ଯାତ୍ରାର ଭିନ୍ନ ଦିଗ



ଉପେନ୍ଦ୍ର ବିଶ୍ୱାଳ

ବୈଭବଶାଳୀ ଭାରତ ଗଠନ ହେଉଛି ପ୍ରତ୍ୟେକ ଦେଶପ୍ରେମୀଙ୍କ ଏକ ବହୁପୋଷିତ ଅଭିଳାଷ। ତେଣୁ ବିକଶିତ ଭାରତ ଗଠନ ଲକ୍ଷ୍ୟରେ କେନ୍ଦ୍ର ସରକାର ଏବେ ବହୁ ଦୂରଦର୍ଶୀ ଯୋଜନା ପ୍ରଣୟନ କରୁଥିବାର ଜଣାଯାଏ। ଓଡ଼ିଶା ମଧ୍ୟ ବିକଶିତ ଭାରତ ଗଠନରେ ସହଭାଗୀ ହେବାକୁ ଲକ୍ଷ୍ୟ ରଖି କାର୍ଯ୍ୟକରୁଛି। ଦେଶର ଏହି ବିକାଶ ଯାତ୍ରାରେ ଅନେକ କ୍ଷେତ୍ରକୁ ସାମିଲ କରାଯାଉଥିବା ବେଳେ ଆଉ କିଛି କ୍ଷେତ୍ର ଆମ ଆଖି ଆଢୁଆଳରେ ରହିଯାଉଥିବାର ମନେହୁଏ। ଆମଭଳିଆ ସହରୀ ବାବୁମାନଙ୍କ ଦୃଷ୍ଟିରେ ଆଜି ବି ଅଜ୍ଞ ଜନ ବୋଲି ଯାହାଙ୍କୁ ବିବେଚନା କରାଯାଉଛି, ସେହି ବିଜ୍ଞାନୀ ଜନଙ୍କ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ଏବଂ ତାଙ୍କ ଜୀବନ ଜୀବିକା ସହିତ ଜଡ଼ିତ କେତୋଟି କ୍ଷେତ୍ର ସମ୍ପର୍କରେ ସାମାନ୍ୟ ଆଲୋଚନା। ସାଧାରଣତଃ ବନବାସୀମାନେ ବିଲବାଡ଼ିରୁ 'ଗେଣ୍ଡା' ଧରିଆଣି ସେଥିରେ ସ୍ୱାଦିଷ୍ଟ ତରକାରି ତିଆରିକରି ଖାଉଥିବା ଆମ୍ଭେ ଜାଣୁ। ଆମମାନଙ୍କ ଧାରଣା ହୁଏତ ଥାଇପାରେ, ଅର୍ଥାଭାବରୁ ଏହି ଲୋକେ ଗେଣ୍ଡା ସାଉଁଟିଆଣି ଖାଇବାକୁ ବାଧ ହେଉଛନ୍ତି। କିନ୍ତୁ ଏହି ବନବାସୀମାନଙ୍କୁ ଖାଦ୍ୟର ପୋଷକତତ୍ତ୍ୱ ବିଷୟରେ ଯାହା ଜଣାଅଛି, ତାହା ହୁଏତ ଆମକୁ ଜଣାନାହିଁ। ଶହ ଶହ ବର୍ଷ ଧରି ଆମ ବନବାସୀମାନେ ଯେଉଁ ଗେଣ୍ଡା ତରକାରିକୁ ପ୍ରିୟ ବ୍ୟଞ୍ଜନଭାବେ ଆଦରି ଚାଲିଛନ୍ତି, ଆଜି ସେହି ବ୍ୟଞ୍ଜନ ତ ୟୁରୋପର ବିଭିନ୍ନ ଦେଶରେ ଖୁବ୍ ଆଦର ଲାଭକରିଛି। ବିଶେଷକରି ବିଜ୍ଞାନରେ ବିଭୂଷିତ ଏବଂ ଅଦ୍ୟାବଧି ୭୮ଟି ନୋବେଲ ପୁରସ୍କାର ହାତେଇଥିବା ବିକଶିତ ଦେଶ ଫ୍ରାନ୍ସରେ ଏହା ଆଜି ପାଲଟିଛି ସ୍ୱତନ୍ତ୍ର ରାଜକୀୟ ବ୍ୟଞ୍ଜନ। ବଡ଼ବଡ଼ ହୋଟେଲ ଏବଂ ସମ୍ଭ୍ରାନ୍ତ ବର୍ଗଙ୍କ ଖାଦ୍ୟ ଥାଳିରେ ଏହା ବହୁଳଭାବେ ପରଷା ଯାଉଥିବାର ଦେଖାଯାଏ। କାରଣ ଗେଣ୍ଡାରେ ପ୍ରଚୁର ପରିମାଣରେ ପ୍ରାଣୀଜ ପ୍ରୋଟିନ ସହିତ ଲୌହସାର, ଖାଦ୍ୟସାର, ଖଣିଜ ପଦାର୍ଥ, କ୍ୟାଲସିୟମ ରହିଥାଏ। ଏହା ଯେମିତି ସୁସ୍ୱାଦୁ ସେମିତି ରୋଗ ପ୍ରତିରୋଧକାରୀ। ଯେଉଁଥିପାଇଁକି ବନବାସୀମାନେ ବର୍ଷତମାମ ପାଣି-କାଦୁଅରେ ଘାଣ୍ଟି ହେଉଥିଲେ ବି ସେମାନଙ୍କୁ ଥଣ୍ଡା-ଶର୍ଦ୍ଦି ଏତେଟା ଆକ୍ରାନ୍ତ କରିପାରେନା। ବଡ଼କଥା ହେଉଛି, ଗେଣ୍ଡାମାଂସରେ କୋଲେଷ୍ଟରଲ ପରିମାଣ ଅତିନଗଣ୍ୟ ଥାଏ।



ଗେଣ୍ଡାର ଖୋଳପାରେ କ୍ୟାଲସିୟମ ଭରପୂର ହୋଇଥାଏ। ସ୍ୱତନ୍ତ୍ର ପଦ୍ଧତିରେ ଏହାକୁ ନିଆଁରେ ପୋଡ଼ି ଜନଜାତିମାନେ ଚୂନ ତିଆରିକରନ୍ତି ଏବଂ ପାନ, ଦୋକ୍ତା ବା ଖଇନି ଆଦିରେ ତାହା ବ୍ୟବହାର କରିଥାନ୍ତି। ଛେଳି, କୁକୁଡ଼ା, ମତ୍ସ୍ୟ ଚାଷ ଆଦି ପାଇଁ ସରକାରୀ ସ୍ତରରେ ଆଜି ବ୍ୟାପକ ପ୍ରଚାର, ପ୍ରସାର ସହିତ ଲୋକଙ୍କୁ ପ୍ରୋତ୍ସାହିତ କରାଯାଉଛି। ମାଛ ଚାଷ ସହିତ ଗେଣ୍ଡା ଚାଷ ପାଇଁ ଲୋକଙ୍କୁ ପ୍ରୋତ୍ସାହିତ କଲେ ଏବଂ ଗେଣ୍ଡା ଚାଷର ପ୍ରସାର ଘଟିଲେ, ଆମ୍ଭର ସ୍ୱାସ୍ଥ୍ୟ ସମ୍ପଦ ସହିତ ଆର୍ଥିକ କ୍ଷେତ୍ରରେ ପ୍ରଗତି ପରିଦୃଷ୍ଟ ହୁଅନ୍ତା।

ବାସୀ ଭାତରେ ବିଶେଷ ଗୁଣ ଥିବାର ଯେଉଁକଥା ଆମେରିକାନ ନ୍ୟୁଟ୍ରିସନ ଆଶୋସିଏସନ ସମେତ ବିଶ୍ୱର ବୈଜ୍ଞାନିକମାନେ ଆଜି ଜାଣିବାକୁ ପାଇଲେ, ସେହିକଥା ଆମ ବନବାସୀଙ୍କୁ ବହୁପୂର୍ବରୁ ଜ୍ଞାତ। ଯେଉଁଥିପାଇଁକି ବାସି ପଖାଳ ଓ ହାଣ୍ଡିଆ ସେମାନଙ୍କର ଅତୀବ ପ୍ରିୟ। ଉନ୍ନତ ସ୍ୱାସ୍ଥ୍ୟ ପାଇଁ ଉତ୍ତମ ଆହାର ରୂପେ ସେମାନେ ପଖାଳକୁ ସର୍ବାଧିକ ପସନ୍ଦ କରିଥାନ୍ତି। ଅନେକ ପରିବାର ତ ବର୍ଷ ତମାମ ଦିନସାରା ପଖାଳ ଖାଇଥାନ୍ତି। ଫର୍ମେଣ୍ଟେସନ ପ୍ରକ୍ରିୟା ଫଳରେ ସେଥିରେ ଥିବା ଲାକ୍‌ଟିକ ଏସିଡ୍ ବ୍ୟାକ୍ଟେରିଆ ଯୋଗୁ ମାଇକ୍ରୋ ନ୍ୟୁଟ୍ରିଣ୍ଟ, ଭିଟାମିନ୍ସ ଓ ମିନେରାଲ୍ସ ଆଦିର ପରିମାଣ ବହୁଗୁଣରେ ବୃଦ୍ଧି ପାଇଥାଏ। ଆସାମ କୃଷି ବିଶ୍ୱବିଦ୍ୟାଳୟର ମଧୁମିତା ବରୁଆ ଓ ଗୁଣଜିତ ଗୋସ୍ୱାମୀଙ୍କ ଦ୍ୱାରା କରାଯାଇଥିବା ଏକ ଗବେଷଣା ଅନୁସାରେ ୧୦୦ଗ୍ରାମ୍ ଭାତରେ ମାତ୍ର ୩.୪ ମି.ଗ୍ରା ଲୌହସାର ରହିଥାଏ। କିନ୍ତୁ ୧୨ଘଣ୍ଟା ପଖାଳ ହେଲା ପରେ ଲୌହସାର ପରିମାଣ ୭୩.୯୧ ମି.ଗ୍ରାକୁ ବଢ଼ିଯାଏ। ସେହିପରି ସୋଡ଼ିୟମ ୪୭୫ ମି.ଗ୍ରା.ରୁ ହ୍ରାସପାଇ ୩୦୩ ମି.ଗ୍ରା., ପୋଟାସିୟମ ୩୫ ମି.ଗ୍ରା.ରୁ ବଢ଼ି ୮୩୯ ମି.ଗ୍ରା. ଓ କ୍ୟାଲ୍ସିୟମ ୨୧ ମି.ଗ୍ରା.ରୁ ବଢ଼ି ୮୫୦ ମି.ଗ୍ରା. ହୋଇ ଯାଇଥାଏ। ସାଦା ଭାତରେ ଥିବା ଫାଇଟିକ ଏସିଡ ଓ ଓଲିଗୋସାକାରାଇଡସ ଯୋଗୁ ଏହାକୁ ହଜମ କରିବାରେ ଅସୁବିଧା ହୋଇଥାଏ। କିନ୍ତୁ ସେହି ଭାତ ପଖଳାଯିବା ପରେ ଏ ଅସୁବିଧା ଦୂରେଇଯାଇ ହଜମ କ୍ରିୟା ସହଜ ହୋଇଥାଏ। ପଖାଳ ପିତ୍ତ ନାଶକ, ଅକାଳ ବାର୍ଦ୍ଧକ୍ୟ ନାଶକ। କୋଷ୍ଠକାଠିନ୍ୟ, ଅଗ୍ନିମାନ୍ଦ୍ୟ, ଅଜୀର୍ଣ୍ଣ ଓ ପେଟବ୍ୟଥା ଆଦି ନିବାରକ ମଧ୍ୟ। ମାନ୍ଦାପଣ ଦୂରେଇଦେଇ ଦେହ-ମନକୁ ଏହା ସତେଜ ରଖେ। ସ୍ଫୁର୍ତ୍ତି ଓ ସାମର୍ଥ୍ୟ ବଢାଏ। କ୍ଳାନ୍ତି ଦୂରକରେ। ପାଚନକ୍ରିୟା ଠିକ୍ ରଖେ। ରୋଗ ପ୍ରତିରୋଧକ ଶକ୍ତି ବଢାଏ। ହାଡ଼ ଓ ମାଂସପେଶୀ ସୁଦୃଢ଼ କରେ। ଅଳ୍ପର ରୋଗୀଙ୍କ ପାଇଁ ଏହା ରାମବାଣ ସଦୃଶ। ପଖାଳର ଏତାଦୃଶ ଉପଯୋଗିତା ଉପଲବ୍ଧି କରି ପାଶ୍ଚାତ୍ୟ ଜଗତ ମଧ୍ୟ ପଖାଳ ପ୍ରେମରେ ଆଜି। ପଖାଳର ଚାହିଦାକୁ ଚାହିଁ ବଡ଼ ବଡ଼ ହୋଟେଲରେ ହୋମ୍ ଡେଲିଭରିର ବ୍ୟବସ୍ଥା ହେଲାଣି। ଆଉ ତୋରାଣିରୁ ତିଆରି କାଞ୍ଜି ତ ଆମେରିକା ଓ ୟୁରୋପୀୟମାନଙ୍କ ପାଇଁ ପଥ୍ୟ ସମ ଅତୀବ ପସନ୍ଦର ସାମଗ୍ରୀ ପାଲଟିଗଲାଣି। କାଞ୍ଜି ଆଜି ସେମାନଙ୍କ ପାଇଁ ଗବେଷଣାର ବିଷୟ ସାଜିଛି।

ଏବେ ଆସିବା ହାଣ୍ଡିଆ ପାଖକୁ। ବାସୀଭାତ ଅଧିକଦିନ ରହି ଅମ୍ଳୀଭବନ ଅଧିକ ହୋଇଥିବା ଯୋଗୁ ହାଣ୍ଡିଆର ଗୁଣ ପଖାଳଠାରୁ ଅଧିକ। ପୁନଶ୍ଚ ସେଥିରେ ସ୍ୱାସ୍ଥ୍ୟ ଉପଯୋଗୀ ନିର୍ଦ୍ଦିଷ୍ଟ ଗୁଳ୍ମର ଚେର ଆନୁପାତିକ ରୀତିରେ ଅରୁଆ ଚାଉଳର ଚୂନା ସହିତ ମିଶାଇ, ଛୋଟଛୋଟ ଗୁଳି କରି ଖରାରେ ୩/୪ଦିନ ଶୁଖାଇ ସ୍ୱତନ୍ତ୍ର ପଦ୍ଧତିରେ 'ବାଖର' କରାଯାଇଥାଏ। ଉଷୁନା ଚାଉଳ ଭାତରେ (ପେଜ ଅକ୍ଷୁଣ୍ଣ ରଖି) ନିର୍ମିତ ପଖାଳ ସହିତ ଏହି ବାଖର ମିଶାଇ ୪/୫ ଦିନ ଢାଙ୍କିରଖି ହାଣ୍ଡିଆ ତିଆରି କରାଯାଇଥାଏ। ଖୁବ୍ ଅଧିକ ପରିମାଣରେ ଅମ୍ଳୀଭବନ ହୋଇଥିବାରୁ ତାହା ଟିକେ କଟୁ ଗନ୍ଧ କରିଥାଏ। ସାମାନ୍ୟ ଟିକେ ନିଶାଯୁକ୍ତ ହେଲେବି ବନବାସୀଙ୍କର ଏହା ଅତିପ୍ରିୟ ପାନୀୟ। ବନବାସୀ ସଂସ୍କୃତିରେ ଓତପ୍ରୋତ ଭାବେ ଜଡ଼ିତ ଏହି ହାଣ୍ଡିଆ। ପ୍ରତିଟି ପର୍ବ-ପର୍ବାଣି, ବିବାହ, ମହୋତ୍ସବ, ଅତିଥି ଅଭ୍ୟର୍ଥନା ଆଦିରେ ସମ୍ମାନର ସନ୍ତକ ହେଉଛି ହାଣ୍ଡିଆ। ବିଦେଶୀ ମଦ ପରି ଶରୀରକୁ ଏହା ଏତେଟା ନିଶାସକ୍ତ କରେନାହିଁ। ହେଲେ ଏସବୁ କ୍ଷେତ୍ରଗୁଡ଼ିକ କ'ଣ ଆମ ବିକାଶ ଯାତ୍ରାରେ ସହଭାଗୀ ହେବାକୁ ଅସମର୍ଥ? ବିଦେଶୀ ମଦଶିଳ୍ପ ସ୍ଥାନରେ ହାଣ୍ଡିଆ ଶିଳ୍ପ ଏବଂ ସ୍ୱାସ୍ଥ୍ୟକର ମୃଦୁ ପାନୀୟର ବଢ଼ିଆ ବିକଳ୍ପ ଭାବେ କାଞ୍ଜି ଶିଳ୍ପର ବିକାଶ ପାଇଁ ସରକାର ବିହିତ ବ୍ୟବସ୍ଥା ଆପଣାଇଲେ ଗ୍ରାମ୍ୟ ଅର୍ଥନୀତି ଅଧିକ ସୁଦୃଢ଼ ହୋଇପାରନ୍ତା। ବହୁଚର୍ଚ୍ଚିତ ସୁଭଦ୍ରା ଯୋଜନା ଆହୁରି ଅଧିକ ଫଳପ୍ରଦ ହୁଅନ୍ତା।

ମୋ: ୯୪୩୭୪୩୬୦୭୩

# ଫ୍ରିବିଜ୍ ଆକ୍ରାନ୍ତ ଗଣତନ୍ତ୍ର



ରବିନାରାୟଣ ସମାଲ

ବିଶ୍ୱରେ ଯେତେ ପ୍ରକାର ଶାସନ ବ୍ୟବସ୍ଥା ରହିଛି ସେଗୁଡ଼ିକ ମଧ୍ୟରେ ଗଣତନ୍ତ୍ର ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରେ। ମାତ୍ର ଅନୁପଯୋଗୀ ବାହ୍ୟ କାରକ ଅଧିକ କ୍ରିୟାଶୀଳ ହେଲେ ଏହାର ସ୍ୱତନ୍ତ୍ରତାରେ ବିଚ୍ୟୁତି ଘଟେ ଏବଂ ଏହା ଗଣଙ୍କଠାରୁ ଦୂରେଇଯାଏ। ଏବେ ଚାଲିଥିବା ବିହାର ନିର୍ବାଚନ ଏହିପରି ଅନେକ କିଛି ସୂଚନା ପ୍ରଦାନ କରେ।

ନିର୍ବାଚନ ଘୋଷଣା ପୂର୍ବରୁ ବିହାରରେ ଯେଉଁଭଳି ଭାବେ ଅନେକ ହଜାର କୋଟି ଟଙ୍କାର ପ୍ରକଳ୍ପ ଅଜାଡ଼ି ହୋଇ ପଡ଼ିଲା ତାହାକୁ ଲକ୍ଷ୍ୟ କଲେ ଗଣତନ୍ତ୍ରର ସ୍ଥାୟିତ୍ୱ ପ୍ରତି ଆଶଙ୍କା ସୃଷ୍ଟି ହେବା ଅସ୍ୱାଭାବିକ ନୁହେଁ। ବିଭିନ୍ନ ରାଜନୈତିକ ଦଳ ସେଠାରେ ସେମାନଙ୍କ ନିର୍ବାଚନୀ ପ୍ରତିଶ୍ରୁତି ଦେବାରେ ଆଦୌ ହେଳା କରୁନାହାନ୍ତି। ମାଗଣା ବିଦ୍ୟୁତ୍, ମାଗଣା ଟାବ୍‌ଲେଟ୍, ମାଗଣା ସ୍ମାର୍ଟ ଫୋନ୍, ବେକାରି ଭତ୍ତା, ବାର୍ଦ୍ଧକ୍ୟ ଭତ୍ତା, ମହିଳାଙ୍କୁ ମାସିକ ୨୫ ଶହ ଟଙ୍କା ଏମିତି ଅନେକ କିଛି। ବିହାର ନିର୍ବାଚନରେ ଏମିତି ପ୍ରଲୁବ୍ଧକାରୀ ପ୍ରତିଶ୍ରୁତି ପ୍ରଥମ ଥର ଲାଗି ଯେ ଦିଆଗଲା ତାହା ନୁହେଁ,ଏହା ପୂର୍ବରୁ ଅନ୍ୟ ରାଜ୍ୟରେ ଟିଭି, ମଙ୍ଗଳସୂତ୍ର, ମୋଟରସାଇକେଲ ବଣ୍ଟାଯାଇଛି। ମଦବୋତଲ ସହ ୫ଶହ ଟଙ୍କିଆ ନୋଟ୍ ବଣ୍ଟାଯାଇଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଆଉ ପ୍ରତି ପରିବାରକୁ ନଗଦ ଟଙ୍କା ମଧ୍ୟ ବଣ୍ଟାଯାଇଛି। ସବୁ ଡକାପିଟା, ଖୁଲମ୍‌ଖୁଲା। ଲୁଚାଛପାରେ କିଛିନାହିଁ। ନିର୍ବାଚନ କମିଶନଙ୍କ ନାକ ତଳେ ଏସବୁ ଘଟିଛି।

ଏ କଥା ନିର୍ବିବାଦୀୟ ଯେ ପ୍ରାୟ ସାଧାରଣ ମତଦାତା ରାଜନୈତିକ ଭାବେ ସଚେତନ ନୁହନ୍ତି। ତେଣୁ ସେମାନେ ପ୍ରଲୋଭନର ବଶବର୍ତ୍ତୀ ହୋଇ ନିଜର ମୂଲ୍ୟବାନ୍ ଭୋଟ ଖଣ୍ଡିକୁ ଅବିଚାରିତ ଭାବେ ସାବ୍ୟସ୍ତ କରିଥାନ୍ତି। ଯିଏ ଯେତେ ପଇସା ବାଣ୍ଟି ପାରିଲା, ଯିଏ ଯେତେ ପ୍ରଲୋଭନ ଦେଖାଇ ପାରିଲା ନିର୍ବାଚନରେ ଜିତିବାରେ ତାହାର ସେତେ ଗ୍ୟାରେଣ୍ଟି ଆସିଗଲା। ଯିଏ ପଇସା ଖର୍ଚ୍ଚକରି ନ ପାରିଲା ତା'ର ଅମାନତ ଉଡ଼ିଗଲା। ଏହା ଆଉ ଦ୍ୱନ୍ଦ୍ୱାତ୍ମକ ହୋଇ ରହିନାହିଁ।

ଇତିମଧ୍ୟରେ ବିହାରରେ ଫ୍ଲାଇଂ ସ୍କ୍ୱାଡ୍ ଦ୍ୱାରା ବିପୁଳ ପରିମାଣରେ ମାଦକଦ୍ରବ୍ୟ, ନଗଦ ଟଙ୍କା ଓ କେତେକ ମୂଲ୍ୟବାନ୍ ସାମଗ୍ରୀ ଜବତ କରାଯାଇଛି। ଏହାର ମୂଲ୍ୟ ୩୩ ହଜାର କୋଟିରୁ ଅଧିକ ଟଙ୍କା ହେବ ବୋଲି ନିର୍ବାଚନ କମିଶନ ପ୍ରକାଶ କରିଛନ୍ତି। ମାତ୍ର ଯେଉଁ ସାମଗ୍ରୀଗୁଡ଼ିକ ଜବତ ହୋଇପାରି ନାହିଁ ତାହାର ମୂଲ୍ୟ କେତେ ହୋଇପାରେ ନିର୍ବାଚନ କମିଶନ ଆକଳନ କରିଛନ୍ତି କି? ଆଜିକାଲି ଡିଜିଟାଲ ଯୁଗରେ କାହାକୁ ଅର୍ଥ ଦେବାରେ ତ ଅସୁବିଧା ନାହିଁ। ୟୁପିଆଇ ଦ୍ୱାରା ବିହାରରେ ଏହି ପ୍ରକ୍ରିୟା ଏବେ ଚାଲୁରହିଛି। ତାକୁ କେଉଁ ଫ୍ଲାଇଂ ସ୍କ୍ୱାଡ୍ ଧରିବାର ତାକତ ନାହିଁ।



ନିର୍ବାଚନର ଅବ୍ୟବହିତ ପୂର୍ବରୁ ବିଭିନ୍ନ ରାଜନୈତିକ ଦଳ ସେମାନଙ୍କ ଇସ୍ତାହାରର ପୁସ୍ତିକା ପ୍ରକାଶ କରିଥାନ୍ତି। ବିଭିନ୍ନ ଆକର୍ଷଣୀୟ ପ୍ରତିଶ୍ରୁତିରେ ଭରପୂର ଏହି ନିର୍ବାଚନୀ ଇସ୍ତାହାର କେବେ ବି କାର୍ଯ୍ୟକାରୀ ହୁଏ ନାହିଁ। କାର୍ଯ୍ୟକାରୀ ନ ହେଲେ ବି କେହି ଉତ୍ତରଦାୟୀ ନୁହନ୍ତି। ନିର୍ବାଚନ ସରିଲା ପରେ ଇସ୍ତାହାର ଖଣ୍ଡିକ ରଦି କାଗଜରେ ପରିଣତ ହେବା ସମସ୍ତେ ଜାଣନ୍ତି।

୨୦୧୪ ସାଧାରଣ ନିର୍ବାଚନରେ ଶହେ ଦିନ ମଧ୍ୟରେ ଦରଦାମ ହ୍ରାସ କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ହୋଇଛି କି? କଳାଟଙ୍କା ଉଦ୍ଧାର କରାଯାଇ ପ୍ରତି ଆକାଉଣ୍ଟରେ ୧୫ ଲକ୍ଷ ଲେଖାଏ ଟଙ୍କା ଜମା କରାଯିବ। ହୋଇଛି କି? ବର୍ଷକୁ ୨ କୋଟି ବେକାରଙ୍କୁ ନିଯୁକ୍ତି ଦିଆଯିବ। ଦିଆଯାଇଛି କି? ଏହିପରି ପ୍ରତି ଉପଭୋକ୍ତାଙ୍କୁ ମାଗଣା ବିଜୁଳି, ପ୍ରତି ଘରକୁ ପିଇବା ପାଣି, ପ୍ରତି ଜନବସତିକୁ ସବୁଦିନିଆ ରାସ୍ତା ଇତ୍ୟାଦି ପ୍ରତିଶ୍ରୁତି ସେହି ପ୍ରତିଶ୍ରୁତିରେ ହିଁ ରହିଯାଇଛି। ପ୍ରଦତ୍ତ ଇସ୍ତାହାର ମିଥ୍ୟାଚାରରେ ପରିଣତ ହୋଇଛି।

ନିର୍ବାଚନ ଘୋଷଣା ଦିନଠାରୁ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଯାଏ। ଏହି ଅବଧି ମଧ୍ୟରେ ସରକାରୀ ସ୍ତରରେ ଜନସାଧାରଣଙ୍କ ଉନ୍ନତି କଳ୍ପେ କୌଣସି କାର୍ଯ୍ୟ କରାଯିବାକୁ ବାରଣ କରାଯାଇଥାଏ। ବେଶ୍ ଭଲ କଥା। କିନ୍ତୁ ସେହି ନିର୍ଦ୍ଦିଷ୍ଟ ତାରିଖ ପୂର୍ବରୁ ନିର୍ବାଚନକୁ ଦୃଷ୍ଟିରେ ରଖି ଯେତେ ଯେତେ ଶିଳାନ୍ୟାସ, ଉଦ୍‌ଘାଟନ, ପ୍ରୋତ୍ସାହନ ଆଦି ସରକାରୀ ସ୍ତରରେ କରାଯାଇଥାଏ ସେଥିରେ ତ କିଛି ବାରଣ ନ ଥାଏ? ନିର୍ବାଚନ ବେଳେ ଲୋକଲୋଚନ ଆଢୁଆଳରେ ମତଦାତାଙ୍କ ପକେଟ୍‌କୁ ଯେଉଁ ଲକ୍ଷ ଲକ୍ଷ କୋଟି ଟଙ୍କା ରାତାରାତି ଚାଲିଯାଏ, ସେଥିରେ ତ ବେଦ ଅଶୁଦ୍ଧ ହୁଏ ନାହିଁ?

ଏହି ପରିପ୍ରେକ୍ଷୀରେ ଆମେ ଏଠାରେ ୩ଟି କଥାକୁ ବିଚାରକୁ ନେଇପାରନ୍ତି। ନିର୍ବାଚନ ପୂର୍ବ, ନିର୍ବାଚନ ପର ଏବଂ ନିର୍ବାଚନ କାଳରେ ଦଳ ବା ପ୍ରାର୍ଥୀମାନଙ୍କ ଦ୍ୱାରା ଦିଆଯାଉଥିବା ପ୍ରତିଶ୍ରୁତି ବା ପ୍ରଲୋଭନ। ଏସବୁ ଅନିୟନ୍ତ୍ରିତ। ଆଚରଣ ବିଧି ଲାଗୁ ପୂର୍ବରୁ ଶାସକ ଗୋଷ୍ଠୀ ଦ୍ୱାରା ଅନେକ ହଜାର କୋଟି ଟଙ୍କାର ପ୍ରକଳ୍ପ ବର୍ଷା, ନିର୍ବାଚନ କାଳରେ ପ୍ରାର୍ଥୀମାନଙ୍କର ବହୁ କୋଟି ଟଙ୍କା ଲାଞ୍ଚ ବିନିମୟରେ ଭୋଟ ଖର୍ଦ୍ଦି ଏବଂ ନିର୍ବାଚନ ଶେଷରେ ପ୍ରତିଶ୍ରୁତିରୁ ପଳାୟନ। ଏସବୁ ବିଷୟରେ ବିତର୍କର ଯଥେଷ୍ଟ ଆବଶ୍ୟକତା ଅଛି। କୌଣସି ନିର୍ଯାସରେ ଉପନୀତ ହୋଇ ଲୋକ ପ୍ରତିନିଧି ଆଇନରେ ସଂଶୋଧନର ମଧ୍ୟ ଆବଶ୍ୟକତା ଅଛି।

ସର୍ବଶେଷରେ ଏତିକି କୁହାଯାଇପାରେ, ନିର୍ବାଚନୀ ପ୍ରକ୍ରିୟା ପ୍ରଚ୍ଛଦପଟରେ ଭୋଟରମାନଙ୍କୁ ପ୍ରଲୋଭିତ କରିବାକୁ ଯେଉଁ ସବୁ ଫ୍ରିବିଜ୍ ବା ମାଗଣାରେ ସାମଗ୍ରୀ କିମ୍ବା ସେବା ଯୋଗାଇଦେବା ପ୍ରକ୍ରିୟା ଚାଲିଛି ତାହା ବନ୍ଦହେବା ଉଚିତ। ନଚେତ୍ ଆମ ଦେଶର ଗଣତନ୍ତ୍ର ଅତ୍ୟନ୍ତ କଳୁଷିତହୋଇ ଅବିଳମ୍ବେ ଭୁଶୁଡ଼ିପଡ଼ିବ।

ମୋ: ୭୯୭୫୦୪୬୪୮୬

## ଏଇ ଭାରତରେ

ବାୟୁ ପ୍ରଦୂଷଣ ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି କରୁଥିବାବେଳେ ଏଥିରୁ ରକ୍ଷା ପାଇବା ଲାଗି ଘରେ ଏୟାର ପ୍ୟୁରିଫାୟର ଆବଶ୍ୟକ ପଡ଼ିଲାଣି। ବଜାରରେ ମଧ୍ୟ ଏୟାର ପ୍ୟୁରିଫାୟର ଉପଲବ୍ଧ ହେଉଛି, କିନ୍ତୁ ଏହାର ମୂଲ୍ୟ ଅଧିକ। ତେବେ ବେଙ୍ଗାଲୁରୁର ଆୟୁଷ ଝା କମ୍ ଖର୍ଚ୍ଚରେ ଏୟାର କଣ୍ଡିଶନରକୁ ସ୍ମାର୍ଟ ଏୟାର ପ୍ୟୁରିଫାୟରରେ ପରିଣତ କରିପାରୁଛନ୍ତି। ଏହା ବଜାରରେ ମିଳିଥିବା ଏୟାର ପ୍ୟୁରିଫାୟରଠାରୁ ଶସ୍ତା ଅର୍ଥାତ୍ ତା' ମୂଲ୍ୟର ଏକ ଶତାଂଶରେ ହୋଇପାରୁଛି। ୨୦୧୭ରେ ଆୟୁଷଙ୍କ ପିତା ଦିଲ୍ଲୀକୁ ବଦଳି ହୋଇ ଆସିବା ପରେ ବାୟୁ ପ୍ରଦୂଷଣ ଜନିତ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଏହାକୁ ଲକ୍ଷ୍ୟ କରି ଘରେ ଶସ୍ତାରେ କିଭଳି ଏୟାର ପ୍ୟୁରିଫାୟର ବ୍ୟବହାର କରାଯାଇପାରିବ ସେଥିପାଇଁ ସେ ଗବେଷଣା ଆରମ୍ଭ କରିଦେଇଥିଲେ। ଆୟୁଷ ପୂର୍ବରୁ ଏକ ଷ୍ଟାର୍ଟଅପରେ କାମ କରିଥିବାରୁ ଏହା ତାଙ୍କ ପାଇଁ ସହଜ ଥିଲା। ୨୦୧୮ରେ ସ୍ୱଚ୍ଛ ଏୟାର କମ୍ପାନୀ 'କ୍ଲାଇର୍‌କୋ' ଆରମ୍ଭ କରି ଏକ ବହୁ ରାଷ୍ଟ୍ରୀୟକମ୍ପାନୀ ସହଯୋଗରେ କାମ ଆରମ୍ଭ କରି ସଫଳ ହୋଇଥିଲେ। ଏବେ ସେ ଦିଲ୍ଲୀ- ଏନସିଆର, ବେଙ୍ଗାଲୁରୁ ହାଇଦ୍ରାବାଦ ସହରରେ ଏସିକୁ ସ୍ମାର୍ଟ ଏୟାର ପ୍ୟୁରିଫାୟର କରିବା ଯୋଗୁ ପ୍ରତିଦିନ ପାଖାପାଖି ୧୫ ଲକ୍ଷ ଲୋକ ବିଶୁଦ୍ଧ ବାୟୁ ଗ୍ରହଣ କରୁଛନ୍ତି। ଆୟୁଷ ଏହି ଟେକ୍‌ନୋଲୋଜିକୁ ମଧ୍ୟପ୍ରାଚ୍ୟ ଓ ଦକ୍ଷିଣପୂର୍ବ ଏସିଆର ଅନ୍ୟ ଦେଶରେ ପହଞ୍ଚାଇବା ଲାଗି ଯୋଜନା କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୮ ନଭେମ୍ବର ୧୯୭୬

- ରାଜ୍ୟରେ ଶିଲିଂ ବହିର୍ଭୂତ ଜମି ପାଇଥିବା ବ୍ୟକ୍ତିମାନଙ୍କୁ ଚାଷ ନିମନ୍ତେ ଆର୍ଥିକ ସାହାଯ୍ୟ ଯୋଗାଇଦେବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ୪.୪୫ ଲକ୍ଷ ଟଙ୍କା ମଞ୍ଜୁର।
- କୁଏତ୍‌ରେ ଥିବା ଭାରତୀୟ ରାଷ୍ଟ୍ରଦୂତ ଆର୍. ଏ. ଖାଁ ଜର୍ମାନ ସାଧାରଣ ଗଣତନ୍ତ୍ରର ରାଷ୍ଟ୍ରଦୂତ ରୂପେ ନିଯୁକ୍ତ।

## ସୁଡୋକୁ

su | do | ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | 2 | 5 | | 9 | |
| | 1 | | | | | | 5 | |
| | 7 | | 1 | | | 6 | | |
| 6 | 2 | | | | | | 4 | |
| | | | 3 | | | 5 | | |
| | | 9 | | | 4 | 7 | | 3 |
| | 5 | 7 | | | | 8 | | |
| | | | | | | 9 | | |
| | | | 2 | | | | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 2 | 3 | 8 | 4 | 6 | 5 | 7 | 1 |
| 6 | 4 | 5 | 3 | 1 | 7 | 8 | 9 | 2 |
| 8 | 1 | 7 | 2 | 5 | 9 | 3 | 6 | 4 |
| 5 | 6 | 4 | 7 | 9 | 8 | 2 | 1 | 3 |
| 3 | 8 | 2 | 4 | 6 | 1 | 7 | 5 | 9 |
| 1 | 7 | 9 | 5 | 3 | 2 | 4 | 8 | 6 |
| 2 | 3 | 6 | 9 | 7 | 5 | 1 | 4 | 8 |
| 4 | 5 | 1 | 6 | 8 | 3 | 9 | 2 | 7 |
| 7 | 9 | 8 | 1 | 2 | 4 | 6 | 3 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସ୍ୱାସ୍ଥ୍ୟସେବାରେ ଅବ୍ୟବସ୍ଥା

ମହାଶୟ,

ସାରା ରାଜ୍ୟରେ ଭୁଶୁଡ଼ି ପଡ଼ିଛି ସ୍ୱାସ୍ଥ୍ୟସେବା ବ୍ୟବସ୍ଥା। ରୋଗୀମାନେ ଚିକିତ୍ସା ସେବା ନ ପାଇ ହଇରାଣ ହେଉଛନ୍ତି। ବାସ୍ତବରେ ଦେଖାଗଲେ ପୁରୀ ସହର ସମେତ ଜିଲାର ୧୧ ବ୍ଲକ୍‌ରେ ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ହୋଇପାରି ନାହିଁ। ରାଜ୍ୟରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରୀୟ ଅନେକ ଯୋଜନା କାର୍ଯ୍ୟକାରୀ ହେଉଛି। ରାଜ୍ୟ ସରକାର ମଧ୍ୟ ଏକାଧିକ ସ୍ୱାସ୍ଥ୍ୟ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ବହୁ କୋଟି ଟଙ୍କା ଖର୍ଚ୍ଚ ହେଉଛି। ହେଲେ ସ୍ୱାସ୍ଥ୍ୟସେବାରେ ସେମିତି କିଛି ଉନ୍ନତି ପରିଲକ୍ଷିତ ହେଉନାହିଁ। ପୁରୀ ସହରର ମୁଖ୍ୟ ସରକାରୀ ଡାକ୍ତରଖାନା ବାରଣ୍ଡାରେ ଶୋଇ ରୋଗୀମାନେ ଚିକିତ୍ସିତ ହେଉଛନ୍ତି। ଏଠାରେ ସୁବିଧାରେ ରକ୍ତ, ମଳ, ମୂତ୍ର ଆଦି ବିଭିନ୍ନ ପରୀକ୍ଷା ବ୍ୟବସ୍ଥା ଥିଲେ ହେଁ ରୋଗୀଙ୍କୁ ଘରୋଇ ପରୀକ୍ଷାଗାର ଉପରେ ନିର୍ଭର କରିବାକୁ ପଡୁଛି। ରାଜ୍ୟ ସରକାର ବହୁ କୋଟି ଟଙ୍କାର ଔଷଧ କିଣୁଥିଲେ ମଧ୍ୟ ସାକ୍ଷୀଗୋପାଳ ସରକାରୀ ଡାକ୍ତରଖାନାରେ ସେସବୁ ରୋଗୀଙ୍କ ଭାଗରେ ପଡ଼େନି। କିଛି ହରିଲୁଟ୍ ହୁଏ, କିଛି ସମୟସୀମା ଶେଷ ହେବା ପରେ ବଣ୍ଟାଯାଏ ଆଉ କିଛି ବର୍ଷ ଶେଷବେଳକୁ ନଷ୍ଟ କରିଦିଆଯାଏ। ତେବେ ଯୋଜନାଗୁଡିକ ଚାଲିଛି କାହା ପାଇଁ ? ଉପୁଜୁଥିବା ସ୍ୱାସ୍ଥ୍ୟ ସମସ୍ୟା ପ୍ରତି ସରକାର ଯତ୍ନବାନ୍ ହେବା ଉଚିତ।

-ଦେବତିକ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

## ଚିରନ୍ତନୀ

ଗଜଲ ଗୀତ ସମ ଗତିର ଚମକ
ବାଜଇ ତାଳେ ତାଳେ ଯତିର ଜମକ
ମରଣ ଚିତା ଉଠେ ମରମେ ଜଳି ଗୋ
ଦାରୁଣ ବ୍ୟଥା ବାଜେ ଜୀବନ ଦଳି ଗୋ
ଚାହିଁଲେ ଚାରୁ ତବ ପେଲବ ପଲକ
ଗଜଲ ଗୀତ ସମ ଗତିର ଝଲକ ।

-(ସୁଦୂର ଗାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# 'ବନ୍ଦେ ମାତରମ୍' ରାଷ୍ଟ୍ର ପ୍ରତି ତ୍ୟାଗ, ସମର୍ପଣ ଭାବର ପ୍ରତୀକ

## ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ପାଳନ

ମାଲକାନଗିରି,୭।୧୧ (ଦୁର୍ଯ୍ୟୋଧନ ପାତ୍ର)


ଛାତ୍ରୀଛାତ୍ର ଭାରତ ମାନଚିତ୍ର ଆକୃତିରେ ଠିଆ ହୋଇଛନ୍ତି।

ମାଲକାନଗିରି ଜିଲା ସଦର ମହକୁମା ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଶୁକ୍ରବାର 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ପାଳନ ହୋଇଛି। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ପୂର୍ବାହ୍ନରେ ସାମୂହିକ ବନ୍ଦେ ମାତରମ୍ ସଙ୍ଗୀତ ଗାନ କରାଯାଇଥିଲା। ବନ୍ଦେ ମାତରମ କେବଳ ଗୀତ ନୁହେଁ ଏହା ରାଷ୍ଟ୍ର ପ୍ରତି ପ୍ରେମ, ତ୍ୟାଗ ଓ ସମର୍ପଣ ଭାବର ପ୍ରତୀକ। ଆଜି ଆମେ ସମସ୍ତେ ସାରା ଭାରତର ଲୋକ କାଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ବନ୍ଦେ ମାତରମକୁ ସାମୂହିକ ଭାବେ ଗାନ କରିବାର ପ୍ରଭାବ ଖୁବ୍ ସୁଦୂର ପ୍ରସାରୀ ହୋଇପାରିଛି। ଆଗାମୀ ଦିନରେ ଏହା ରାଷ୍ଟ୍ରବାଦକୁ ଏକ ନୂଆ ସଂଜ୍ଞା ଦେବାରେ ସଫଳ ହେବ ବୋଲି ସବର ପ୍ରକାଶ କରିଥିଲେ। ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଭିଜୁଆଲ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ବନ୍ଦେ ମାତରମ୍ କାର୍ଯ୍ୟକ୍ରମର ପ୍ରସାରଣ କରାଯାଇଥିଲା।

ସେହିପରି ଜିଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରାଜକିଶୋର ଦାଶଙ୍କ ଅଧ୍ୟକ୍ଷତାରେ ବନ୍ଦେ ମାତରମ୍ ୧୫୦ବର୍ଷ ପୂର୍ତ୍ତି ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ସମସ୍ତ ପୋଲିସ କର୍ମଚାରୀଙ୍କ ଉପସ୍ଥିତିରେ ସାମୂହିକ ବନ୍ଦେ ମାତରମ୍ ସଙ୍ଗୀତ ଗାନ କରାଯାଇଥଇଲା। ଏହି ସଙ୍ଗୀତ ବିଭିନ୍ନ ବର୍ଗର, ବିଭିନ୍ନ ଜାତିର ଏବଂ ବିଭିନ୍ନ ଧର୍ମର ଲୋକଙ୍କୁ ଏକତ୍ରୀତ କରାଇ ନିଜ ଭିତରେ ଦେଶାତ୍ମକବୋଧ ଭାବନାକୁ ଉଦ୍ରେକ କରିବା ପାଇଁ ଉଦ୍ଦିଷ୍ଟ ବୋଲି ଅତିରିକ୍ତ ଏସ୍‌ପି ଦାସ କହିଥିଲେ।

# ବିଧାୟକଙ୍କ ମନମୁଖି କାର୍ଯ୍ୟ ବିରୋଧରେ ଦାବିପତ୍ର

କୋରୁକୋଣ୍ଡା,୭।୧୧ (ଶିବଦତ୍ତ ସାହୁ)



ପଞ୍ଚାୟତ ଜନପ୍ରତିନିଧି ବିଡିଓଙ୍କୁ ଦାବିପତ୍ର ଦେଉଛନ୍ତି।

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅଧୀନସ୍ଥ ମୋଟ ୧୨ଟି ଗ୍ରାମ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଶୁକ୍ରବାର ଏକତ୍ରିତ ହୋଇ ଚିତ୍ରକୋଣ୍ଡା ଏବଂ ମାଲକାନଗିରି ନିର୍ବାଚନ ମଣ୍ଡଳୀର ବିଧାୟକଙ୍କ ମନମୁଖୀ କାର୍ଯ୍ୟ ବିରୋଧରେ ଅଭିଯୋଗ ଆଣିଛନ୍ତି। ଏ ନେଇ ସେମାନେ ଶୁକ୍ରବାର କୋରୁକୋଣ୍ଡା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୁଲ୍ୟ କୁମାର ସାହୁ ଏବଂ ବ୍ଲକ ଅଧକ୍ଷ ଜିତୁ ବୁରୁଡିଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି।

ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ରାଜ୍ୟ ସରକାରଙ୍କ ବିକଶିତ ଗ୍ରାମ ବିକଶିତ ଓଡିଶା କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମର ବିକାଶ ଦିଗରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହେଉଛି । ଗ୍ରାମର କେଉଁ କେଉଁ କାମ ହେବ ତାହା ଗ୍ରାମସଭା, ପଲ୍ଲିସଭାରେ ସ୍ୱୀକୃତି ପାଇ ସରକାରଙ୍କ ଅନୁମୋଦନ ପାଇଁ ପଠା ଯାଉଛି। ଏବଂ ସେଥିମଧ୍ୟରୁ ୪୦ ପ୍ରତିଶତ ଉନ୍ନୟନମୂଳକ କାର୍ଯ୍ୟ ବିଧାୟକମାନେ ନିଜ ଇଚ୍ଛା ମୁତାବକ ଦେବାର ପ୍ରାବଧାନ ଅଛି। କିନ୍ତୁ କାମଗୁଡିକ ଅନୁମୋଦନ ହୋଇ ଆସିଲା ପରେ ଉଭୟ ବିଧାୟକ ସମସ୍ତ କାମ ନିଜ ନିଜର ଦଳୀୟ କର୍ମୀମାନେ କରିବେ ବୋଲି ବ୍ଲକ ପ୍ରଶାସନକୁ ଚାପ ପକାଉଛନ୍ତି। ଫଳରେ ଉନ୍ନୟନ କାମରେ ନିର୍ବାଚିତ ପଞ୍ଚାୟତ ପ୍ରତିନିଧିଙ୍କ କୌଣସି ଭୂମିକା ରହୁନାହିଁ। ତେଣୁ କୋରୁକୋଣ୍ଡା ବ୍ଲକ ଅଧକ୍ଷଙ୍କ ଜିତୁ ବୁରୁଡିଙ୍କ ନେତୃତ୍ୱରେ ବ୍ଲକର ସମସ୍ତ ସରପଞ୍ଚ ଏବଂ ସମିତିସଭ୍ୟ ଏକଜୁଟ ହୋଇ ଉଭୟ ବିଧାୟକଙ୍କ କେଉଁ ଅଧିକାରରେ ସମସ୍ତ କାମକୁ ପାର୍ଟିର କର୍ମୀଙ୍କ ଭିତରେ ବାଣ୍ଟିବାକୁ ଦାବି କରୁଛନ୍ତି ବୋଲି ବିଡିଓଙ୍କୁ ପ୍ରଶ୍ନ କରିଥିଲେ। ଆସିଥିବା ସମସ୍ତ କାମରେ ପଞ୍ଚାୟତ ପ୍ରତିନିଧିଙ୍କ ଅଗ୍ରାଧିକାର ରହୁ ବୋଲି ଦାବି କରିବା ସହ ଏକ ଲିଖିତ ଅଭିଯୋଗ ପ୍ରଦାନ କରିଥିଲେ। ଆଗାମୀ ଦିନରେ ଯଦି ଏହି ପ୍ରଥା ବନ୍ଦ ନ ହୁଏ ତେବେ ବ୍ଲକ ଅଚଳ କରିବାକୁ ପଞ୍ଚାୟତ ପ୍ରତିନିଧିମାନେ ଚେତାବନୀ ଦେଇଛନ୍ତି।

# ଉନ୍ନୟନ ଯୋଜନା ସମ୍ପର୍କରେ ଆଲୋଚନା

## କାଲିମେଳା ପଞ୍ଚାୟତ ସମିତି ବୈଠକ


ବୈଠକରେ ଉପସ୍ଥିତ ଜନପ୍ରତିନିଧିଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀମାନେ।

କାଲିମେଳା, ୭।୧୧ (ଜୀବନ କୃଷ୍ଣ ଦାସ)

ମାଲକାନଗିରି ଜିଲା କାଲିମେଳା ବ୍ଲକ ସଭାଗୃହରେ ଶୁକ୍ରବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅଧକ୍ଷା ସୁବାସିନୀ ସୋଡ଼ୀଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଜିଲା ପରିଷଦ ଉପାଧକ୍ଷ ପତିତପାବନ ବୈଦ୍ୟ, ବ୍ଲକ ଉପାଧକ୍ଷ ଲକ୍ଷ୍ମୀଧର ମାଡକାମୀ, ଜିଲା ପରିଷଦ ସଭ୍ୟା ଅପର୍ଣ୍ଣା ମଣ୍ଡଳ, ମମତା ପଡିଆମୀ, କାଲିମେଳା ବିଧାୟକ ପ୍ରତିନିଧି ହରବିଳାସ ମଣ୍ଡଳ, ଚିତ୍ରକୋଣ୍ଡା ଗୋବିନ୍ଦ ଚନ୍ଦ୍ର ସିଲ ପ୍ରମୁଖ ଉପସ୍ଥିତ ଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦୀପ କୁମାର କରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବୈଠକରେ ବ୍ଲକ, ପଞ୍ଚାୟତ ଉନ୍ନୟନ ଯୋଜନା ପ୍ରସ୍ତୁତି ବିଷୟରେ ଆଲୋଚନା କରାଯାଇଥିଲା ।

ବିଶେଷକରି କୃଷି, ଶିକ୍ଷା, ଜଳସେଚନ ଓ କ୍ଷୁଦ୍ର ଜଳସେଚନ, ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ, ପଶୁପାଳନ, ସାଧାରଣ ବଣ୍ଟନ, ସମାଜ ମଙ୍ଗଳ, ସାମାଜିକ ସୁରକ୍ଷା, ମହିଳା ଓ ଶିଶୁ ବିକାଶ, ବିଦ୍ୟୁତ ବିଭାଗ, ପୂର୍ତ୍ତ ବିଭାଗ, ଗ୍ରାମ୍ୟ ନିର୍ମାଣ ବିଭାଗ, ଜଙ୍ଗଲ ବିଭାଗ, ଗ୍ରାମ୍ୟ ରାସ୍ତା ନିର୍ମାଣ ବିଭାଗ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରାଯିବାକୁଥିବାବେଳେ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ନ ଥିବାରୁ ସେହି ବିଭାଗରେ ଆଲୋଚନା ହୋଇପାରିନାହିଁ। ବୈଠକରେ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଅଧିକ ଆଲୋଚନା ହୋଇଥିଲାବେଳେ ଅଞ୍ଚଳର ଲୋକଙ୍କୁ ଠିକ ଭାବେ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇ ପାରୁ ନ ଥିବା ଜିଲା ପରିଷଦ ସଭ୍ୟା ମମତା ପଡିଆମୀ ଅଭିଯୋଗ କରିଥିଲେ। କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବର୍ତ୍ତମାନ କୋମା ଅବସ୍ଥାରେ ରହିଥିବାରୁ ଏଠାର ଅଧିକାଂଶ ରୋଗୀଙ୍କୁ ବାହାରକୁ ରେଫର କରାଯାଉଛି। ସାମାନ୍ୟ ଡେଲିଭରି ରୋଗୀଙ୍କୁ ମଧ୍ୟ ଏଠାରୁ ମାଲକାନଗିରି ଜିଲା ମେଡିକାଲକୁ ସ୍ଥାନାନ୍ତରିତ କରାଯାଉଥିବା ମମତା ଅଭିଯୋଗ କରିଥିଲେ । ଦୁଇ ବର୍ଷ ପୂର୍ବରୁ ଏଠାରେ ସବୁ ଠିକ ଥିବାବେଳେ ବର୍ତ୍ତମାନ ଅଲଟ୍ରାସାଉଣ୍ଡ କିମ୍ବା ସିଜରିଆନ ଅସ୍ତ୍ରୋପଚାର ହୋଇପାରୁ ନାହିଁ। ଫଳରେ ଗର୍ଭବତୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ସମାଧାନ କରିବା ପାଇଁ ବୈଠକରେ ମମତା ଦାବି କରିଛନ୍ତି। ଏଥିସହ କାଲିମେଳା ବ୍ଲକ୍ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିଲେ ମଧ୍ୟ ଚାଷୀମାନେ ଉପଯୁକ୍ତ ସାର ପାଇପାରୁ ନାହାନ୍ତି। ଚାଷୀଙ୍କୁ ସାର ଯୋଗାଇବାରେ ସରକାର ବିଫଳ ହୋଇଛନ୍ତି ବୋଲି ଅଭିଯୋଗ ହୋଇଛି। ବୈଠକରେ ବ୍ଲକ ମୁଖ୍ୟ କିରାଣି ଶ୍ୟାମସୁନ୍ଦର ନାୟକ, ଜିପିଡିଏ ଜଗନ୍ନାଥ ମଣ୍ଡଳଙ୍କ ସମେତ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଜିଆର୍‌ଏସ୍, ଲାଇନ ବିଭାଗର କିଛି ଅଧିକାରୀ, ସମସ୍ତ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ।

# ଖାଦ୍ୟ ସୁରକ୍ଷା, ଅବକାରୀ, ଡ୍ରଗ୍ସ ବିଭାଗ ପକ୍ଷରୁ ଚଢ଼ାଉ

କୋରୁକୋଣ୍ଡା,୭।୧୧ (ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ଖାଦ୍ୟ ସୁରକ୍ଷା, ଅବକାରୀ ଓ ଡ୍ରଗ୍ସ ବିଭାଗ ପକ୍ଷରୁ ଶୁକ୍ରବାର ସକାଳେ ବାଲିମେଳା ସହରର ବିଭିନ୍ନ ପାନ ଦୋକାନ ଓ ହୋଟେଲ ଉପରେ ଚଢ଼ାଉ କରି ଗୁଟ୍‌ଖା, ସିଗାରେଟ ଭଳି ନିଶା ଦ୍ରବ୍ୟ ଜବତ କରାଯାଇଛି। ବାଲିମେଳା ମହାବିଦ୍ୟାଳୟ ପାଖରେ ଥିବା ବିଭିନ୍ନ ପାନ ଦୋକାନ ଓ ହୋଟେଲ ଚଢ଼ାଉ କରି ବହୁ ପରିମାଣର ତମାଖୁ ଓ ନିଶାଦ୍ରବ୍ୟ ଜବତ କରାଯିବା ସହ ଜରିମାନା ଆଦାୟ କରାଯାଇଥିଲା। ପରେ ବାଲିମେଳା ଦୈନିକ ବଜାରରେ ଥିବା ବିଭିନ୍ନ ଦୋକାନ ଉପରେ ଚଢ଼ାଉ କରି ବହୁ ପରିମାଣର ଗୁଟଖା, ଭାଙ୍ଗ ଆଦି ଜବତ କରିବା ସହିତ ଖାଦ୍ୟ ସୁରକ୍ଷା ସାର୍ଟିଫିକେଟ କରିବା ପାଇଁ ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରଭାତ କୁମାର ସେଠୀ ପରାମର୍ଶ ଦେଇଥିଲେ। ସେହିପରି ଡ୍ରଗ୍ସ ଇନ୍ସପେକ୍ଟର ବିରେନ କୁମାର ବିଭିନ୍ନ ଷ୍ଟେସନାରୀ ଦୋକାନରେ ଚଢ଼ାଉ କରି କିଛି ଔଷଧ ଥିବାରୁ ଦୋକାନୀଙ୍କୁ ତାଗିଦା କରିବା ସହିତ ସମସ୍ତ ଔଷଧ ଜବତ କରାଯାଇଥିଲା। ଆଗାମୀ ଦିନରେ ସମସ୍ତ ବ୍ୟବସାୟୀଙ୍କୁ ଖାଦ୍ୟ ସୁରକ୍ଷା ସାର୍ଟିଫିକେଟ କରିବା ପାଇଁ ନିବେଦନ କରିଥିଲେ। ଏହି ଚଢ଼ାଉ ସମୟରେ ଅବକାରୀ ବିଭାଗ ଓ ଓର୍କେଲ ଥାନା ପକ୍ଷରୁ ଏଏସ୍‌ଆଇ ସଞ୍ଜୀବ ଟାକ୍ରିଙ୍କ ନେତୃତ୍ୱରେ ପୋଲିସର ଏକ ସ୍ୱତନ୍ତ୍ର ଟିମ ଉପସ୍ଥିତ ଥିଲେ। ଚଢ଼ାଉ ସମୟରେ ବିଭିନ୍ନ ଦୋକାନରୁ ୧୧୦୦୦ ଟଙ୍କା ଜରିମାନା ବାବଦରେ ଆଦାୟ ହୋଇଥିବା ଖାଦ୍ୟ ସୁରକ୍ଷା ଅଧିକାରୀ ସେଠୀ ସୂଚନା ଦେଇଛନ୍ତି।


ପାନ ମସଲା ଦୋକାନରେ ଚଢ଼ାଉ କରାଯାଉଛି।


**FORM NO. 13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA**
**OA NO. 416/2024**

Axis Bank Limited ............ Applicant
Versus
M/s Maa Plywood Suppliers ......... Defendants

To,
1. **M/s Maa Plywood Suppliers**, Prop.: Bishnu Prasad Rath, Rasulgarh, Plot No.: 56/A, Rasulgarh, Mancheswar, Bhubaneswar, Khordha, Odisha-751010.
2. **Mr. Bishnu Prasad Rath**, S/o-Simanchal Rath, Bhagirathipur, Rukunigam, Ganjam, Odisha-761026.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the Applicant has instituted an **O.A. No. 416/2024** in the court of the Debts of Recovery Tribunal, Cuttack for Recovery of **Rs.35,75,344.76** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorised agent, in support of their defence to show cause within 30 days from the publication or on **26.12.2025** at **10.30 a.m.** as to why reliefs prayed for should not be granted. Take notice that in case of default, the application will be heard and determined in their absence.

Given under my hand seal of this Tribunal on this **24th day of October 2025.**

(Nikhila Ranjan Pati)
Sd/- Registrar

नालको NALCO
National Aluminium Company Limited
(A Government of India Enterprise)
NALCO Bhawan, Plot No. P/1, Nayapalli, Bhubaneswar-751013, Odisha
(CIN : L27203OR1981GOI000920)
A NAVRATNA COMPANY

**ସୂଚନା**

ନିର୍ଦ୍ଦେଶକ ମଣ୍ଡଳୀ ୭ ନଭେମ୍ବର, ୨୦୨୫ରେ ଅନୁଷ୍ଠିତ ସେମାନଙ୍କର ବୈଠକରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ପ୍ରତି ସେୟାର ପିଛା ୪ ଟଙ୍କା ର ମଧ୍ୟବର୍ତ୍ତୀକାଳୀନ ଲାଭାଂଶ ଘୋଷଣା କରିଛନ୍ତି।
ଏହି ସମ୍ପର୍କରେ ସୂଚନା ଦିଆଯାଉଛି ଯେ, ୨୦୨୫-୨୬ ଆର୍ଥିକ ବର୍ଷ ନିମନ୍ତେ ମଧ୍ୟବର୍ତ୍ତୀକାଳୀନ ଲାଭାଂଶ ପ୍ରଦାନ ପାଇଁ ୧୪ ନଭେମ୍ବର, ୨୦୨୫ କୁ 'ରେକର୍ଡ ତାରିଖ' ଭାବରେ ସ୍ଥିର କରାଯାଇଛି।
ସେହି ସେୟାରଧାରୀଙ୍କୁ ମଧ୍ୟବର୍ତ୍ତୀକାଳୀନ ଲାଭାଂଶ ପ୍ରଦାନ କରାଯିବ ଯେଉଁ ମାନଙ୍କ ନାମ ନିମ୍ନମତେ ଅନ୍ତର୍ଭୁକ୍ତ ଥିବ;
କ. ଇଲେକ୍ଟ୍ରୋନିକ୍ ଫର୍ମରେ ଥିବା ସେୟାର ସମ୍ପର୍କରେ ଏନଏସଡିଏଲ ଏବଂ ସିଡିଏସଏଲ ଦ୍ୱାରା ଡାଉନଲୋଡ୍ କରିବାକୁ ଥିବା ଲାଭଦାୟକ ମାଲିକ ସ୍ଥିତି ଅନୁଯାୟୀ ତା. ୧୪.୧୧.୨୦୨୫ ରେ ବ୍ୟବସାୟୀକ କାର୍ଯ୍ୟ ସମୟ ଶେଷ ସୁଦ୍ଧା ଲାଭଦାୟକ ମାଲିକ ଏବଂ
ଖ. କମ୍ପାନୀର ସଦସ୍ୟମାନଙ୍କ ରେଜିଷ୍ଟରରେ ସଦସ୍ୟ ଭାବରେ, ତା. ୧୪.୧୧.୨୦୨୫ ରେ କିମ୍ବା ପୂର୍ବରୁ କମ୍ପାନୀରେ ଦାଖଲ ହୋଇଥିବା ଭୌତିକ ରୂପରେ ଟ୍ରାନ୍ସମିସନ୍/ଟ୍ରାନ୍ସପୋଜିସନ୍ ଯଦି କୌଣସି ଥାଏ, ତେବେ ତାହାକୁ କାର୍ଯ୍ୟକାରି କରିବା ପରେ।
ତା ୦୧.୦୪.୨୦୨୦ ଠାରୁ ସେୟାରଧାରୀଙ୍କ ଲାଭାଂଶ ଆୟ କରଯୋଗ୍ୟ ଅଟେ ଏବଂ ତଦନୁସାରେ କମ୍ପାନୀ ଆୟକର ଆଇନ, ୧୯୬୧ ଅନ୍ତର୍ଗତ ବ୍ୟବସ୍ଥା ଅନୁଯାୟୀ ଟିକସ (ଟିଡିଏସ) କଟିବ।
ରେକର୍ଡ ତାରିଖ ବିଷୟରେ ସୂଚନା କମ୍ପାନୀର ୱେବସାଇଟ୍ www.nalcoindia.com ଏବଂ ଷ୍ଟକ୍ ଏକ୍ସଚେଞ୍ଜ ର ୱେବସାଇଟ୍ www.bseindia.com ଏବଂ www.nseindia.com ରେ ମଧ୍ୟ ଉପଲବ୍ଧ।

ନ୍ୟାସନାଲ୍ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍ ପାଇଁ
ସ୍ୱାକ୍ଷରିତ
(ବି.କେ. ସାହୁ)
ମୁଖ୍ୟ ମହାପ୍ରବନ୍ଧକ ଏବଂ କମ୍ପାନୀ ସଚିବ
ସ୍ଥାନ: ଭୁବନେଶ୍ୱର
ତାରିଖ: ୦୮.୧୧.୨୦୨୫

**ROURKELA DEVELOPMENT AUTHORITY**
**UDITNAGAR, ROURKELA-769012**
**No.2588/RDA., dated 31.10.2025**
**PROCLAMATION**

**No.CAD-2176** : It is hereby informed to the General public that Barsharani Sahoo, W/o - Deepak Kumar Sahoo has applied for permission for transfer of House No.E-73, under Chhend Housing Project, Stage-I, Chhend Rourkela-15 in favour of Rambabu Sharma, S/o - Munilal Sharma. Anybody has got objection to the proposed transfer, he/she may file objection petition before the undersigned within 15 (fifteen) days from the date of publication of this proclamation. Objection petition shall not be entertained after expiry of the stipulated Period.

OIPR-
Sd./- Secretary
Rourkela Development Authority

ଫର୍ମ ନଂ.-୧୩
**ଋଣ ଅସୁଲି ପ୍ରାଧିକରଣ, କଟକ**
ସି-୭୧, ସେକ୍ଟର-୭, ସି.ଡ଼ି.ଏ, କଟକ, ଓଡ଼ିଶା
ଓ.ଏ. ନଂ.-୩୩୩/୨୦୨୫

ବ୍ୟାଙ୍କ ଅଫ୍ ଇଣ୍ଡିଆ .....ଆବେଦନକାରୀ
ବନାମ

୧. **ମେସର୍ସ ଇଣ୍ଡିବିକ୍,** ଏହାକୁ ପ୍ରତିନିଧିତ୍ୱ କରୁଥିବା ଏକମାତ୍ର ସ୍ୱତ୍ତ୍ୱାଧିକାରୀ ଶ୍ରୀ ଦେବାଶିଷ ନାୟକ, କାର୍ଯ୍ୟାଳୟ ଏବଂ ୟୁନିଟ୍: ସା: ଏସ୍-୩/୨୮୬, ନୀଳାଦ୍ରି ବିହାର, ପୋ/ଥାନା: ଚନ୍ଦ୍ରଶେଖରପୁର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୧୦୨୧
୨. **ଶ୍ରୀ ଦେବାଶିଷ ନାୟକ,** ପିତା: ଶ୍ରୀ ମାନସ କୁମାର ନାୟକ, ସା: ଏସ୍-୩/୨୮୬, ନୀଳାଦ୍ରି ବିହାର, ପୋ/ଥାନା: ଚନ୍ଦ୍ରଶେଖରପୁର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୧୦୨୧
୩. **ଶ୍ରୀମତୀ ନିରୁପମା ନାୟକ,** ସ୍ୱାମୀ: ଶ୍ରୀ ମାନସ କୁମାର ନାୟକ, ସା: ଏସ୍-୩/୨୮୬, ନୀଳାଦ୍ରି ବିହାର, ପୋ/ଥାନା: ଚନ୍ଦ୍ରଶେଖରପୁର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୧୦୨୧

**ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ**
**ଖବରକାଗଜ ପ୍ରକାଶନ ଦ୍ୱାରା ଜାରି ସମନ୍**

ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଅଛି କି ଆବେଦନକାରୀ ଓ.ଏ. ନଂ.-୩୩୩/୨୦୨୫ ଦ୍ୱାରା **ଟ.୨୫,୬୯,୦୩୮/- (ପଚିଶି ଲକ୍ଷ ଅଣସ୍ତରି ହଜାର ଏବଂ ଅଠତିରିଶି ଟଙ୍କା ମାତ୍ର)** ଋଣ ରାଶି ଓ ତତ୍‌ସହିତ ଚଳିତ ଏବଂ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଓ ଅନ୍ୟାନ୍ୟ ଖର୍ଚ୍ଚ ଆଦାୟ ପାଇଁ ମାନ୍ୟବର ଋଣ ଅସୁଲି ପ୍ରାଧିକରଣ, କଟକଙ୍କ ଇଜିଲାସରେ ଏକ ମୋକଦ୍ଦମା ରୁଜୁ କରିଛନ୍ତି। ତେଣୁ ଏତଦ୍‌ଦ୍ୱାରା ଉପର ଲିଖିତ ପ୍ରତିବାଦୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି ଏହି ନୋଟିସ୍ ପ୍ରକାଶନର **ତିରିଶି** ଦିନ ମଧ୍ୟରେ କିମ୍ବା **ତା.୦୮.୦୧.୨୦୨୬ରିଖ ପୂର୍ବାହ୍ନ ୧୦.୩୦ ଘଟିକା** ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ।
ଏହି ନୋଟିସ୍ ମାଧ୍ୟମରେ ଅବଗତ କରାଇ ଦିଆଯାଉଅଛି କି ଯଦି ଆପଣ ମାନେ ଏଥିରେ ଖିଲାପ କରନ୍ତି, ତେବେ ଆପଣମାନଙ୍କ ଅନୁପସ୍ଥିତିରେ ଦରଖାସ୍ତର ଶୁଣାଣୀ ଏବଂ ବିଚାର କରାଯିବ।
ଏହି ପ୍ରାଧିକରଣର ସହି ମୋହର ସହ ଏବଂ ମୋ ଦ୍ୱାରା ଅଦ୍ୟ ଦିନାଙ୍କ **୩୧ ଅକ୍ଟୋବର,** ୨୦୨୫ରେ ଆଦିଷ୍ଟ।

ସ୍ୱା/- (ନିଖିଳ ରଞ୍ଜନ ପତି)
ରେଜିଷ୍ଟ୍ରାର

**झारखण्ड सरकार**
**पथ निर्माण विभाग, पथ प्रमण्डल, हजारीबाग**
अल्पकालीन ई–प्रोक्योरमेंट सूचना
ई–निविदा प्रसंग सं० :– RCD/HAZARIBAG/1037/2025-26
दिनांक :–07.11.2025

| | | |
|---|---|---|
| 1. | कार्य का नाम | पथ निर्माण विभाग, पथ प्रमण्डल, हजारीबाग अन्तर्गत "नौडीहा–बड़ागोसाई चौक (कल्लु चौक सिन्दुर पथ पर) से शेख भिखारी मेडिकल कॉलेज एवं हॉस्पीटल पथ भाया जयप्रकाश सेन्ट्रल जेल (कुल लम्बाई 1.425 कि0मी0) का पुनर्निर्माण कार्य (भू–अर्जन, युटिलिटी शिफ्टींग एवं वृक्षारोपण सहित)"। |
| 2. | प्राक्कलित राशि (रूपये में) | रू० 8,05,17,705.00 (आठ करोड़ पाँच लाख सत्रह हजार सात सौ पाँच रूपये मात्र) |
| 3. | कार्य समाप्ति की अवधि | 04 (चार) माह |
| 4. | वेबसाईट पर निविदा प्रकाशित होने की तिथि एवं समय | 14.11.2025 10:30 AM |
| 5. | निविदा प्राप्ति की अंतिम तिथि एवं समय | 20.11.2025 12:00 Noon |
| 6. | निविदा खोलने की तिथि एवं समय | 21.11.2025 12:30 PM |
| 7. | निविदा आमंत्रित करने वाले का नाम एवं पता | कार्यपालक अभियंता का कार्यालय, पथ निर्माण विभाग, पथ प्रमण्डल, हजारीबाग। |
| 8. | प्रोक्योरमेंट पदाधिकारी का सम्पर्क नं० | 8709320541 |
| 9. | ई–प्रोक्योरमेट सेल का हेल्प लाईन नं० | 0651–2446007 |

अतिरिक्त जानकारी के लिए वेबसाईट पर देखें :– http://jharkhandtenders.gov.in
E-mail ID : eercdhazari-jhr@nic.in
Tel. No. – 06546-225818
PR 365508 Road(25-26).D
कार्यपालक अभियंता, पथ निर्माण विभाग,पथ प्रमण्डल, हजारीबाग

**ଦ.ପୂ. ରେଳପଥ – ଇ-ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ. ପିସିଏମ୍‌ଏମ୍/ଜିଇଏନ୍‌ଏଲ/ଟିପି/୨୦୨୫/୪୦, ତାରିଖ: ୦୭।୧୧।୨୦୨୫
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଦକ୍ଷିଣ ପୂର୍ବ ରେଳପଥ, ମୁଖ୍ୟ କାର୍ଯ୍ୟାଳୟ (୫ମ ମହଲା), ନୂତନ ପ୍ରଶାସନିକ ଭବନ, ୧୧, ଗାର୍ଡେନ୍ ରିଚ୍ ରୋଡ୍, କୋଲକାତା–୭୦୦୦୪୩ଙ୍କ ଦ୍ୱାରା "ଇ" ସଂଗ୍ରହଣ ପ୍ରଣାଳୀ ନିମନ୍ତେ ନିମ୍ନ ଅନୁଯାୟୀ ଖୋଲା ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହା ନିମ୍ନ ଅନୁଯାୟୀ ୱେବ୍‌ସାଇଟ୍ www.ireps.gov.inରେ ଅପଲୋଡ୍ ହୋଇଛି । ସମସ୍ତ ଟେଣ୍ଡର ୧୪.୦୦ ଘଟିକାରେ ବନ୍ଦ ହେବ ।

| କ୍ର. ସଂ. | ଟେଣ୍ଡର ନଂ. | ଧାର୍ଯ୍ୟ ତାରିଖ | ସଂକ୍ଷିପ୍ତ ବର୍ଣ୍ଣନା | ପରିମାଣ | ଇଏମ୍‌ଡି (ଟଙ୍କାରେ) |
|---|---|---|---|---|---|
| ୧. | ୩୩୨୫୩୨୮ଏ | ୨୫।୧୧।୨୦୨୫ | ଫ୍ଲାଟ୍ ବଗି ପାଇଁ ସେକେଣ୍ଡାରୀ ଲାଟେରାଲ୍ ଡାମ୍ପର୍ | ୨୫୭୦ ଗୋଟି | ୩,୧୬,୬୦୦/- |
| ୨. | ୫୬୨୫୧୦୦୭ | ୨୭।୧୧।୨୦୨୫ | ୨୪ ଓଏଫ୍‌ସି ଆଦିର ଯୋଗାଣ ପାଇଁ ରନିଂ ଠିକା | ୩୨୦ କିମି | ୩,୭୭,୧୪୦/- |
| ୩. | ୪୫୨୫୩୧୧୯ | ୦୫।୧୨।୨୦୨୫ | ୪୫୨୫୩୧୧୯ ଇମର୍ଜେନ୍ସି ବ୍ୟାଟେରି ଚାର୍ଜର୍ ୨୩୦ ଭୋଲ୍ଟ, ୨.୫ କେଡବ୍ଲ୍ୟୁ ଆଦି | ୨୩୮ ଗୋଟି | ୧,୦୩,୫୨୦/- |
| ୪. | ୭୭୨୫୩୦୨୪ | ୧୯।୧୧।୨୦୨୫ | ଜେଣ୍ଟିଆନ୍ ବ୍ଲୁ (ଆର୍‌ଏଏଲ୍ ୫୦୧୦) ପେଣ୍ଟ୍ ଆଦିର ଯୋଗାଣ | ୭୫୬୮୦ ଲିଟର | ୧,୫୨,୦୧୦/- |
| ୫. | ୫୬୨୫୩୦୦୬ | ୨୭।୧୧।୨୦୨୫ | ୨ଭି ୩୦୦ଏଏଚ୍ ଲୋ' ମେଣ୍ଟେନାନ୍ସ ଲିଡ୍ ଏସିଡ୍ ସେକେଣ୍ଡାରୀ ସେଲ୍ ଆଦିର ଯୋଗାଣ ପାଇଁ ରନିଂ ଠିକା | ୬୫୦୦ କିମି. | ୧୧,୫୮,୧୪୦/- |
| ୬. | ୪୬୨୫୩୧୨୧ଏ | ୨୪।୧୧।୨୦୨୫ | ପୋର୍ସିଲେନ୍ ୯ ଟନ ଇନ୍‌ସୁଲେଟର୍ ଆର୍.ଆଇ. ୬୦୨୦–୧ (ସି.ଡି. ୧୦୫୦ ମିମି) ସମ୍ପୂର୍ଣ୍ଣ ସେଟ୍ ଆଦି | ୧୮୦୫ ଗୋଟି | ୧,୦୭,୫୬୦/- |
| ୭. | ୨୯୨୫୩୬୮୦ | ୨୨।୧୧।୨୦୨୫ | ଡ୍ରାଇଭର ବ୍ରେକ୍ ଓ ହର୍ନ ଭାଲ୍‌ଭ ପାଇଁ ମେଣ୍ଟେନାନ୍ସ କିଟ୍‌ଗୁଡ଼ିକର ସେଟ୍ | ୧୩୮ ସେଟ୍ | ୧,୩୦,୫୦୦/- |
| ୮. | ୨୯୨୫୫୦୯୪ | ୨୭।୧୧।୨୦୨୫ | ଲାବିରିନ୍ଥ ଏବଂ ବେରିଂ କ୍ୟାପ୍‌ର ସେଟ୍ | ୬୦୦ ସେଟ୍ | ୪,୩୮,୭୫୦/- |
| ୯. | ୨୯୨୫୫୦୩୪ | ୨୭।୧୧।୨୦୨୫ | ଲାବିରିନ୍ଥ ଏବଂ ବେରିଂ କ୍ୟାପ୍‌ର ସେଟ୍ | ୪୦୦ ସେଟ୍ | ୨,୧୧,୯୨୦/- |
| ୧୦. | ୨୯୨୫୫୦୭ଏ | ୨୮।୧୧।୨୦୨୫ | ଏକ୍ସିଲ୍ ଗାଇଡ୍ ଲିଙ୍କ୍/ଟିଏମ୍ ନିମନ୍ତେ ଷ୍ଟେରିବ୍ଲକ୍ | ୧୭୩୫ ଗୋଟି | ୩,୩୩,୧୨୦/- |
| ୧୧. | ୪୨୨୫୫୦୧୭ | ୦୮।୧୨।୨୦୨୫ | ବ୍ରଶ୍‌ଲେସ୍ ଡିସି (ବିଏଲ୍‌ଡିସି) ମୋଟର ସିଲିଂ ଫ୍ୟାନ୍, ଆଇଏସ୍‌ଆଇ ମାର୍କା, ସୁଇପ୍ ଆକାର: ୧୨୦୦ ମିମିର ଯୋଗାଣ ପାଇଁ ଆର୍‌ସି | ୨୮୩୨୪ ଗୋଟି | ୧୩,୮୪,୫୨୦/- |
| ୧୨. | ଆଇଜି୨୫୫୮୯୨ଏ | ୦୩।୧୨।୨୦୨୫ | ୫୦୦ କେଭିଏ କ୍ଷମତାର ଇଣ୍ଡୋର୍ ଟାଇପ୍ ଡିଷ୍ଟ୍ରିବ୍ୟୁଶନ୍ ଟ୍ରାନ୍ସଫର୍ମର୍ | ୦୪ ଗୋଟି | ୧,୭୪,୬୪୦/- |
| ୧୩. | ୬୦୨୫୦୦୧୮ | ୧୦।୧୨।୨୦୨୫ | ୬୦ କେଜି ରେଲ୍ ଆଦି ପାଇଁ ଉପଯୁକ୍ତ ଫିଶ୍ ବୋଲ୍ଟସ ଓ ନଟ୍ସ ୨୫x୧୪୦ (ଟି–୧୮୯୯) | ୧୩୦୦୦୦ ଗୋଟି | ୧,୯୫,୪୨୦/- |

ଟେଣ୍ଡରର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ପାଇଁ ଏବଂ ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତା ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ଅନ୍ୟ ସମସ୍ତ ଟେଣ୍ଡର ଏବଂ ତତ୍‌ପଶ୍ଚାତ୍ ପ୍ରକାଶିତ କୌଣସି ଶୁଦ୍ଧିପତ୍ର ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି । (PR-813)

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**SB SAHOO & CO PVT LTD**
**BHUBANESWAR**
We are hiring **Marketing Executive** and **Accounting Professional**.
Salary is not a barrier for the right talent
Email : sbsahoo2005@yahoo.co.in
Mobile : 9124560515

**ଆବଶ୍ୟକ**
ପାର୍ଟ ଟାଇମ ଘରୋଇ କାର୍ଯ୍ୟ ପାଇଁ ସଚ୍ଚୋଟ, ଦାୟିତ୍ୱବାନ କର୍ମଚାରୀ ଆବଶ୍ୟକ। ମାତୃଭାଷା ଓଡ଼ିଆ ହୋଇଥିବା ଆବଶ୍ୟକ। କାର୍ଯ୍ୟ ସମୟ ସକାଳ ୮ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ। ରହିବା ସୁବିଧା ଉପଲବ୍ଧ। ତୁରନ୍ତ ଯୋଗାଯୋଗ କରନ୍ତୁ। ଯୋଗାଯୋଗ ନମ୍ବର – **9438128790,** ସ୍ଥାନ: ଭୁବନେଶ୍ୱର।

**WANTED : A reputed Trading house at BBSR needs**
- **Jr. Accountant** - with min. 2-3 yrs. exp. in Tally
- **Office Asst.** - with Computer Knowledge

Attractive Salary & other benefits with immediate recruitment
*Apply by mail : singhi.motor@gmail.com Mob-9078339020*

**WE ARE HIRING**
GARGSON GROUP
For Our four - wheeler dealership we need professional in **Bhubaneswar** for the following positions:-
**Corporate Sales Manager :** Graduates /BBA/ BCOM /BSC / BA having atleast 5-10 years experience in handling corporate sales in automobile sector of any 2/3/4 wheeler dealership.
**ASST SALES MANAGER :** Graduates /BBA/ BCOM /BSC / BA having atleast 5-10 years experience in handling sales team leads in automobile sector of any 2/3/4 wheeler dealership.
**SALES TEAM LEADER :** Graduates/BBA/ BCOM /BSC / BA having at least 4-5 years experience in automobile sales of any 2/3/4 wheeler dealership.
**SALES CONSULTANT :** Graduates/BBA/ BCOM /BSC / BA having at least 1-2 years experience in automobile sales of any 2/3/4 wheeler dealership.
**SALES TRAINER :** Graduates/BBA/ BCOM /BSC / BA/ MBA having 5-10 years training experience in Automobile sales of any 2/3/4 wheeler dealership.
**SOCIAL MEDIA MARKETING EXE. :** Graduates /BBA/ BCOM /BSC / BA/ MBA having 1-2 years of experience in managing social media sites(Facebook,Instagram,linkedIn)
**FINANCE EXECUTIVE :** Graduates / BCOM / MCOM/ MBA having 1-3 years of experience in auto loan of any 2/3/4 wheeler dealership.
**PDI EXECUTIVE :** Graduates/BBA/ BCOM /BSC / BA having at least 0-1 year experience in Pre Delivery Inspection process in automobile sales of any 2/3/4 wheeler dealership.
**USED CAR EXECUTIVE :** Graduates / BCOM /BSC / BA/DIPLOMA / ITI having at least 1-3 years experience in evaluating used car in automobile sales of any 2/3/4 wheeler dealership.
**ADMIN EXECUTIVE :** Graduate having 2 to 3 years experience in admin from any segment preference will given from automobile sector(Security management, Facility management).
**ACCESSORIES INCHARGE/ VAS EXE :** Graduate or Diploma Automobile having accessories sales experience of any 2/3/4 wheeler dealership.
**BODYSHOP ADVISOR :** Graduate or Diploma Automobile having atleast 2-3 years experience in handling bodyshop of any 2/3/4 wheeler dealership.
**BODYSHOP FLOOR SUPERVISOR :** Graduate or Diploma Automobile having 0-2 years experience in handling floor of any 2/3/4 wheeler dealership
**E-TECH :** Must be a diploma in automobile at least 4 to 6 years experiences in electronics works of any 4 wheeler dealership.
**SR. TECHNICIAN :** ITI/ DIPLOMA in automobile having at least 3-4 years experience in any 2/3/4 wheeler dealership/ Garage.
**DRIVER :** Must have 2-3 years of experience in car (automatic/manual) driving with valid driving licence.
**PEON :** Male preferred.
Salary will not be a constraint for deserving candidates.
Interested candidates may send their resume to:-
capitaltoyota.bbsr@gmail.com
& mark a cc - edp.bhubaneswar@renault-india.com
Contact: 9348940535/9040087503/9237378205

**ଭାରତର ସର୍ବୋଚ୍ଚ ନ୍ୟାୟାଳୟରେ**
୨୦୨୨ର SLP(C) ନଂ. ୧୯୪୮୩ ଏହି ବିଷୟର ମାମଲା
ପ୍ରାଧ୍ୟାପକ, କେନ୍ଦ୍ରୀୟ ବିଦ୍ୟାଳୟ ବନାମ ବେଣୁଧର ନାୟକ ଏବଂ ଅନ୍ୟାନ୍ୟ
ଉପରୋକ୍ତ ପ୍ରସଙ୍ଗରେ ଭାରତର ମାନ୍ୟବର ସୁପ୍ରିମକୋର୍ଟ ଦ୍ୱାରା ପ୍ରତିପକ୍ଷଙ୍କୁ ଆବେଦନର ନୋଟିସ୍ ଅନେକ ତାରିଖରେ ଜାରି କରାଯାଇଥିଲା କିନ୍ତୁ ଆବଶ୍ୟକୀୟ ଅନୁଧ୍ୟାନ ସତ୍ତ୍ୱେ କେଉଁଠାରେ ଅଛନ୍ତି ତାହା ଜଣା ନ ଥିବାରୁ ତାହା କାର୍ଯ୍ୟକାରୀ ହୋଇପାରିଲା ନାହିଁ।
ଧ୍ୟାନ ଦିଅନ୍ତୁ ଯେ ମାନ୍ୟବର କୋର୍ଟ ୦୯।୧୦।୨୦୨୫ ତାରିଖର ଏକ ଆଦେଶ ଦ୍ୱାରା ଏହି ସାର୍ବଜନୀନ ନୋଟିସ୍ ପ୍ରକାଶନ ମାଧ୍ୟମରେ ନୋଟିସ୍ ଜାରି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।
ତେଣୁ, ଉପରୋକ୍ତ ମାମଲା ଶୁଣାଣି ପାଇଁ ସ୍ଥିର ହେବା ପରେ, ଆପଣଙ୍କୁ ବେଣୁଧର ନାୟକ ବ୍ୟକ୍ତିଗତ ଭାବରେ କିମ୍ବା ଜଣେ କ୍ଷମତାପ୍ରାପ୍ତ ଓକିଲଙ୍କ ମାଧ୍ୟମରେ ୨୪।୧୧।୨୦୨୫ ସକାଳ ୧୦.୩୦ ସମୟରେ ମାନ୍ୟବର ସୁପ୍ରିମକୋର୍ଟରେ ହାଜର ହେବାକୁ ପଡ଼ିବ, ନଚେତ୍ ଆପଣଙ୍କ ଅନୁପସ୍ଥିତିରେ ମାମଲାର ଶୁଣାଣି ଏବଂ ନିଷ୍ପତ୍ତି ନିଆଯିବ।

(ଏସ୍. ରାଜପ୍ପା, ଆର୍. ଗୋୱରୀଶଙ୍କର, ଜି. ଧିବ୍ୟଶ୍ରୀ)
ଭାରତୀୟ ଏଲଆଇସି ପାଇଁ ଓକିଲ ଚାମ୍ବର ନମ୍ବର ୫୨,
ପୁରୁଣା ଓକିଲଙ୍କ ଚାମ୍ବର ବ୍ଲକ, ସୁପ୍ରିମକୋର୍ଟ କମ୍ପାଉଣ୍ଡ
ନୂଆଦିଲ୍ଲୀ – ୧୧୦୦୦୧, (ଏମ୍): ୯୮୧୦୦୬୩୯୪୬
ଇମେଲ୍: **advocaterajappa@gmail.com**
ତାରିଖ: ୦୮।୧୧।୨୦୨୫
ସ୍ଥାନ: ନୂଆଦିଲ୍ଲୀ

**ସଂକ୍ଷେପରେ**

## ଶ୍ରୀ ଅନ୍ନ ଅଭିଯାନ ସହ ମାଣ୍ଡିଆ ଦିବସ ପାଳନ

**ନବରଙ୍ଗପୁର,୭।୧୧(ସଦାଶିବ ପ୍ରହରାଜ)**

ନବରଙ୍ଗପୁର ଜିଲା କୃଷି ବିଭାଗ ପକ୍ଷରୁ ଶୁକ୍ରବାର ଶ୍ରୀ ଅନ୍ନ ଅଭିଯାନ ଓ ମଣ୍ଡିଆ ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରତିନିଧି ମୃତ୍ୟୁଞ୍ଜୟ ମହାରଣା, ଉପଜିଲାପାଳ ପ୍ରକାଶ କୁମାର ମିଶ୍ର, ଜିଲା ସମାଜ କଲ୍ୟାଣ ଅଧିକାରୀ, ମୁଖ୍ୟ ଜିଲା କୃଷି ଅଧିକାରୀ ନବରଙ୍ଗପୁର ଓ ଉମରକୋଟଙ୍କ ସହ କୃଷି ଅଧିକାରୀମାନେ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଜିଲା କୃଷି ଅଧିକାରୀ ସୁଧୀରଞ୍ଜନ ବେହେରାଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମାଣ୍ଡିଆ ଚାଷର ଉପକାରିତା ବିଷୟରେ ଆଲୋକପାତ କରାଯାଇଥିଲା। କୃଷି ଐତିହ୍ୟ, ଜୈବ ବିବିଧତା ସଂରକ୍ଷଣରେ ମାଣ୍ଡିଆର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଉପସ୍ଥିତ ଅତିଥିମାନେ କହିଥିଲେ। ମାଣ୍ଡିଆକୁ ଦୈନନ୍ଦିନ ଖାଦ୍ୟରେ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି। ଅତିଥିମାନେ ଶ୍ରୀ ଅନ୍ନ ଅଭିଯାନ ଯୋଜନା ବିଷୟରେ ଅବଗତ କରାଇଥିଲେ। ଜିଲା ସମାଜ କଲ୍ୟାଣ ଅଧିକାରୀ ପ୍ରତିନିଧି କ୍ଷୁଦ୍ର ଶସ୍ୟର ପୌଷ୍ଟିକ ଗୁଣ ବିଷୟରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ମାଣ୍ଡିଆ ଉତ୍ପାଦ ପ୍ରଦର୍ଶନୀ, ବୀଜ ପ୍ରଦର୍ଶନ ଓ ପୌଷ୍ଟିକ ଖାଦ୍ୟ ଯଥା ମଣ୍ଡିଆ ଲଡୁ, ବିସ୍କୁଟ ଏହି ଭଳି ୪୦ ପ୍ରକାର ଦ୍ରବ୍ୟ ପ୍ରଦର୍ଶନୀ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରଗତିଶୀଳ କୃଷକ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନଙ୍କୁ ସମ୍ମାନିତ କରାଯାଇଥିଲା। ସେପରି ସମସ୍ତ ବ୍ଲକର ଶ୍ରେଷ୍ଠ ଏଫ୍‌ଏ, ଏଫ୍‌ପିଓ, ଏସ୍‌ଏଚ୍‌ଜି ଓ ଚାଷୀମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହିପରି ଶ୍ରେଷ୍ଠ ବିହନ ସଂରକ୍ଷକମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଛି।

## ସ୍ୱଚ୍ଛତା ଶପଥ ସହ ସଫେଇ କାର୍ଯ୍ୟକ୍ରମ



**ନବରଙ୍ଗପୁର,୭।୧୧ (ସଦାଶିବ ପ୍ରହରାଜ)**

ନବରଙ୍ଗପୁର ଜିଲା ମୁଖ୍ୟା ଚିକିତ୍ସାଳୟରେ ସ୍ୱଚ୍ଛତା ପଖୱାଡା ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଶୁକ୍ରବାର କରାଯାଇଛି। ଏନେଇ ସ୍ୱଚ୍ଛତା ଶପଥ ଗ୍ରହଣ କରାଯାଇଥିଲା। ପରେ ଏକ ସ୍ୱଚ୍ଛତା ପଦଯାତ୍ରା ଜିଲା ସଦର ମହକୁମା ଡାକ୍ତରଖାନା ପରିସରରୁ ବହାରିଥିଲା। ସ୍ୱଚ୍ଛତା ବଜାୟ ରଖିବା ଏବଂ ସୁସ୍ଥ ପରିବେଶ ସୁନିଶ୍ଚିତ କରିବାରେ ସମାଜର ଅଂଶଗ୍ରହଣର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା। ପରେ ବଜାର ଅଞ୍ଚଳରେ ସଫେଇ କରାଯାଇଥିଲା। ରୋଗୀ କଲ୍ୟାଣ ସମିତି ସଦସ୍ୟ, ହସ୍ପିଟାଲ କର୍ମଚାରୀଙ୍କ ସହିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୋବିନ୍ଦାଳୟ ଓ ରିଡେକ୍ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ (ପରିବାର କଲ୍ୟାଣ) ଡକ୍ଟର ମଳୟ ତ୍ରିପାଠୀ, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ (ମେଡିକାଲ) ଡକ୍ଟର ସୁକାନ୍ତ ସତପଥୀ, ଡିପିଏମ୍, ହସ୍ପିଟାଲ ପରିଚାଳିକା ଏବଂ ଅନ୍ୟ କର୍ମଚାରୀମାନେ କାର୍ଯ୍ୟକ୍ରମରେ ସକ୍ରିୟ ଭାବରେ ଯୋଗ ଦେଇଥିଲେ।

# ଦେଶପ୍ରେମ, ଶିଷ୍ଟାଚାରର ପ୍ରତୀକ 'ବନ୍ଦେ ମାତରମ୍'

**ନବରଙ୍ଗପୁର, ୭।୧୧(ସଦାଶିବ ପ୍ରହରାଜ)**



୧୨ ବାଟାଲିଅନ୍ ସିଆର୍‌ପିଏଫ୍ ଯବାନମାନେ ବନ୍ଦେ ମାତରମ୍ ଗାନ କରୁଛନ୍ତି।

ରାଷ୍ଟ୍ରୀୟ ଚେତନାର ପ୍ରତୀକ ତଥା ଭାରତୀୟ ସ୍ୱାଧୀନତା ସଂଗ୍ରାମର ମହାନ୍ ମନ୍ତ୍ର 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ନବରଙ୍ଗପୁର ଜିଲାରେ ଭବ୍ୟ ଶ୍ରଦ୍ଧା ଓ ଉତ୍ସାହର ସହ ପାଳନ କରାଯାଇଛି। ଜିଲାପାଳ ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଜିଲା ମୁଖ୍ୟାଳୟର ଦୁଇଟି ପ୍ରମୁଖ ସ୍ଥାନ ଅଶୋକ ମେହେଟ୍ଟା ସମ୍ମିଳନୀ କକ୍ଷ ଏବଂ ସାଇ କଲ୍ୟାଣୀ ମଣ୍ଡପରେ ସମାବେଶ କରାଯାଇଥିଲା। ଅଶୋକ ମେହେଟ୍ଟା ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ବିଶ୍ୱଜିତ୍ ବର୍ମନଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଦେଶଭକ୍ତିର ବାର୍ତ୍ତା ପ୍ରଚାର କରିଥିଲେ।

ସାଇ କଲ୍ୟାଣ ମଣ୍ଡପରେ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପଜିଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର, ଡିଇଓ ଛତ୍ରପତି ସାହୁ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଓ ବିଦ୍ୟାଳୟର ବହୁ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ପୂର୍ବାହ୍ନ ୯ଟା ୩୦ରେ ଉଭୟ ସ୍ଥାନରେ ସ୍ଥାପିତ ଏଲ୍‌ଇଡିରେ ପ୍ରଧାନମନ୍ତ୍ରୀଙ୍କ ବକ୍ତବ୍ୟର ସିଧା ପ୍ରସାରଣ କରାଯାଇଥିଲା। ୯ଟା ୫୦ରେ ଉପସ୍ଥିତ ସମସ୍ତେ ରାଷ୍ଟ୍ରୀୟ ଗୀତ 'ବନ୍ଦେ ମାତରମ୍' ଗାନ କରିଥିଲେ। ଜିଲା ସଂସ୍କୃତି କାର୍ଯ୍ୟାଳୟର କନିଷ୍ଠ ସହାୟକ ଆମ୍ର ପ୍ରକାଶ ସାହୁ ଏବଂ ସହକାରୀ କର୍ମଚାରୀ ଏ. ସନ୍ତୋଷ କୁମାର ପ୍ରମୁଖ କାର୍ଯ୍ୟକ୍ରମ ସଫଳ ରୂପାୟନରେ ସହଯୋଗ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ ଧନ୍ୟବାଦ ଅର୍ପଣ କରିଥିଲେ।

ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ବିଶେଷ କାର୍ଯ୍ୟକ୍ରମ ନବରଙ୍ଗପୁରରେ ୧୨ ବାଟାଲିଅନ୍ ସିଆର୍‌ପିଏଫ୍ ଦ୍ୱାରା ଆୟୋଜିତ ହୋଇଯାଇଛି। ଏହି ଅବସରରେ କମାଣ୍ଡାଣ୍ଟ ଏନ୍.କେ.କେ. ପ୍ରସାଦଙ୍କ ନେତୃତ୍ୱରେ, ସେକେଣ୍ଡଇନ୍ କମାଣ୍ଡ ରାଜେଶ ସୋଲାଙ୍କି, ଡେପୁଟି କମାଣ୍ଡାଣ୍ଟ ରାଜୀବ କୁମାର, ଇନ୍ସପେକ୍ଟର ସୁଜିତ କୁମାର ଓ ଇନ୍ସପେକ୍ଟର ପି.କେ. ସାହୁ ଉପସ୍ଥିତ ଥିଲେ। ସମସ୍ତ ଅଧିକାରୀ ଓ ଯବାନ ଉତ୍ସାହର ସହିତ ବନ୍ଦେ ମାତରମ୍ ଗୀତ ଗାଇ ଦେଶଭକ୍ତିର ଭାବନାକୁ ପୁନର୍ଜୀବିତ କରିଥିଲେ। ଏହି କାର୍ଯ୍ୟକ୍ରମ ଦେଶ ପ୍ରେମ ଓ ଶିଷ୍ଟାଚାରର ପ୍ରତୀକ ଭାବେ ପାଳିତ ହୋଇଥିଲା।

# ଅଧିକ ରୋଜଗାର ଦେବ ମତ୍ସ୍ୟଚାଷ, ଗୋପାଳନ



ଅତିଥିମାନେ କାର୍ଯ୍ୟକ୍ରମ ଉଦ୍‌ଘାଟନ କରୁଛନ୍ତି।

**ନବରଙ୍ଗପୁର,୭।୧୧(ସଦାଶିବ ପ୍ରହରାଜ)**

**ନବରଙ୍ଗପୁର ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା**

ନବରଙ୍ଗପୁର ଡିଆର୍‌ସି ପଡ଼ିଆଠାରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ୨୦୨୫ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଡ ରାଧେଶ୍ୟାମ ଲାଇକ ମୁଖ୍ୟ ଅତିଥି ଓ ସମ୍ମାନୀତ ଅତିଥିଭାବେ ଜିଲା ମତ୍ସ୍ୟ ଅଧିକାରୀ ବିଷ୍ଣୁଚରଣ କିସାନ, ବିଡିଓ ସୁନୀଲ କୁମାର ଖରା, ରାଜ୍ୟ ନୋଡାଲ ଅଫିସର ଡ. ଶୁଭାଶିଷ ସାମନ୍ତ, ଏଡିଭିଓ ଡ. ମନରଞ୍ଜନ ନନ୍ଦ, ଏମ୍‌ପିଙ୍କ ପ୍ରତିନିଧି ଦଇତାରୀ ମାଝୀ, ବିଧାୟକଙ୍କ ପ୍ରତିନିଧି ସନ୍ତୋଷ ଭତ୍ରା ପ୍ରମୁଖ ଯୋଗ ଦେଇଥିଲେ। ଲୋକମାନଙ୍କୁ ସ୍ୱାବଲମ୍ବୀ ସହ ଅଧିକ ରୋଜଗାରକ୍ଷମ କରାଇବା ଲକ୍ଷ୍ୟରେ ସରକାର ମତ୍ସ୍ୟ ଚାଷ ଓ ଗୋପାଳନକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ମାଧ୍ୟମରେ କୃଷକମାନଙ୍କ ପାଇଁ ଅନେକ ଲାଭଦାୟକ ବ୍ୟବସାୟର ଯୋଜନା ପ୍ରସ୍ତୁତ କରିଛନ୍ତି। ଏହି ଯୋଜନା ମାଧ୍ୟମରେ ଲୋକମାନଙ୍କୁ ହାତପାଆନ୍ତାରେ ସବୁ ସୁବିଧା, ଚିକିତ୍ସା ବ୍ୟବସ୍ଥା ଯୋଗାଇ ଦେବା ସହ ଅଧିକ ସବ୍‌ସିଡିରେ ବ୍ୟବସ୍ଥା ରହିଛି। ବାଛୁରୀମାନଙ୍କ ନିମନ୍ତେ ମାଗଣା ଇନ୍ସୁରାନ୍ସ ବ୍ୟବସ୍ଥା ରହିଛି। ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଚାଷୀମାନଙ୍କୁ ଅବଗତ କରାଇବା ଏହି ମେଳାର ଲକ୍ଷ୍ୟ ବୋଲି ମୁଖ୍ୟଅତିଥି କହିଥିଲେ। କେମିତି ଅଧିକରୁ ଅଧିକ ମାଇ ବାଛୁରୀ ଜନ୍ମ ହୋଇପାରିବେ ସେଥିପାଇଁ ମଧ୍ୟ ସରକାର ବ୍ୟବସ୍ଥା କରୁଛନ୍ତି ବୋଲି କୁହାଯାଇଛି। ମାଛଚାଷୀ ଓ ଗୋପାଳକମାନଙ୍କର ସଫଳତାର କାହାଣୀ କୁହାଯାଇଥିଲା। ଏଲ୍‌ଇଡିମାଧ୍ୟମରେ ଅନେକ ସଫଳ ଚାଷୀଙ୍କ କାହାଣୀ ଦେଖାଯାଇଥିଲା। ଏହି ମେଳାରେ ମତ୍ସ୍ୟ ବିଭାଗର ୪ ଜଣ ଏବଂ ପ୍ରାଣୀସମ୍ପଦ ବିଭାଗର ୪ ଜଣ ଅଗ୍ରଣୀ ଚାଷୀଙ୍କୁ ସାର୍ଟିଫିକେଟ, ଆର୍ଥିକ ପୁରସ୍କାର, ଉତ୍ତରୀୟ ଏବଂ ମୋମେଣ୍ଟୋ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ନବରଙ୍ଗପୁର ବିଡିଓ ସୁନୀଲ ଖରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସହକାରୀ ପ୍ରାଣୀ ଚିକିତ୍ସକ ଡ. ସ୍ମିତାଶ୍ରୀ ପଟ୍ଟନାୟକ ଏବଂ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସକ ଡ. ପ୍ରଜ୍ଞା ପରମିତା ପଣ୍ଡା ପରିଚାଳନା କରିଥିଲେ।

# ଭତ୍ତା ବୃଦ୍ଧି ନେଇ ପେନ୍‌ସନ ହିତାଧିକାରୀଙ୍କ ରାଲି

**ଝରିଗାଁ,୭।୧୧(କିଶୋର ଚନ୍ଦ୍ର ମଣ୍ଡଳ)**



ତହସିଲଦାର ଦାବିପତ୍ର ଗ୍ରହଣ କରୁଛନ୍ତି।

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ସଦର ମହକୁମାରେ ଓଡ଼ିଶା ସାମାଜିକ ନିରାପତ୍ତା ପେନ୍‌ସନଧାରୀ ମହାସଂଘ ପକ୍ଷରୁ ୬ ଦଫା ଦାବିକୁ ନେଇ ଏକ ଶୋଭାଯାତ୍ରା ସ୍ଥାନୀୟ ମିନିଷ୍ଟାଡିୟମରୁ ବାହାରିଥିଲା। ଶୋଭାଯାତ୍ରା ପ୍ରଥମେ ତହସିଲ କାର୍ଯ୍ୟାଳୟ ଏବଂ ପରେ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ପହଞ୍ଚି ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଏବଂ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଶୋଭାଯାତ୍ରାରେ ଝରିଗାଁ ବ୍ଲକର ପ୍ରାୟ ୨ହଜାରରୁ ଅଧିକ ଭତ୍ତାଧାରୀ (ବିଧବା, ଦିବ୍ୟାଙ୍ଗ ଏବଂ ବରିଷ୍ଠ ନାଗରିକ) ସାମିଲ ହୋଇଥିଲେ।

ବିଧବା, ଦିବ୍ୟାଙ୍ଗ ଏବଂ ବାର୍ଦ୍ଧକ୍ୟ ଭତ୍ତା ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ସହାୟତା ଯୋଜନାରେ ୩ହଜାର ଟଙ୍କାର ଭତ୍ତା ପ୍ରଦାନ, ଆକାଉଣ୍ଟରେ ଟଙ୍କା ପ୍ରଦାନ ନ କରି ହିତାଧିକାରୀଙ୍କୁ ନଗଦ ଟଙ୍କା ପ୍ରଦାନ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଏଥିସହ ଭତ୍ତା ପାଉଥିବା ହିତାଧିକାରୀମାନଙ୍କୁ ମାସିକ ୨୦କେଜି ଚାଉଳ, ମାଗଣା ବିଦ୍ୟୁତ୍ ସେବା, ଅନ୍ତ୍ୟୋଦୟ ଯୋଜନାରେ ପକ୍କା ଗୃହ ପ୍ରଦାନ, ସାମାଜିକ ନିରାପତ୍ତା ପେନ୍‌ସନଧାରୀ ଭାବରେ ସ୍ୱତନ୍ତ୍ର ବ୍ୟକ୍ତିଗତ ପରିଚୟ ପତ୍ର ଯୋଗାଇ ଦେବା ନେଇ ଉଲ୍ଲେଖ ରହିଛି। ଏହି ଅବସରରେ ସଂଘର ବ୍ଲକ ସଭାନେତ୍ରୀ ସୂର୍ଯ୍ୟା ସାନ୍ତା, ସମ୍ପାଦିକା ଉର୍ମିଳା ସାହୁ, କୋଷାଧ୍ୟକ୍ଷ ମୁକ୍ତା ଦଳେଇ, ଜିଲା ସଂଗଠକ ଦୟାନିଧି ସୁନା, ଉପଦେଷ୍ଟା ରାଜେଶ ଜାନୀ, ଅଲେଖ କୁଲଦୀପ, ପାର୍ବତୀ ଧୁରୁଆ, ନୁଆଖାଉ ଭତ୍ରା, ହରିଶଙ୍କର ମାଝି, ହରି ସାନ୍ତା, ଭାନୁମତୀ ଗୌଡ଼, ଧନମତି ପୂଜାରୀ, ତ୍ରିନାଥ ହରିଜନ, ସନଦୀ ଗୌଡ଼, ବୈଶାଖୀ ଗୌଡ଼, ସୁଭଦ୍ରା ମାଝୀ, ସୁଶୀଳା ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## ଟୁର୍ନାମେଣ୍ଟ ଆୟୋଜନ କରି ଖେଳ ପଡ଼ିଆ ଦାବି ଜଣାଇଲେ

**ତେନ୍ତୁଳିଖୁଣ୍ଟି, ୭।୧୧(ଚିଦାନନ୍ଦ ସାହୁ)**

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ପଞ୍ଚାୟତରେ ଖେଳ ପଡ଼ିଆ ନାହିଁ। ଯାହାକୁ ନେଇ ନେଇ କ୍ରୀଡ଼ାବିତ୍‌ଙ୍କ ମନରେ ଅସନ୍ତୋଷ ରହିଥିଲା। ତେବେ ଖେଳାଳିମାନେ ସାତ ଜଣିଆ ଫୁଟବଲ ଟୁର୍ନାମେଣ୍ଟ ଆୟୋଜନ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେମାନେ ଖେଳ ପଡ଼ିଆ ନେଇ ଦାବି କରାଇଛନ୍ତି।

ପ୍ରକାଶ ଯେ, ତେନ୍ତୁଳିଖୁଣ୍ଟିରେ ଖେଳ ପଡ଼ିଆ ନ ଥିବାରୁ ଖେଳାଳିମାନେ ଅଭ୍ୟାସ କରିପାରୁ ନାହାନ୍ତି। ମଶାଣିରେ ଖେଳକୁଦ କରି ଆହତ ହେଉଛନ୍ତି। ତେନ୍ତୁଳିଖୁଣ୍ଟି ପାଇଁ ଆଗରୁ ବାପୁଜୀ ହାଇସ୍କୁଲ ପଡ଼ିଆରେ ଫୁଟବଲ, କ୍ରିକେଟ, କବାଡି, ଖୋଖୋ ପ୍ରଭୃତି ଖେଳ ହେଉଥିଲା। କିନ୍ତୁ ବର୍ତ୍ତମାନ ତାହା ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ହୋଇଯାଇଛି ଓ ସେଠାରେ ବାଳିକା ସେବାଶ୍ରମ ରହିଛି। ଯାହାଫଳରେ ସେଠାରେ କୌଣସି ବେସରକାରୀ କ୍ରୀଡ଼ା ଆୟୋଜନ ହୋଇ ପାରୁନାହିଁ। ଅନେକ ଯୁବ କ୍ରୀଡ଼ାବିତ ପଡ଼ିଆ ନଥିବାରୁ କ୍ରିକେଟ, ଫୁଟବଲ, ଭଲିବଲ ଆଦି ଅଭ୍ୟାସ କରି ପାରୁନାହାନ୍ତି। ଶୀଘ୍ର ସ୍ଥାନ ଚିହ୍ନଟ କରି ତେନ୍ତୁଳିଖୁଣ୍ଟି ସଦର ପଞ୍ଚାୟତରେ ଗୋଟିଏ ମିନି ଷ୍ଟାଡିୟମ ନିର୍ମାଣ ଏହି ଟୁର୍ନାମେଣ୍ଟ ମାଧ୍ୟମରେ ଖେଳାଳିମାନେ ଦାବି କରିଛନ୍ତି।

ତେନ୍ତୁଳିଖୁଣ୍ଟି ଗ୍ରାମ ମଶାଣି ଖେଳ ପଡ଼ିଆରେ ଅନୁଷ୍ଠିତ ସାତଜଣିଆ ଟୁର୍ନାମେଣ୍ଟ ଫାଇନାଲ ମ୍ୟାଚ୍ ତେନ୍ତୁଳିଖୁଣ୍ଟି ଓ ଖୁଣ୍ଟିପଦର ମଧ୍ୟରେ ଖେଳାଯାଇଥିଲା। ଖୁଣ୍ଟିପଦର ୨-୦ ଗୋଲରେ ଘରୋଇ ଦଳକୁ ପରାସ୍ତ କରି ଟ୍ରଫି ସହ ଅର୍ଥ ରାଶି ପାଇଥିଲେ। ବରିଷ୍ଠ ଖେଳାଳି ଗୋପାଳକୃଷ୍ଣ ନାୟକ, ସାମାଜିକ କର୍ମୀ ଶଙ୍କର ନାୟକ ଓ ହେମନ୍ତ ରାଉତ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ବରିଷ୍ଠ ଖେଳାଳି ପ୍ରବୀଣ ଟାକ୍ରୀ ଓ ସାଥୀ ମ୍ୟାଚ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ସୁନୀଲ କରକରା ଦାୟିତ୍ୱ ନିର୍ବାହ କରିଥିଲେ। କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ଜିଲାସ୍ତରୀୟ ଦୌଡ଼କୁଦ ଓ ଖେଳ ପ୍ରତିଯୋଗିତା ଉଦ୍‌ଯାପିତ



ଖେଳାଳିଙ୍କ ସହ ଅତିଥିମାନେ ।

**ପାପଡ଼ାହାଣ୍ଡି, ୭।୧୧ (ସ୍ୱପ୍ନଜିତ ପଟ୍ଟନାୟକ)**

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଦଳେଇଗୁଡ଼ା ସରକାରୀ ଲାଲ ବାହାଦୂର ଉଚ୍ଚ ବିଦ୍ୟାଳୟରେ ୨ ଦିନ ଧରି ଚାଲିଥିବା ଜିଲାସ୍ତରୀୟ ସମୂହ ଦୌଡ଼କୁଦ ଓ ଖେଳ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଛି। ବିଇଓ ସୁଦୀପ୍ତ ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଶିକ୍ଷାଅଧିକାରି କେଶବ ମେହେର, ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ ବିଷୋୟୀ, ଭାରପ୍ରାପ୍ତ ଶାରୀରିକ ଶିକ୍ଷା ଅଧିକାରି ପ୍ରଭାତ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। କ୍ରୀଡ଼ାବିତ୍‌ମାନେ ରାଜ୍ୟସ୍ତରରେ ଉନ୍ନତ ପ୍ରଦର୍ଶନ କରିବାକୁ ପରାମର୍ଶ ଦେଇଥିଲେ। ଶୃଙ୍ଖଳିତ ଭାବେ ଅଭ୍ୟାସ କଲେ ଛାତ୍ରୀଛାତ୍ରମାନେ ଭବିଷ୍ୟତରେ ଉନ୍ନତ କ୍ରୀଡ଼ାବିତ୍ ହେବେ ବୋଲି ଏଡିଇଓ କହିଥିଲେ। ପାଠ ସହ କ୍ରୀଡ଼ା ପ୍ରତି ଧ୍ୟାନ ଦେଲେ ସୁସ୍ଥ ସମାଜ ଗଠନରେ ସହାୟକ ହେବ ବୋଲି କହିଥିଲେ। ଫୁଟବଲ୍ ବାଳକ ବର୍ଗରେ ଉମରକୋଟ ଚାମ୍ପିୟାନ, ତେନ୍ତୁଳୀଖୁଣ୍ଟି ରନର୍ସଅପ୍, ଆଥଲେଟ୍‌୧୭ ବର୍ଷରୁ କମ ବାଳକ ବର୍ଗରେ ଉମରକୋଟ, ୧୪ ବର୍ଷରୁ କମ ବାଳିକା ବାଳକ ବର୍ଗରେ ଉମରକୋଟ, ଫୁଟ୍‌ବଲ ବାଳିକା ବର୍ଗରେ ରାଇଘର ଚମ୍ପିୟାନ ଓ ନବରଙ୍ଗପୁର ରନର୍ସ ଅପ ହୋଇଥିଲେ। ଖେଳ ଶିକ୍ଷକମାନେ ଏଥିରେ ସହଯୋଗ କରିଥିଲେ।

# ଦାନ୍ତେୱାଡା ଇଲେଭେନ, କୋଣ୍ଡାଗାଁ ଟିମ୍ ବିଜୟୀ

**ଉମରକୋଟ, ୭।୧୧(ସନ୍ତୋଷ ଶତପଥୀ)**

ଉମରକୋଟ ପ୍ରିମିୟର ଲିଗ୍‌ର ଅଷ୍ଟମ ସଂସ୍କରଣ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ରାଇଘର ବ୍ଲକ ଅଧ୍ୟକ୍ଷ ଗୁପ୍ତ ପ୍ରସାଦ ଖାଙ୍କର ମୁଖ୍ୟ ଅତିଥି, ସମ୍ମାନୀତ ଅତିଥିଭାବେ ମନ୍ତ୍ରୀ ପ୍ରତିନିଧି ଅଶୋକ ପାଢ଼ୀ, କାଉନସିଲର ମୁନା ପାଢ଼ୀ, ସରୋଜିନୀ ଶବର, ଉପଖଣ୍ଡ ଅଧିକାରୀ ଶୁଭେନ୍ଦୁ ଶବର, ଥାନାଧିକାରୀ ରମାକାନ୍ତ ସାଏ, ଏସ୍‌ଆଇ ଅକ୍ଷୟ ମିଶ୍ର, ସୌମେନ୍ଦ୍ର ସେଠ, ଅଶୋକ ସାହୁ, ସଲିମ ରାଠୋର ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମ ଦିନରେ ୨ଟି ମ୍ୟାଚ ଖେଳାଯାଇଥିଲା।

ପ୍ରଥମ ମ୍ୟାଚରେ ଛତିଶଗଡ଼ ଷ୍ଟାର ଇଲେଭେନ ଓ ଛତିଶଗଡ଼ ଦାନ୍ତେୱାଡା ଇଲେଭେନ ପରସ୍ପରକୁ ଭେଟିଥିଲେ। ଟସ୍ ଜିତି ପ୍ରଥମେ ଷ୍ଟାର ଇଲେଭେନ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୧୦ ଉଇକେଟ ହରାଇ ୯୬ ରନ କରିଥିଲା। ଦନ୍ତେୱାଡା ଟିମ୍ ମଧ୍ୟ ୯୬ ରନ କରିବାରୁ ମ୍ୟାଚ୍ ଡ୍ର ହୋଇଥିଲା। ଏହାପରେ ସୁପର ଓଭର ଖେଳା ଯାଇଥିଲା। ଏଥିରେ ଦାନ୍ତେୱାଡା ଇଲେଭେନ ବିଜୟୀ ହୋଇଛି। ଦ୍ୱିତୀୟ ମ୍ୟାଚ୍ ଛତିଶଗଡ଼ କୋଣ୍ଡାଗାଁ ଟିମ ସହ ପ୍ରଥମ ମ୍ୟାଚର ବିଜେତା ଦାନ୍ତେୱାଡା ଇଲେଭେନ ସହ ଖେଳାଯାଇଥିଲା। ଦାନ୍ତେୱାଡା ଟିମ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୧୩୨ ରନ କରିଥିଲା। ଏହି ଲକ୍ଷକୁ ପିଛା କରି କୋଣ୍ଡାଗାଁ ଟିମ ୯ ଉଇକେଟ ହରାଇ ୧୩୩ ରନ କରି ବିଜୟୀ ହୋଇଛି। ସୁନୀଲ ଓ ଅନୁପ ମଣ୍ଡଳଙ୍କୁ ମ୍ୟାନ ଅଫଦି ମ୍ୟାଚ୍ କରାଯାଇଛି। କ୍ରିକେଟ ପ୍ରେମୀଙ୍କ ମନୋରଞ୍ଜନ ପାଇଁ ୟୁଟ୍ୟୁବ୍‌ରେ ସିଧା ପ୍ରସାରଣ କରାଯାଇଥିଲା। ଖେଳ ଶାନ୍ତି ଶୃଙ୍ଖଳାର ସହ ପରିଚାଳନା ପାଇଁ ଅନେକ ଯୁବ ଗୋଷ୍ଠୀଙ୍କୁ ବିଭିନ୍ନ ଦାୟିତ୍ୱ ଦିଆଯାଇଥିଲା। ୟୁପିଏଲ୍ କମିଟି ସଭାପତି ସୁଧାଂଶୁ ଦାସ, ଉପସଭାପତି ଚନ୍ଦନ ବେହେରା, ତପନ ପାତ୍ର, ଅଭିଲାଷ ପଟ୍ଟନାୟକ, ପ୍ରିୟବ୍ରତ ଦାସ, ଆଦିତ୍ୟ ଦାସ, ବାଣ୍ଟୁ ନାୟକ, ଭିକି ବାଘ, ଏମ୍.ଟି ଟୋନି, ଆଦିତ୍ୟ ମୁଦୁଲି, କାବୁଲ ଶାନ୍ତା, ନସୋନ ଖରାଙ୍କ ସହ ଅନେକ ଖେଳପ୍ରେମୀ ଯୁବ ଗୋଷ୍ଠୀ ସହଯୋଗ କରିଥିଲେ। ମୁମ୍ବାଇର ଅନୁରାଗ ଠାକୁର ମାଇକ ଯୋଗେ ଖେଳର ସମସ୍ତ ଖବର ଦର୍ଶକଙ୍କ ନିକଟକୁ ପହଞ୍ଚାଇବାରେ ସହଯୋଗ କରିଥିଲେ। ଆଜିର ଦୁଇଟି ମ୍ୟାଚରେ ବବଲୁ ଭାଇ ଓ ଅଭିଜିତ ବଳ ଏମ୍ପାୟାରିଙ୍ଗ କରିଥିଲେ।

**ଉମରକୋଟ ପ୍ରିମିୟର ଲିଗର ଅଷ୍ଟମ ସଂସ୍କରଣ ଉଦ୍‌ଘାଟନ**

- ପ୍ରଥମ ଦିନରେ ଖେଳାଗଲା ୨ମ୍ୟାଚ୍



ଖେଳାଳିଙ୍କ ସହ ଅତିଥିମାନେ କରମର୍ଦ୍ଦନ କରୁଛନ୍ତି।

## ଛାତ୍ରୀଛାତ୍ରଙ୍କ ଦ୍ୱାରା ଛାୟା ପାର୍ଲାମେଣ୍ଟ



ଅତିଥିଙ୍କ ସହ ଛାତ୍ରୀଛାତ୍ର।

**ମାଲକାନଗିରି, ୭।୧୧ (ଦୁର୍ଯ୍ୟୋଧନ ପାତ୍ର)**

ବନ୍ଦେ ମାତରମ୍ ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ପିଏମଶ୍ରୀ ଯୋଜନାରେ ଛାୟା ପାର୍ଲାମେଣ୍ଟ କାର୍ଯ୍ୟକ୍ରମ ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ବେଦବର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପିଏମଶ୍ରୀ ଯୋଜନାରେ ମାଲାକନଗିରି ଜିଲାରେ ପରିଚାଳିତ ୧୧ ଗୋଟି ବିଦ୍ୟାଳୟର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ବିଶେଷ କରି ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ଛାୟା ପାର୍ଲାମେଣ୍ଟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଭାରତର ପାର୍ଲାମେଣ୍ଟରେ କିପରି ସଂସଦ ଅନୁଷ୍ଠିତ ହେଉଛି, ସଂସଦରେ ଉପସ୍ଥିତ ମନ୍ତ୍ରୀମାନେ କିପରି ପ୍ରଶ୍ନ କରୁଛନ୍ତି, ବାଚସ୍ପତି କିପରି ସମସ୍ତ ପ୍ରଶ୍ନର ଉତ୍ତର ଦେଉଛନ୍ତି ତାକୁ ଭିତ୍ତିକରି ଏହି ପାର୍ଲାମେଣ୍ଟ କାର୍ଯ୍ୟକ୍ରମ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଜଣେ ଛାତ୍ରୀଙ୍କୁ ବାଚସ୍ପତି କରାଯାଇଥିବା ବେଳେ ଅନ୍ୟ ଛାତ୍ରୀଛାତ୍ର ପାର୍ଲାମେଣ୍ଟ ଗୃହର ଉଭୟ ପାର୍ଶ୍ୱରେ ବସିଥିବା ଦୃଶ୍ୟ ମନୋରମ ଥିଲା। ଏହାଦ୍ୱାରା ପ୍ରକୃତରେ ପାର୍ଲାମେଣ୍ଟରେ କିପରି ଅଧିବେଶନ ହୁଏ, ସେ ସମ୍ବନ୍ଧରେ ଛାତ୍ରୀଛାତ୍ର ଅବଗତ ହୋଇପାରିଥିଲେ। ଏହି କାର୍ଯ୍ୟକ୍ରମରେ ୧୧ଟି ପିଏମଶ୍ରୀ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ପ୍ରତିଭା ପରିପ୍ରକାଶର ମଞ୍ଚ 'ସୁରଭି'

**ନବରଙ୍ଗପୁର,୭।୧୧(ସଦାଶିବ ପ୍ରହରାଜ)**

ନବରଙ୍ଗପୁର ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ ଛାୟା ସଂସଦ ପ୍ରତିଯୋଗିତା ନବରଙ୍ଗପୁର ସାଇ କଲ୍ୟାଣ ମଣ୍ଡପରେ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଡିଇଓ ଛତ୍ରପତି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ଡ ମହେଶ୍ୱର ସ୍ୱାଇଁ ମୁଖ୍ୟ ଅତିଥି ଓ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଉପଜିଲାପାଳ ପ୍ରକାଶ କୁମାର ମିଶ୍ର, ଜିଲା ମଙ୍ଗଳ ଅଧିକାରୀ ରବୀନ୍ଦ୍ର ପାଲକା, ଜିଲା ଶିଶୁ ମଙ୍ଗଳ ଅଧିକାରୀ ସୁରେଶ ପଟ୍ଟନାୟକ, ଏଡିଇଓ କେଶବ ମେହେର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସୁରଭି ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭା ପରିପ୍ରକାଶ ହୋଇପାରିବ। ନବରଙ୍ଗପୁର ଜିଲାର ଲୋକକଳାର ମହକ ସାରା ରାଜ୍ୟରେ ସୁନାମ ଆଣିବ ବୋଲି ଜିଲାପାଳ କହିଥିଲେ। ୩୩ ବିଭାଗରେ ୬୦୦ ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ବାପୁଜୀ ଉଚ୍ଚ ବିଦ୍ୟାଳୟ ତେନ୍ତୁଳିଖୁଣ୍ଟି ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଚନ୍ଦନା ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଡିଇଓ ପ୍ରକାଶ ମହାଲିକ ଧନ୍ୟବାଦ ଅର୍ପଣ କରିଥିଲେ।

ସେହିଭଳି ଜିଲାସ୍ତରୀୟ ଛାୟା ସଂସଦ କାର୍ଯ୍ୟକ୍ରମରେ ୧୯ଟି ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟର ୧୬୨ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ସେମାନଙ୍କର ମଧ୍ୟରେ ବିଭିନ୍ନ ରାଜ୍ୟର କଳା, ସଂସ୍କୃତି, ବେଶଭୂଷା ଓ ଐତିହ୍ୟ ସ୍ଥାନକୁ ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜଗଦାନନ୍ଦ ସୁନାରି, ବାଳକୃଷ୍ଣ ସାହୁ, ରାଜେଶ ନାୟକ, ବିଥିକ ମିଶ୍ର ଅର୍.ଭି. କିଶନ, ସନ୍ତୋଷ ଶତପଥୀ, ସୁନିଲ ତ୍ରିପାଠୀ, ଗୋକୁଳ ପୂଜାରୀ ସହଯୋଗ କରିଥିଲେ।




ଜିଲାସ୍ତରୀୟ ସୁରଭିରେ ଶିଶୁ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

केनरा बैंक Canara Bank
सिंडिकेट Syndicate

**କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ୍, ୟୁନିଟ୍ ନଂ.୧୭, ମାଛୁଆ ବଜାର, ପାଣ୍ଡାଲୁନ୍ସ ପଛପାର୍ଶ୍ୱ, କଟକ - ୭୫୩୦୦୧

**ଡିମାଣ୍ଡ ନୋଟିସ୍**
ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନ୍ତର୍ଗତ ଧାରା ୧୩(୨)ଅନୁଯାୟୀ ଡିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତାଭାବେ **କାନାରା ବ୍ୟାଙ୍କ** ଦ୍ୱାରା ଜାରି କରାଯାଇଥିବା ଡିମାଣ୍ଡ ନୋଟିସ୍ ଯାହା ଏହାର ନିମ୍ନଲିଖିତ ଶାଖାର ଋଣଗ୍ରହୀତା/ବନ୍ଧକଦାତାଙ୍କ ନିମନ୍ତେ ତାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

| ଶାଖା / ଋଣଗ୍ରହୀତା / ବନ୍ଧକଦାତାଙ୍କ ନାମ ଓ ଠିକଣା | (କ) ଋଣ/ମଞ୍ଜୁରି ଋଣ / (ଖ) ଏନ୍‌ପିଏ ତାରିଖ / (ଗ) ଡିମାଣ୍ଡ ନୋଟିସ୍ ତାରିଖ | ନିର୍ଦ୍ଧାରିତ ତାରିଖ ପର୍ଯ୍ୟନ୍ତ ମୋଟ ବକେୟା ପରିମାଣ | ବ୍ୟାଙ୍କରେ ବନ୍ଧକ ଥିବା ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
| --- | --- | --- | --- |
| **ଅଡଶପୁର ଶାଖା** (୧)**ଶ୍ରୀମତୀ ମିଲି ସ୍ୱାଇଁ (ଋଣଗ୍ରହୀତା ଏବଂ ବନ୍ଧକଦାତା)**, ସ୍ୱା: ଶ୍ରୀ କୈଳାଶ ସ୍ୱାଇଁ, (୨)**ଶ୍ରୀ କୈଳାଶ ସ୍ୱାଇଁ (ଋଣଗ୍ରହୀତା)**, ପିତା: ଶ୍ରୀ ବୃନ୍ଦାବନ ସ୍ୱାଇଁ, ଉଭୟଙ୍କ ଠିକଣା: ସା/ପୋ.- ଅଡଶପୁର, ଥାନା: ଓଲଟପୁର, ଜିଲ୍ଲା: କଟକ, ଓଡିଶା, ପିନ୍-୭୫୪୦୧୧ । | (କ)ଟ.୫,୦୦,୦୦୦/- / (ଖ) ୦୫.୧୧.୨୦୨୫ / (ଗ) ୦୬.୧୧.୨୦୨୫ | ୦୬.୧୧.୨୦୨୫ ସୁଦ୍ଧା ଟ.୧,୭୭,୬୦୩.୪୭ ସହିତ ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ | **ଶ୍ରୀମତୀ ମିଲି ସ୍ୱାଇଁ** ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୭୬୯/୬୮୭୩, ମ୍ୟୁଟେସନ ଖାତା ନଂ.୧୧୮୭/୬୬୯, ମୌଜା: ଅଡଶପୁର, ଥାନା: ଓଲଟପୁର, ତହସିଲି: କଣ୍ଟାପଡା, ଏରିଆ: ଏ୦.୦୬୦ ଡିସିମିଲି, କିସମ: ଘରବାରୀ, ଉପଜିଲ୍ଲା: ନିଆଳି ରେ ରେଜିଷ୍ଟ୍ରିଭୁକ୍ତ, ଜିଲ୍ଲା: କଟକ, ଚାରିପାର୍ଶ୍ୱରେ: ଉତ୍ତର- ଉର୍ବଜ ଜେନା, ଦକ୍ଷିଣ- ପବନି ନାୟକ, ପୂର୍ବ- ରଘୁନାଥ ବିଶ୍ୱାଳ, ପଶ୍ଚିମ- ରାସ୍ତା । |

ଆପଣ, ଉପରୋକ୍ତ ଋଣଗ୍ରହୀତା/ବନ୍ଧକଦାତା ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତୀ ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି । ଉପର ଦର୍ଶାଯାଇଥିବା ସାରଣୀରେ ଉଲ୍ଲିଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା । ଋଣ ପରିଶୋଧରେ ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି । ଏତଦ୍ ଦ୍ୱାର ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ଆପଣମାନେ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ଆମ୍ଭେ ଉପରୋକ୍ତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବୁ । ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟର ଧାରା ୧୩(୧୩) ନୟମାବଳୀ ଅନୁସାରେ ଆପଣ ଏହି ନୋଟିସ୍ ପ୍ରାପ୍ତି ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ-୨୦୦୨ ପ୍ରଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ / ବାଧା ପହଞ୍ଚାଇବା ଅପରାଧ ଅଟେ । ଉପରୋକ୍ତ ଜାରି ନୋଟିସ୍ ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟକୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧୀକାରକୁ ପ୍ରତିହତ କରିବ ନାହିଁ । ଏହି ନୋଟିସ୍ ଅନୁସାରେ ଦାବି କରାଯାଇଥିବା ରାଶି ପରିଶୋଧ କରି ସମସ୍ତ ପ୍ରକାର ଅସୁବିଧାକୁ ପରିହାର କରନ୍ତୁ ଅନ୍ୟଥା ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଆପଣ ସେବାବଦ ସମସ୍ତ ଖର୍ଚ୍ଚ ଓ ଫଳାଫଳ ନିମନ୍ତେ ଦାୟୀ ରହିବେ । ଉପଧାରା (୨)ରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଋଣଗ୍ରହୀତା/ବନ୍ଧକଦାତା ବକେୟା ରାଶି ସମ୍ପୂର୍ଣ୍ଣ ଭାବେ ପୈଠ ନକଲେ ସୁରକ୍ଷିତ ଋଣଦାତା ସୁରକ୍ଷିତ ଋଣ ରାଶି ଆଦାୟ କରିବା ନିମନ୍ତେ ନିମ୍ନଲିଖିତ ପଦକ୍ଷେପ ମଧ୍ୟରୁ ଗୋଟିଏ କିମ୍ବା ଅଧୀକ ଗ୍ରହଣ କରିପାରନ୍ତି । (କ) ସୁରକ୍ଷିତ ଋଣ ରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ସୁରକ୍ଷିତ ପରିଚାଳନାକୁ ଟେକ୍ ଓଭର କରିବା ସହିତ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ କରିବା ଅଧିକାର ରହିଛି । (ଖ) ଉଲ୍ଲେଖଯୋଗ୍ୟକି ଋଣଗ୍ରହୀତାଙ୍କ ବ୍ୟବସାୟର ଅଧିକାଂଶ ଭାଗ ଋଣ ପାଇଁ ବନ୍ଧକ ଥିଲେ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ ଅଧିକାର ପ୍ରୟୋଗ କରାଯାଇପାରିବ ।

ତାରିଖ: ୦୭.୧୧.୨୦୨୫, ସ୍ଥାନ: କଟକ
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

# ୬ କ୍ଲିନିକ୍ ସିଲ୍, ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

**ଗୁଣପୁର,୭।୧୧(ପ୍ରଦୀପ କୁମାର ପାଢ଼ୀ)**



ଗୁଣପୁର ସହରରେ ବେଆଇନ ଭାବେ ଚାଲିଥିବା କ୍ଲିନିକ୍‌କୁ ସିଲ୍ କରାଯାଉଛି।

**ବେଆଇନ କ୍ଲିନିକ୍ ଉପରେ ଉପଜିଲାପାଳଙ୍କ ଚଢ଼ାଉ ଘଟଣା**

- ରାମନାଗୁଡ଼ାରେ ୨ ବେଆଇନ କ୍ଲିନିକ୍‌ର କାଗଜପତ୍ର ଯାଞ୍ଚ ପରେ ସିଲ୍
- ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହେବାକୁ ଉପଜିଲାପାଳଙ୍କ ଅପିଲ

ରାୟଗଡ଼ା ଜିଲା ଗୁଣପୁର ଉପଜିଲାପାଳ ଦୁଧାଳ ଅଭିଷେକ ଦିଲୀପ ଗୁରୁବାର ଗୁଣପୁର ସହରରେ ବେଆଇନ ଭାବେ ଚାଲିଥିବା କ୍ଲିନିକ୍, ପାଥୋଲାବ୍‌ଗୁଡ଼ିକ ଉପରେ ଚଢ଼ାଉ କରିବା ପରେ ଶୁକ୍ରବାର ସେଗୁଡ଼ିକୁ ସିଲ୍ କରିଛି। ଜିଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଭି. ସରୋଜିନୀ ଦେବୀଙ୍କ ନେତୃତ୍ୱରେ ଶୁକ୍ରବାର ଏକ ଟିମ୍ ବେଆଇନ ଚାଲିଥିବା କ୍ଲିନିକ୍‌ଗୁଡ଼ିକରେ ପହଞ୍ଚି କାଗଜପତ୍ର ଯାଞ୍ଚ କରିବା ସହ ୬ଟି କ୍ଲିନିକକୁ ସିଲ୍ କରିଛନ୍ତି। ଏହି ସମୟରେ ମାଜିଷ୍ଟ୍ରେଟ ଭାବେ ରାମନାଗୁଡ଼ା ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ ଉପସ୍ଥିତ ରହିଥିଲେ।

ଏମ୍‌ଏମ୍ ମେଡିକ୍‌ସ, ଆତ୍ମା କ୍ଲିନିକ, ଅମୂଲ୍ୟ ଭାରତ, ରାଧିକା, ଯୋଶେଫ ଶବର, ଅନନ୍ତ ଦାସ ପ୍ରମୁଖ କ୍ଲିନିକ ଓ ପାଥୋଲାବ୍‌ର କାଗଜପତ୍ର ତନଖି କରିବା ସମୟରେ ବହୁ ଅସଙ୍ଗତି ନଜରକୁ ଆସିବା ପରେ ସେଗୁଡ଼ିକୁ ସିଲ୍ କରିଦିଆଯାଇଛି । ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଆଦର୍ଶ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହେବା ସହ ଅଭିଜ୍ଞ ଡାକ୍ତରଙ୍କ ପରାମର୍ଶ ନେବା ପାଇଁ ଉପଜିଲାପାଳ ଗୁଣପୁର ଉପଖଣ୍ଡର ସମସ୍ତ ଜନସାଧାରଣଙ୍କୁ ଅପିଲ କରିଥିଲେ। ଅନ୍ୟପକ୍ଷେ ରାୟଗଡା ଅତିରିକ୍ତ ଜିଲାପାଳ ନୀହାର ରଞ୍ଜନ କହଁରଙ୍କ ନେତୃତ୍ୱରେ ରାମନାଗୁଡ଼ା ବ୍ଲକରେ ମଧ୍ୟ ୨ଟି ବେଆଇନ କ୍ଲିନିକ୍‌ର କାଗଜପତ୍ର ତନଖି କରିବା ସହ ସିଲ୍ କରାଯାଇଛି । ଆସନ୍ତା ଦିନରେ ଗୁଣପୁର ଉପଖଣ୍ଡର ସମସ୍ତ ବ୍ଲକ, ଗ୍ରାମରେ ଥିବା ବିଭିନ୍ନ ବେଆଇନ କ୍ଲିନିକ ଉପରେ ଚଢ଼ାଉ ଜାରି ରହିବ ଓ ଲୋକଙ୍କ ସ୍ୱାସ୍ଥ୍ୟସେବାରେ ଯେମିତି ଅସୁବିଧା ହେବନାହିଁ ତାହା ଉପରେ ଟାସ୍କ ନଜର ରଖାଯିବ ବୋଲି ଉପଜିଲାପାଳ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଗୁଣପୁର ଭାରପ୍ରାପ୍ତ ଉପଖଣ୍ଡ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ପ୍ରଦୀପ କୁମାର ପଣ୍ଡା, ରାଜେଶ ପାତ୍ର, ସୂର୍ଯ୍ୟ ନାରାୟଣ ପଣ୍ଡା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# 'ବନ୍ଦେ ମାତରମ୍' ଭାରତର ଏକତା, ଆତ୍ମସମ୍ମାନର ପ୍ରତୀକ



ଛାତ୍ରୀମାନେ 'ବନ୍ଦେ ମାତରମ୍' ଗାନ କରୁଛନ୍ତି ।

**ରାୟଗଡ଼ା, ୭।୧୧(ଆଶିଷ ରଞ୍ଜନ ପଣ୍ଡା)**

'ବନ୍ଦେ ମାତରମ୍'ର ୧୫୦ତମ ବାର୍ଷିକୀ ପାଳନ ଅବସରରେ ପୂର୍ବତଟ ରେଳପଥର ରାୟଗଡ଼ା ରେଳ ଡିଭିଜନର ବିଭିନ୍ନ ଷ୍ଟେଶନରେ ଜାତୀୟ ସଙ୍ଗୀତ 'ବନ୍ଦେ ମାତରମ୍'ର ପୂର୍ଣ୍ଣ ସଂସ୍କରଣର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ରାୟଗଡ଼ା ଡିଆର୍‌ଏମ୍ ଅମିତାଭ ସିଂଘଲ ଓ ରେଲୱେ କର୍ମଚାରୀ ଏକତ୍ରିତ ହୋଇ ରାୟଗଡ଼ା ରେଳ ଷ୍ଟେଶନ ସମ୍ମୁଖରେ ବନ୍ଦେ ମାତରମ୍ ଗୀତର ପୂର୍ଣ୍ଣ ସଂସ୍କରଣ ଗାନ କରିଥିଲେ। ସେହିଭଳି ୱାଲ୍ଟିୟର ଡିଭିଜନର ଡିଆର୍‌ଏମ୍ ଲଳିତ ବେହେରାଙ୍କ ନେତୃତ୍ୱରେ ବନ୍ଦେ ମାତରମ୍ ଗାନ କରାଯାଇଥିଲା। ଏଥିରେ ରାୟଗଡ଼ା ରେଲୱେର ସମସ୍ତ ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ। ସେହିଭଳି ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଜିଲା ସଂସ୍କୃତି ଭବନଠାରେ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏଥିରେ କୁନି କୁନି କଣ୍ଠଶିଳ୍ପୀ ଯୋଗଦେଇ ବନ୍ଦେ ମାତରମ୍ ସଙ୍ଗୀତ ଗାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ସମେତ ଅତିରିକ୍ତ ଜିଲାପାଳ ନୀହାର ରଞ୍ଜନ କହଁର, ଅତିରିକ୍ତ ଜିଲାପାଳ ନବୀନ ନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଜିଲା ସଂସ୍କୃତି ଅଧିକାରୀ ସୁସ୍ମିତା ବାଉରୀ, ଜିଲା ସୂଚନା ବିଜ୍ଞାନ କେନ୍ଦ୍ରର ଅଧିକାରୀ ଏନ୍ ଗୁଣ ଶେଖର ଓ ଜିଲା କ୍ରୀଡା ଅଧିକାରୀ ଶେଖ ଅଲେନୁର ଏବଂ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। 'ବନ୍ଦେ ମାତରମ୍' ଭାରତର ଏକତା, ଭକ୍ତି ଏବଂ ଆତ୍ମସମ୍ମାନର ଏକ ସ୍ଥାୟୀ ପ୍ରତୀକ ହୋଇ ରହିଛି ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ପ୍ରଶାନ୍ତ କୁମାର ନାୟକ ପରିଚାଳନା କରିଥିବା ବେଳେ ଜିଲା ସଂସ୍କୃତି ଅଧିକାରୀ ସୁସ୍ମିତା ବାଉରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ସୂଚନାଯୋଗ୍ୟ, ବଙ୍କିମଚନ୍ଦ୍ର ଚାଟାର୍ଜୀଙ୍କ ଦ୍ୱାରା ଲିଖିତ 'ବନ୍ଦେ ମାତରମ' ୧୮୭୫ ନଭେମ୍ବର ୭ରେ ରଚିତ ହୋଇଥିଲା। ଏହି ଗୀତଟି ପ୍ରଥମେ ସାହିତ୍ୟ ପତ୍ରିକା ବଙ୍ଗଦର୍ଶନରେ ତାଙ୍କ ପ୍ରସିଦ୍ଧ ଉପନ୍ୟାସ 'ଆନନ୍ଦମଠ'ର ଅଂଶ ଭାବରେ ପ୍ରକାଶିତ ହୋଇଥିଲା।

# ଦେବଗିରି ଦାନହୁଣ୍ଡିରୁ ଚୋରି ଉଦ୍ୟମ

**କଲ୍ୟାଣସିଂହପୁର,୭।୧୧ (ଦୀପକ କୁମାର ପରିଡ଼ା )**

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ସଦରରେ ଥିବା ପ୍ରସିଦ୍ଧ ଶୈବପୀଠ ଦେବଗିରିର ପଞ୍ଚମୁଖେଶ୍ୱର ମନ୍ଦିର ସମ୍ମୁଖରେ ଥିବା ଦାନହୁଣ୍ଡକୁ ଚୋରି କରିବାକୁ କିଛି ଦୁର୍ବୃତ୍ତ ଉଦ୍ୟମ କରୁଥିଲେ। ସେମାନେ ହୁଣ୍ଡିକୁ ନେଇ ବାଇକ୍ ଯୋଗେ ପଳାଇ ଯାଉଥିବା ସମୟରେ ଗାଈଗୋଠ ସେମାନଙ୍କ ଚାରିପଟେ ଘେରିଯିବାରୁ ସେମାନେ ଆଉ ଯାଇପାରିଲେ ନାହିଁ। ଆଶ୍ରମର ଲୋକେ ଧାଇଁ ଆସୁଥିବା ଦେଖି ଧରା ପଡ଼ିଯିବା ଭୟରେ ଦୁର୍ବୃତ୍ତ ସେଠାରେ ଦାନପାତ୍ର, ମୋଟରସାଇକେଲ, ଚପଲ ଛାଡି ଦୌଡ଼ି ପଳାଇଲେ। ଏ ସମ୍ପର୍କରେ ଖବର ପାଇ କଲ୍ୟାଣସିଂହପୁର ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରୁଥିବା ଜଣାପଡିଛି ।

# ୩୦୦୦ ଗଞ୍ଜେଇ ଗଛ ନଷ୍ଟ କଲା ପୋଲିସ



ପୋଲିସ ଏବଂ ଅବକାରୀ କର୍ମଚାରୀ ଗଞ୍ଜେଇ ଗଛ କାଟୁଛନ୍ତି।

**ଗୁଡାରି,୭।୧୧(ପ୍ରମୋଦ କୁମାର ପତି)**

ଗୁଡାରି ଥାନା ଅଧିନସ୍ଥ ମୁଡୁକୁଣି ଗ୍ରାମ ନିକଟରେ ବେଆଇନ ଭାବେ ଚାଷ କରାଯାଇଥିବା ୩୦୦୦ ଗଞ୍ଜେଇ ଗଛକୁ ଶୁକ୍ରବାର ନଷ୍ଟ କରିଛି ପୋଲିସ। ରାୟଗଡା ଆରକ୍ଷୀ ଅଧିକ୍ଷକ ସ୍ୱାଥୀ ଏସ. କୁମାରଙ୍କ ନିର୍ଦ୍ଦେଶକ୍ରମେ ଗୁଣୁପୁର ଏସଡ଼ିପିଓ ବାବୁଲି ନାୟକଙ୍କ ନେତୃତ୍ୱ ରେ ଗୁଡାରି ଥାନା ଅଧିକାରୀ ସମର୍ପିତା ସ୍ୱାଇଁଙ୍କ ଉପସ୍ଥିତିରେ ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅବକାରୀ ବିଭାଗ ଏବଂ ବନ ବିଭାଗ କର୍ମଚାରୀ ସାମିଲ ଥିଲେ। ସବ୍ ଇନ୍ସପେକ୍ଟର ବୀରେନ୍ଦ୍ର କୁମାର ରାୟଙ୍କ ରିପୋର୍ଟକୁ ଭିତ୍ତି କରି ଥାନାରେ କେଶ ନମ୍ବର ୧୨୬/୨୫ ମାମଲା ରୁଜୁ ହୋଇଛି। ଥାନା ଅଧିକାରୀ ସମର୍ପିତା ସ୍ୱାଇଁ ଏହି ଘଟଣାର ତଦନ୍ତକାରୀ ଅଫିସର ଭାବେ ଦାୟିତ୍ୱ ନେଇଛନ୍ତି।

# ଜିଲାର ୧୩ ହଜାର ହେକ୍ଟର ଜମିରେ ହୋଇଛି ମାଣ୍ଡିଆ ଚାଷ

**ଜିଲାସ୍ତରୀୟ ମାଣ୍ଡିଆ ଦିବସ**

**ରାୟଗଡ଼ା,୭।୧୧(ଆଶିଷ ରଞ୍ଜନ ପଣ୍ଡା)**




ମାଣ୍ଡିଆ ପ୍ରଚାର ରଥ ଶୁଭାରମ୍ଭ କରାଯାଉଛି।

ରାୟଗଡା ବିଜୁ ପଟ୍ଟନାୟକ ଅଡିଟୋରିୟମଠାରେ ଶୁକ୍ରବାର ଜିଲାସ୍ତରୀୟ ମାଣ୍ଡିଆ ଦିବସ ପାଳିତ ହୋଇଛି। ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ଓ ସହକାରୀ ବୈଷୟିକ ପରିଚାଳକ ଉତ୍ତମ କୁମାର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତି ମାଝୀ ଯୋଗଦେଇ ସମସ୍ତଙ୍କୁ ମାଣ୍ଡିଆ ଚାଷ ପ୍ରତି ଅନୁପ୍ରାଣିତ କରିଥିଲେ। ସମ୍ମାନିତ ଅତିଥି ଭାବରେ ଏମ୍‌ପି ପ୍ରତିନିଧି ସୁଧୀର ଚନ୍ଦ୍ର ପଣ୍ଡା, ଜିଲା ମୁଖ୍ୟ କୃଷି ଅଧିକାରୀ ଏସ୍.କେ. ଏହେସାନ, ମୁଖ୍ୟ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ମୃଣ୍ମୟ କୁମାର ପଣ୍ଡା, ଜଳଛାୟା ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ ଦାମୋଦର ପାଣିଗ୍ରାହୀ, ଗୁଣପୁର କୃଷି ଜିଲା ଅଧିକାରୀ ଦିବ୍ୟ ସ୍ୱରୂପ ପଣ୍ଡା, ସହକାରୀ ଯନ୍ତ୍ରୀ ସରୋଜିନୀ ବାଗ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ସହକାରୀ ମତ୍ସ୍ୟ ଅଧିକାରୀ ପ୍ରିତିସ ନନ୍ଦା ପଟ୍ଟନାୟକ, ସହକାରୀ ବନ ସଂରକ୍ଷକ ଅଶୋକ କୁମାର ପ୍ରଧାନ, ଓଡ଼ିଶା ଜୀବିକା ମିଶନ ଜିଲା ପ୍ରକଳ୍ପ ପରିଚାଳକ ଶଙ୍କର ଚାଲାଣ ଓ ଶ୍ରୀଅନ୍ନ ଅଭିଯାନ ଜିଲା ସଂଯୋଜକ ଶିଳାଭଦ୍ର ଦିଗାଲ ପ୍ରମୁଖ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ସୂଚନା ଦେଇଥିଲେ।ଚଳିତବର୍ଷ ରାୟଗଡ଼ା ଜିଲାରେ ୧୩ ହଜାର ହେକ୍ଟର ଜମିରେ ମାଣ୍ଡିଆ ଚାଷ ହେଉଥିବା ଜିଲା ମୁଖ୍ୟ କୃଷି ଅଧିକାରୀ ସୂଚନା ଦେଇଥିଲେ। ହେକ୍ଟର ପିଛା ଚାଷୀଙ୍କ ପାଇଁ ୧୦ ହଜାର ୮୦୦ ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି। ମାଣ୍ଡିଆ ବିକ୍ରି ପାଇଁ ୨୦ଟି ମଣ୍ଡି ଜିଲାରେ ସ୍ଥାପନ ହୋଇଥିବା କହିଛନ୍ତି। ଏହି ଅବସରରେ ଏକ ମାଣ୍ଡିଆ ପ୍ରଚାର ରଥର ଶୁଭାରମ୍ଭ କରାଯାଇଥିଲା।

ଏହି ଅବସରରେ ସଫଳ ସହଯୋଗୀ ଅନୁଷ୍ଠାନ, କୃଷକ ଉତ୍ପାଦକ ସଂଗଠକ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ସଫଳ ଷ୍ଟଲ ସହ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ଉପଢୌକନ, ପ୍ରମାଣପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଜିଲା ମୁଖ୍ୟ କୃଷି ଅଧିକାରୀ ଅଭିଭାଷଣରେ କହିଥିଲେ, ଶ୍ରୀ ଅନ୍ନ ଅଭିଯାନ ମାଧ୍ୟମରେ ୩୦ଟି ଜିଲାରେ ୧୭୭ଟି ବ୍ଲକ ୨୮୮୪ ପଞ୍ଚାୟତରେ ୨ ଲକ୍ଷ ୪୩ ହଜାର ୨୫୬ ଜଣ ଚାଷୀ ମାଣ୍ଡିଆ ଚାଷରେ ଉପକୃତ ହେଉଛନ୍ତି । କୃଷି ଐତିହ୍ୟ ଓ ଜୈବ ବିବିଧତା ସଂରକ୍ଷଣରେ ମହିଳାଙ୍କ ଭୂମିକା ସମ୍ପର୍କରେ ଆଲୋଚନା ହୋଇଥିଲା।

# ନିର୍ବାଣ ଗୋଶାଳା, ୧୦୮ ଶିବଲିଙ୍ଗରେ ରୁଦ୍ରାଭିଷେକ



ଜଣେ ସାଧୁ ଶିବଲିଙ୍ଗ ନିକଟରେ ପୂଜା କରୁଛନ୍ତି ।

**ଗୁଣପୁର,୭।୧୧(ପ୍ରଦୀପ କୁମାର ପାଢ଼ୀ)**

ରାୟଗଡ଼ା ଜିଲା ଗୁଣପୁର ବ୍ଲକ ଜଲତାର ପଞ୍ଚାୟତ ନୂଆଗାଁ ନାଗେଶ୍ୱର ଶବି ମନ୍ଦିର ନିକଟରେ ଗୋଶାଳା ପ୍ରତିଷ୍ଠା ସହ କାମଧେନୁ ସୁରଭି ଯଜ୍ଞ ଓ ୧୦୮ ଶିବଲିଙ୍ଗରେ ରୁଦ୍ରାଭିଷେକ କାର୍ଯ୍ୟକ୍ରମ ସମାପନ ହୋଇଛି । ଅକ୍ଟୋବର ୨ରେ ଭକ୍ତ ଓ ସାଧୁସନ୍ଥଙ୍କ ଗହଣରେ ପୁଣ୍ୟତୋୟା ବଂଶଧାରା ନଦୀରେ ଗଙ୍ଗା ଆବାହନ କରି ମହିଳାମାନେ କଳସ ଯାତ୍ରାରେ ସାମିଲ ହୋଇ ନୂଆଗାଁ ଆଶ୍ରମରେ ପହଞ୍ଚିଥିଲେ। କଳସ ସ୍ଥାପନା ପରେ ପ୍ରତିଦିନ ୯ ଜଣ ଦମ୍ପତି ହୋମରେ ବସି ପୂଜା କାର୍ଯ୍ୟ ତୁଲାଇଥିଲେ । ନିର୍ବାଣ ଟ୍ରଷ୍ଟ, ଅଖିଳ ଭାରତୀୟ ସନ୍ଥ ସମାଜ , ବିଶ୍ୱ ହିନ୍ଦୁ ପରିଷଦ ଓ ଶବର ସମାଜ ଆନୁକୁଲ୍ୟରେ ୧୫ ଦିନ ଧରି ଏହି କାର୍ଯ୍ୟକ୍ରମ ଚାଲୁ ରହିଥିଲା। ଗୋଷ୍ଠାଷ୍ଟମୀରେ ଗୋ ପୂଜନ ସହ ଗୋଶାଳାର ପ୍ରତିଷ୍ଠା ହୋଇଥିଲା। ସ୍ୱାମୀ ନିର୍ବାଣ ନନ୍ଦ ଗିରିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ ସମ୍ପାଦିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ କାଶୀରୁ ଆସିଥିବା ଆଚାର୍ଯ୍ୟ ଚନ୍ଦ୍ରମୌଳି ତିୱାରି ଓ ବ୍ରହ୍ମ ଯୋଗେଶ ତ୍ରିପାଠୀ ପରିଚାଳନା କରିଥିବାବେଳେ ଗୁଣପୁରରୁ ପଣ୍ଡିତ ନବୀନ ରଥ ଓ ପ୍ରକାଶ ରଥ ପୂଜା କାର୍ଯ୍ୟ ତୁଲାଇଥିଲେ । ଭାରତର ବିଭିନ୍ନ ପ୍ରାନ୍ତରୁ ନାଗା ସାଧୁ , ପଣ୍ଡିତ ଓ ସନ୍ୟାସୀମାନେ ଯୋଗଦେଇଥିଲେ।

# ୨୬ ହିତାଧିକାରୀଙ୍କୁ ପଟ୍ଟା ବାଣ୍ଟିଲେ ତହସିଲଦାର

**ଗୁଡାରି,୭।୧୧ (ପ୍ରମୋଦ କୁମାର ପତି)**

ଗୁଡାରି ତହସିଲ ଅନ୍ତର୍ଗତ ଏମ୍‌କେରାଇ ରାଜସ୍ୱ ଅଞ୍ଚଳରେ ଶୁକ୍ରବାର ତହସିଲଦାର ଏ. ସ୍ନେହଲତା ୨୬ ଜଣ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରିଛନ୍ତି। ଏମ୍‌କେରାଇ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପରିସରରେ ସରକାରଙ୍କ ବସୁନ୍ଧରା ଯୋଜନାରେ ସିଲିମି ମୌଜାରେ ୧୪ ଟି ପଟା ପ୍ରଦାନ କରାଯାଇଥିଲା। ସେହିପରି କଦମା ଗ୍ରାମ ପଞ୍ଚାୟତର ପାରିକୁପଡା ଗ୍ରାମର ୧୨ ଜଣ ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ କବିତା ବିଡ଼ିକା, ସୁପରଭାଇଜର ମନୋଜ ଶବର, ଏଫଆରଏ ସଂଯୋଜକ ଦନାର୍ଦ୍ଦନ ଭଦ୍ରିକା ଏବଂ ତହସିଲ କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତ ଥିଲେ। ନିଜ ନାମରେ ପଟ୍ଟା ପାଇବା ପରେ ହିତାଧିକାରୀମାନେ ତହସିଲଦାରଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି। ପର୍ଯ୍ୟାୟକ୍ରମେ ତହସିଲର ସମସ୍ତ ଅଞ୍ଚଳରେ ଏହି ପଟା ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି।



ତହସିଲଦାରଙ୍କ ସହ ପଟ୍ଟା ପାଇଥିବା ହିତାଧିକାରୀ ।

# ନିମ୍ନମାନର ପୋଷାକ ବଣ୍ଟନ ଘଟଣାର ତଦନ୍ତ ନିର୍ଦ୍ଦେଶ

**ବିଷମକଟକ,୭।୧୧(ପ୍ରସନ୍ନ କୁମାର ପଣ୍ଡା)**

**ଧରିତ୍ରୀ ପ୍ରଭାବ**

ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ନିମ୍ନମାନର ପୋଷାକ ବଣ୍ଟନ କରାଯାଇଥିବାବେଳେ ଉକ୍ତ ପୋଷାକରେ ସରକାରୀ ଲୋଗୋ ଲଗାଯାଇ ନ ଥିବାରୁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ଶୁକ୍ରବାର ଧରିତ୍ରୀରେ 'ବିଷମକଟକ ବ୍ଲକ୍‌ରେ ନିମ୍ନମାନର ପୋଷାକ ବଣ୍ଟନ ଅଭିଯୋଗ' ଶୀର୍ଷକ ଖବର ପ୍ରକାଶ ପାଇବା ପରେ ରାୟଗଡ଼ା ଜିଲା ଶିକ୍ଷା ବିଭାଗ ତତ୍ପର ହୋଇଛି। ମୁନିଗୁଡା, ବିଷମକଟକ ଓ ଚନ୍ଦ୍ରପୁର ବ୍ଲକରେ ଯେଉଁ ପୋଷାକ ବଣ୍ଟନ କରାଯାଇଛି ତାହା ତଦନ୍ତ କରିବା ପାଇଁ ଜିଲା ଶିକ୍ଷା ବିଭାଗ ପକ୍ଷରୁ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ବିଷମକଟକ ବ୍ଲକ ଦାୟିତ୍ୱରେ ଥିବା ଶିକ୍ଷା ଅଧିକାରୀ ଶାନ୍ତିଲତା ମୁନି ଓ ଚନ୍ଦ୍ରପୁର ଶିକ୍ଷା ଅଧିକାରୀ ଗଣେଶ ଶବର ସୂଚନା ଦେଇଛନ୍ତି। ଏପରି ଯେମିତି ପୁନର୍ବାର ନ ହୁଏ ସେଥିପ୍ରତି ଅତି ଗୁରୁତ୍ୱର ସହିତ ନିଆଯିବ ବୋଲି ବ୍ଲକ ଶିକ୍ଷା ଅଧିକାରୀ ସୂଚନା ଦେଇଛନ୍ତି।

# ଭୀମପୂଜା କରି କାର୍ତ୍ତିକ ଉଦ୍‌ଯାପନ କଲେ ହବିଷିଆଳି

**ଗୁଣୁପୁର,୭।୧୧( ପ୍ରଦୀପ କୁମାର ପାଢ଼ୀ)**

ରାୟଗଡ଼ା ଜିଲା ଗୁଣପୁର ସହର କାର୍ତ୍ତିକ ବ୍ରତାଧାରୀ ମହିଳା ଭକ୍ତ ବା ହବିଷିଆଳିମାନେ ଗୁରୁବାର ସକାଳୁ କୋର୍ଟ ସମ୍ମୁଖ ତ୍ରିନାଥ ମନ୍ଦିରଠାରେ ଭୀମ ଠାକୁରଙ୍କୁ ପୂଜା କରି ଧର୍ମ ମାସକୁ ଉଦ୍‌ଯାପନ କରିଛନ୍ତି। ବ୍ରତଧାରି ମହିଳାମାନେ ଧର୍ମ ମାସରେ ପ୍ରତ୍ୟେକ ଦିନ ସକାଳୁ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିବା ସହ ଠାକୁରଙ୍କ ଆଳତୀ ଦର୍ଶନ କରିଥାନ୍ତି। ମାସ ଶେଷରେ କାର୍ତ୍ତିକ ପୂର୍ଣ୍ଣମୀ ଦିନ ବଂଶଧାରା ନଦୀରେ ଡଙ୍ଗା ଭସାଇଥାନ୍ତି। ପୂର୍ଣ୍ଣମୀ ପରଦିନ ମାର୍ଗଶିର ମାସ ପ୍ରତିପଦା ତିଥିରେ ଭୋର ସମୟରେ ବାଲି ରେ ଭୀମ ପ୍ରତିମୂର୍ତ୍ତି ତିଆରି କରି ମହିଳାମାନେ ପୂଜା କରିଥାନ୍ତି। ଭୀମଙ୍କୁ ମୂଳା, ମୁଡ଼ି, କନ୍ଦମୂଳ, ଆଖୁ, ନଡିଆ ଭୋଗ କରିଥାନ୍ତି। ଭୀମଙ୍କୁ ପୂଜା କଲେ ଭଗବାନ ସେମାନଙ୍କୁ ବଳ ଦେବେ ପୁଣି ସେମାନେ ଆସନ୍ତା ଧର୍ମମାସରେ ପୂଜାପାଠ କରିପାରିବେ ବୋଲି ବିଶ୍ୱାସ ରହିଛି। ପୂଜକ ମନୋହର ମହାପାତ୍ର ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ।

# ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

**ଟିକିରି,୭।୧୧ (ପ୍ରଫୁଲ୍ଲ କୁମାର ବେହେରା)**

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ଥାନା ଅନ୍ତର୍ଗତ ଶଙ୍କରଡା ପଞ୍ଚାୟତ କୁଟିଙ୍ଗଗୁଡା ପୋଲ ନିକଟ ବୁଦ୍ଧବିହାର ପାଖରେ ଥିବା ପିଜୁଳି ଗଛରୁ ଶୁକ୍ରବାର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ମୃତ ମହିଳା ହେଲେ ଶଙ୍କରଡା ପଞ୍ଚାୟତ ଲେଲିପୁଟ ଗ୍ରାମର ସୁଶିଳା ମାଝୀ । ସେ କିଛିଦିନ ତଳେ କାକିରିଗୁମା ନିକଟରେ ଥିବା ଚିରି ଯୋଡ଼ି ଗ୍ରାମ ଜଣେ ଯୁବକଙ୍କୁ ବିବାହ କରିଥିଲେ। ତେବେ କୌଣସି କାରଣକୁ ନେଇ ସେ ଆତ୍ମହତ୍ୟା କରିଥିବା କୁହାଯାଉଛି। ଖବରପାଇ ଟିକିରି ପୋଲିସ ଘଟଣାସ୍ଥଳରେ ପହିଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବା ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଟିକିରି ପୋଲିସ ପକ୍ଷରୁ ସୂଚନା ମିଳିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ଏହା ହତ୍ୟା ନା ଆତ୍ମହତ୍ୟା ଜଣାପଡିବ। ଏ ନେଇ ଟିକିରି ଥାନାରେ ୧୦/୨୫ ଏକ ମାମଲା ରୁଜୁ କରି ତଦନ୍ତ ଚାଲାଇଥିବା ଟିକିରି ଥାନା ଆଇଆଇସି ବିଶ୍ୱବନ୍ଦୀନୀ ବାଗ ସୂଚନା ଦେଇଛନ୍ତି।

# ଉନ୍ନୟନ ଯୋଜନାର ସ୍ଥିତି, ପ୍ରକଳ୍ପର ଅଗ୍ରଗତି ବିଷୟରେ ଆଲୋଚନା

**ରାୟଗଡ଼ା ପଞ୍ଚାୟତ ସମିତି ବୈଠକ**

**ରାୟଗଡ଼ା, ୭।୧୧(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡା ପଞ୍ଚାୟତ ସମିତିର ଚତୁର୍ଦ୍ଦଶ ସମିତି ବୈଠକ ବ୍ଲକ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଅଧ୍ୟକ୍ଷା ଟୁନି ହୁଇକାଙ୍କ ଅଧ୍ୟକ୍ଷତା ଆୟୋଜିତ ବୈଠକରେ କୋରାପୁଟ ଏମ୍‌ପି ସପ୍ତଗିରି ଶଙ୍କର ଉଲ୍ଲାକା ଓ ରାୟଗଡ଼ା ବିଧାୟକ କାଡ୍ରାକା ଆପାଲା ସ୍ୱାମୀ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଉପାଧ୍ୟକ୍ଷ ହର ପ୍ରାସାଦ ହେପୃକା, ବିଡିଓ ସୁଜିତ କୁମାର ମିଶ୍ର, ଏବିଡିଓ କାଳୁ ଚରଣ ନାୟକ, ସମସ୍ତ ସମିତି ସଦସ୍ୟ, ସରପଞ୍ଚ ଓ ଜିଲା ପରିଷଦ ସଭ୍ୟ ଯୋଗଦେଇ ବିଭିନ୍ନ ଯୋଜନା ବିଷୟରେ ଆଲୋଚନା କରିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପାନୀୟଜଳ, ଜିବିକା ମିଶନ, ପଶୁପାଳନ, କ୍ଷୁଦ୍ର ଜଳସେଚନ, ଗ୍ରାମ ଉନ୍ନୟନ, ସାମାଜିକ ସୁରକ୍ଷା, ଆବାସ ଯୋଜନା, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଜଙ୍ଗଲ, ଜଳଛାୟା, ମଙ୍ଗଳ ବିଭାଗ, ଯୋଗାଣ, ମହିଳା ଓ ଶିଶୁ ବିଭାଗ, ଶ୍ରମ, ମତ୍ସ୍ୟ ଓ ଉଦ୍ୟାନ କୃଷି ଆଦି ବିଭାଗ ଅଧିକାରୀ ଯୋଗଦେଇ ବିଭିନ୍ନ ସରକାରୀ ଯୋଜନାର ସୁବିଧା ବିଷୟରେ ଗୃହକୁ ଅବଗତ କରିଥିଲେ। ଏମ୍‌ପି ଉଲ୍ଲାକା ବ୍ଲକ ତରଫରୁ କାର୍ଯ୍ୟକାରୀ ହେଉଥିବା ଏମ୍‌ପି ଲାଡ, ବିକେବିୱାଇ ଆଦି ବିଭିନ୍ନ ଉନ୍ନୟନ ଯୋଜନାର ସ୍ଥିତି, ସମସ୍ତ ନିର୍ବାଚିତ ପ୍ରତିନିଧିଙ୍କ ସହ ପ୍ରକଳ୍ପର ଅଗ୍ରଗତି ବିଷୟରେ ଆଲୋଚନା କରିବା ସହ ପାଣ୍ଠିର ସୁବିନିଯୋଗ କରି ପ୍ରକଳ୍ପଗୁଡିକର ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ କହିଥିଲେ। ସମସ୍ତ ନିର୍ବାଚିତ ପ୍ରତିନିଧିଙ୍କୁ ଭାଗିଦାରୀରେ ପ୍ରକଳ୍ପ ଚୟନ, ବିଭିନ୍ନ ବିଭାଗର ସମନ୍ୱୟରେ ଯୋଜନା ପ୍ରସ୍ତୁତି ନିମନ୍ତେ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ । ଆରଡି ବିଭାଗକୁ ଏ ନେକ ଗ୍ରାମାଞ୍ଚଳ ରାସ୍ତା ହସ୍ତାନ୍ତର ହୋଇଥିଲେ ମଧ୍ୟ ପୁରାତନ ରାସ୍ତାର ରକ୍ଷଣାବେକ୍ଷଣ ତଥା ନୂତନ ରାସ୍ତା ନିର୍ମାଣ କ୍ଷେତ୍ରରେ ଆଶାନୁରୂପ ଅଗ୍ରଗତି ହୋଇପାରି ନ ଥିବାରୁ ଗୃହ ଉଦବେଗ ପ୍ରକାଶ ପାଇଥିଲା। ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଜିତ କୁମାର ମିଶ୍ର ଆବାସ, ଭତ୍ତା ଓ ଉନ୍ନୟନମୂଳକ ପ୍ରକଳ୍ପର ସ୍ଥିତି ବିଷୟରେ ତଥ୍ୟ ଉପସ୍ଥାପନ କରିଥିଲେ। ଆଗାମୀ ୨୦୨୫-୨୬ ବର୍ଷ ନିମନ୍ତେ ରାୟଗଡା ବ୍ଲକ ଅଞ୍ଚଳରେ ଉପଲବ୍ଧ ୬୯ଟି ଲଘୁବନଯାତ ଦ୍ରବ୍ୟର ଦର ଆଲୋଚନା ପରେ ସ୍ଥିରୀକୃତ କରାଯାଇଥିଲା। ବିଡିଓ ମିଶ୍ର ସ୍ୱାଗତ ଭାଷଣ ରଖିଥିବା ବେଳେ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ସ୍ମୃତିରେଖା ନାୟକ ପୂର୍ବ ବୈଠକର ବିବରଣୀ ଉପସ୍ଥାପନ କରିଥିଲେ । ଏବିଡିଓ କାଳୁଚରଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।




ବୈଠକରେ ଏମ୍‌ପି, ବିଧାୟକ ଏବଂ ଅନ୍ୟ ଅଧିକାରୀ।

**ବରିଷ୍ଠ ନାଗରିକ ସଂଘ ସମ୍ପାଦକଙ୍କ ପରଲୋକ**

ସୁନାବେଡା,(କୃତ୍ତିବାସ ପ୍ରଧାନ)-ସେମିଲିଗୁଡ଼ା ବରିଷ୍ଠ ନାଗରିକ ସଂଘ ସାଧାରଣ ସମ୍ପାଦକ ରଘୁନାଥ ପାଣିଗ୍ରାହୀଙ୍କ ୭୬ ବର୍ଷ ବୟସରେ ସେମିଲିଗୁଡ଼ା ସତ୍ୟ ନଗରସ୍ଥିତ ତାଙ୍କ ବାସ ଭବନରେ ପରଲୋକ ହୋଇଛି। ସେ କିଛି ଦିନ ହେବ ବାର୍ଦ୍ଧକ୍ୟ ଜନିତ ଅସୁସ୍ଥ ଥିଲେ। ସ୍ଥାନୀୟ ଅଞ୍ଚଳରେ ବରିଷ୍ଠ ନାଗରିକ ସଂଘ ପାଇଁ ତାଙ୍କର ଅବଦାନ ଅତୁଳନୀୟ। ଶେଷ ସମୟରେ ତାଙ୍କ ୨ ପୁଅ ଓ ବୋହୂ ଉପସ୍ଥିତ ଥିଲେ। ଶେଷ ଯାତ୍ରାରେ ସୁନାବେଡା ଓ ସେମିଲିଗୁଡ଼ାର ଶତାଧିକ ବରିଷ୍ଠ ନାଗରିକ ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ସାମିଲ ହୋଇଥିଲେ।



## ସଂକ୍ଷେପରେ

### ହିତାଧିକାରୀ ପରାମର୍ଶ ସଭା

ଜୟପୁର,୭।୧୧(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁରସ୍ଥିତ ଏମ୍ଏସ୍ ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନରେ ଏକ ହିତାଧିକାରୀ ପରାମର୍ଶ ସଭା ଶୁକ୍ରବାର ଆୟୋଜିତ ହୋଇଛି। ଏଥିରେ ଜିଲା ଚିକିତ୍ସାଧିକାରୀ, ଏନ୍ଏଚ୍ଏମ୍ ଜିଲା କର୍ମଚାରୀ,ପ୍ରୋଗ୍ରାମ୍ ଅଫିସର, ଜୟପୁର ଏସ୍ଡିଭି, ପୋଷଣ ପରାମର୍ଶଦାତା, ୟୁନିସେଫ, ଆଇସିଏମଆର୍, ଏକତା, ପିରାମଲ୍ ଫାଉଣ୍ଡେସନ୍, ବିକ୍ରମଶିଳା, ଶିନୀ ଓ ରାଇଜ୍ ଆଦି ପ୍ରମୁଖ ସଂସ୍ଥାର କର୍ମକର୍ତ୍ତା ଯୋଗଦେଇଥିଲେ। ପରିକଳ୍ପନା ଓ ନିରୀକ୍ଷଣ ବିଭାଗର ଉପନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା ଯୋଗଦେଇଥିଲେ। ଏଥିସହ ଏମ୍ଏସ୍ଏସ୍ଆର୍ଏଫ୍ର ଚେୟାରପର୍ସନ୍ ଡା.ସୌମ୍ୟା ସ୍ୱାମୀନାଥନ ସମସ୍ତ ଅଧିକାରୀମାନଙ୍କୁ ସଭାର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଭବିଷ୍ୟତ ଯୋଜନା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଜିଲାର ସରକାରୀ ଓ ବେସରକାରୀ ସଙ୍ଗଠନ ମିଳିତ ଭାବେ ଜିଲାର ସ୍ୱାସ୍ଥ୍ୟବସ୍ଥା ସୁଧାର ଆଣିବା ନେଇ ଆଲୋଚନା କରିଥିଲେ।

### କଳାଗୁଡ଼ା ଜଙ୍ଗଲରେ ଅବକାରୀ ଚଢ଼ାଉ

ଜୟପୁର,୭।୧୧(ପବନ ପାଣିଗ୍ରାହୀ)

ଜୟପୁର ସଦର ଥାନା ଅଧୀନ କଳାଗୁଡ଼ା ଜଙ୍ଗଲରେ ଶୁକ୍ରବାର ଅବକାରୀ ଚଢ଼ାଉ ହୋଇଛି। ଦେଶୀ ଓ ବିଷାକ୍ତ ମଦ ପ୍ରସ୍ତୁତି ସହ ଲୁଚାଇ ରଖିଥିବା ବେଳେ ମାଫିଆମାନେ ଚମ୍ପଟ ମାରିଥିଲେ। ଅବକାରୀ ବିଭାଗ ବହୁ ମଦ ଭାଟି ଭାଙ୍ଗି ୨୮ ଶହ ଲିଟର ପୋଚ ଓ ୨୨୦ ଲିଟର ଦେଶୀ ମଦ ଜବତ ସହ ନଷ୍ଟ କରିଛି। ମଦରନ୍ଧା ସରଞ୍ଜାମ ଓ ଡ୍ରମ ଆଦିକୁ ଜବତ କରାଯାଇଥିବା ଅବକାରୀ ଥାନା ଓଆଇସି ସୁବ୍ରତ କିଶୋରି ହିରନ ସୂଚନା ଦେଇଛନ୍ତି।

### ରେଳଲାଇନ ନିକଟରୁ ମାଇନ୍ସ ବ୍ୟବସାୟୀଙ୍କ ମୃତଦେହ ଜବତ

କୋରାପୁଟ,୭।୧୧(ଅମିତାଭ ବେହେରା)

କୋରାପୁଟ ଡୁମୁରିପୁଟ ରେଳଲାଇନ୍ ରାସ୍ତା କଡରୁ ଜଣେ ମାଇନ୍ସ ବ୍ୟବସାୟୀଙ୍କ ମୃତଦେହ ସ୍ଥାନୀୟ ରେଲୱେ ପୋଲିସ ଶୁକ୍ରବାର ଜବତ କରିଛି। ବ୍ୟବଚ୍ଛେଦ ପାଇଁ ମେଡିକାଲ କଲେଜକୁ ପଠାଇଥିବା ରେଲୱେ ଥାନାଧିକାରୀ ସନ୍ତୋଷୀ ମହନ୍ତ ପ୍ରକାଶ କରିଛନ୍ତି। ମୃତକ ହେଲେ ଜୟପୁର ସମ୍ବରତୋଟା ଅଞ୍ଚଳର ମାଇନ୍ସ ବ୍ୟବସାୟୀ ଏ.ଏମ୍. ଶଙ୍କର(୪୫)। ଜିଆରପି ପୋଲିସ କହିବା ଅନୁଯାୟୀ, ଶୁକ୍ରବାର ସକାଳେ କୋରାପୁଟରୁ ରାୟଗଡ଼ା ଯାଉଥିବା ସମଲେଶ୍ୱରୀ ଏକ୍ସପ୍ରେସ ଟ୍ରେନ ଆଗକୁ ଡେଇଁ ଶଙ୍କର ଆତ୍ମହତ୍ୟା କରିଥିବା ଟ୍ରେନର ଲୋକ ପାଇଲଟ କହିଛନ୍ତି। ମୃତକଙ୍କ ସ୍ତ୍ରୀ ତାମିଲନାଡୁର କୋଇମ୍ବାଟୁର ରହୁଥିବାରୁ ସେ କୋରାପୁଟ ଆସିବା ପରେ ମୃତଦେହ ବ୍ୟବଚ୍ଛେଦ ହେବ। ପରିବାର ଲୋକଙ୍କ ଥାନାରେ ଅଭିଯୋଗ ପରେ ତଦନ୍ତ କରାଯିବ ବୋଲି ଥାନଧିକାରୀ ମହନ୍ତ କହିଛନ୍ତି। ରେଲୱେ ଥାନାରେ ୧୪/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚାଲିଥିବା ସୂଚନା ଦେଇଛନ୍ତି। ମାଇନ୍ସ ଡିଲକୁ ନେଇ ଘଟଣା ଘଟିଥିବା ଜଣାପଡ଼ିଛି। ଶଙ୍କର କୋରାପୁଟ ଭାଣ୍ଡିସାହିସ୍ଥିତ ମହାଲକ୍ଷ୍ମୀ ଲଜ୍ର ୨୧୫ ନଂ ରୁମରେ କିଛି ଦିନ ହେବ ରହୁଥିବା ବେଳେ ଶୁକ୍ରବାର କୌଣସି କାମରେ ବାହାରକୁ ଯାଇଥିବା ଲଜ କର୍ତ୍ତୃପକ୍ଷ କହିଛନ୍ତି।

# ‘ରାଷ୍ଟ୍ର ପ୍ରୀତି, ଆରାଧନାର ପ୍ରତୀକ ବନ୍ଦେ ମାତରମ୍’

**୧୫୦ ତମ ବର୍ଷ ପୂର୍ତ୍ତି ଉପଲକ୍ଷେ ସମୂହ ସମ୍ପୂର୍ଣ୍ଣ ସଙ୍ଗୀତ ଗାନ**

କୋରାପୁଟ,୭।୧୧(ଅମିତାଭ ବେହେରା)



କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲାପାଳ ମନୋଜ ସତ୍ୟବାନ ମହାଜନ ଓ ଅନ୍ୟ ଅଧିକାରୀମାନେ।

ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମର ୧୫୦ତମ ବର୍ଷ ପୂର୍ତ୍ତି ଉପଲକ୍ଷେ କୋରାପୁଟ ସଂସ୍କୃତି ଭବନ ପରିସରରେ ସମୂହ ସମ୍ପୂର୍ଣ୍ଣ ସଙ୍ଗୀତ ଗାନ କରାଯାଇଛି। ଏଥିରେ ଜିଲାପାଳ ମନୋଜ ସତ୍ୟବାନ ମହାଜନ, ପୌର ପରିଷଦ ଅଧକ୍ଷ ଲଲାଟ ରଞ୍ଜନ ସେଠୀ,ଅତିରିକ୍ତ ଜିଲାପାଳ ତପନ କୁମାର ନାୟକ ଓ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଉନ୍ନୟନ ଅଧିକାରୀ ବେଣୁଧର ଶବର,ଜିଲା ସଂସ୍କୃତି ଅଧିକାରୀ ସୂର୍ଯ୍ୟକାନ୍ତ ବେହେରା, ଜିଲାସ୍ତରୀୟ ଅଧିକାରୀ ଓ ସ୍କୁଲ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ନୂଆଦିଲ୍ଲୀରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯାଇଥିଲା। ରାଷ୍ଟ୍ର ପ୍ରୀତି ଓ ଆରାଧନାର ପ୍ରତୀକ ବନ୍ଦେ ମାତରମ ଗୀତର ଐତିହାସିକ ଗୁରୁତ୍ୱ ନେଇ ବର୍ଣ୍ଣନା କରାଯାଇଥିଲା। କୋରାପୁଟ ପୌର ପରିଷଦ କାର୍ଯ୍ୟାଳୟରେ ସମୂହ ସଙ୍ଗୀତ ଗାନ କରାଯାଇଥିଲା। ପୌର ପରିଷଦ ଅଧକ୍ଷ ସେଠୀ, କାଉନସିଲର ମାଲେଶ୍ୱର୍ ରାଓ,ସହକାରୀ ଯନ୍ତ୍ରୀ ମନୋଜ ପାତ୍ର, ସିମାଞ୍ଚଳ ପଢିହାରୀଙ୍କ ସହ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସମୂହ ଗୀତଗାନ କରିଥିଲେ।

## ଅନ୍ୟ ବ୍ଲକକୁ ବଦଳି ହେଲେ ବ୍ଲକ କନିଷ୍ଠ ଯନ୍ତ୍ରୀ

ବୈପାରୀଗୁଡା, ୭।୧୧(କଳ୍ପତରୁ ମହାନ୍ତି)

■ ଧରିତ୍ରୀ ପ୍ରଭାବ
■ କନିଷ୍ଠ ଯନ୍ତ୍ରୀ ଲାଞ୍ଚ ନେବା ଘଟଣା

କୋରାପୁଟ ଜିଲା ବୈପାରୀଗୁଡା ବ୍ଲକରେ କାର୍ଯ୍ୟରତ ଜଣେ ମହିଳା କନିଷ୍ଠ ଯନ୍ତ୍ରୀଙ୍କ ଲାଞ୍ଚ ନେବା ଘଟଣାର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଉକ୍ତ ଯନ୍ତ୍ରୀଙ୍କୁ ବୋରିଗୁମ୍ମା ବ୍ଲକକୁ ବଦଳି ନେଇ କୋରାପୁଟ ଜିଲା ପରିଷଦ ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇଛି।

ପ୍ରକାଶ ଯେ, ସେପ୍ଟେମ୍ବର ମାସରେ ବ୍ଲକର ଚେରକା ପଞ୍ଚାୟତର ତତ୍କାଳିନ କନିଷ୍ଠ ଯନ୍ତ୍ରୀ ରୀତା ଦାସ ବ୍ଲକ ଅଫିସରେ ଥିବା ତାଙ୍କ ପ୍ରକୋଷ୍ଠରେ ଜଣେ ଶ୍ରମିକ ନେତାଙ୍କଠାରୁ ଏମ୍ଜିଏନ୍ଆରଇଜିଏସ୍ ସ୍କାମରେ ୨ଟି କାମର ଫାଇଲ୍ ଖୋଲିବାକୁ ୬ ହଜାର ଟଙ୍କା ଲାଞ୍ଚ ନେବା ଭିଡ଼ିଓ ମୋବାଇଲରେ ରେକର୍ଡିଂ ହୋଇଥିଲା। ଏ ନେଇ ଉକ୍ତ ପଞ୍ଚାୟତର ଜଣେ ଲୋକ ପ୍ରତିନିଧି ବିଡିଓ ଶକ୍ତି ମହାପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏ ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହାକୁ ଆଧାର କରି ଉକ୍ତ ମାସ ୧୬ ତାରିଖରେ ବିଡିଓ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେବା ସହ ସମ୍ପୃକ୍ତ ଯନ୍ତ୍ରୀଙ୍କୁ ଉକ୍ତ ପଞ୍ଚାୟତରୁ ପ୍ରତ୍ୟାହାର କରିଥିଲେ। ଅନ୍ୟ କୌଣସି ପଞ୍ଚାୟତ ଦାୟିତ୍ୱ ନ ଦେଇ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ସଲଗ୍ନ କରିଥିଲେ। ତାଙ୍କ ସ୍ଥାନରେ ଅନ୍ୟ ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ଦାୟିତ୍ୱ ଦେଇଥିଲେ। ଗତମାସ ୧୦ ତାରିଖରେ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଖିରୋଦଚନ୍ଦ୍ର ବେହେରା ଓ ଏବିଡିଓ ନିବେଦିତା ଦଣ୍ଡସେନା ଘଟଣାର ଯୁଗ୍ମ ତଦନ୍ତ କରିଥିଲେ। ଚେରକା ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ସମ୍ପୃକ୍ତ ଶ୍ରମିକ ନେତା ନାରାୟଣ ଗୌଡ଼ଙ୍କ ବୟାନ ନେଇଥିଲେ। ପରେ ସେମାନଙ୍କ ତଦନ୍ତ ରିପୋର୍ଟ ଜିଲା ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିକଟକୁ ପଠାଯାଇଥିଲା।

## ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା, ୮ ଚାଷୀ ସମ୍ବର୍ଦ୍ଧିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଉପଜିଲାପାଳ ଆକାବରମ ଶସ୍ୟା ରେଡ୍ଡୀ ଓ ଅନ୍ୟ ଅଧିକାରୀମାନେ।

ଜୟପୁର,୭।୧୧(ପବନ ପାଣିଗ୍ରାହୀ)

ଜୟପୁର ବେଲରୋଡସ୍ଥିତ ଏକ କଲ୍ୟାଣ ମଣ୍ଡପରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଜୟପୁର ଉପଜିଲାପାଳ ଆକାବରମ ଶସ୍ୟା ରେଡ୍ଡୀ, ଏମ୍ପି ପ୍ରତିନିଧି କୃଷ୍ଣଚନ୍ଦ୍ର ନେପାକ,ବ୍ଲକ ଅଧକ୍ଷା ତିଳୋତ୍ତମା ମୁଦୁଲି, ଜିଲା ମୁଖ୍ୟ ପ୍ରାଣି ଚିକିତ୍ସାଧିକାରୀ ଲକ୍ଷ୍ମୀଧର ବେହେରା, ଜିଲା ମତ୍ସ୍ୟ ଅଧିକାରୀ ସାଗର କୁମାର ରାମ, ଏବିଡିଓ ମନୋଜ ନାୟକ, ଜିଲା ପରିଷଦ ସଭ୍ୟା ତପତି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ମେଳାରେ ୧୨ ଷ୍ଟଲ ଉଦ୍‌ଘାଟନ କରାଯାଇଥିଲା। ମତ୍ସ୍ୟ ପ୍ରାଣି ସମ୍ପଦ ଓ ଅନ୍ୟ ବିଭାଗୀୟ ପ୍ରଦର୍ଶନୀ, ଚାଷୀ ବିଶେଷଜ୍ଞ ଆଲୋଚନା ଚକ୍ର, ସଚେତନତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜୟପୁର ବ୍ଲକର ମତ୍ସ୍ୟ ଓ ପ୍ରାଣି ସମ୍ପଦ ବିକାଶ ନେଇ ଆଲୋଚନା କରାଯାଇ ୮ ସଫଳ ଚଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ଲକର ୨୨ ପଞ୍ଚାୟତର ୪୪୦ ଚାଷୀ ଉପସ୍ଥିତ ଥିଲେ। ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ବିଶ୍ୱଜିତ ରାୟ, ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ସୁନିଲ କୁମାର ନାୟକ, ମତ୍ସ୍ୟ ଅଧିକାରୀ ସୋନାଲି ମହାପାତ୍ର ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ଯୋଜନା ଓ ମେଳାର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମେଳାରେ ଅତିରିକ୍ତ ଜିଲା ପ୍ରାଣୀ ରୋଗ ନିୟନ୍ତ୍ରଣ ଅଧିକାରୀ ପରୀକ୍ଷିତ କୁଣ୍ଡୁ, ବୋରିଗୁମ୍ମା ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ପ୍ରଭାତ କୁମାର ଜେନା ଉପସ୍ଥିତ ଥିଲେ। ଡାକ୍ତର ସୌଭାଗ୍ୟ ମୁଦୁଲି ମଞ୍ଚ ପରିଚଳନା କରିଥିଲେ।

### ଅଟୋ-ବାଇକ ମୁହାଁମୁହିଁ, ୨ ଗୁରୁତର

ଡାବୁଗାଁ, ୭।୧୧ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମା ଜଗନ୍ନାଥଗୁଡା ନିକଟରେ ଅଟୋ ଓ ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ୨ ଜଣ ଗୁରୁତର ଓ ଜଣେ ଆହତ ହୋଇଛନ୍ତି। ଗୁରୁତରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଡାବୁଗାଁ ବ୍ଲକ ଅଧୀନ ବାଇଗାଁ ଗ୍ରାମର ଲାଇବନ କଲାର (୨୨) ଓ ଈଶ୍ୱର କଲାର (୩୫) ଏକ ବାଇକ୍ (ଓଡି-୨୪ଏମ୍-୪୪୬୨) ଯୋଗେ ବାଇଗାଁରୁ ଡାବୁଗାଁ ଆସୁଥିଲା। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ଅଟୋ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଲାଇବନ ଓ ଈଶ୍ୱର ଛିଟିକି ପଡ଼ିଥିଲେ। ଲାଇବନଙ୍କ ଗୋଡ଼ ଏବଂ ଈଶ୍ୱରଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଅଟୋ ଡ୍ରାଇଭର ବଳି ଭତ୍ରା (୩୦)ଙ୍କ ମୁଣ୍ଡରେ ଆଘାତ ହୋଇଛି। ଆହତମାନଙ୍କୁ ଉଦ୍ଧାର ପରେ ଡାବୁଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଲାଇବନ ଓ ଈଶ୍ୱରଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଡାବୁଗାଁ ଥାନା ଏଏସଆଇ ସସ୍ମିତା ଦାଶ ତଦନ୍ତ କରୁଛି।

## ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ପାଳନ



କାର୍ଯ୍ୟକ୍ରମରେ ସମୂହ ବନ୍ଦେ ମାତରମ୍ ଗାନ କରାଯାଉଛି ।

ସୁନାବେଡ଼ା, ୭।୧୧(କୃତ୍ତିବାସ ପ୍ରଧାନ)

ସୁନାବେଡ଼ା ପୌର ପ୍ରଶାସନ ପକ୍ଷରୁ କାର୍ଯ୍ୟାଳୟ ପରିସରରେ ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ପାଳିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଏହାକୁ ଉଦ୍‌ଘାଟନ କରିଥିଲେ। ସିଧାପ୍ରସାରଣ ମାଧ୍ୟମରେ ବନ୍ଦେମାତରମ୍ ସଙ୍ଗୀତକୁ ଜନସାଧାରଣ ଉପଭୋଗ କରିଥିଲେ। ଏହି ଗୀତର ମାହାତ୍ମ୍ୟ ଓ ପ୍ରେରଣା ନେଇ ପ୍ରଧାନମନ୍ତ୍ରୀ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ ଜନସାଧାରଣ ସମୂହ ଠିଆ ହୋଇ ବନ୍ଦେମାତରମ୍ ଗାନ କରିଥିଲେ। ଏଥିରେ ପୌରାଧକ୍ଷ ଡ.ରାଜେନ୍ଦ୍ର ପାତ୍ର, ନିର୍ବାହୀ ଅଧିକାରୀ ସୁଜିତ କୁମାର ଚୌଧୁରୀ,ସମସ୍ତ କାଉନ୍‌ସିଲର ଓ କର୍ମଚାରୀଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ। ଲକ୍ଷ୍ମୀଧର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଧାମମଣ୍ଡି ପରିଚାଳନା ଦାୟିତ୍ୱ ଲ୍ୟାମ୍ପସକୁ ଦେବାକୁ ଜିଲାପାଳଙ୍କୁ ଦାବିପତ୍ର

ମାଲକାନଗିରି,୭।୧୧(ସୁଚିତ୍ରା ଦାସ)

ମାଲକାନଗିରି ଜିଲା ବିଭିନ୍ନ ବ୍ଲକର ପଞ୍ଚାୟତରେ ଖୋଲାଯାଉଥିବା ମଣ୍ଡିରେ ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଧାନକିଣା ଦାୟିତ୍ୱ ଦିଆଯାଇଛି। ତେବେ ଏଥିରେ ବ୍ୟାପକ ଅନିୟମିତା ହେଉଥିବାରୁ ଧାମମଣ୍ଡି ପରିଚାଳନା ଦାୟିତ୍ୱ ଲ୍ୟାମ୍ପସକୁ ଦେବାକୁ ସଦର ବ୍ଲକ ୮ଟି ଗ୍ରାମ ପଞ୍ଚାୟତର ସରପଞ୍ଚ ଓ ଚାଷୀ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ମାନ୍ଧାପାଲୀ, ଶିଖପାଲ୍ଲୀ, ବଦଲି, ଗୋରାଖୁଣ୍ଟା, ତଣ୍ଡାପାଲୀ, ମାଟାପାକା, ଚଲାଣଗୁଡା, ତଣ୍ଡିକି ଗ୍ରାମ ପଞ୍ଚାୟତର ସରପଞ୍ଚ ଓ ଚାଷୀ ଉକ୍ତ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି, ପଞ୍ଚାୟତରେ ମଣ୍ଡି ସମୟରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକୁ ଧାନ କ୍ରୟ କରିବା ନିମନ୍ତେ ଏଜେଣ୍ଟ ନିୟୋଜିତ କରୁଥିବାରୁ ଚାଷୀମାନେ ଠକାମିର ଶିକାର ହେଉଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀରେ ପରିଚାଳନା କରୁଥିବା ମହିଳାଙ୍କ ସ୍ୱାମୀ ଓ ତାଙ୍କ ସମ୍ପର୍କୀୟମାନେ ଧାନମଣ୍ଡି ପରିଚାଳନା କରୁଥିବାରୁ ସେହି ଗ୍ରାମର ଚାଷୀମାନେ ନିଜର ଧାନ ବିକ୍ରି କରିବା ସମୟରେ ଏସ୍ଏଚଜି ସଦସ୍ୟା ଏହାର ଫାଇଦା ନେଇ ଗରିବ ଚାଷୀଙ୍କୁ ଠକୁଥିବା ପରିଲକ୍ଷିତ ହୋଇଛି । ସେହିପରି ଚାଷୀଙ୍କଠାରୁ ପଞ୍ଜିକରଣ ନିମନ୍ତେ ଲାଞ୍ଚ ନେବା, ଧାନ ସଂଗ୍ରହ ସମୟରେ ୧୦ ରୁ ୧୫ ଜଣ ରହି ଜାଲିଆତି କରୁଥିବା ଦେଖାଦେଉଛି । ତେଣୁ ଗରିବ ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଧାମମଣ୍ଡି ପରିଚାଳନା ଦାୟିତ୍ୱ ଲ୍ୟାମ୍ପସକୁ ପ୍ରଦାନ କରାଗଲେ ମଣ୍ଡି ସୁରୁଖୁରୁରେ ପରିଚାଳନା ହେବ ବୋଲି ଉଲ୍ଲେଖ ରହିଛି।



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଚାଷୀ ଏବଂ ଜନପ୍ରତିନିଧି।

### ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା, ଅଭିଯୁକ୍ତ ଗିରଫ

ଜୟପୁର, ୭।୧୧(ପବନ ପାଣିଗ୍ରାହୀ)

ବିବାହର ପ୍ରଲୋଭନ ଦେଖାଇ ପ୍ରତାରଣା କରିଥିବା ନେଇ ଜୟପୁର ମହିଳା ଥାନା ପୋଲିସ ଅଭିଯୋଗରେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଦେବରାଜ ବିଷୋୟୀ(୩୦)। କୋରାପୁଟ ଜିଲା ବୋରିଗୁମ୍ମା ଥାନା ବି.ସିଙ୍ଗପୁର ଥାନାର ମଦୁଲୀଗୁଡା ଗ୍ରାମରେ ଜଣେ ମହିଳାଙ୍କୁ ବିବାହ ପ୍ରଲୋଭନ ଦେଖାଇ ବାରମ୍ବାର ଶାରୀରିକ ସମ୍ପର୍କ ରଖିବା ସହ ପ୍ରତାରଣା କରିବା ଅଭିଯୋଗ ହୋଇଛି। ଅଭିଯୁକ୍ତ ମହିଳାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ୭ ମାସ ହେବ ଶାରୀରିକ ସମ୍ପର୍କ ରଖୁଥିବା ଅଭିଯୋଗ କରିଛନ୍ତି। ବିବାହ କରିବାକୁ ଜିଦ୍ କରିବାରୁ ଯୁବକ ତାଙ୍କୁ ବିବାହ କରିବାକୁ ମନା କରିଦେଇଥିଲେ। ଏ ନେଇ ସେ ମହିଳା ଥାନାର ଦ୍ୱାରସ୍ତ ହୋଇଥିଲେ ବୋଲି ଥାନାଧିକାରୀ ଆଶ୍ରିତା ଖାଙ୍କୋ ସୂଚନା ଦେଇଛନ୍ତି।

## ସାଇବର ସୁରକ୍ଷା ସଚେତନତା ଶିବିର



ଅତିଥିଙ୍କ ସହ ପୋଲିସ ଅଧିକାରୀ ଏବଂ ଛାତ୍ରୀଛାତ୍ର।

କୋରୁକୋଣ୍ଡା,୭।୧୧(ଶିବଦତ୍ତ ସାହୁ )

ମାଲକାନଗିରି ଜିଲା ବାଲିମେଲା ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟ ପରିସରରେ ଗୁରୁବାର ଏନ୍ଏସ୍ଏସ୍ ଓ ‘ମୋ ଗୌରବ ମୋ କଲେଜ’ ପକ୍ଷରୁ ଓର୍କେଲ ପୋଲିସ ସହଭାଗିତାରେ ଏକ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସାଇବର ଠକେଇ, ଅପରାଧର ବିଭିନ୍ନ କୌଶଳ ଯଥା ସାମାଜିକ ଗଣମାଧ୍ୟମ ଠକାମି, ଲଟେରି, ଅନ୍‌ଲାଇନ ଟ୍ରାଞ୍ଜାକ୍ସନ ଇତ୍ୟାଦି ଭଳି ଠକାମିରୁ ରକ୍ଷା ପାଇବାର ଉପାୟ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଓର୍କେଲ ପୋଲିସ ପକ୍ଷରୁ ଏସ୍ଆଇ ଅଜିତ ସିଂ ବରିହା, ମିଳନ ବରିହା, ଏଏସ୍ଆଇ ରୋହିତ ବାଘ, ସଞ୍ଜୀବ ଟାକ୍ରି ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସାଇବର ଠକେଇରୁ ରକ୍ଷା ପାଇବାର ଉପାୟ ବତାଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର, ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ଥିଲେ। ସାଇବର ସୁରକ୍ଷା ସଚେତନତାକୁ ନେଇ ପିଲାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ମହାବିଦ୍ୟାଳୟର ରାଜା ସାମଲ, ଚନ୍ଦନ ମହାରଣା, ଗଙ୍ଗା ଖେମୁଡୁ ଓ ସ୍ୱର୍ଣ୍ଣମୟୀ ସାହୁ କୃତିତ୍ୱ ହାସଲକରି ପୁରସ୍କୃତ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ରାଜନୈତିକ ବିଜ୍ଞାନ ଅଧ୍ୟାପକ ପୁରୁଷୋତ୍ତମ ସମରଥ, ଅର୍ଥନୀତି ଅଧ୍ୟାପକ ତପନ କର୍ଜୀ, ଏନ୍ଏସ୍ଏସ୍‌ର ପରିଚାଳକ ଓ ଓଡ଼ିଆ ଅଧ୍ୟାପକ ମନୋରଞ୍ଜନ ଖମାରୀ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବୟସ ୮୦ ପାର ହେବା ସତ୍ତ୍ୱେ ମିଳୁନି ବର୍ଦ୍ଧିତ ଭତ୍ତା

ନନ୍ଦପୁର, ୭।୧୧(ତୁଷାର କାନ୍ତ ମହାନ୍ତି)

ନନ୍ଦପୁର ବ୍ଲକ ଥୁବା ପଞ୍ଚାୟତ ପାତ୍ରପଣ୍ଡି ଗ୍ରାମର ବୃଦ୍ଧା ସାବଜାନ ବିବିଙ୍କ ଆଧାରକାର୍ଡରେ ବୟସ ୮୫ ବର୍ଷ ଓ ଭୋଟର କାର୍ଡରେ ୮୪ ବର୍ଷ ହୋଇଥିଲେ ସୁଦ୍ଧା ତାଙ୍କୁ ବର୍ଦ୍ଧିତ ଭତ୍ତା ମିଳୁ ନ ଥିବା ଅଭିଯୋଗ ହୋଇଛି। ସାବଜାନଙ୍କ ଆଖିକୁ ଦେଖା ଯାଉ ନ ଥିବା ବେଳେ ସେ ସଳଖି ଛିଡ଼ା ମଧ୍ୟ ହୋଇପାରୁ ନାହାନ୍ତି। ଚାଲିବା ଓ କଥା ହୋଇପାରୁ ନ ଥିବା ବେଳେ ବର୍ଦ୍ଧିତ ଭତ୍ତା ପାଇଁ ଆବେଦନ କେମିତି ଓ କେଉଁଠି କରିବି ବୋଲି ବୃଦ୍ଧା ସାବଜାନ ବିବି କହିଛନ୍ତି। ୨୪।୧୦।୨୦୨୪ରେ ବ୍ଲକ ପ୍ରଶାସନ ପକ୍ଷରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରକୁ ବର୍ଦ୍ଧିତ ଭତ୍ତା ଆବେଦନ କରିବାକୁ କଷ୍ଟରେ ପଞ୍ଚାୟତ ସମିତିସଭ୍ୟ ସିକୁରୁନ ବିବିଙ୍କ ସହାୟତାରେ ସାବଜାନ ଯାଇଥିଲେ। କିନ୍ତୁ ଭତ୍ତା ଓ ବର୍ଦ୍ଧିତ ଭତ୍ତା ଆବେଦନ ପାଇଁ କୌଣସି କାଉଣ୍ଟର ନ ଥିବା ଓ ଆବେଦନ ପତ୍ର ଗ୍ରହଣ କରିବାକୁ କର୍ମଚାରୀ ଆଗ୍ରହ ପ୍ରକାଶ କରି ନ ଥିବାରୁ ଖାଲି ହାତରେ ଫେରିଥିବା ସେ କହିଛନ୍ତି। ବୟସାଧିକ ଯୋଗୁ ପଞ୍ଚାୟତ, ବ୍ଲକ, ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ବିଭାଗ ୮୦ ପାର ବୃଦ୍ଧାବୃଦ୍ଧ ଅସହାୟଙ୍କୁ ଚିହ୍ନଟ କରି ବର୍ଦ୍ଧିତ ଭତ୍ତା ପ୍ରଦାନ କରିବାକୁ ବିଭାଗୀୟ ପୋର୍ଟାଲରେ କିଛି ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ସାବଜାନ ନିବେଦନ କରିଛନ୍ତି। ଏଥିରେ ବୟସ ଅନୁପାତରେ ସ୍ୱତଃପ୍ରବୃତ୍ତ ଭାବେ ବର୍ଦ୍ଧିତ ଭତ୍ତା ହିତାଧିକାରୀଙ୍କୁ ମିଳିପାରିବ। ୮୦ ପାର ବୟସ୍କଙ୍କୁ ବର୍ଦ୍ଧିତ ଭତ୍ତା ପାଇବାକୁ ପଞ୍ଚାୟତ ବ୍ଲକ କାର୍ଯ୍ୟାଳୟକୁ ଆବେଦନ କରିବାକୁ ହଇରାଣ ହେବାକୁ ପଡ଼ିବ ନାହିଁ ବୋଲି ସେ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ନନ୍ଦପୁର ବ୍ଲକ ବିଡିଓ ଦୁର୍ଗାପ୍ରସାଦ ଦୋରାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଓ ପଞ୍ଚାୟତ ପିଇଓଙ୍କୁ ପାତ୍ରପଣ୍ଡି ଗ୍ରାମକୁ ଯାଇ ବୃଦ୍ଧାଙ୍କୁ ଭେଟି ସମସ୍ତ କାଗଜପତ୍ର ସଂଗ୍ରହ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ପଞ୍ଚାୟତ ପିଇଓ କମଲ ସ୍ମିଥ ଗୁରୁବାର କାର୍ଯ୍ୟକାରୀ କରିଛନ୍ତି। ବର୍ଦ୍ଧିତ ଭତ୍ତା ପାଇଁ ଆବେଦନ ପ୍ରକ୍ରିୟା ସମ୍ପୂର୍ଣ୍ଣ କରାଯିବ ବୋଲି ବିଡିଓ ଦୋରା ସୂଚନା ଦେଇଛନ୍ତି।



ସାବଜାନ ବିବି।

## ପରବ ଉତ୍ସବରେ ସ୍ଥାନୀୟ କଳାକାରଙ୍କୁ ସ୍ଥାନ ଦେବାକୁ ଦାବି

**କୋରାପୁଟ ଜିଲା କଳାକାର ସଂଘର ଜିଲାପାଳଙ୍କୁ ଦାବିପତ୍ର**

କୋରାପୁଟ,୭।୧୧(ଅମିତାଭ ବେହେରା)



ଦାବିପତ୍ର ଦେବାକୁ ଆସିଥିବା ଜିଲା କଳାକାର ସଂଘର ସଦସ୍ୟମାନେ।

କୋରାପୁଟ ଜିଲା କଳାକାର ସଂଘ ପକ୍ଷରୁ ଆଦିବାସୀ ମହୋତ୍ସବ ପରବ-୨୦୨୫ରେ ସ୍ଥାନୀୟ କଳାକାରମାନଙ୍କୁ ସ୍ଥାନ ଦେବାକୁ ଦାବି କରି ଜିଲାପାଳଙ୍କୁ ଶୁକ୍ରବାର ଦାବିପତ୍ର ପ୍ରଦାନ କରାଯାଇଛି। ପରବ ମହୋତ୍ସବ ଜାତୀୟ ସ୍ତରର ମାନ୍ୟତା ପାଇଛି। ଏଥିରେ ସ୍ଥାନୀୟ କଳାକାରଙ୍କୁ ଉପେକ୍ଷା କରାଯାଉଥିବା ଜିଲା କଳାକାର ସଂଘ ଅଭିଯୋଗ କରିଛି। ଜିଲାର ଆଦିବାସୀ ତଥା ଦେଶିଆ କଳାକାରମାନଙ୍କୁ ସୁଯୋଗ ଓ ସମ୍ମାନ ମିଳି ପାରୁନାହିଁ। ଜିଲାରେ ଦେଶିଆ ଭାଷାରେ ଗୀତ, ନାଚ,ଅଭିନୟ ଓ କମେଡି କରୁଥିବା କଳାକାରଙ୍କୁ ଗୋଟିଏ ଦିନ ସୁଯୋଗ ମିଳିଲେ ସେମାନେ ସମ୍ମାନ ସହ ରୋଜଗାର ପାଇପାରିବେ ବୋଲି କୁହାଯାଇଛି। ପରବ ମହୋତ୍ସବର ସମସ୍ତ କାର୍ଯ୍ୟକ୍ରମ ନିଶାଣି ମୁଣ୍ଡାଠାରୁ ପୂଜାର୍ଚ୍ଚନା କରି ଆରମ୍ଭ କରିବାକୁ କଳାକାର ସଂଘ ଦାବି କରିଛି। ପରବ ମୁଖ୍ୟ ଉତ୍ସବରେ ଦେଶିଆ ଭାଷାକୁ ବ୍ୟବହାର କରିବା, ଆଦିବାସୀମାନଙ୍କ ଖାଦ୍ୟ,ବେଶ ଭୂଷା, ଅଳଙ୍କାର, ବସ୍ତ୍ର, ଚାଷ କାମରେ ବ୍ୟବହାର ହେଉଥିବା ଲଙ୍ଗଳ, ଟାଙ୍ଗିଆ ସହ ଶିକାର ପାଇଁ ବ୍ୟବହୃତ ଧନୁ ଭାଲା, ଟାଙ୍ଗିଆ ଓ ଆଦିବାସୀ ବାଦ୍ୟଯନ୍ତ୍ର ଢୁଢୁଙ୍ଗା,ଟିମକା ବାଜା,ମଦନ ବାଜା ପରବ ମହୋତ୍ସବରେ ପ୍ରଦର୍ଶନ କରିବାକୁ ଦାବି କରିଛନ୍ତି। ଏହି ସମୟରେ ଜିଲା କଳାକାର ସଂଘ ସଭାପତି ପ୍ରଦିପ୍ତ ମୋହନ ଟାକ୍ରୀ, ମନସ୍ୱିନୀ ଟାକ୍ରୀଙ୍କ ସମେତ ଶତାଧିକ ଦେଶିଆ କଳାକାର ଉପସ୍ଥିତ ଥିଲେ।

# ଚାକିରି ପ୍ରଲୋଭନ ଦେଖାଇ ନାବାଳିକାଙ୍କୁ ବିକ୍ରି

■ମଧ୍ୟପ୍ରଦେଶରୁ ନାବାଳିକା ଉଦ୍ଧାର, ୩ ଗିରଫ
■ବଳାତ୍କାରର ଶିକାର ହୋଇଛନ୍ତି ନାବାଳିକା


ସନ୍ଦୀପ ପଟେଲ


ଶଶୀଭୂଷଣ ପାଣି


ମହେଶ ପଟେଲ

ଫୁଲବାଣୀ/କୋଟଗଡ, ୭।୧୧(ରାକେଶ କୁମାର ରାଉତ/ସରୋଜ ବଳିୟାରସିଂ)

କନ୍ଧମାଳ ଜିଲା କୋଟଗଡ଼ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଚାକିରି ପ୍ରଲୋଭନ ଦେଖାଇ ମଧ୍ୟପ୍ରଦେଶରେ ବିକ୍ରି କରାଯାଇଥିବା ଅଭିଯୋଗ ହୋଇଛି। ଚାଲାଣକାରୀ ସମ୍ପୃକ୍ତା ନାବାଳିକାଙ୍କୁ ବଳାତ୍କାର ମଧ୍ୟ କରିଛନ୍ତି। ଘଟଣାର ଦୁଇ ମାସ ପରେ କୋଟଗଡ ପୋଲିସ ନାବାଳିକାଙ୍କୁ ମଧ୍ୟପ୍ରଦେଶରୁ ଉଦ୍ଧାର କରିଛି। ଏଥିରେ ସାମିଲ ଜଣେ ଦଲାଲଙ୍କ ସମେତ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ରାୟଗଡା ଜିଲା ଚନ୍ଦ୍ରପୁର ଅଞ୍ଚଳର ଚାଲାଣକାରୀ ଶଶୀଭୂଷଣ ପାଣି, ମଧ୍ୟପ୍ରଦେଶର ଦୁଇଭାଇ ସନ୍ଦୀପ ଓ ମହେଶ ପଟେଲ। ଘଟଣାରେ ସମ୍ପୃକ୍ତ ଅନ୍ୟ ଜଣେ ମଧ୍ୟସ୍ଥ ଫେରାର ଅଛନ୍ତି। ନଂ. ୧୪୫/୨୫ରେ ଏକ ମାମଲା ରୁଜୁ ହୋଇଥିବା କୋଟଗଡ ଥାନାଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ର କହିଛନ୍ତି।

ମିଳିଥିବା ଖବରରୁ ଜଣାପଡିଛି, ଶଶୀଭୂଷଣ କିଛି ମାସ ତଳେ କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକ ମାଲିପଡାରେ ରହୁଥିଲେ । ଏହି ସମୟରେ କୋଟଗଡ ଥାନା ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଘରକୁ ଯାଇ ତାଙ୍କ ସହ ସମ୍ପର୍କ ବଢ଼ାଇଥିଲେ । ଶଶୀଭୂଷଣ ତାଙ୍କ ୧୪ ବର୍ଷର ନାବାଳିକା ଝିଅକୁ ମାସକୁ ୧୮ ହଜାର ଟଙ୍କା ଦରମାରେ ଚାକିରି କରାଇ ଦେବାକୁ କହି ବିଶ୍ୱାସ ଜମାଇଥିଲେ । ରୋଜଗାର କଲେ ଘର ଭଲରେ ଚଳିବ ଭାବି ବାପା ତାଙ୍କ ନାବାଳିକା ଝିଅକୁ ଶଶୀଭୂଷଣଙ୍କ ସହ ପଠାଇଥିଲେ । ଶଶୀ ଭୂଷଣ ଅନ୍ୟ ଜଣେ ମଧ୍ୟସ୍ଥଙ୍କ ଜରିଆରେ ମଧ୍ୟପ୍ରଦେଶରେ ପହଞ୍ଚିଥିଲେ। ସେଠାରେ ସେ ନାବାଳିକାଙ୍କୁ ବିକ୍ରି କରିବା ନେଇ ପୂର୍ବରୁ କଥାବାର୍ତ୍ତା ସାରିଥିଲେ। ମଧ୍ୟପ୍ରଦେଶର ଦୁଇ ଭାଇ ସନ୍ଦୀପ ଏବଂ ମହେଶ ଶଶୀଭୂଷଣଙ୍କୁ ୭୦ ହଜାର ଟଙ୍କା ଦେଇ ନାବାଳିକାଙ୍କୁ ଘରକୁ ନେଇ ଯାଇଥିଲେ । ଶଶୀଭୂଷଣ ଟଙ୍କା ପାଇ ସେଠାରୁ ପଳାଇ ଆସିଥିଲେ । ଇତି ମଧ୍ୟରେ ଦୁଇ ମାସ ବିତି ଯାଇଥିଲେ ହେଁ ଝିଅ ବିଷୟରେ କୌଣସି ଖବର ପରିବାର ଲୋକେ ପାଇ ନ ଥିଲେ । କିଛି ଦିନ ପରେ ନାବାଳିକା ଜଣକ କୌଣସି ପ୍ରକାରେ ଘଟଣା ବିଷୟରେ ପରିବାର ଲୋକଙ୍କୁ ଖବର ଦେଇଥିଲେ । ପରିବାର ଲୋକେ ଏନେଇ ଗତ ଅକ୍ଟୋବର ୨୧ ତାରିଖରେ କୋଟଗଡ଼ ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତି କରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ବେଳେ ପ୍ରଥମେ ପୋଲିସ ତୁମୁଡିବନ୍ଧ ବ୍ଲକ ମାଲିପଡା ଗ୍ରାମରୁ ଦଲାଲ ଶଶୀଭୂଷଣଙ୍କୁ ନେଇ ପଚରାଉଚରା କରିବା ପରେ ସେ ସବୁ କହିଥିଲେ। ପରେ ପୋଲିସ ଏକ ଟିମ ଗଠନ କରି ମଧ୍ୟପ୍ରଦେଶରେ ପହଞ୍ଚି ସେଠାକାର ପୋଲିସ ସହାୟତାରେ ସାଗର ଗାଁରୁ ନାବାଳିକାଙ୍କୁ ଗତ ୩ ତାରିଖରେ ଉଦ୍ଧାର କରିଥିଲା। ଏଥିସହ ତାଙ୍କୁ କିଣିଥିବା ଦୁଇ ଭାଇ ସନ୍ଦୀପ ଏବଂ ମହେଶଙ୍କୁ ଗିରଫ କରିଥିଲା ।

ଆମ ପାଖରେ ଏତଲା ହେବା ପରେ ଆମେ ଏହାକୁ ଗୁରୁତ୍ୱର ସହ ନେଇ ତଦନ୍ତ ଆରମ୍ଭ କରିଥିଲୁ । ଆମ ସ୍ୱତନ୍ତ୍ର ଟିମ ସେଠାରେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କଲା ବେଳେ ତାଙ୍କୁ ଘରୋଇ କାର୍ଯ୍ୟରେ ନିୟୋଜିତ କରାଯାଇଥିବା ଜାଣିବାକୁ ପାଇଥିଲୁ। ବାଟରେ ଚାଲାଣକାରୀ ଶଶୀଭୂଷଣ ସମ୍ପୃକ୍ତା ନାବାଳିକାଙ୍କୁ ବଳାତ୍କାର କରିଥିଲେ । ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛୁ। ଅନ୍ୟ ଜଣେ ମଧ୍ୟସ୍ଥ ଫେରାର ଅଛନ୍ତି। ଡାକ୍ତରୀମାଇନା ପରେ ନାବାଳିକାଙ୍କୁ ତାଙ୍କ ଘରକୁ ପଠା ଯାଇଛି । ଏ ନେଇ ଥାନାରେ ୧୪୫/୨୫ରେ ମାମଲା ରୁଜୁ ହୋଇଛି ବୋଲି କୋଟଗଡ ଥାନାଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ର କହିଛନ୍ତି।

# ବଳାତ୍କାରୀଙ୍କୁ ୧୦ ବର୍ଷ ଜେଲ, ୧୦ ହଜାର ଜରିମାନା

କେନ୍ଦୁଝର, ୭।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଜିଲା ଓ ଦୌରାଜଜ୍ ଗୋପାଳ ଚନ୍ଦ୍ର ବେହେରା ଶୁକ୍ରବାର ଏକ ବଳାତ୍କାର ମାମଲାର ଶୁଣାଣି କରି ଦୋଷୀ ଘଟଗାଁ ଥାନା ଅଧୀନ ସୀତାବିଞ୍ଜି ଗ୍ରାମର ନାଙ୍ଗୁ ମୁଣ୍ଡା ଓରଫ ରମେଶ(୨୧)ଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୬ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି।

ସୂଚନାଯୋଗ୍ୟ, ୨୦୨୪ ଜାନୁଆରୀ ୨୯ ରାତି ୮ଟାରେ ଜଣେ ମହିଳାଙ୍କ ପିଲାମାନେ ପଡ଼ୋଶୀଙ୍କ ଘରକୁ ଟିଭି ଦେଖିବାକୁ ଯାଇଥିଲେ। ପିଲାମାନେ ଫେରିବା ବିଳମ୍ବ ହେବାରୁ ସେ ସେମାନଙ୍କୁ ଖୋଜିବାକୁ ଯିବା ସମୟରେ ଅନ୍ଧାରର ସୁଯୋଗ ନେଇ ରମେଶ ତାଙ୍କ ମୁହଁକୁ ହାତରେ ଚାପି ଧରି ଘର ପଛ ପାଖରେ ଥିବା ଏକ ପଡ଼ିଆକୁ ଟାଣି ନେଇ ବଳାତ୍କାର କରିଥିଲେ। ଏପରିକି ଘଟଣା ବିଷୟରେ କାହାରିକୁ ଜଣାଇଲେ ଜୀବନରୁ ମାରିଦେବାକୁ ସେ ଧମକ ଦେଇଥିଲେ। ପୀଡ଼ିତା ଏନେଇ ଢେଙ୍କିକୋଟ ଫାଣ୍ଡିରେ ଏତଲା ଦେବା ପରେ ଘଟଗାଁ ଥାନାରେ ଏକ ମାମଲା (ନଂ.୮୪/୨୪) ରୁଜୁ ହୋଇଥିଲା। ପୋଲିସ ଅଭିଯୁକ୍ତ ରମେଶଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ୧୧ଜଣ ସାକ୍ଷୀଙ୍କ ବୟାନ ଓ ପୋଲିସ ତଦନ୍ତ ରିପୋର୍ଟକୁ ଆଧାର କରି କୋର୍ଟ ରମେଶଙ୍କୁ ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ପବ୍ଲିକ ପ୍ରସିକ୍ୟୁଟର ପ୍ରଦୀପ କୁମାର ଦାସ ମାମଲା ପରିଚାଳନା କରିଥିଲେ।

# ଅଭିଯୁକ୍ତଙ୍କ ସିନ୍ ରିକ୍ରିଏଶନ କରାଇଲା ପୋଲିସ


ସିନ୍ ରିକ୍ରିଏଶନ ବେଳେ ଉପସ୍ଥିତ ପୋଲିସ ଓ ଅଭିଯୁକ୍ତ।

ବୈଶିଙ୍ଗା,୭।୧୧(ରତନ ଦାଶ)

**ବହୁଚର୍ଚ୍ଚିତ ବ୍ୟବସାୟୀ ଅପହରଣ ମାମଲା**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଞ୍ଚଳରୁ ବ୍ୟବସାୟୀ ସୁନୀଲ ଅଗ୍ରୱାଲଙ୍କ ଅପହରଣ ଘଟଣାରେ ଗିରଫ ଅଭିଯୁକ୍ତଙ୍କ ସିନ୍ ରିକ୍ରିଏଶନ କରିଛି ପୋଲିସ। ଗିରଫ ୬ ଅଭିଯୁକ୍ତଙ୍କ ମଧ୍ୟରୁ ୩ଜଣଙ୍କୁ ୨ ଦିନିଆ ରିମାଣ୍ଡରେ ଆଣିଥିଲା ପୋଲିସ। ଶୁକ୍ରବାର ଅଭିଯୁକ୍ତମାନଙ୍କୁ ଘଟଣାସ୍ଥଳକୁ ନେଇ ସମଗ୍ର ଘଟଣାର ସିନ ରିକ୍ରିଏଶନ କରାଇ ଅଧିକ ପ୍ରମାଣ ଯୋଗାଡ଼ କରାଯାଇଛି। ରିମାଣ୍ଡରେ ଆସିଥିବା ଅଭିଯୁକ୍ତମାନେ ହେଲେ ଅରମାନ ଖାଁ, ରାଜେଶ ବାରିକ ଓ ଦାମୋଦର ବାରିକ।

ଥାନାଧିକାରୀ ବାରିଣୀ ଦାସଙ୍କ ନେତୃତ୍ୱରେ ଗଠିତ ପୋଲିସ ଟିମ୍ ଅଭିଯୁକ୍ତମାନଙ୍କୁ ଘଟଣା ଘଟିଥିବା ସ୍ଥାନ ୧୮ନଂ. ଜାତୀୟ ରାଜପଥର ପଦ୍ମନାଭପୁର ଟୋଲ ପ୍ଲାଜା ନିକଟକୁ ନେଇଥିଲା। ସେଠାରେ ଅଭିଯୁକ୍ତମାନେ କିଭଳି ଅପହରଣ କରିଥିଲେ ତାହା ଦେଖାଇଥିଲେ।

ସୂଚନାଯୋଗ୍ୟ, ଅଭିଯୁକ୍ତମାନେ ବ୍ୟବସାୟୀଙ୍କୁ ଖଣ୍ଡା ଓ ପିସ୍ତଲ ଦେଖାଇ ଭୟଭୀତ କରାଇ ଓ ତାଙ୍କ ଆଖିରେ କଳାପଟି ବାନ୍ଧି ଆଣିଥିବା କାର୍‌ରେ ବସାଇ ବାଲେଶ୍ୱର ଜିଲାର ରୂପ୍‌ସା ଥାନା ଅନ୍ତର୍ଗତ ଲଛମନଖୁଣ୍ଟା ଗ୍ରାମକୁ ନେଇ ପ୍ରାୟ ୫ ଘଣ୍ଟା ଅଟକ ରଖିଥିଲେ। ପରେ ୮୦ ଲକ୍ଷ ଟଙ୍କା ଦେଲେ ମୁକ୍ତ କରିବେ ବୋଲି ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ବ୍ୟବସାୟୀଙ୍କ ମ୍ୟାନେଜର ୪୦ ଲକ୍ଷ ଟଙ୍କା ଯୋଗାଡ଼ କରି ଦେବାପରେ ଅଭିଯୁକ୍ତମାନେ ବ୍ୟବସାୟୀଙ୍କୁ ଆଣି ଟୋଲ୍ ପ୍ଲାଜା ନିକଟରେ ଛାଡ଼ି ପଳାଇ ଯାଇଥିଲେ ବୋଲି ସ୍ୱୀକାର କରିଥିବା ପୋଲିସ ସୂଚନା ଦେଇଛି। ଅଭିଯୁକ୍ତଙ୍କ ନିକଟରୁ ୮ଲକ୍ଷ ୬୪ହଜାର ୭୦୦ ଟଙ୍କା ପୋଲିସ ଜବତ କରିଥିବା ବେଳେ ଅବଶିଷ୍ଟ ଟଙ୍କା ବାବଦରେ ପଚାରିବାରୁ ସେମାନେ ଏହି ଘଟଣାରେ ଫେରାର ଥିବା ଅନ୍ୟ ଅଭିଯୁକ୍ତଙ୍କ ନିକଟରେ ରଖିଥିବା ସୂଚନା ଦେଇଛନ୍ତି। ସେମାନେ ଖେଳଣା ପିସ୍ତଲ ବ୍ୟବହାର କରିଥିବା ମଧ୍ୟ କହିଛନ୍ତି। ସେହି ଖେଳଣା ପିସ୍ତଲ ଫିଙ୍ଗିଥିବା ସ୍ଥାନରେ ବହୁ ଛାନଭିନ ପରେ ମଧ୍ୟ ସେମିତି କିଛି ମିଳି ପାରି ନ ଥିବାରୁ ଏନେଇ ଅଧିକ ତଦନ୍ତ କରାଯିବ ବୋଲି ପୋଲିସ କହିଛି। ତେବେ ଶନିବାର ରିମାଣ୍ଡ ସରୁଥିବାରୁ ସେମାନଙ୍କୁ କୋର୍ଟରେ ହାଜର କରାଯିବ ବୋଲି ଆଇଆଇସି କହିଛନ୍ତି।

**ପୀତବାସ ପଣ୍ଡା ହତ୍ୟା ମାମଲା**

# ଅଭିଯୁକ୍ତଙ୍କ ବିପକ୍ଷରେ ଲଢ଼ିବେ ୨୦୯ ଓକିଲ

ବ୍ରହ୍ମପୁର,୭।୧୧(ସୁବାସ ଚନ୍ଦ୍ର ପାଢ଼ୀ)

**ବିକ୍ରମ ପଣ୍ଡାଙ୍କୁ ବ୍ୟକ୍ତିଗତ ବଣ୍ଡରେ ଛାଡ଼ିବାକୁ ପିଟିଶନ, ୧୩ରେ ଶୁଣାଣି**

ବ୍ରହ୍ମପୁରର ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଏବେ ନୂଆ ମୋଡ଼ ଦେଖାଯାଇଛି। ଅଭିଯୁକ୍ତଙ୍କ ବିପକ୍ଷରେ ମାମଲା ଲଢ଼ିବାକୁ ଶୁକ୍ରବାର ଗଞ୍ଜାମ ଓକିଲ ସଂଘର ବରିଷ୍ଠ ସଭ୍ୟ ଶିଶିର ପାଣିଗ୍ରାହୀଙ୍କ ନେତୃତ୍ୱରେ ୨୦୯ ଜଣ ଆଇନଜୀବୀ ବ୍ରହ୍ମପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ପହଞ୍ଚି ୱାକାଲତନାମାରେ ଦସ୍ତଖତ କରିଛନ୍ତି। ଅନ୍ୟପଟେ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କୁ ବ୍ୟକ୍ତିଗତ ବଣ୍ଡରେ ଛାଡ଼ି ଦେବାକୁ ଏସ୍‌ଡିଜେଏମ୍ କୋର୍ଟରେ ପିଟିଶନ ଦାଖଲ ହୋଇଛି। ଆଇନଜୀବୀ କେ.କେ. ବେହେରା ଏହି ପିଟିଶନ ଦାଖଲ କରିଛନ୍ତି। ବିକ୍ରମଙ୍କ ନାମରେ ପୂର୍ବରୁ କୌଣସି ଆପରାଧିକ ମାମଲା ନାହିଁ, ତେଣୁ ତାଙ୍କୁ ଛାଡ଼ି ଦିଆଯାଉ ବୋଲି ସେ ଉଲ୍ଲେଖ କରିଛନ୍ତି। ଉକ୍ତ ପିଟିଶନକୁ ପୀତବାସଙ୍କ ସପକ୍ଷରେ ମାମଲା ଲଢ଼ିବାକୁ ୱାକାଲତନାମା ଦାଖଲ କରିଥିବା ଆଇନଜୀବୀ ବିରୋଧ କରିଥିଲେ। ପୀତବାସ ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ଥିବାବେଳେ ତାଙ୍କୁ ହତ୍ୟା କରାଯାଇଛି । ଏପରି କି ତାଙ୍କ ପୁଅଙ୍କୁ ମଧ ହତ୍ୟା ଧମକ ମିଳିଛି। ତେଣୁ କେ. କେ. ପାଣିଗ୍ରାହୀଙ୍କ ପିଟିଶନ ଗ୍ରହଣ କରାଗଲେ ଭବିଷ୍ୟତରେ ଅସୁବିଧା ରହିଛି ବୋଲି ପୀତବାସଙ୍କ ସପକ୍ଷ ଆଇନଜୀବୀମାନେ ଯୁକ୍ତି ବାଢ଼ିଥିଲେ। ଏହି ପିଟିଶନର ଶୁଣାଣି ଆସନ୍ତା ୧୩ରେ କରିବାକୁ କୋର୍ଟ ପକ୍ଷରୁ ଦିନ ଧାର୍ଯ୍ୟ ହୋଇଥିବା ଏପିପି ରାଜେନ୍ଦ୍ର ସାବତ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ପୂର୍ବରୁ ମାମଲାରେ ଅଭିଯୁକ୍ତ ଥିବା ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମଙ୍କ ସପକ୍ଷରେ ମାମଲା ଲଢ଼ିବାକୁ ୫୩ଜଣ ଆଇନଜୀବୀ ୱାକାଲତନାମାରେ ଦସ୍ତଖତ କରିଥିଲେ । ସେହିକ୍ରମରେ ପୀତବାସଙ୍କ ସପକ୍ଷରେ ୨୦୯ ଜଣ ୱାକାଲତନାମା ଦାଖଲ କରିଛନ୍ତି। ସୂଚନାଯୋଗ୍ୟ ପୀତବାସ ଜଣେ ଆଇନଜୀବୀ ଥିବା ବେଳେ ବିକ୍ରମ ମଧ ଜଣେ ଆଇନଜୀବୀ ଓ ସେ ଗଞ୍ଜାମ ଓକିଲ ସଂଘର ସଦସ୍ୟ ଅଛନ୍ତି। ପୀତବାସଙ୍କ ପାଇଁ ସିବିଆଇର ପୂର୍ବତନ ଅତିରିକ୍ତ ଆଇନ ପରାମର୍ଶଦାତା କାଳୀଚରଣ ମିଶ୍ର ସ୍ୱତନ୍ତ୍ର ପିପି ଭାବେ ନିଯୁକ୍ତ ହୋଇଥିବା ବେଳେ ତାଙ୍କ ସହଯୋଗୀ ଭାବେ ହାଇକୋର୍ଟର ଆଇନଜୀବୀ ଅଭିନାଶ ପାଢ଼ୀଙ୍କୁ ଅତିରିକ୍ତ ସ୍ୱତନ୍ତ୍ର ପିପି ଭାବେ ନିଯୁକ୍ତ କରାଯାଇଛି ।

## Business

# ଇଣ୍ଡୋମାକ୍ ଭୁବନେଶ୍ୱର ୨୦୨୫ ଉଦ୍‌ଘାଟିତ

ଭୁବନେଶ୍ୱର,୭।୧୧(ଅନୁରାଧା ମହାରଣା)



ଭୁବନେଶ୍ୱରର ବରମୁଣ୍ଡା ପଡ଼ିଆଠାରେ ତିନି ଦିନିଆ ମେଗା ଇଣ୍ଡଷ୍ଟ୍ରିଆଲ ଇଭେଣ୍ଟ ଇଣ୍ଡୋମାକ୍ ଭୁବନେଶ୍ୱର ୨୦୨୫ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଏହି ପ୍ରଦର୍ଶନୀକୁ ଓଡ଼ିଶା ସ୍ମଲ ସ୍କେଲ ଇଣ୍ଡଷ୍ଟ୍ରିଜ ଆସୋସିଏଶନ (ଓଏସ୍‌ଏସ୍‌ଆଇଏ) ସହ ସହଭାଗିତାରେ ଇଣ୍ଡୋମାକ୍ ବିଜନେସ୍ ସଲ୍ୟୁଶନ୍‌ସ ପକ୍ଷରୁ ଆୟୋଜନ କରାଯାଇଛି। ଏହି ବି୨ବି ଇଣ୍ଡଷ୍ଟ୍ରିଆଲ ମେଶିନେରୀ ଓ ଇଞ୍ଜିନିୟରିଂ ଏକ୍ସପୋ ଭାରତର ଉତ୍ପାଦନ ଓ ନିର୍ମାଣ କ୍ଷେତ୍ର ପାଇଁ ଏକ ଉଲ୍ଲେଖନୀୟ ଏକତ୍ରୀକରଣ ହେବା ପାଇଁ ପ୍ରତିଶ୍ରୁତି ଦେଉଛି। ଏହି ପ୍ରଦର୍ଶନୀରେ ଦେଶବ୍ୟାପୀ ୧୫୦ରୁ ଅଧିକ ପ୍ରତିଷ୍ଠିତ କମ୍ପାନୀ ଅଂଶଗ୍ରହଣ କରିଛନ୍ତି, ଯିଏ କି ଏକାଧିକ ଶିଳ୍ପ କ୍ଷେତ୍ରର ପ୍ରତିନିଧିତ୍ୱ କରୁଛନ୍ତି। ଭୁବନେଶ୍ୱର, କଟକ, ରାଉରକେଲା, ଝାରସୁଗୁଡା, ଅନୁଗୋଳ ଏବଂ ପୂର୍ବ ଭାରତ ଭଳି ପ୍ରମୁଖ ଶିଳ୍ପ କେନ୍ଦ୍ରଗୁଡ଼ିକରୁ ୧୫୦୦୦ରୁ ଅଧିକ ବ୍ୟବସାୟିକ ବ୍ୟକ୍ତିତ୍ୱ ଏହି ପ୍ରଦର୍ଶନୀରେ ଯୋଗଦେବେ ବୋଲି ଆଶା କରାଯାଉଥିବା ବେଳେ, ଏହି କାର୍ଯ୍ୟକ୍ରମ ଅଞ୍ଚଳରେ ସାର୍ଥକ ବ୍ୟବସାୟିକ ସଂଯୋଗ ବିକଶିତ କରିବା ଏବଂ ଶିଳ୍ପ ଅଭିବୃଦ୍ଧିକୁ ଆଗକୁ ବଢ଼ାଇବା ପାଇଁ ଲକ୍ଷ୍ୟ ରଖିଛି। ଏ ସମ୍ପର୍କରେ ଇଣ୍ଡୋମାକ୍ ବି୨ବି ଇଣ୍ଡଷ୍ଟ୍ରିଆଲ ଆଣ୍ଡ ମେଶିନେରୀ ଏକ୍ସପୋ ୨୦୨୫ର ନିର୍ଦ୍ଦେଶକ ମନୀଷ ସିହ୍ନା କହିଛନ୍ତି, 'ଡିଲର ଓ ଡିଷ୍ଟ୍ରିବ୍ୟୁଟରଙ୍କ ସମେତ ରାଜ୍ୟର ଶିଳ୍ପଗୁଡ଼ିକ ଏହି ଦୁଇ ଦିନିଆ ଇଭେଣ୍ଟରୁ ବହୁମାତ୍ରାରେ ଉପକୃତ ହେବେ। ପ୍ରଦର୍ଶନୀରେ ୧୧୦ରୁ ଅଧିକ ଅଂଶଗ୍ରହଣକାରୀଙ୍କ ଦ୍ୱାରା ବିଭିନ୍ନ ଆଧୁନିକ ଟେକ୍ନୋଲୋଜି ଓ ଯନ୍ତ୍ରପାତି ପ୍ରଦର୍ଶନ କରାଯିବ। ଓଏସ୍‌ଏସ୍‌ଆଇଏର ଅଧକ୍ଷ ସ୍ୱରଜିତ ମହାନ୍ତି କହିଛନ୍ତି, ଓଡ଼ିଶାରେ ଏହା ହେଉଛି ପ୍ରଥମ ଏକ୍ସପୋ, ଯେଉଁଠାରେ ଇଞ୍ଜିନିୟରିଂ ଓ ମେଶିନେରୀ ସାମଗ୍ରୀଗୁଡ଼ିକୁ ପ୍ରଦର୍ଶିତ କରାଯାଉଛି। ଏହା ଆମର ଏମ୍‌ଏସ୍‌ଏମ୍‌ଇଗୁଡିକ ପାଇଁ ଲାଭଦାୟକ ହେବ। ଇଣ୍ଡୋମାକ୍‌ର ନିର୍ଦ୍ଦେଶକ ସୁଧୀର ଭୋଲେ, ଶ୍ରୀଯୁକ୍ତ ମନୀଷ ସିହ୍ନା, ସଚିନ ଶର୍ମା ଓ ସୁମିତ ପୋରୱାଲ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସମାରୋହରେ ଉପସ୍ଥିତ ଥିଲେ। ଇଣ୍ଡୋମାକ୍ ଭୁବନେଶ୍ୱର ୨୦୨୫ ହେଉଛି ନୂତନ ଯନ୍ତ୍ରପାତି, ଇଞ୍ଜିନିୟରିଂ ପ୍ରଡକ୍ଟ, ଅଟୋମେଶନ ଟେକ୍ନୋଲୋଜି ଓ ମାନୁଫାକ୍ଚରିଂ ସଲ୍ୟୁଶନଗୁଡ଼ିକୁ ପ୍ରଦର୍ଶିତ କରୁଥିବା ଏକ ପ୍ରିମିୟମ ଇଣ୍ଡଷ୍ଟ୍ରିଆଲ ପ୍ଲାଟଫର୍ମ। ଏହି ଇଭେଣ୍ଟ ଏକ ଗତିଶୀଳ ପରିବେଶ ପ୍ରଦାନ କରୁଛି ଯେଉଁଠାରେ ଉତ୍ପାଦନକାରୀ, ଯୋଗାଣକାରୀ, ବ୍ୟବସାୟୀ ଓ ଶିଳ୍ପର କ୍ରେତାମାନେ ନୂଆ ବ୍ୟବସାୟିକ ସୁଯୋଗ ଓ ସହଭାଗିତାଗୁଡ଼ିକୁ ଅନ୍ୱେଷଣ କରିବା ପାଇଁ ଗୋଟିଏ ଛାତ ତଳେ ଏକତ୍ରିତ ହୋଇଛନ୍ତି।

# ବାଲିଯାତ୍ରାରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ଷ୍ଟଲ



ଭୁବନେଶ୍ୱର,୭।୧୧

କଟକ ବାଲିଯାତ୍ରା ମହୋତ୍ସବରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ଏକ ଉତ୍ସର୍ଗୀକୃତ ଷ୍ଟଲକୁ ଆରବିଆଇ ଭୁବନେଶ୍ୱରର ଆଞ୍ଚଳିକ ନିର୍ଦ୍ଦେଶକ ଡ. ସାରଦା ପ୍ରସନ ମହାନ୍ତି, ଆର୍‌ବିଆଇ ଏଫଆଇଡିଡି ମହାପ୍ରବନ୍ଧକ ଅନୀତା ପଟ୍ଟନାୟକ, ଆର୍‌ବିଆଇ ଡିଇପିଆର ମହାପ୍ରବନ୍ଧକ ସମୀର ରଞ୍ଜନ ବେହେରା, ଆରବିଆଇ ଡିଜିଏମ୍ ମହାପ୍ରବନ୍ଧକ ଶଶାଙ୍କ ମହାନ୍ତି ଏବଂ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ କଟକ ସୁଚିସ୍ମିତା ତ୍ରିପାଠୀଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଥିଲେ। ଡ. ମହାନ୍ତି ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର କର୍ମଚାରୀମାନଙ୍କ ସହିତ ଆଲୋଚନା କରିଥିଲେ। ସେ ଦୈନନ୍ଦିନ ବ୍ୟାଙ୍କିଙ୍ଗରେ ଭଲ ଗ୍ରାହକ ସେବା ପ୍ରଦାନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଡ. ମହାନ୍ତି ସାମାଜିକ ସୁରକ୍ଷା ଯୋଜନାର ଲାଭ ବିଷୟରେ ଗ୍ରାହକମାନଙ୍କୁ ଶିକ୍ଷା ଦେବା ସହ ରି-କେୱାଇସି ଏବଂ ସାଇବର ସୁରକ୍ଷା ଉପରେ ସଚେତନତାକୁ ମଜଭୁତ କରିବା ପାଇଁ ବ୍ୟାଙ୍କ ସଦସ୍ୟମାନଙ୍କୁ ପରାମର୍ଶ ଦେଇଥିଲେ।

# ଭୁବନେଶ୍ୱରରେ ମେଟ୍ରୋର ନୂଆ ଷ୍ଟୋର



ଭୁବନେଶ୍ୱର,୭।୧୧ (ଅନୁରାଧା ମହାରଣା)

ଭୁବନେଶ୍ୱରସ୍ଥିତ ପଟିଆଠାରେ ମେଟ୍ରୋର ୯୦୦ ସ୍କୋୟାରଫୁଟ ବିଶିଷ୍ଟ ତୃତୀୟ ଶୋ' ରୁମ୍ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମେଟ୍ରୋର ଏରିଆ ମ୍ୟାନେଜର ତରୁଣ ଗୁହା, ଷ୍ଟୋର ମ୍ୟାନେଜର ଏସ୍‌କେ ଜାଫର ହୁସେନ ଏବଂ ସ୍ଥାନୀୟ କର୍ପୋରେଟର ପ୍ରୀତିନନ୍ଦା ରାଉତରାୟ ଉପସ୍ଥିତ ଥିଲେ। ୧୬୯୦ଟଙ୍କାରୁ ଆରମ୍ଭ କରି ୫୦୦୦ଟଙ୍କା ମଧ୍ୟରେ ବିଭିନ୍ନ ଡିଜାଇନର ଉତ୍ପାଦ ଉପଲବ୍ଧ ହେଉଥିବାବେଳେ ଉଦ୍‌ଘାଟନୀ ଅବସରରେ ୨ଦିନିଆ ସ୍ୱତନ୍ତ୍ର ଅଫର୍ ଘୋଷଣା କରାଯାଇଛି। ପୂର୍ବରୁ ସମ୍ବଲପୁର, ଅନୁଗୋଳ, ବ୍ରହ୍ମପୁର, କଟକ, ରାଉରକେଲା, ଝାରସୁଗୁଡ଼ାରେ ୮ଟି ଷ୍ଟୋର ରହିଛି। ଏହା ରାଜ୍ୟରେ ନବମ ଷ୍ଟୋର ହୋଇଥିବାବେଳେ ଷ୍ଟୋର ସଂଖ୍ୟା ୩୦ରେ ପହଞ୍ଚାଇବାକୁ ଯୋଜନା ରହିଛି। ମେଟ୍ରୋ ବ୍ରାଣ୍ଡସ ହେଉଛି ସବୁଠାରୁ ବଡ଼ ଭାରତୀୟ ଫୁଟୱେୟାର ସ୍ପେଶାଲିଟି ଖୁଚୁରା ବ୍ୟବସାୟୀମାନଙ୍କ ମଧ୍ୟରୁ ଗୋଟିଏ। କମ୍ପାନୀ ୧୯୫୫ରେ ମୁମ୍ବାଇରେ ମେଟ୍ରୋ ବାଣ୍ଡ ଅଧୀନରେ ଏହାର ପ୍ରଥମ ବ୍ରାଣ୍ଡ ଖୋଲିଥିଲା। ପୁରୁଷ, ମହିଳା ଏବଂ ପିଲାଙ୍କ ଫୁଟୱେୟାର ବ୍ୟତୀତ ଏଥିରେ ହ୍ୟାଣ୍ଡବ୍ୟାଗ୍, ବେଲ୍ଟ, ୱାଲେଟ ଆଦି ରହିଛି। ମେଟ୍ରୋ ବାଣ୍ଡ୍‌ସ ଏହାର ନିଜସ୍ୱ ବ୍ରାଣ୍ଡ ମେଟ୍ରୋ, ମୋଚି, ୱାକ୍‌ୱେ, ଡାଭଞ୍ଚି ଏବଂ ଜେ. ଫଣ୍ଟିନି ସହିତ କ୍ରୋକ୍ସ, ଫିଟ୍ ଫ୍ଲପ, ଫିଲା, କ୍ଲାର୍କସ୍, ସ୍କେଚର୍ସ, ପୁମା ଏବଂ ଆଡିଡାସ ପରି କିଛି ତୃତୀୟ ପକ୍ଷ ବ୍ରାଣ୍ଡ ଅଧୀନରେ ଜୋତା ଖୁଚୁରା ବିକ୍ରୟ କରେ।

# ଅଟୋ ବିକ୍ରିରେ ରେକର୍ଡ ବୃଦ୍ଧି

ଭୁବନେଶ୍ୱର,୭।୧୧

ଫେଡେରେଶନ ଅଫ ଅଟୋମୋବାଇଲ ଡିଲର୍ସ ଆସୋସିଏସନ (ଫାଡା) ଅକ୍ଟୋବର୍ ୨୦୨୫ ଏବଂ ୪୨ ଦିନିଆ ଉତ୍ସବ ଅବଧି (ଦଶହରାରୁ ଦୀପାବଳି ପର୍ଯ୍ୟନ୍ତ)ର ଯାନ ବିକ୍ରି ତଥ୍ୟ ପ୍ରକାଶ କରିଛି। ଏହି ତଥ୍ୟ ଅନୁଯାୟୀ, ଅକ୍ଟୋବରରେ ଅଟୋ ବିକ୍ରିରେ ରେକର୍ଡ ଅଭିବୃଦ୍ଧି ଦେଖାଯାଇଛି। ସମଗ୍ର ବିକ୍ରିରେ ୪୦.୫% ବୃଦ୍ଧି ହୋଇଥିବା ବେଳେ ଏହା ସର୍ବକାଳୀନ ଉଚ୍ଚତମ ସ୍ତରରେ ପହଞ୍ଚିଛି। ଦୁଇଚକିଆ ଯାନରେ ୫୧.୭୬% ବୃଦ୍ଧି ସହ ୩୧.୫ ଲକ୍ଷ ୟୁନିଟ ବିକ୍ରି ହୋଇଛି, ଯାହା ଏକ ରେକର୍ଡ। ଯାତ୍ରୀବାହୀ ଯାନରେ ୧୧.୩୫% ବୃଦ୍ଧିସହ ୫.୫୭ ଲକ୍ଷ ୟୁନିଟ ବିକ୍ରି ହୋଇଛି, ଯାହା ମଧ ରେକର୍ଡ। ତିନିଚକିଆ ଯାନରେ ୫.୪ ପ୍ରତିଶତ, ବାଣିଜ୍ୟିକ ଯାନରେ ୧୭.୭ ପ୍ରତିଶତ, ଟ୍ରାକ୍ଟରରେ ୧୪.୨ ପ୍ରତିଶତ ବୃଦ୍ଧି ହୋଇଥିବା ବେଳେ ନିର୍ମାଣ ଉପକରଣରେ ୩୦.୫ ପ୍ରତିଶତ ହ୍ରାସ ଘଟିଛି। ଯାତ୍ରୀବାହୀ ଯାନର ଇନଭେଣ୍ଟରି ୫୩ରୁ ୫୫ ଦିନ ରହିଛି। ଭାରତରେ ଅଟୋ ବିକ୍ରି ବୃଦ୍ଧିରେ ଗ୍ରାମାଞ୍ଚଳ ପ୍ରମୁଖ ଭୂମିକା ଗ୍ରହଣ କରିଛି, ଯେଉଁଠାରେ ଯାତ୍ରୀବାହୀ ଯାନରେ ସହରାଞ୍ଚଳ ତୁଳନାରେ ତିନିଗୁଣ ଏବଂ ଦୁଇଚକିଆରେ ଦୁଇଗୁଣ ବୃଦ୍ଧି ଦେଖାଯାଇଛି। ଏହି ତଥ୍ୟ ଅନୁସାରେ, ସେପ୍ଟେମ୍ବରର ୨୧ ଦିନର ନିରାଶାଜନକ ଚାହିଦା ପରେ ଅକ୍ଟୋବରରେ ଏକ ପୁନରୁଦ୍ଧାର ଦେଖାଯାଇଛି।



କଟକ ବାଲିଯାତ୍ରାରେ ବ୍ୟାଙ୍କ ଅଫ୍ ବରୋଦା ପକ୍ଷରୁ ପ୍ରଦର୍ଶନୀ ଷ୍ଟଲ୍ ଓ ମୋବାଇଲ ଏଟିଏମ୍ ଭ୍ୟାନ୍‌ର ଉଦ୍‌ଘାଟନ କରାଯାଇ ବିଭିନ୍ନ ପ୍ରକାରର ବ୍ୟାଙ୍କିଙ୍ଗ୍ ଉତ୍ପାଦ ଏବଂ ସେବା ସମ୍ପର୍କରେ ସୂଚନା ପ୍ରଦାନ କରାଯାଉଛି।

# ନୂଆରୂପରେ ଶ୍ରୀଲେଦର୍ସ ଷ୍ଟୋର୍



ଭୁବନେଶ୍ୱର,୭।୧୧(ଅନୁରାଧା ମହାରଣା)

୧୯୯୬ ଜୁଲାଇ ୩ ଭୁବନେଶ୍ୱର ଅଶୋକ ନଗରରେ ପ୍ରତିଷ୍ଠିତ ଶ୍ରୀଲେଦର୍ସ କୋଲକାତା ଷ୍ଟୋରକୁ ନୂଆ ରୂପ ଦିଆଯାଇଛି। ୨୨୦୦ ବର୍ଗଫୁଟ ଏବେ ୧୨,୦୦୦ ବର୍ଗଫୁଟ ପରିମିତ ଅଞ୍ଚଳରେ ପରିବ୍ୟାପ୍ତ ଏହି ଷ୍ଟୋରର ପୁନଃ ଉଦ୍‌ଘାଟନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ତଥା ଶ୍ରୀଲେଦର୍ସ ଲିମିଟେଡ୍‌ର ମ୍ୟାନେଜିଂ ଡାଇରେକ୍ଟର ସତ୍ୟବ୍ରତ ଦେ, ଶ୍ରୀଲେଦର୍ସର ନିର୍ଦ୍ଦେଶକ ରୋଚିତା ଦେ ଓ ଶ୍ରୀଲେଦର୍ସର ଡିଲରଶିପ୍ ମାଲିକ ଜି.କେ.ବେହେରା ଏହାର ଉଦ୍‌ଘାଟନ କରିଥିଲେ। ପ୍ରମୁଖ ନୂଆ ଷ୍ଟୋରର ତଳମହଲାରେ ମହିଳା, ଶିଶୁଙ୍କ ଫୁଟ୍‌ୱିୟର ଏବଂ ଆସେସୋରିଜ, ପ୍ରଥମ ମହଲାରେ ପୁରୁଷଙ୍କ ଫୁଟୱିୟର ଓ ଆସେସୋରିଜ ଏବଂ ଦ୍ୱିତୀୟ ମହଲାରେ ଫୁଟୱିୟର ଏବଂ ଆସେସୋରିଜଗୁଡ଼ିକର ପ୍ରିମିୟମ କଲେକ୍ସନ ରହିଛି। ଏସ୍‌କାଲେଟର ଭଳି ଅତ୍ୟାଧୁନିକ ସୁବିଧା ବିଶେଷ କରି ବୟସ୍କମାନଙ୍କ ପାଇଁ ସହାୟକ ହେବ। ଏ ଅବସରରେ ଶ୍ରୀଲେଦର୍ସର ଡିଲରଶିପ୍ ମାଲିକ ଜି.କେ.ବେହେରା କହିଛନ୍ତି, ଆମେ ଜାଣୁ ଯେ ସମଗ୍ର ଓଡ଼ିଶାରୁ ଆମର ଗ୍ରାହକମାନେ ଆସୁଛନ୍ତି ଏବଂ ଆମେ ସେମାନଙ୍କୁ ଆମର ସର୍ବୋତ୍ତମ ସାମର୍ଥ୍ୟ ସହିତ ସେବା ଯୋଗାଇଦେବାକୁ ରହିଛୁ। ଏହି ଫ୍ରାଞ୍ଚାଇଜି ଖୋଲିବାକୁ ଆମର ନିଷ୍ପତ୍ତି ମାଲିକ ସତ୍ୟବ୍ରତ ଦେ(ଦାଦା)ଙ୍କ ଅନନ୍ୟ ବ୍ୟକ୍ତିଗତ ମର୍ଯ୍ୟାଦା, କାର୍ଯ୍ୟ କ୍ଷେତ୍ରରେ ନୈତିକତା ଏବଂ ଅଗ୍ରଣୀ ଚିନ୍ତାଧାରା ଭିତ୍ତିକ ଆଭିମୁଖ୍ୟ ଦ୍ୱାରା ଗଭୀର ଭାବରେ ଅନୁପ୍ରେରିତ ହୋଇଥିଲା।

# କାର୍ଯ୍ୟଚାପ କମାଇବାକୁ ୧୦ ରୋଗୀଙ୍କୁ ହତ୍ୟା: ନର୍ସଙ୍କୁ ଆଜୀବନ ଜେଲ

ବର୍ଲିନ,୭।୧୧

ରୋଗୀଙ୍କ ଯନ୍ତ୍ରଣାର ଉପଶମ କରିବା ନର୍ସଙ୍କ କାର୍ଯ୍ୟ ହୋଇଥାଏ। ତେବେ ଜର୍ମାନୀର ଜଣେ ପୁରୁଷ ନର୍ସ ତାଙ୍କ ଉପରେ ପଡୁଥିବା କାର୍ଯ୍ୟଚାପକୁ ହ୍ରାସ କରିବାକୁ ଯାଇ ୧୦ ଜଣ ରୋଗୀଙ୍କୁ ହତ୍ୟା କରିଥିଲେ। କେବଳ ସେତିକି ନୁହେଁ, ସେ ଅନ୍ୟ ୨୭ ଜଣ ରୋଗୀଙ୍କୁ ହତ୍ୟା ଉଦ୍ୟମ କରିଥିଲେ। ତାଙ୍କର ଉଦ୍ଦେଶ୍ୟ ଅର୍ଥ ହାସଲ କରିବା କିମ୍ବା କାହାର ଦୟା ପାଇବା ପାଇଁ ଉଦ୍ଦିଷ୍ଟ ନ ଥିଲା, ବରଂ ରାତି ସିଫ୍ଟ ସମୟର କାର୍ଯ୍ୟଚାପକୁ ଲାଘବ କରିବା ପାଇଁ ସେ ଏଭଳି କାର୍ଯ୍ୟ କରିଥିଲେ। ୨୦୨୩ ଡିସେମ୍ବରରୁ ୨୦୨୪ ମେ’ ମଧ୍ୟରେ ଏଭଳି ହତ୍ୟାକାଣ୍ଡ ଘଟିଥିଲା। ଜର୍ମାନୀର ଏକ କୋର୍ଟ ଅଭିଯୁକ୍ତ ନର୍ସଙ୍କୁ ଦୋଷାସାବ୍ୟସ୍ତ କରିବା ସହ ଆଜୀବନ ଜେଲ ଦଣ୍ଡାଦେଶ ଦେଇଛନ୍ତି। ନର୍ସ ଜଣକ ରୋଗୀମାନଙ୍କୁ ମର୍ଫିନ୍ ଏବଂ ମିଡାଜୋଲାମ୍ ଇଞ୍ଜେକ୍ସନ ଦେଉଥିଲେ ବୋଲି ତଦନ୍ତରୁ ଜଣାପଡ଼ିଥିଲା। ଯେଉଁ ରୋଗୀ ଅତ୍ୟଧିକ ଯତ୍ନ ଚାହୁଁଥିଲେ, ସେମାନଙ୍କ ଉପରେ ନର୍ସ ଜଣକ ବିରକ୍ତ ହୋଇଯାଉଥିଲେ। ଏହି ଇଞ୍ଜେକ୍ସନ ସେମାନଙ୍କ ଯନ୍ତ୍ରଣା ଉପଶମ ପାଇଁ ନୁହେଁ ବରଂ ସେମାନଙ୍କୁ ନୀରବ କରିଦେବା ଓ ନିଜ ପାଇଁ ରାତିକୁ ସହଜ ଓ ବାଧାମୁକ୍ତ କରିବା ନିମନ୍ତେ ଉଦ୍ଦିଷ୍ଟ ଥିଲା।

# ବାଥ୍ରୁମ୍‌ରେ ଗୁପ୍ତ କ୍ୟାମେରା: ଓଡ଼ିଶା ଯୁବତୀ, ପୁରୁଷବନ୍ଧୁ ଗିରଫ

କ୍ରିଷ୍ଣଗିରି,୭।୧୧

ତାମିଲନାଡୁର ହୋସୁରସ୍ଥିତ ନାଗମଙ୍ଗଲମ୍‌ର ଏକ ହଷ୍ଟେଲରେ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ବାଥ୍ରୁମରେ ଗୁପ୍ତ କ୍ୟାମେରା ଲଗାଇବା ଅଭିଯୋଗରେ ଓଡ଼ିଶାର ଜଣେ ଯୁବତୀ ଓ ତାଙ୍କ ପୁରୁଷବନ୍ଧୁଙ୍କୁ ଗିରଫ କରାଯାଇଛି। କ୍ରିଷ୍ଣଗିରି ଜିଲ୍ଲା ନାଗମଙ୍ଗଲମ୍‌ସ୍ଥିତ ଟାଟା ଇଲେକ୍ଟ୍ରୋନିକ୍ସ ପ୍ରା. ଲି. ପକ୍ଷରୁ ମହିଳା କର୍ମଚାରୀମାନଙ୍କ ପାଇଁ ଏହି ହଷ୍ଟେଲ ଉଦ୍ଦିଷ୍ଟ। ତେବେ ଏପରି କାରସାଦି କରି ଜଣେ ଯୁବତୀ ପୋଲିସ ହାତରେ ଧରାପଡ଼ିବା ପରେ ଉକ୍ତ ସଂସ୍ଥାର ଶତାଧିକ ମହିଳା କର୍ମଚାରୀ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ୨୨ ବର୍ଷୀୟା ନିଲୁ କୁମାରୀ ଗୁପ୍ତା ମଧ୍ୟ ଟାଟା ଇଲେକ୍ଟ୍ରୋନିକ୍ସରେ କାମ କରନ୍ତି। ପୁରୁଷବନ୍ଧୁ ସନ୍ତୋଷ(୨୫) ମହିଳା ବାଥ୍ରୁମରେ ସ୍ପାଏ କ୍ୟାମେରା ଲଗାଇବା ପାଇଁ ନିଲୁଙ୍କୁ କହିଥିଲେ ବୋଲି ଜଣାପଡ଼ିଛି।

---

## ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର

(ଗ୍ରାମ/ପୋଷ୍ଟ: ଆୟପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର – ୭୬୦୦୧୧, ଗଞ୍ଜାମ, ଓଡ଼ିଶା)

## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR

(At/P.O. - Ambapua, Near Income Tax Office, Berhampur - 760011, Ganjam, Odisha)
(E-mail: serwbpr2004@yahoo.com, Tel No.: 0680-2404287)

**NATIONAL COMPETITIVE BIDDING THROUGH e-Procurement**

**No. O-1091** Bid Identification No. Online Tender : 38-2025-26/BPR

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 38-2025-26/ BPR | Road Works under MMSY-Improvement to Existing RD Roads for 2024-25 & 2025-26 | 02 Nos. | Rs.1020.00 Lakhs to Rs.1644.88 Lakhs | "A" Class & "Special" Class as applicable | Period of Completion as provided as per Col. No. 5 of Annexure of NIT |

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Chief Construction Engineer, R.W. Circle, Berhampur | Online Tender / 38-2025-26/BPR | 01.11.2025 at 10.00 A.M. | 15.11.2025 upto 5.30 P.M. |

(i) EMD/Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website: **www.tendersodisha.gov.in**.

OIPR- **Sd./- Chief Construction Engineer, R.W. Circle, Berhampur**

---

## OFFICE OF THE SUPERINTENDING ENGINEER, GANJAM (R&B) DIVISION NO. I, BERHAMPUR

Phone No. : / Fax No. : 0680-2233683, Email : eernb1_ganjam@yahoo.com

**GOVERNMENT OF ODISHA Quotation Notices**

**No.B-671** **Short Auction sale Notice No. 31 of 2025-26**

**Ltr. No. 12638/** **Dated : 01.11.2025**

1. Name of the work : i) Dismantling of different Residential Buildings in the premises of judicial colony District & Session Judge Court at Berhampur. ii) Dismantling of old settlement office (Non-residential) building in the premises of District Session Judge Court at Berhampur
2. Reserve Price/Upset Price : i) Rs. 9,36,921/- ii) Rs. 80,830/-
3. EMD to be deposited (In shape as N.S.C / Post Office savings bank account / Post office time deposit account / Kisan Vikas Patra / Bank Guarantee) : i) Rs. 2,34,500/- ii) 20,500/-
4. Period of Completion : 1 (One) Calendar Month
5. Receipt of Quotation : From 04.11.2025 to 10.11.2025 up to 4.00 P.M.
6. Date & Time of Opening of Quotation : 04.30 P.M. of 10.11.2025
7. Name and address of the Officer inviting Quotation : Superintending Engineer, Ganjam (R&B) Division No.I, Berhampur

**Sd./- Superintending Engineer**
OIPR- **Ganjam (R&B) Division No.I**

---

### GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR

**No.O-1084** **No.4750/Date. 17.10.2025**

**"e" Procurement Notice For Road Works**

| | |
|---|---|
| 1. Name of the Work | Road works under MMSY-Impvt. to Existing RD road |
| 2. Total No. of works | 20 Nos. of Road Works for the year 2025-26 |
| 3. Estimated Cost of the work | Varies from Rs.170.00 lakh to Rs.1133.33 lakh |
| 4. Class of Contractor | |
| a) Estimated cost more than Rs.20.00 lakh up to Rs.3.00 Crores | B Class (of Odisha PWD) or relevant class of other licensing authorities |
| b) Estimated cost more than Rs 1.00 Crore up to Rs.20.00 Crores | A Class (of Odisha PWD) or relevant class of other licensing authorities |
| c) Estimated cost more than Rs.6.00 Crore up to Rs.50.00 Crores | Special Class (of Odisha PWD) or relevant class of other licensing authorities |
| d) Estimated cost more than Rs.20.00 Crores | Super Class (of Odisha PWD) or relevant class of other licensing authorities |
| 5. Period of completion | As mentioned in Column-7 of Annexure |
| 6. Offered rates by bidder | The offered rate by the contractor shall be excluding GST |
| 7. Other details | |

| Procurement Officer | Bid Identification No. | Availability of Tender on-line for bidding | | Date & Time of opening of Tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Chief Construction Engineer, Central Rural Works Circle, Bhubaneswar | Tender-Online-C.C.27 of 2025 | 06.11.2025 at 11.00 A.M. | 26.11.2025 up to 5.00 P.M. | 27.11.2025 at 11.00 A.M. | To be intimated lateron |

Further details can be seen from the website **www.tendersodisha.gov.in**

OIPR- **Sd./- Chief Construction Engineer, Central Rural Works Circle, Bhubaneswar**

---

**No.A-839**

## GOVT. OF ODISHA
## OFFICE OF THE ENGINEER-IN-CHIEF, WATER RESOURCES, ODISHA, BHUBANESWAR

**'e' Procurement Notice No. CE MKS 12 OF 2025-26**

1. Name of the work : **Cement Concrete Lining to Gop Branch Canal from RD 4.60 km to 10.800 km.**
2. Amount put to Tender : **Rs.22,60,71,845.00**
3. Bid Document Cost : Rs.10,000.00 (Online)
4. E.M.D : Rs.22,60,720.00
5. Class of Contractor : "Super" & "Special" Class
6. Period of Completion : 24 calendar months (730 days)
7. Other details are as follows

| Procurement Officer | Bid Identification No. | Availability of Tender On-line for bidding | | date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Chief Engineer & Basin Manager, Mahanadi Kathajodi System, Bhubaneswar | CEMKS PRD 04 of 2025-26 | 06.11.2025 10.00 hrs | 20.11.2025 17.00 hrs | 21.11.2025 11.00 hrs |

8. e-mail Id : ceimbbbsr@yahoo.co.in

Further detail conditions can be seen from the Govt. website www.tendersodisha.gov.in. The Corrigendum/cancellation of Tender, if any, will be uploaded and can be seen from the above website only.

**Sd./- Chief Engineer & Basin Manager**
OIPR- **Mahanadi Kathajodi System, Bhubaneswar**

---

### GOVERNMENT OF ODISHA **No.b-650**
## OFFICE OF THE CHIEF CONSTRUCTION ENGINEER SOUTHERN (R&B) CIRCLE, BERHAMPUR

Phone : 0680-2281582, e-mail : ccescbam@gmail.com

**INVITATIONS FOR BIDS (IFB) [e-PROCUREMENT]**

**Bid Identification No.CCE, S.C (R&B)-BAM-08/2025-26 No.3758 / Dated : 24.10.2025**

1) The Chief Construction Engineer, Southern (R&B) Circle, Berhampur on behalf of Governor of Odisha invites **percentage rate** bid in double cover system in **ONLINE MODE** from eligible contractors for construction of **Building works** as detailed in the table below.
2) Nature of work : Building Works
3) No. of work : 08 Nos.
4) Tender Cost : Rs.10,000/- (online)
5) Class of Contractor : 'B' Class / 'A' Class
6) Availability of Bid document in the Website : 04.11.2025 10.00 AM to 18.11.2025 5.30 PM
7) Date of Opening of Bid : 19.11.2025 at 11.30 A.M.
8) The Bidders have to participate in ONLINE bidding only. Further details can be seen from the website https://tendersodisha.gov.in.
9) Any addendum / corrigendum / cancellation of tender can also be seen in the said website only.

**Sd./- (Damodar Kaibartta)**
**Chief Construction Engineer**
OIPR- **Southern (R&B) Circle, Berhampur**

---

### GOVERNMENT OF ODISHA e-mail: eerw_sunabeda@yahoo.co.in
## OFFICE OF THE SUPERINTENDING ENGINEER, RURAL WORKS DIVISION, SUNABEDA

**No. O-1353**

**e-Procurement Notice for Road Works**
**Identification No. Online Tender/07/RWD-SBD/2025-26**

**Letter No. 4112** **Date: 01.11.25**

1. Name of the Work : Road Work, Nandapur Block
2. Total Number of Works : 01 No. Work
3. Estimated Cost : 60.00 lakhs
4. Class of Contractor : "B" Class
5. Period of Completion : 02 Months
6. Other details :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. S.E., .R.W. Division, Sunabeda | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Division, Sunabeda | Online Tender/07/RWD-SBD/2025-26 | Date: 03.11.2025 at 11.00 A.M. | Date: 20.11.2025 upto 5.00 P.M. | Date: 19.11.2025 upto 5.00 P.M. | Date: 21.11.2025 at 11.00 A.M. | Will be intimated later |

Further details can be seen from the website: **www.tendersorissa.gov.in**.

**Sd./- Superintending Engineer**
OIPR- **Rural Works Division, Sunabeda**

---

### GOVT. OF ODISHA E-Mail: eerw_anandapur@yahoo.co.in
## OFFICE OF THE SUPERINTENDING ENGINEER, RURAL WORKS DIVISION, ANANDAPUR

**NOTICE INVITING TENDER**

**NATIONAL COMPETITIVE BIDDING THROUGH e-PROCUREMENT NOTICE**
**Online - 09/EE/RW/AND/2025-26**
**Annual Maintenance Plan of Rural Roads under Administrative Expenditure**

**No. 6579** **Date: 27.10.2025**

No. O-1349: Executive Engineer, Rural Works Division, Anandapur on behalf of Government of Odisha invites PERCENTAGE (%) RATE tender for Annual Maintenance Plan of Rural Roads through e-Procurement as per annexure. The bid should be submitted Online in the website **www.tendersorissa.gov.in** by eligible class of contractors having legal competency & expertise, registered with the State Government & contractors of equivalent grades/class registered with Central Govt./MES/Railways for execution of only Civil works. The bidders should have necessary Portal Enrollment (with his own Digital Signature Certificate). The registered bidders of outside Odisha can also participate in this process, after necessary Portal Enrollment, but shall have to subsequently undergo registration with the appropriate authority of the State Government before award of the work.

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & time of opening of tender in O/o. the S.E., R.W. Division, Anandapur |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, R.W. Division, Anandapur | NCB-Online 09/EE/RW/ AND/2025-26 | 04.11.2025 at 10.00 A.M. | 11.11.2025 upto 5.00 P.M. | 10.11.2025 upto 5.00 P.M. | 12.11.2025 at 11.30 A.M. |

OIPR- **Sd./- Executive Engineer, R.W. Division, Anandapur**

---

### GOVERNMENT OF ODISHA **No.O-1254**
## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BOLANGIR

**e-Procurement Notice**

1 Name of work : Construction of Roads and Bridges in the district of Bolangir under the Scheme of MMSY-TRIP for the year 2024-25
2 No. of work : 3 (Three) works
3 Time for completion : 18 (Eighteen) Calendar months
4 Approximate estimated cost varies from : Rs.612.34 lakhs to Rs.1290.25 lakhs
5 Mode of Submission of tender : Tender should be submitted online in www.tendersodisha.gov.in
6 **Other details are as follow**

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Chief Construction Engineer, R.W. Circle, Bolangir | BLGR-Online-29/2025-26 | 04.11.2025 at 11.00 A.M. | 19.11.2025 upto 5.00 P.M. | 18.11.2025 upto 5.00 P.M. | 20.11.2025 at 11.00 A.M. | The date will be intimated later on |

- Further details can be seen from the website **www.tendersodisha.gov.in**
- Any Corrigendum/Addendum will be displayed in the above e tender website only.

**Sd./- Chief Construction Engineer**
OIPR- **R.W.Circle, Bolangir**

---

## ପୌର ପରିଷଦ କାର୍ଯ୍ୟାଳୟ, ଟିଟିଲାଗଡ଼
## OFFICE OF THE MUNICIPAL COUNCIL, TITILAGARH

(Deptt. of Housing & Urban Development, Govt. of Odisha)
At/PO. PS. : Titilagarh, Dist : Balangir - 767033
e-mail : titilagarhmunicipality@gmail.com, www.titilagarhmunicipality.in

**No.3130** **Date : 03.11.2025**

**TENDER CALL NOTICE**
(Through Sealed Tender)

**No.C-1389** : Sealed tenders are invited from reputed Manpower Agencies / Service Providers having valid registration and experience in providing manpower services to Government/Semi-Government/Local Bodies/Reputed Organizations for supply of manpower under the categories Unskilled, Semiskilled, and Skilled on a contractual basis for a period of two year from the date of issue of work order. The detailed Terms and Conditions, Eligibility Criteria and other relevant documents can be viewed and downloaded from the District website https://balangir.nic.in and the official website of Titilagarh Municipality-titilagarh municipality.in

1. Name of the Work : Supply of Manpower to Titilagarh Municipality
2. Tender Start Date : 07.11.2025 10.00 A.M.
3. Last date & Time submission of Bid : 19.11.2025 up to 4.00 P.M.
4. date & Time of Opening of Tender : 21.11.2025 at 11.00 A.M.
5. Officer Inviting the Bid : Executive Officer, Titilagarh Municipality, Titilagarh-767033

**Sd./- Executive Officer,**
OIPR- **Titilagarh, Municipality**

---

## Government of Odisha "e" Procurement Notice

**Bid Identification No : TENDER ONLINE SBPR-08 OF 2025-26**
**E-mail ID : rw_sambalpur@yahoo.co.in, Ph. No.0663-2401850**

**No.4741** **dated. 27.10.2025**

No.O-1255

1. Name of the work : Road & Building Works as per DTCN available in the website www.tendersodisha.gov.in
2. Total No. of Work : 03 (Three) Nos.
3. Estimated Cost : Varies from Rs.15.23 lakhs to Rs.37.15 lakhs
4. Period of Completion : 02 (Two) Calendar months
5. Period and time of availability of bid document in the portal for bidding : 04.11.2025 at 11.00 A.M. to 17.11.2025 up to 5.00 P.M.
6. Date and time of opening of Tender : 18.11.2025 at 11.00 A.M.
7. Name and address of the Officer Inviting Bid : S.E.R.W. Divn. Sambalpur

(1) Other details can be seen from detailed notice inviting tenders, available in website www.tendersodishagov.in
(2) Corrigendum if any shall only be published in the website : www.tenderodisha.gov.in

**Sd./- Superintending Engineer,**
**Rural Works Division,**
OIPR- **Sambalpur**

---

## THE ODISHA AGRO INDUSTRIES CORPORATION LIMITED

(A Government of Odisha Undertaking)
95, Satya Nagar, Bhubaneswar - 751 007

**TENDER NOTICE**

**Bid Identification No. MD/OAIC-62 (Tech.)/2025-26**

No. CAD-2186: Online tender in conformity with technical specification, terms & condition are invited from manufacturers for "Procurement of 53641 Nos. of storage bins of 110 Kg. capacity for supply to individual farmers under NFSNM 2025-26". For details please visit website **https://tendersodisha.gov.in/ https://odishaagro.nic.in/** from Dt.05.11.2025 to Dt.25.11.2025.

OIPR- **Sd./- Managing Director, OAIC Ltd.**

---

## ROURKELA DEVELOPMENT AUTHORITY
## UDITNAGAR, ROURKELA-769012

**No.2608/RDA., dated 31.10.2025**

**PROCLAMATION**

**No.CAD-2173** : It is hereby informed to the General public that Smt.N.Padmaja Achary, W/o- N.Durga Prasad Achary, has applied for permission for transfer of House No.- M/82, Chhend Housing Project, Stage-I Chhend, Rourkela-15 in favour of Gurudatta Matagajsingh, S/o - Santosh Kumar Matagajsingh, Anybody has got objection to the proposed transfer, he/she may file objection petition before the undersigned within 15 (fifteen) days from the date of publication of this proclamation. Objection petition shall not be entertained after expiry of the stipulated Period.

**Sd./- Secretary**
OIPR- **Rourkela Development Authority**

---

### GOVERNMENT OF ODISHA
## OFFICE OF THE ADDITIONAL CHIEF ENGINEER-CUM-SECRETARY, ELECTRICAL LICENSING BOARD, ODISHA

ଓଡ଼ିଶା ସରକାର

3rd Floor, Heads of Department Building, Bhubaneswar, PIN - 751001
Tel.: 0674-2394572, Email: secyelbo@od.gov.in

**NOTICE**

**No. 1463** **Dated, Bhubaneswar the 03.11.25**

No. AA-33: It is hereby informed to all the candidates, who has been passed in the written examination of SCC (MV (General & Mining) & HT) Examination - 2025, the Oral/Viva-Voce test is to be held on 11.11.2025 (Tuesday), 12.11.2025 (Wednesday), 13.11.2025 (Thursday) & 14.11.2025 (Friday) at Standard Testing Laboratory, Plot No. GD-2/7, Maitree Vihar, Chandrasekharpur, Bhubaneswar - 751023.
For details schedule, please check our official website **http://eicelectricityodisha.nic.in**.

**Sd./- Addl. Chief Engineer-**
OIPR: **cum-Secretary, ELBO**

---

### WATCO
## OFFICE OF THE GENERAL MANAGER, WATCO DIVISION-I, BHUBANESWAR

Vanivihar Square, Bhubaneswar-751022, Odisha, India
Telefax : +91-674-2542821 E-mail - gmdivonewatco@gmail.com

No.C-1390

**NATIONAL COMPETITIVE BIDDING THROUGH e-PROCUREMENT**

**Invitation For Bids (IFB)**
**GMWATCO-I/65/ 2025-26 Dt.03.11.2025**

| | | |
|---|---|---|
| 01 | Name of the work | 02 Nos. |
| 02 | Estimate cost | 1) Rs.12.00 Lakhs, 2) Rs.20.43 lakh |
| 03 | Period of completion | 1) 60 Days, 2) 12 Months |
| 04 | Class of contractor | 1) C & D Class, 2) Registered **Manufacturers / Authorized Dealer / System Integrators** |
| 05 | Date & Time of availability of bid document in the portal | From 11.00 A.M. of Dt.07.11.2025 to 5.00 P.M. of 20.11.2025 |
| 06 | Last date / time of receipt of bids in the portal | 5.00 P.M. of Dt.20.11.2025 |
| 07 | Date & Time of opening of bids | AT 12.30 P.M. of 21.11.2025 |
| 08 | Name and address of the Officer Inviting Bid | General Manager WATCO Division-I, BBSR |

Further details can be seen from the e-Procurement portal "https://www.tendersorissa.gov.in"

**Sd./- GENERAL MANAGER,**
OIPR- **WATCO DIVISION-I, BHUBANESWAR**

---

### GOVERNMENT OF ODISHA No. LL-21
## CO-OPERATION DEPARTMENT

Lok Seva Bhawan, Bhubaneswar, Odisha - 751001

**RFP No. 12839/COOP.** **Dated: 04.11.2025**

**Selection of a consulting agency for Project Monitoring Unit (PMU) under PMFBY in Cooperation Department**

1. Special Secretary to Govt., Cooperation Department, (The Client) invites Request for Proposal (RFP) from the eligible bidders for selection of a consulting agency for setting of a PMU under PMFBY in Cooperation Department, Govt. of Odisha.
2. The last date of receipt of Proposal (Bid) by Speed Post is 27.11.2025 (5.00 P.M.).
3. Scope of Work, eligibility requirement and other details may be seen in the website of Cooperation Department **https://coop.odisha.gov.in**. The RFP document may be downloaded from the above website.

**Sd./- Special Secretary to Government**
OIPR: **Cooperation Department**

---

**SECTION - 1** **No.C-1398**

**LETTER OF INVITATION**

## OFFICE OF THE COMMISSIONER, BRAHMAPUR MUNICIPAL CORPORATION, BERHAMPUR, PIN-760001

**RFP No. 16163 Dt.04.11.2025**

**REQUEST FOR PROPOSAL (RFP)**
For
**Providing Consultancy Services for Preparation of Detailed Project Report for Sewerage System of Brahmapur Municipal Corporation, in the District of Ganjam, Odisha.**

1. Proposals are invited to conduct the assignment and submit the deliverables from Public Sector Undertakings / Autonomous Bodies/consulting firms that have requisite experience in preparation of DPR for sewerage system and to submit their proposals (hard copy) in respect of the Project **"Preparation of Detailed Project Report for Sewerage System of Brahmapur Municipal Corporation, in the District of Ganjam, Odisha"**, in accordance with the formats, terms and conditions of the RFP and on the basis of National Competitive bidding for the work detailed in the table given below. More details on the proposed details are provided at **Section-3 : Terms of Reference (TOR)** of this RFP Document. The firm is advised to examine carefully all instructions in the RFP Document.
2. The RFP will be available for download, at https://tendersodisha.gov.in. All Bidders must submit a sum of Rs.11, 800/- (Rupees Eleven thousand Eight Hundred only) towards the cost of the RFP Document in the form of Online Remittance. This is inclusive of GST and eligible amount as Bid Security by Online Remittance along with the Proposals per the conditions out line in this RFP.
3. A bidder/consultant will be selected under **Quality & Cost Based Selection (QCBS)** procedure as prescribed in the RFP Document in accordance with the procedures prescribed herewith circulated vide Office Memorandum No.37323/F, Dated:30.11.2018 of Finance Department, Govt. of Odisha.
4. The proposal completes in all respect as specified in the RFP Document must be accompanied with the proof of remitting Bid Processing Fees & EMD failing which the bid will be rejected.
5. The complete RFP document can be viewed /downloaded from the portal https://tendersodisha.gov.in **from dt.07.11.2025, 11:00 AM to 21.11.2025 up to 05:00 PM.**
6. The last date and time for submission of proposal complete in all respects is **21.11.2025 up to 05:00 PM**, the date of Opening of the Technical Proposal is **dt. 25.11.2025 at 04:30 AM**, in the presence of the bidder's representative at the specified address as mentioned in the Bidder Data Sheet (**Sl. No.15**). Representatives of the bidders' may attend the meeting with due authorization letter on behalf of the bidder.
   This RFP includes following sections:
   a. Letter of Invitation **[Section-1]**
   b. Information to the Bidder **[Section-2]**
   c. Terms of Reference **[Section-3]**
   d. Technical Proposal Submission Forms **[Section-4]**
   e. Financial Proposal Submission Forms **[Section-5]**
   f. Annexure **[Bid Submission Checklist & Performance Bank Guarantee Format and any other relevant assignment related material needs to be provided]**
7. All information / data given in the RFP are reasonable within the consideration of scope of the proposed assignment to the best of the Client's knowledge, the Client holds no responsibility for accuracy of information and it is the responsibility of the bidder / consultant to check the validity of information / data included in this RFP. The Client reserves the right to accept / reject any / all proposals/ cancel the entire selection process at any stage without assigning any reason thereof.
   Interested bidders may download the Request for Proposal Documents (the **"RFP"** document) from the above website to see further details for participation in the online bidding.

**Sd./- Commissioner**
OIPR- **Brahmapur Municipal Corporation**

---

## ତହସିଲ କାର୍ଯ୍ୟାଳୟ, ତିର୍ତ୍ତୋଲ, ଜଗତସିଂହପୁର

ବିଜ୍ଞାପକ ସଂଖ୍ୟା: 4137 ତା 23.10.2025

**ଜମି ନିଲାମ ବିଜ୍ଞପ୍ତି**

No. F-84: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମାନ୍ୟବର ଜିଲ୍ଲାପାଳ ଓ ଜିଲ୍ଲା ଦଣ୍ଡାଧୀଶକାରୀ ଜଗତସିଂହପୁରଙ୍କ Execution Case No. 01/2016 (arising out of Certificate Case No.1/2015)ର ଆଦେଶ ମୁତାବକ ସୌଭାଗ୍ୟ ରଞ୍ଜନ ନାୟକ, ପି.: ନବକୃଷ୍ଣ ନାୟକ ଓ ସଞ୍ଜିବ କୁମାର ନାଥ, ପି.: ନିତ୍ୟାନନ୍ଦ ନାଥଙ୍କଠାରୁ ଦେୟ ଟ୧,୦୭,୧୬,୮୧୭.୦୦ଙ୍କା (ଏକ କୋଟି ସାତ ଲକ୍ଷ ଷୋଳ ହଜାର ଆଠଶହ ସତର ଟଙ୍କା) ମାତ୍ର ଆଦାୟ ନିମନ୍ତେ ନିମ୍ନ ଲିଖିତ ତଫସିଲ ଜମିକୁ ନିଲାମ ନିମନ୍ତେ ଜବତ କରାଯାଇଅଛି।
ଏଣୁ ସର୍ବସାଧାରଣଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉକ୍ତ ଜମିକୁ ନିଲାମ କରାଯିବ। ଇଚ୍ଛୁକ ବ୍ୟକ୍ତିମାନେ ତା୧୪।୧୧।୨୦୨୫ରିଖ ଦିବା ୧୧ ଘଣ୍ଟା ସମୟରେ ତହସିଲ କାର୍ଯ୍ୟାଳୟ ତିର୍ତ୍ତୋଲଠାରେ ଉପସ୍ଥିତ ହୋଇ ନିଲାମରେ ଅଂଶ ଗ୍ରହଣ କରିବା ପାଇଁ ଅନୁରୋଧ କରାଗଲା।

| ମୌଜା | ଖାତା ନଂ. | ପ୍ଲଟ ନମ୍ବର | ରକବା | କିସମ | ପ୍ରଜାଙ୍କ ନାମ |
|---|---|---|---|---|---|
| ଗୋବିନ୍ଦ ମାହାନ୍ତି | ୩୮୧ | ୫୧୯ | ୦.୯୭ | ଘରବାରି | ସୌଭାଗ୍ୟ ରଞ୍ଜନ ନାୟକ, ପି.: ନବକୃଷ୍ଣ ନାୟକ, ଜା: କ୍ଷିତି ବଂଶ, ବା: ତେରମାଣପୁର, ସଞ୍ଜିବ କୁମାର ନାଥ, ପି.: ନିତ୍ୟାନନ୍ଦ ନାଥ, ଜା: ଯୋଗୀ, ବା: କୁଜଙ୍ଗ, ଥା: କୁଜଙ୍ଗ |
| | | ୮୯୨ | ୦.୫୦ | ଘରବାରି | |

OIPR- ସ୍ୱା./– ତହସିଲଦାର, ତିର୍ତ୍ତୋଲ

---

## NOTIFIED AREA COUNCIL, DIGAPAHANDI

GANJAM, ODISHA, PIN - 761012
Tel.: 06814-295053, (E-mail): dgp_nac@yahoo.com

**Letter No. 2754/DIGNAC** **Date: 01.11.2025**

**ବିଜ୍ଞାପନ**

No. C-1377: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଦିଗପହଣ୍ଡି ବିଜ୍ଞାପିତ ଅଞ୍ଚଳ ପରିଷଦର ପାର୍କିଂ, ବଜାର ଓ ସ୍ମାର୍ଟ ପାର୍କର ଟିକସ ଆଦାୟ ନିମନ୍ତେ ମ୍ୟୁନିସିପାଲ ଆଇନ ଧାରା ଅନୁଯାୟୀ ଘରୋଇକରଣ କରିବା ନିମନ୍ତେ ବିଭିନ୍ନ ଅନୁଷ୍ଠାନ/ସ୍ୱୟଂ ସହାୟକ ଗୋଷ୍ଠୀ/ବ୍ୟକ୍ତି ବିଶେଷ ନିକଟରୁ ଜଉମୁଦ ଟେଣ୍ଡର ଆହ୍ୱାନ କରାଯାଉଅଛି। ଏଥିନିମନ୍ତେ ଇଚ୍ଛୁକ ବ୍ୟକ୍ତି ବିଶେଷ ନିମ୍ନ କାର୍ଯ୍ୟସୂଚୀ ପ୍ରକାରେ ଯେ କୌଣସି ୧ (ଏକ ଗୋଟି) ପାଇଁ ଆବେଦନ କରିପାରିବେ।
୦୧. ଆବେଦନ ପତ୍ର ଟ.୫୦୦.୦୦ଙ୍କା (ପାଞ୍ଚଶହ ଟଙ୍କା) ଟଙ୍କା ରସିଦ/ବ୍ୟାଙ୍କ ଡ୍ରାଫ୍ଟ/ଡିମାଣ୍ଡ ଡ୍ରାଫ୍ଟ ମାଧ୍ୟମରେ ଦାଖଲ କରି ପରିଷଦ କାର୍ଯ୍ୟାଳୟରୁ ଗ୍ରହଣ କରିପାରିବେ (ଏହା ଫେରସ୍ତଯୋଗ୍ୟ ନୁହେଁ)। (ବ୍ୟାଙ୍କ ଡ୍ରାଫ୍ଟ/ଡିମାଣ୍ଡ ଡ୍ରାଫ୍ଟ: In favour of Executive Officer, NAC, Digapahandi payabale at Digapahandi)। ୦୨. ଆବେଦନ ପତ୍ର ଗ୍ରହଣ ଓ ବିକ୍ରୟ ତାରିଖ ଆରମ୍ଭ ତା୦୩।୧୧।୨୦୨୫ରିଖ ପୂର୍ବାହ୍ନ ଘ୧୦.୦୦ମି. (ଛୁଟିଦିନ ବ୍ୟତୀତ)। ୦୩. ଆବେଦନ ପତ୍ର ଗ୍ରହଣ ଓ ବିକ୍ରୟ ଶେଷ ତାରିଖ ତା୧୩।୧୧।୨୦୨୫ରିଖ ଅପରାହ୍ନ ଘ୦୫.୩୦ମି. (ଛୁଟିଦିନ ବ୍ୟତୀତ)। ୦୪. ଜଉମୁଦ ଆବେଦନ ପତ୍ରଗୁଡ଼ିକ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ତା୧୪।୧୧।୨୦୨୫ରିଖ ଅପରାହ୍ନ ଘ୦୫.୩୦ମି. (ଛୁଟିଦିନ ବ୍ୟତୀତ) ମଧ୍ୟରେ ଡାକ ଯୋଗେ ଆବେଦନ କରିପାରିବେ। ୦୫. ଜଉମୁଦ ଆବେଦନ ପତ୍ରଗୁଡ଼ିକୁ ସର୍ବସମ୍ମୁଖ ତଥା ଟେଣ୍ଡର କମିଟି ଉପସ୍ଥିତିରେ ଖୋଲିବା ତାରିଖ ତା୧୭।୧୧।୨୦୨୫ରିଖ ପୂର୍ବାହ୍ନ ଘ୧୧.୦୦ମି.।

| କ୍ର.ନଂ. | ଦୋକାନ ଗୃହର ଅବସ୍ଥିତି | ଆନୁମାନିକ ସର୍ବନିମ୍ନ ଦର | ମନ୍ତବ୍ୟ |
|---|---|---|---|
| ୦୧ | ପାର୍କିଂ ଟିକସ (ଥାନା ଛକ ନିକଟ ଓ ସନ୍ଥ ଅରକ୍ଷିତ ଦାସ ବସ୍‌ଷ୍ଟାଣ୍ଡ) | ଟ.୧,୫୦,୦୦୦.୦୦/ ପ୍ରତି ମାସ | ଆବେଦନକାରୀ ବିଜ୍ଞାପିତ ଅଞ୍ଚଳ ପରିଷଦର ବାସିନ୍ଦା ହୋଇଥିବେ ଓ ଏଥି ନିମନ୍ତେ ଆବଶ୍ୟକ କାଗଜାତ ଆବେଦନ ପତ୍ର ସହ ସଂଲଗ୍ନ କରିବେ। |
| ୦୨ | ବଜାର ପାନୁ (ବଜାର ସାହି, ଜନତା ଲେନ, ପୁଞ୍ଜିକାୟା ଛକ) | ଟ.୩୦,୦୦୦.୦୦/ ପ୍ରତି ମାସ | |
| ୦୩ | ସ୍ମାର୍ଟ ପାର୍କ | ଟ.୧୨,୦୦୦.୦୦/ ପ୍ରତି ମାସ | |

ବି.ଦ୍ର.: ବିଭିନ୍ନ ଅନୁଷ୍ଠାନ / ସ୍ୱୟଂ ସହାୟକ ଗୋଷ୍ଠୀ / ବ୍ୟକ୍ତିବିଶେଷ ପରିଷଦ ତରଫରୁ ଧାର୍ଯ୍ୟ ହୋଇଥିବା ଦରଠାରୁ ଅଧିକ ଆଦାୟ କରିପାରିବେ ନାହିଁ।

**ସ୍ୱା./– କାର୍ଯ୍ୟ ନିର୍ବାହୀ ଅଧିକାରୀ**
OIPR- **ବିଜ୍ଞାପିତ ଅଞ୍ଚଳ ପରିଷଦ, ଦିଗପହଣ୍ଡି**

---

Government of Odisha
Forest, Environment and Climate Change Department, Odisha

## OFFICE OF THE DIVISIONAL FOREST OFFICER, MANGROVE FOREST DIVISION (WL), RAJNAGAR

At/P.O. : Rajnagar, Dist : Kendrapara-754225, Phone - 06729-242460, Control Room-06729-242463, E-mail ID-dfo.rajnagarwl@odisha.gov.in

**Letter No.6640/1F-Accounts/336/2025**
**Dated Rajnagar the 01st November, 2025**

**TENDER CALL NOTICE FOR HIRING VEHICLE**

**No.MM-267** : Sealed tenders are invited from interested Reputed Travel Agencies / Tour Operators or private individuals to provide approximately 01 (One) No. of Vehicle (BS VI compliant Diesel driven AC) vehicles, which shall conform to the Terms and Conditions (Annexure-III) for official use at Division Office (Details of the vehicle to be engaged is in - Annexure-V) under Mangrove Forest Division (Wildlife) Rajnagar on monthly rent basis to reach in the O/o the Divisional Forest Officer, Mangrove Forest Division (Wildlife) Rajnagar, on or before **18.11.2025** up to **5.00 P.M.** through Registered / Speed Post/Courier Service and can also be dropped in the Tender Box placed in the Office of the Divisional Forest Officer, Mangrove Forest Division (Wildlife) Rajnagar. The tenders will be opened in the same office on **19.11.2025 at 11.30 A.M.** The Standard Bidding Document and Terms and Conditions can be downloaded from https://odishaforest.in and also can be obtained from the Office of the Divisional Forest Officer, Mangrove Forest Division (Wildlife) Rajnagar from 04.11.2025 to **18.11.2025** during office hours.

**Sd./-Divisional Forest Officer**
OIPR- **Mangrove Forest Division (Wildlife) Rajnagar**

---

**See Career Appointment on every Wednesday & Saturday**

**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଉତ୍କଳ ବିଲ୍ଡର୍ସର ୪ ନିର୍ଦ୍ଦେଶକଙ୍କୁ ଜେରା

## ୧୦୦ କୋଟିର ଆୟକର ହେରଫେର ଅଭିଯୋଗ

ଭୁବନେଶ୍ୱର,୭।୧୧
(ସତ୍ୟଜିତ ରାଉତ)

ଟିକସ ହେରଫେର ଅଭିଯୋଗରେ ଉତ୍କଳ ବିଲ୍ଡର୍ସର ବିଭିନ୍ନ ସ୍ଥାନରେ ଆୟକର ବିଭାଗ ପକ୍ଷରୁ ମାରାଥନ୍ ଚଢ଼ାଉ ଚାଲିଛି। ଏହି ଯାଞ୍ଚ ଶୁକ୍ରବାର ଚତୁର୍ଥ ଦିନରେ ପହଞ୍ଚିଛି। ତେବେ ଏଯାଏ ସଂସ୍ଥା ନିକଟରୁ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଓ ପ୍ରାୟ ଅଢ଼େଇ କୋଟି ଟଙ୍କା ଜବତ ହୋଇଥିବା ସୂଚନା ମିଳିଛି। ତେବେ ଆୟକର ବିଭାଗ ଅଧିକାରୀମାନେ ପାଇଥିବା ପ୍ରମାଣକୁ ଆଧାର କରି କମ୍ପାନୀ ଅଧିକାରୀମାନଙ୍କୁ ଶୁକ୍ରବାର ଜେରା କରାଯାଇଛି। ସେମାନେ ହେଲେ କମ୍ପାନୀ ନିର୍ଦ୍ଦେଶକ ରାକେଶ ଭୁରା, ଅଞ୍ଜନାଦେବୀ ଭୁରା, ସନ୍ଦୀପ ବେଦ ଓ ଅମିତ ବେଦ। କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଆୟକର ଟିମ୍ ପଚରାଉଚରା କରି ବହୁ ତଥ୍ୟ ପାଇଥିବା ସୂଚନା ମିଳିଛି। ଏହି ଚଢ଼ାଉ ଶନିବାର ମଧ୍ୟ ଜାରି ରହିବ ବୋଲି ସୂଚନା ମିଳିଛି।

ଆୟକର ଫାଙ୍କିବା ନେଇ ଆଇଟି ଟିମ୍ ବହୁ ପ୍ରମାଣ ପାଇଥିବା ବେଳେ ଏହି ଦିଗକୁ ନେଇ ଅଧିକ ଅନୁସନ୍ଧାନ ଚଳାଇଛି। ପୂର୍ବରୁ ଉତ୍କଳ ବିଲ୍ଡର୍ସର ଆକାଉଣ୍ଟାଣ୍ଟ ପ୍ରସନ୍ନ କୁମାର ବେହେରାଙ୍କୁ ଜେରା କରାଯାଇଥିଲା। କମ୍ପାନୀ ନିର୍ଦ୍ଦେଶକମାନଙ୍କୁ ଆଇଟି ଟିମ୍ ପଚରାଉଚରା କରିଥିବା ବେଳେ ଆଗକୁ ଅନ୍ୟମାନଙ୍କୁ ମଧ୍ୟ ଜେରା କରାଯିବ। ଜେରା ହେବାକୁ ଥିବା ତାଲିକାରେ ଆଉ କେତେଜଣଙ୍କ ନାଁ ରହିଥିବା ଜଣାପଡ଼ିଛି। ଚଢ଼ାଉ ସମୟରେ କୌଣସି ଆଇନଶୃଙ୍ଖଳା ପରିସ୍ଥିତିକୁ ପ୍ରତିହତ କରିବା ପାଇଁ ବିଏସ୍‌ଏଫ୍ ଯବାନଙ୍କ ଦ୍ୱାରା ସୁରକ୍ଷା ଯୋଗାଇ ଦିଆଯାଇଛି। ତେବେ ବିଭିନ୍ନ ଆର୍ଥିକ ବର୍ଷରେ ଉତ୍କଳ ବିଲ୍ଡର୍ସ ପ୍ରାୟ ୧୦୦ କୋଟି ଟଙ୍କାର ଆୟକର ହେରଫେର କରିଥିବା ଅଭିଯୋଗ ରହିଛି।

# ବାର୍‌ହା ଫାଶରେ ପଡ଼ି ୨ ଯୁବକ ମୃତ

ଲକ୍ଷ୍ମୀପୁର, ୭।୧୧
(ଅନନ୍ତ ପ୍ରସାଦ ନାୟକ)

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକର ୨ ଯୁବକ ପିପଲପଦର ଗାଁ ନିକଟ ଜଙ୍ଗଲକୁ ଗାଈ ଖୋଜିବାକୁ ଯାଇଥିବା ବେଳେ ବାର୍‌ହା ଫାଶରେ ପଡ଼ି ଶୁକ୍ରବାର ମୃତ୍ୟୁ ହୋଇଛି। ମୃତକମାନେ ହେଲେ ପିପଲ୍‌ପଦର ଗ୍ରାମର କୁମାର ମିଣିଆକା(୩୫) ଓ କେନ୍ଦୁପାଇ ଗ୍ରାମର ଗେହେଲ ମଣ୍ଡିଙ୍ଗା(୨୬)।

ସୂଚନାନୁଯାୟୀ, ପିପଲପଦର ଗ୍ରାମର ନିକଟସ୍ଥ ଜଙ୍ଗଲକୁ କୁମାର ଓ ଗେହେଲ ଗାଈ ଖୋଜିବାକୁ ଯାଇଥିଲେ। ଏହି ସମୟରେ ବାର୍‌ହା ଶିକାର ପାଇଁ ପୂର୍ବରୁ ବିଛା ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଉଭୟ ଆସିଥିଲେ। ଏଥିରେ ଘଟଣାସ୍ଥଳରେ କୁମାର ଓ ଗେହେଲଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ଲକ୍ଷ୍ମୀପୁର ଥାନାଧିକାରୀ ସୁଜ୍ଞାନୀ ସାହୁ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତଦେହ ଜବତ କରି ଲକ୍ଷ୍ମୀପୁର ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି। ଖବର ଲେଖାଯିବା ସୁଦ୍ଧା ପରିବାର ଲୋକଙ୍କ ପକ୍ଷରୁ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ସେ କହିଛନ୍ତି।

# ଆର୍‌ଟିଆଇର ୨୦ବର୍ଷ ପୂର୍ତ୍ତିରେ ଓଡ଼ିଶା ଦୃଶ୍ୟପଟ

୧୨ ଅକ୍ଟୋବର ୨୦୦୫ରୁ କାର୍ଯ୍ୟକାରୀ ହୋଇଆସୁଥିବା ସୂଚନା ଅଧିକାର ଆଇନ (ଆର୍‌ଟିଆଇ) ଇତିମଧ୍ୟରେ ୨୦ବର୍ଷରେ ପଦାର୍ପଣ କରିଛି। ପ୍ରଶାସନରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ରକ୍ଷାକରିବା ଓ ଜନସାଧାରଣଙ୍କୁ ସୂଚନା ପାଇବାର ଅଧିକାର ଦେଇଥିବା ଏହି ଆଇନର ସଫଳତା ଓ ବିଫଳତାକୁ ନେଇ ଦେଶତମାମ ଚର୍ଚ୍ଚା ଚାଲିଛି। କୁହାଯାଇପାରେ ଯେ, ସୂଚନା ଅଧିକାର ଆଇନ ନିଶ୍ଚିତ ଭାବେ ସାଧାରଣ ଲୋକଙ୍କୁ ସଶକ୍ତ କରିଛି। ସରକାରୀ ବ୍ୟବସ୍ଥାକୁ ପ୍ରଶ୍ନ କରିବା, ଟିପ୍ପଣୀ ତଥ୍ୟ ହାସଲ ଓ ସରକାରୀ ଅଧିକାରୀଙ୍କଠାରୁ ଉତ୍ତରଦାୟିତ୍ୱ ଦାବି କରିବା, ଯାହାକି ସ୍ୱାଧୀନୋତ୍ତର ଭାରତବର୍ଷରେ ସାଧାରଣ ଲୋକଙ୍କ ପାଇଁ ସ୍ୱପ୍ନ ଥିଲା ; ତାହା ସମ୍ଭବ ହୋଇଛି। ଗରିବ, ଧନୀ, ଚାଷୀ, ମୂଲିଆ, ସରକାରୀ, ବେସରକାରୀ କର୍ମଚାରୀ, ବୁଦ୍ଧିଜୀବୀ, ସାମାଜିକ କର୍ମୀ ନିର୍ବିଶେଷରେ ସମସ୍ତେ ନିଜର ସମସ୍ୟା ହେଉ ବା ନିଜ ଅଞ୍ଚଳର କିମ୍ବା ରାଜ୍ୟର ସମସ୍ୟା ହେଉ, ଆର୍‌ଟିଆଇ ବ୍ୟବହାର କରି ତଥ୍ୟ ହାସଲ ପାଇଁ ଆଇନକୁ ବ୍ୟବହାର କରୁଥିଲାବେଳେ ଛାତ୍ରୀଛାତ୍ରମାନେ ନିଜର ପରୀକ୍ଷା ଖାତା କପି ଓ ଅବସରପ୍ରାପ୍ତ କର୍ମଚାରୀମାନେ ନିଜର ଦରମା ଓ ପେନ୍‌ସନ୍ ପାଇଁ ସୂଚନା ଆଇନର ସାହାଯ୍ୟ ନେଉଛନ୍ତି।

ରାଜ୍ୟରେ ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧୀ ଲଢ଼େଇରେ ସୂଚନା ଅଧିକାର ଆଇନ ଏକ ବଡ଼ ଅସ୍ତ୍ର ହୋଇରହିଛି। ଏହି ଆଇନ ବଳରେ ବିଗତ ସରକାରର ଅନେକ ଦୁର୍ନୀତି ଲୋକଲୋଚନକୁ ଆସିପାରିଛି। ସୂଚନା ଅଧିକାର କର୍ମୀମାନେ ଏହିସବୁ ଦୁର୍ନୀତିର ତଦନ୍ତ ପାଇଁ ରାଜ୍ୟ ଭିଜିଲାନ୍ସ, ଲୋକାୟୁକ୍ତ ଓ ହାଇକୋର୍ଟରେ କେସ୍ କରିଥିଲେ। ଅନେକ ଫଇସଲା ହୋଇଛି, ଆହୁରି ଅନେକ ବିଚାରାଧୀନ ଅଛି। ଏହିସବୁ ଦୁର୍ନୀତିର ତଦନ୍ତରେ ବିଗତ ସରକାରର କେତେକ ନେତା, ଅଫିସର ଓ ଠିକାଦାରଙ୍କର ଅସଲ ଚରିତ୍ର ଲୋକଲୋଚନକୁ ଆସିପାରିଥିଲା। ଏଥିପାଇଁ ଅନେକ ସୂଚନା ଅଧିକାର କର୍ମୀଙ୍କୁ ବହୁତ ମୂଲ୍ୟ ଦେବାକୁ ପଡ଼ିଥିଲା। ବିଗତ ୧୫ ବର୍ଷ ମଧ୍ୟରେ ୪ ଜଣ ସୂଚନା ଅଧିକାର କର୍ମୀଙ୍କୁ ହତ୍ୟା କରାଗଲାଣି। ୭୦ରୁ ଊର୍ଦ୍ଧ୍ୱ ସୂଚନା ଅଧିକାର କର୍ମୀଙ୍କ ଉପରେ ମରଣାନ୍ତକ ଆକ୍ରମଣ, ହତ୍ୟା ଧମକ, ପରିବାର ଉପରେ ଅତ୍ୟାଚାର କରାଯାଇଥିଲା ଓ ୨୦ରୁ ଊର୍ଦ୍ଧ୍ୱ ସୂଚନା ଅଧିକାର କର୍ମୀଙ୍କ ବିରୋଧରେ ମିଥ୍ୟା ମାମଲା କରି ଜେଲରେ ଭର୍ତ୍ତି କରାଯାଇଥିଲା।

ବର୍ତ୍ତମାନ ସୂଚନା କମିଶନରେ ନିଯୁକ୍ତ ବ୍ୟକ୍ତିମାନେ କେସ୍‌କୁ ଭଲଭାବେ ନ ଶୁଣିବା, ସୂଚନା କମିଶନରେ କେସ୍ କରିବାକୁ ଆସୁଥିବା ସାଧାରଣ ଲୋକଙ୍କୁ ଖରାପ ବ୍ୟବହାର କରିବା, ତଥ୍ୟ ପ୍ରଦାନ ନ କରି କେସ୍‌କୁ ବନ୍ଦ କରିଦେବା ଓ ସୂଚନା କମିଶନଙ୍କ ଆଇନ ବିରୋଧୀ କାର୍ଯ୍ୟ ବିରୋଧରେ ସୂଚନା ଅଧିକାର କର୍ମୀଙ୍କ ଲଗାତର ବିରୋଧ ଓ ଆନ୍ଦୋଳନ ଏବେ ବି ଅବ୍ୟାହତ ରହିଛି। ସ୍ୱଚ୍ଛତାର ସହିତ ଅଭିଜ୍ଞ ବ୍ୟକ୍ତିମାନଙ୍କୁ ସୂଚନା କମିଶନ ପଦବୀରେ ନିଯୁକ୍ତି ପାଇଁ ବାରମ୍ବାର ଦାବି ହୋଇଆସୁଅଛି।

ସୂଚନା ଆଇନକୁ ଦୁର୍ବଳ କରିଦେବା ପାଇଁ ପ୍ରଶାସନ ତରଫରୁ ହୀନ ଉଦ୍ୟମ ଏବେବିଅବ୍ୟାହତ ରହିଛି। କେନ୍ଦ୍ରୀୟ ସୂଚନା କମିଶନଙ୍କ ନିର୍ଦ୍ଦେଶ ସତ୍ତ୍ୱେ ରାଜନୈତିକ ଦଳଗୁଡ଼ିକ ସୂଚନା ଆଇନର ପରିସରକୁ ଆସିପାରିଲେ ନାହିଁ। ୨୦୧୯ରେ କେନ୍ଦ୍ର ସରକାର ସୂଚନା ଆଇନକୁ ସଂଶୋଧନ କରି ସୂଚନା କମିଶନଙ୍କ ପଦମର୍ଯ୍ୟାଦା ଓ କ୍ଷମତାକୁ ସଙ୍କୁଚିତ କରିଛନ୍ତି। ୨୦୨୪ ମସିହାରେ ଡିଜିଟାଲ ପର୍ସନାଲ ଡାଟା ପ୍ରୋଟେକ୍ସନ୍ ଆକ୍ଟ ମାଧ୍ୟମରେ ସୂଚନା ଅଧିକାର ଆଇନର ଧାରା ୮ (୧) (ଜେ) କୁ ସଂଶୋଧନ କରି ଆଇନକୁ ଦୁର୍ବଳ କରିବାକୁ ଚେଷ୍ଟା କରାଯାଉଛି। ଏହା କାର୍ଯ୍ୟକାରୀ ହେଲେ ବ୍ୟକ୍ତିଗତ ସୂଚନା ଆଳରେ ନାଗରିକମାନଙ୍କୁ ତଥ୍ୟ ଦିଆଯାଇପାରିବ ନାହିଁ।

ସୂଚନା ଅଧିକାର ଆଇନ ସମ୍ପର୍କରେ ସୁପ୍ରିମ୍‌କୋର୍ଟ, ହାଇକୋର୍ଟ ବହୁ ଯୁଗାନ୍ତକାରୀ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶା ସୂଚନା କମିଶନ ଅନେକ ବେସରକାରୀ ସଂସ୍ଥାକୁ ସୂଚନା ଆଇନର ପରିସରକୁ ଆଣିଛନ୍ତି। କେରଳ ହାଇକୋର୍ଟ ଓ ସୁପ୍ରିମ୍‌କୋର୍ଟ ସମବାୟ ସମିତିଗୁଡ଼ିକ ସମ୍ପର୍କିତ ତଥ୍ୟ ସମବାୟ ସମିତି ରେଜିଷ୍ଟ୍ରାରମାନେ କିପରି ତଥ୍ୟ ଦେବେ, ତାହା ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ସୂଚନା ଅଧିକାର ନାଗରିକଙ୍କ ମୌଳିକ ଅଧିକାର ; ତେଣୁ ଏହି ଅଧିକାରୀଙ୍କୁ କୌଣସି ପ୍ରକାରରେ ସଙ୍କୁଚିତ କରାଯାଇପାରିବ ନାହିଁ କି ନାଗରିକମାନଙ୍କ ଅଧିକାର ଉପରେ ସୂଚନା କମିଶନ ହସ୍ତକ୍ଷେପ କରିପାରିବେ ନାହିଁ ବୋଲି ପଞ୍ଜାବ ଓ ହରିୟାଣା ହାଇକୋର୍ଟ ରାୟ ଦେଇଛନ୍ତି। ସମସ୍ତ ପ୍ରତିବନ୍ଧକ ସତ୍ତ୍ୱେ ସୂଚନା ଆଇନର ଜୟଯାତ୍ରା ଅବ୍ୟାହତ ରହିଛି।

-ପ୍ରଦୀପ ପ୍ରଧାନ,
ସୂଚନା ଅଧିକାର କର୍ମୀ
୯୯୩୭୮୪୩୪୮୨

**ମନେ ପଡ଼ନ୍ତି**

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଚନ୍ଦ୍ରକାନ୍ତ ବେହେରା**
(ଗ୍ରାମ- କେଶପୁର, ହରିବୋଲ କ୍ଷେତ୍ର, ଭଦ୍ରକ)
ଆବିର୍ଭାବ-୨୩।୧୦।୧୯୬୨
ତିରୋଧାନ- ୦୮।୧୧।୨୦୨୧

ତୁମର ପାର୍ଥିବ ଅନୁପସ୍ଥିତି ଆମ ଜୀବନରେ ଯେଉଁ ଶୂନ୍ୟତା ଭରି ଦେଇଛି ତାହା ଅପୂରଣୀୟ। ତୁମ ସ୍ମୃତି ଆମ ହୃଦୟରେ ସଦା ବିଦ୍ୟମାନ। ତୁମ ଅମର ଆତ୍ମା ପ୍ରତି ଭକ୍ତିପୂତ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ଜଣାଉଛୁ।

-ଶୋକସନ୍ତପ୍ତ-
ଶୋକସନ୍ତପ୍ତ- କନ୍ୟା- ଚେତନା ଚିନ୍ମୟୀ ଓ ମୃଣାଳ ମୃଣ୍ମୟୀ, ପରିବାରବର୍ଗ, ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ।
ଧ-୨୫୦୯

# ଜବାବ ଦାଖଲ କଲେ ଏସ୍‌ପି, ପରବର୍ତ୍ତୀ ଶୁଣାଣି ୧୧ରେ

## ହାଇକୋର୍ଟରେ ବ୍ରହ୍ମପୁର ବିଧାନସଭା ନିର୍ବାଚନ ମାମଲା

### ଚରିତ୍ର ସଂକ୍ରାନ୍ତରେ ସତ୍ୟପାଠ ଦେବେ ଏସ୍‌ପି

କଟକ,୭।୧୧(କାର୍ତ୍ତିକ ସାହୁ)

ବ୍ରହ୍ମପୁର ଭାଜପା ବିଧାୟକ କେ. ଅନିଲ କୁମାରଙ୍କ ବିରୋଧରେ ରୁଜୁ ନିର୍ବାଚନୀ ମାମଲାରେ ବ୍ରହ୍ମପର ଏସ୍‌ପି ହାଇକୋର୍ଟରେ ଜବାବ ଦାଖଲ କରିଛନ୍ତି। ବିଚାରପତି ଶଶିକାନ୍ତ ମିଶ୍ର ଶୁକ୍ରବାର ମାମଲାର ଶୁଣାଣି କରି ଆସନ୍ତା ୧୦ ତାରିଖ ସୁଦ୍ଧା ଏସ୍‌ପି ନିଜ ଚରିତ୍ର ସଂକ୍ରାନ୍ତରେ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ନିମନ୍ତେ ନଭେମ୍ବର ୧୧ ତାରିଖକୁ ଧାର୍ଯ୍ୟ ହୋଇଛି।

ସୂଚନାନୁସାରେ, ଆବେଦନକାରୀ ମନୋଜ କୁମାର ପଣ୍ଡା ସତ୍ୟପାଠ ଜରିଆରେ ଅଦାଲତଙ୍କୁ ଜଣାଇଥିଲେ ଯେ, ଗତ ଅକ୍ଟୋବର ୨୨ରେ ରେଳ ଷ୍ଟେଶନରୁ ଘରକୁ ଯାଉଥିବା ବେଳେ ସାଧାରଣ ପୋଷାକରେ ଥିବା ୩ଜଣ ପୋଲିସ ତାଙ୍କୁ ଜବରଦସ୍ତି ପୋଲିସ ଗାଡ଼ିରେ ବସାଇ ନେଇଯାଇଥିଲେ। ଅକ୍ଟୋବର ୨୪ ପର୍ଯ୍ୟନ୍ତ ତାଙ୍କୁ ପୋଲିସ ବାରାକରେ ରଖି ପଚରାଉଚରା କରାଯାଇଥିଲା। ସେ ବ୍ରହ୍ମପୁରର ନିର୍ବାଚିତ ବିଧାୟକଙ୍କ ବିରୋଧରେ କେମିତି ମାମଲା କଲେ ବୋଲି ପଚରାଗଲା। ଅନ୍ୟପକ୍ଷରେ ପୀତବାସ ପଣ୍ଡାଙ୍କ ହତ୍ୟା ମାମଲାରେ ବ୍ରହ୍ମପୁର ଏସ୍‌ପିଙ୍କ ଏକ ଖବରଦାତା ସମ୍ମିଳନୀ ବାବଦରେ ପ୍ରକାଶିତ ଏକ ଖବରକୁ ନେଇ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଯେଉଁଥିରେ ଏସ୍‌ପି କହିଥିଲେ ଯେ, ବିକ୍ରମ ପଣ୍ଡା ଓ ଶିବ ଶଙ୍କର ଦାସଙ୍କ ମଧ୍ୟରେ କମନ ଲିଙ୍କ ରହିଛି। ସ୍ଥାନୀୟ ବିଧାୟକଙ୍କ ବିରୋଧରେ ଦାଏର ନିର୍ବାଚନୀ ମାମଲା କମନ ଲିଙ୍କ ଥିଲା ବୋଲି କହିଥିଲେ। ଏହି ନିର୍ବାଚନୀ ମାମଲା ଶିବଶଙ୍କର ଦାସଙ୍କ ନାମରେ ଦାଖଲ ହୋଇଥିଲା, କିନ୍ତୁ ବାସ୍ତବରେ ତାହା ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ଦ୍ୱାରା ଆର୍ଥିକ ଭାବେ ସହାୟତା ପାଇଥିଲେ। ଅଦାଲତରେ ମାମଲା ବିଚାରାଧୀନ ଥିବା ବେଳେ ଜଣେ ପୋଲିସ ଅଧିକାରୀଙ୍କ ସାର୍ବଜନିକ ଟିପ୍ପଣୀ ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ କହିଥିଲେ। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଗୋପାଳ ଅଗ୍ରୱାଲ ମାମଲା ପରିଚାଳନା କରୁଛନ୍ତି।

# ପୋଲିସ ଏସ୍‌ଆଇ ନିଯୁକ୍ତି ଜାଲିଆତି ଉପରେ ଆଲୋଚନା

## ଏସ୍‌ଆଇଟି ବୈଠକ

କଟକ,୭।୧୧(କାର୍ତ୍ତିକ ସାହୁ)

ଦେଶରେ କଳାଧନ ରୋକିବାକୁ ଗଠିତ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି)ର ଗୁରୁତ୍ୱପୂର୍ଣ୍ଣ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏସ୍‌ଆଇଟି ଉପାଧ୍ୟକ୍ଷ ଜଷ୍ଟିସ୍ ଅରିଜିତ ପଶାୟତଙ୍କ ଅଧ୍ୟକ୍ଷତାରେ ତାଙ୍କ କଟକ ତେଲେଙ୍ଗାବଜାରସ୍ଥିତ ବାସଭବନରେ ଆୟୋଜିତ ବୈଠକରେ କେବଳ ଓଡ଼ିଶାର କେତେକ ଗୁରୁତ୍ୱପୂର୍ଣ୍ଣ ମାମଲା ସଂକ୍ରାନ୍ତରେ ଆଲୋଚନା ହୋଇଛି। ବିଶେଷ କରି ରାଜ୍ୟରେ ସଦ୍ୟ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଥିବା ପୋଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା ଜାଲିଆତି ମାମଲାକୁ ନେଇ ଆଲୋଚନାର ଗୁରୁତ୍ୱ ଅଧିକ ରହିଥିଲା। ଓଡ଼ିଶା କ୍ରାଇମବ୍ରାଞ୍ଚ, ଇଡି ଏବଂ ଓଡ଼ିଶା ପୋଲିସର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ନିଜର ମତ ଉପସ୍ଥାପନ କରିଥିଲେ। ନିକଟରେ ଘଟିଯାଇଥିବା କେତେକ ଘଟଣାବଳୀକୁ ନେଇ ରୁଜୁ ମାମଲାଗୁଡ଼ିକ ସଂକ୍ରାନ୍ତରେ ପୋଲିସ ପକ୍ଷରୁ ରିପୋର୍ଟ ପ୍ରଦାନ କରାଯାଇଛି। ଆସନ୍ତା ୯ ତାରିଖରେ ଏସ୍‌ଆଇଟିର ପରବର୍ତ୍ତୀ ବୈଠକ ମୁମ୍ବାଇରେ ହେବ। ତେବେ ଜଷ୍ଟିସ୍ ପଶାୟତ ଆଗାମୀ ମାର୍ଚ୍ଚ ସୁଦ୍ଧା ସୁପ୍ରିମକୋର୍ଟରେ ନବମ ଅନ୍ତରୀଣ ରିପୋର୍ଟ ଦାଖଲ କରିବେ ବୋଲି ଜଣାଯାଇଛି।

# ଭାଜପା ପ୍ରାର୍ଥୀ ଶିଶୁଙ୍କୁ ପ୍ରଚାରରେ ଲଗାଇଛନ୍ତି: କଂଗ୍ରେସ




## ସିଇଓଙ୍କୁ ଫେରାଦ ହେଲା ଦଳ

ଭୁବନେଶ୍ୱର,୭।୧୧(ରବିନାରାୟଣ ଜେନା)

ନୂଆପଡ଼ା ଉପନିର୍ବାଚନରେ ସରକାରୀ ଦଳ ଭାଜପା ନିର୍ବାଚନ ଆଚରଣବିଧି ଉଲ୍ଲଂଘନ କରିଛି ବୋଲି କଂଗ୍ରେସ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ନିକଟରେ ଫେରାଦ ହୋଇଛି। ଶୁକ୍ରବାର କଂଗ୍ରେସ ମୁଖପାତ୍ର ସୋନାଲି ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସିଇଓ ଆର୍. ସନ୍ତ ଗୋପାଳନ୍‌ଙ୍କୁ ଭେଟି ଅଭିଯୋଗ କରିଛି ଯେ, ନୂଆପଡ଼ା ଉପନିର୍ବାଚନ ପ୍ରଚାର ସମୟରେ ଭାଜପା ପ୍ରାର୍ଥୀ ଜୟ ଢୋଲକିଆ ଜାଣିଶୁଣି ଶିଶୁମାନଙ୍କୁ ପ୍ରଚାର କାର୍ଯ୍ୟରେ ଲଗାଇଛନ୍ତି। ସେଥିମଧ୍ୟରେ ନାବାଳିକା ମଧ୍ୟ ରହିଛନ୍ତି।

ସୋନାଲି ଉଦାହରଣ ଦେଇ କହିଛନ୍ତି, ନଭେମ୍ବର ୫ରେ ଖୁଟାବନଭେରା ଗ୍ରାମପଞ୍ଚାୟତରେ କେତେଜଣ ନାବାଳିକା ଭାଜପା ପତାକା ଧରି ଜୟ ଢୋଲକିଆ ଜିତିବେ ବୋଲି ସ୍ଲୋଗାନ୍ ଦେଉଥିବା ଦେଖାଯାଇଛି। ଏଥିସହ ଶିଶୁମାନେ ମଧ୍ୟ ପ୍ରଚାରରେ ବୁଲୁଛନ୍ତି, ଯାହାକି ନିର୍ବାଚନ ଆଚରଣବିଧିର ପରିପନ୍ଥୀ। ତେଣୁ ତୁରନ୍ତ ଭାଜପା ପ୍ରାର୍ଥୀ ଜୟ ଢୋଲକିଆ ଓ ତାଙ୍କ ଦଳ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେ ଦାବି କରିଛନ୍ତି। ଏହି ପ୍ରତିନିଧି ଦଳରେ କଂଗ୍ରେସ ମୁଖପାତ୍ର ଡ. ମନୀଷା ଦାସ ପଟ୍ଟନାୟକ ଓ ମଧୁସ୍ମିତା ଆଚାର୍ଯ୍ୟ ପ୍ରମୁଖ ସାମିଲ ଥିଲେ।

**Classified Everyday**
0674-2580101, 9692975378



**REAL ESTATE**
**SALE**

ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ପ୍ଲଟ୍, 2/3 BHK Flat/ Duplex ଅଛି– 8327785834. D–06

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500 Sq.ft, 6,75,000/– ପ୍ଲଟ୍ ବିକ୍ରିହେବ– 9776974912. D–05

Gharabari bounded plot 10000sq.ft and 2400sq. ft for sale. Adjacent to Meera's Courtyard at Kurunti near Kuranga footballfield, 200mtr. from Niali-Nakhara SH Cuttack sadar. Contact- 9861044442. D–2364

LIG House (136, 137, 138, 139) for sale At Sector- 3, Niladri Vihar, Near- Pani Tanki, Bhubaneswar. Contact- 9437229575. D-2473




The massage felt totally professional & comfortable at all times- 7978109255. D-205

Full body massage by odia therapist in homely atmosphere. 9078618337. D-2496

**AFFIDAVIT**

By virtue of an affidavit sworn before Executive Magistrate, Ranpur, Dtd.- 01.11.25, I, Pinki Nahak, address: Vill.- Gopalpur, P.O.- Gopalpur, P.S.- Ranpur, Dist.- Nayagarh, PIN- 752025, Odisha, declare that I have changed my name from Pinkinayak.B to Pinki Nahak. Henceforth, I shall be known as Pinki Nahak for all purposes.
Pinki Nahak
D-2500

By virtue of an affidavit sworn before Executive Magistrate, Thuamul Rampur, dated- 02.07.25, I, Neela Majhi, R/o. At-Tunapari, P.O. Gopalpur, P.S.- Thuamul Rampur, Dist.- Kalahandi, Odisha, PIN- 766037 declare that I have changed the name of my Son from Jogendra Majhi to Gajendra Majhi. Henceforth, he shall be known as Gajendra Majhi for all purposes.
Neela Majhi
D-2501

By virtue of an affidavit sworn before Executive Magistrate, Thuamul Rampur, dated- 11.07.25, I, Lochani Dei, R/o. At/P.O.- Kathakura, P.S.- Thuamul Rampur, Dist.- Kalahandi, Odisha, PIN- 766037 declare that I have changed my name from Lochana Naik to Lochani Dei. Henceforth, I shall be known as Lochani Dei for all purposes.
Lochani Dei
D-2502

By virtue of an affidavit sworn before the Executive Magistrate, Dharamgarh, No.- 1(1), date- 04.11.25, I, MAL KUMAR, R/O. Village/P.O.- Badfurla, P.S.- Dharamgarh, Dist.- Kalahandi (Odisha) declare that MAL KUMAR and MALAK KUMAR is one and same person. Henceforth, I shall be known as MAL KUMAR for all purposes. D-2503

sworn before the Notary Public, Titilagarh, dtd.- 07.11.2025, Sl.No.- 554, I, Rupeli Sahu, D/o.- Biranchi Sahu, R/O Village- Remenda, P.O.- Budhabahal, P.S.- Saintala, Dist.- Balangir (Odisha), PIN- 767032 declare that now I have changed my name from Rinki Sahu to Rupeli Sahu. Henceforth, I shall be known as Rupeli Sahu for all purposes.
Rupeli Sahu
D-2504

By virtue of an affidavit sworn before the Executive Magistrate, Tihidi Tahasil, Tihidi, Dist.- Bhadrak, dated- 30.10.25, I, Gitanjali Pati, W/o.- Chittaranjan Pati Vill./P.O.- Kolha, P.S.- Tihidi, Dist.- Bhadrak, Odisha, PIN- 756130 declare that I changed my daughter's name from Smrutirekha Pati to Smrutilekha Pati. Henceforth, she shall be known as Smrutilekha Pati for all purposes. D-2505

Nayak Kanu Charan Satrughnabhai, R/o 1, near HP pump, Post- Gopalpur, Dist.- Balasore, Odisha, PIN-756044 changed my name as Kanhu Charan Nayak, S/o.- Satrughana Nayak. D-2506

By virtue of an affidavit sworn before Executive Magistrate, Bhubaneswar, dated- 09.10.2025, I, Rabindra Kumar Behera, aged about 49 years, S/o.- Late Gunanidhi Behera, presently residing At- Balipada, P.S.- Tamando, Bhubaneswar, Dist.- Khordha declare that my actual correct name is Rabindra Kumar Behera but it is wrongly mentioned as Rabindra Kumar in my son's birth certificate No.- 560099 instead of Rabindra Kumar Behera. So both Rabindra Kumar and Rabindra Kumar Behera is one and same person. D-2507

By virtue of an affidavit before the Executive Magistrate, Bhubaneswar, on 4.11.2025, that I, Bijay Kumar Pattanayak, S/o.- Baidyanath Pattanayak of Bhubaneswar has changed my name from Bijay Kumar Pattanayak to Bijaya Kumar Pattanayak. Henceforth, I shall be known as Bijaya Kumar Pattanayak for all official purposes.
D-76870

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

# ବୃଦ୍ଧାଶ୍ରମ

ଗଳ୍ପ

**ଅଲେଖ ଚରଣ ପଟ୍ଟନାୟକ**

ସମୟ ଅପରାହ୍ଣ। ଅସ୍ତଗାମୀ ସୂର୍ଯ୍ୟଦେବତା ଦିଗ୍‌ବଳୟ ଛୁଇଁ ସାରିଥିଲେ। ଝରକା ଫାଙ୍କ ଦେଇ ସୋମନାଥ ବାବୁ ନିରବରେ ସୁଦୂର ଆକାଶକୁ ଅବଲୋକନ କରୁଥିଲେ। ଶୂନ୍ୟ... ଶୂନ୍ୟ... ମହାଶୂନ୍ୟ। ଧର୍ମପତ୍ନୀ ଅନୁରାଧା ଆଶାବାଡ଼ିଟିଏ ଧରି ଖୁଁଖୁଁ କାଶି କାଶି ପାଖରେ ଛିଡ଼ା ହେଲେ। ସୋମନାଥ ବାବୁଙ୍କର ଗମ୍ଭୀର ସ୍ୱର। 'ଅନୁ' ମୁଁ ଭାବୁଛି ମୋର କର୍ତ୍ତବ୍ୟରେ କିଛି ତ୍ରୁଟି ରହିଗଲା କି? ଯତ୍ନ କରି, ଜୀବନର ସମସ୍ତ ପୁଞ୍ଜି ବିନିଯୋଗ କରି ଘରଟିଏ କଲି। ସହରରେ ରହି ପିଲାଏ ପାଠ ପଢ଼ି ଉଚ୍ଚ ଶିକ୍ଷିତ ହେଲେ। ଜୀବନର ଶେଷ ପାହାଚରେ ଈଶ୍ୱରଙ୍କର ଏ କି ପରୀକ୍ଷା! ଗୋଟିଏ ବୋଲି ପୁଅ, କେତେ ଭରସା କରିଥିଲି। ମଣିଷ ଗଢୁ ଗଢୁ ମୁଁ କ'ଣ 'ଅମଣିଷ'ଟିଏ ଗଢ଼ିଦେଲି କି?

ହସିଲା ପୂରିଲା ସଂସାର ଥିଲା ସୋମନାଥ ବାବୁଙ୍କର। ଭଗବାନ୍‌ଙ୍କ ଦୟାରୁ ପୁଅଟିଏ, ଝିଅଟିଏ। ଶହୀଦ ନଗରରେ ଥିବା ପୈତୃକ ଜାଗାରେ ନିର୍ମାଣ କରିଛନ୍ତି ଗୋଟିଏ ଦ୍ୱିତଳ ପ୍ରାସାଦ। ପିଲାଏ ବି ଶାନ୍ତ, ସୁଧାର। ମନ ଲଗାଇ ପାଠ ପଢ଼ି ଉଚ୍ଚ ଶିକ୍ଷିତ ହେଲେ। ଝିଅ ରହେ ମୁମ୍ବାଇରେ, ଜ୍ୱାଇଁ ପାଖରେ। ଉଭୟ ସଫ୍ଟୱେୟର ଇଞ୍ଜିନିୟର।

ପୁଅ ଆଶୁତୋଷ ନିକଟରେ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ପ୍ରୋବେଶନାରୀ ଅଫିସର ଭାବେ ଜଏନ୍ କରିଛି। ତା'ର ହାତକୁ ଦି'ହାତ କରିଦେଲେ କଥା ସରିଲା। ଅନେକ ଅନ୍ୱେଷଣ ପରେ ବିବାହ ପ୍ରସ୍ତାବ ସ୍ଥିର ହେଲା। ସମୁଦୀ ଜଣେ ଅବସରପ୍ରାପ୍ତ ଇଞ୍ଜିନିୟର। ସମୁଦୀ ତାଙ୍କ ଚାକିରି କାର୍ଯ୍ୟକାଳ ମଧ୍ୟରେ ମୋଟା ଅଙ୍କର ଉପାର୍ଜନ କରିଛନ୍ତି। ସହରରେ ଦୁଇ ଦୁଇଟା କୋଠାଘର। ଏହାବ୍ୟତୀତ ଅଲିଅଳ ଝିଅ ଅଳକା ପାଇଁ ଗୋଟିଏ ଟୁ ବିଏଚ୍‌କେ ଫ୍ଲାଟ୍ ଘର ବ୍ୟବସ୍ଥା କରିଛନ୍ତି।

ସୋମନାଥ ବାବୁ ଏହି ପ୍ରସ୍ତାବରେ ଅତ୍ୟନ୍ତ ଆନନ୍ଦିତ। ଭାଗ୍ୟବାନ୍ ଆଶୁତୋଷ ଉପହାର ସ୍ୱରୂପ ସେହି ଫ୍ଲାଟ୍ ଘରଟି ପାଇଲା। ଘରକୁ ବାଦ୍ ଦେଇ ଯୌତୁକରେ ଅନେକ କିଛି ମିଳିଲା। ଯଥା– ଦାମୀ କାର୍, ଦଶ ଲକ୍ଷ ଟଙ୍କା ଝିଅ ଅଳକା ନାଁରେ ଫିକ୍ସ ଡିପୋଜିଟ୍ ଏବଂ ନାନା ମୂଲ୍ୟବାନ୍ ଘରକରଣା ସାମଗ୍ରୀ। ଏସବୁ ଦେଖି ବାହାରକୁ ପ୍ରକାଶ କରୁ ନ ଥିଲେ ବି ମନେମନେ ସୋମନାଥ ବାବୁ ଆନନ୍ଦରେ କୁରୁଳି ଉଠୁଥିଲେ। ପ୍ରାୟ ପାଞ୍ଚ/ଛଅ ମାସ ପୁଅ ବୋହୂ ମିଳିମିଶି ସେଇ ଘରେ ରହିଲେ। ଖୁସିବାସିର ମାହୋଲ ଥିଲା। ଧୀରେ ଧୀରେ ସୋମନାଥ ବାବୁ ଲକ୍ଷ୍ୟକଲେ ସେମାନଙ୍କର ବ୍ୟବହାରରେ କିଛି ଉଦାସୀନତା ରହୁଛି।

ଦିନେ ସନ୍ଧ୍ୟାରେ ବ୍ୟାଙ୍କରୁ ଫେରି ପୁଅ ଆଶୁତୋଷ କହିଲା, ବାପା! ଆମେ ମନସ୍ଥ କରିଛୁ, ମୋ' ଶ୍ୱଶୁର ଅଳକା ନାଁରେ ଯେଉଁ ଘରଟି ଏଇ ଭୁବନେଶ୍ୱରରେ ଦେଇଛନ୍ତି, ସେଇଠିକୁ ଚାଲିଯିବୁ। ଅଳକା ତା'ର କ୍ୟାରିୟର ପାଇଁ ବ୍ୟସ୍ତ। ସେ ଓଏଏସ୍ ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଛି, ଘର ଜଞ୍ଜାଳରେ ଫସି ପଡ଼ିବା ନିମନ୍ତେ ସମୟ ପାଉନାହିଁ। ଏକଥା ସେ ଅନେକ ଦିନରୁ କହିଲାଣି। ମୁଁ ଭରସି କରି କହିପାରୁ ନ ଥିଲି।

ସୋମନାଥ ବାବୁ ଏବଂ ଅନୁରାଧା ସବୁ ଶୁଣୁଥିଲେ। ପଥର ମୂର୍ତ୍ତି ପରି ସ୍ଥାଣୁ ପାଲଟି ଯାଇଥିଲେ। ଉଭୟଙ୍କର ଆଖି ଲୁହରେ ଛଳଛଳ। ପୁଅ ଆଶୁତୋଷ ସାନ୍ତ୍ୱନା ଦେଇ କହିଲା, "ବୋଉ! ଭରସା ରଖ। ଆଦୌ ବ୍ୟସ୍ତ ହୁଅନା। ପ୍ରତି ରବିବାର ମୁଁ ଆସି ଦେଖାକରିବି। ତୁମର ସୁବିଧା ଅସୁବିଧା ବୁଝିବି।"


ଆବଶ୍ୟକ ହେଲେ ଘରକୁ ଡାକ୍ତର ଡାକି ଚେକ୍‌ଅପ୍ କରାଇଦେବି। ସୋମନାଥ ଭାବିଥିଲେ ପୁଅର ବିବାହ କରି ବୋହୂଟିଏ ଘରକୁ ଆଣିଲେ କିଛିବର୍ଷ ପରେ ନାତିଟିର ହସହସ ମୁହଁ ଦେଖିଥାନ୍ତେ। ଘର ସାମ୍‌ନା ପାର୍କରେ ତା' ସହ ହସଖୁସିରେ ଖେଳି ଥାଆନ୍ତେ, କିନ୍ତୁ ହାୟ! ଏ କ'ଣ ହେଲା? ବିଧାତାର ବିଚିତ୍ର ଖେଳ। ପୁଅ ଶ୍ୱଶୁର ଦେଇଥିବା ଫ୍ଲାଟ୍ ଘରକୁ ଯିବାକୁ ଉଦ୍ୟତ ହେଲାଣି।

ଶେଷରେ ତାହା ହିଁ ହେଲା। ଯିବା ପୂର୍ବରୁ ବୋହୂ ଅଳକାଙ୍କର ନିର୍ଦ୍ଦେଶରେ ଜଣେ ରୋଷେୟା ଏବଂ ଜଣେ କାମବାଲୀ ବାପା ବୋଉଙ୍କ ପାଇଁ ବ୍ୟବସ୍ଥା କରାଗଲା। ପୁଅ ବୋହୂ ଚାଲିଗଲେ। ଏ ପରିଣତ ବୟସରେ ସୋମନାଥ ବାବୁ ଏବଂ ପତ୍ନୀ ଅନୁରାଧା ଏକା ଏକା। ନିଃସଙ୍ଗ ଜୀବନ ଯନ୍ତ୍ରଣା। ରୋଷେୟା ଆସି ବରାଦ ମୁତାବକ ରୋଷେଇ କରି ଚାଲିଯାଏ। କାମବାଲୀ ଆସେ, ତା'ର କାମ କରି ଚାଲିଯାଏ। ସେମାନେ ଗଲା ପରେ ପୁନଶ୍ଚ ନିର୍ଜନତା ଖାଇଗୋଡ଼ାଏ।

ପ୍ରଥମେ ପ୍ରଥମେ ପୁଅ ପ୍ରତ୍ୟେକ ରବିବାରରେ ଆସୁଥିଲା। ତା'ପରେ ମାସର ଯେ କୌଣସି ଗୋଟିଏ ରବିବାର ଦେଖି ଆସେ। ସଫେଇ ଦିଏ ବହୁତ କାର୍ଯ୍ୟବ୍ୟସ୍ତତା ମଧ୍ୟରେ ତାକୁ ଫୁରସତ୍ ମିଳୁନାହିଁ। ସୋମନାଥ ବାବୁ ନିଜକୁ ବଡ଼ ଅସହାୟ ମନେକରୁଥିଲେ। କାହାକୁ କହିବେ ପୁଅ କଥା! 'ଅଜାଗା ଘା'ଦେଖି ହୁଏନା କି ଦେଖାଇ ହୁଏନା।' ପୁତ୍ରର ଅନୁପସ୍ଥିତି ମାତାପିତାଙ୍କ ପକ୍ଷେ କେତେ ଯେ ଦୁଃଖଦାୟକ, ତାହା ଅନୁଭବୀ ହିଁ ଜାଣେ।

କେତେବେଳେ କେମିତି ଅନୁରାଧା ସ୍ୱାସ୍ଥ୍ୟ ଅବସ୍ଥା ବିଗିଡ଼ିଗଲେ ସୋମନାଥ ବାବୁ ଡରି ଯାଉଥିଲେ। ଏ ବୟସରେ ଉଭୟଙ୍କୁ ଜୀବନଟା ବୋଝ ପରି ଲାଗୁଥିଲା। ପାଖରେ ନିଜର ବୋଲି କେହି ନ ଥିବାରୁ ଭାରି ଏକା ଏକା ଲାଗୁଥିଲା। ମନେହେଉଥିଲା, ଏହା ଯେମିତି ସୋମନାଥ ବାବୁଙ୍କ ନିଜ ଘର ନୁହେଁ, 'ଏକ ବୃଦ୍ଧାଶ୍ରମ'।

ମୋ: ୯୮୫୩୮୯୨୧୨୪



# କବିତା

## ପୃଥ୍ୱୀ, ଆକାଶ ଓ ତମେ

**ଶୁଭସ୍ମିତା ତ୍ରିପାଠୀ**

ପୃଥିବୀରେ ଅନେକ କିଏ ରହିବାର ନ ଥିଲେ, ଯେମିତି
ରହିବାର ନ ଥିଲେ ସାବନା ରଙ୍ଗର ଝିଅ,
ଆନତ କୃଷ୍ଣଚୂଡ଼ା ରଙ୍ଗର ସ୍ୱପ୍ନ,
କେତେ ଉଆଁସର କଜଳ ପିନ୍ଧିଲେ ବି
ପୂନେଇଁ ଜହ୍ନକୁ ତରଳେଇ ପାରୁନଥିବା
ଛଳଛଳ ଆଖି।

ପୃଥିବୀରେ ରହିବାର ନ ଥିଲେ
କାହାକୁ ଦେବାକୁ ଥିବା ଫୁଲ ଛୁଇଁ
ରଙ୍ଗ ଶୁଖେଇ ଦେଉଥିବା ପ୍ରଜାପତି,
ବଜାରରେ ନିଜର ମୂଲ ଛିଣ୍ଡଉଥିବା
ଦର ମଉଳା ରଜନୀଗନ୍ଧା,
କି ବାଉଁଶ ଗଛର ଫୁଲ ଭିତରେ ଶୋଇଥିବା
ଜଙ୍ଗଲକୁ ଜାଳିଦେବାର ନିଆଁ!

ଆକାଶରେ ରହିବାର ନ ଥିଲା ନୀଳରଙ୍ଗ,
ସମୁଦ୍ରକୁ ଭଲ ପାଇ
ସୁଅର କୋହରେ ବହିଲା ନଈ ପାଇଁ
ତାକୁ ଝରେଇବାର ନ ଥିଲା ଲୁହ
ପକ୍ଷୀ, ଇନ୍ଦ୍ରଧନୁ ଆଉ ମେଘଙ୍କ ରଙ୍ଗରେ
ତାକୁ ଆଉଁଶି ଦେବାର ନ ଥିଲା ପୁଲକ।

ଆକାଶରେ ବି ରହିବାର ନ ଥିଲା
ଠିକଣାହଜା ନୀଡ଼,
କେଉଁ ପ୍ରେମିକାର ସଞ୍ଜବତିର
ମୁଲାୟମ ଉତ୍ତାପକୁ ଅପେକ୍ଷା କରୁଥିବା
ଗୋଟେ ଖୁବ୍ ଦୂର ତାରା,
କି ଉଜାଗର ଲାଗି ଆଞ୍ଜୁଳାଭର୍ତ୍ତି ସ୍ୱପ୍ନ!

ସେମିତି,
ତମ ସ୍ୱରତନ୍ତ୍ରୀରେ ରହିବାର ନ ଥିଲା ଗୀତ,
ଛାତି ଉପରେ ଆକାଶ ପର୍ଯ୍ୟନ୍ତ ଗଢ଼ା ରାସ୍ତା,
ଆଖି ଭିତରେ ପୃଥିବୀ କୋଳର ଶୀତଳତା,
କପାଳରେ ସମୁଦ୍ରକୂଳର ବିଭୋର ଦିନ,
ଓଠରେ ଝାଉଁବଣର ଜହ୍ନ
ପାପୁଲିରେ ବର୍ଷା ସାଜୁଥିବା ମୋ' ଲୁହ।

ତମର ଅବିଶ୍ରାନ୍ତ ଦୌଡୁଥିବା ଦିନଗୁଡ଼ିକୁ
କେବେ ଏମିତି ଆସିବାର ନ ଥିଲା
ମୋ' ଶିଉଳିଘେରା ଅଗଣାରେ
ତମର ନିଜେ ବାଛିନେବା ଥକାପଣ!

ବ୍ରହ୍ମପୁର, ଗଞ୍ଜାମ
ମୋ: ୮୪୮୦୮୬୭୧୯୦

## କଳାଜାଇ

**ଅଶ୍ୱିନୀ ସୂତାର**

ସ୍ୱପ୍ନରେ ଦେଖିଲି ଥରେ
ଡେଣା ଦି'ଟା ଲାଗିଚି ତା'
ଓଠ ତଳ କଳାଜାଇଟାରେ
ଓଠରୁ ସେ ଉଡ଼ି ଆସି
ବସିଲା ମୋ ଖୋଲା ପାପୁଲିରେ।

ହାଲ୍‌କାରେ ଫୁଙ୍କିଲି ତାକୁ
ଛୋଟ ଗୋଟେ ପ୍ରଜାପତି ପରି
ଓଠେ ତା'ର ଲାଗିଲା ସେ
ପୁଣି ଥରେ ପାପୁଲିରୁ ଫେରି।

ସ୍ୱପ୍ନ ଭଙ୍ଗ ହେଲା ପରେ
ଦେଖିଲି ସେ କଳା ପ୍ରଜାପତି
ଫେରିନାହିଁ ତା' ଓଠକୁ,
ଯେମିତି ସେ ଭୁଲିଛି ଠିକଣା।

ମନେ ଆଉ ପଡୁନାହିଁ
ଥିଲା କି ନା ପ୍ରେମିକା ଓଠରେ
ପୂର୍ବରୁ ସେ କଳାଜାଇ
ନା ଖାଲି ଦେଖିଲି ସ୍ୱପ୍ନରେ।

ଶାନ୍ତିବିହାର, ପଟିଆ, ଭୁବନେଶ୍ୱର
ମୋ: ୯୪୩୭୦୦୮୩୪୧

ଗୀତି–କବିତା

## ଗୋଲାପ ଓ ପ୍ରିୟତମା

**ବୀର କିଶୋର ମହାନ୍ତି**

ଗୋଲାପ ପାଖୁଡ଼ା ହସ ଆଉ କାନ୍ଦ
ପ୍ରେମ ପ୍ରତାରଣା ଛାଇ,
ଗୋଲାପ କଳିରେ ଅତୀତ ଗୁମୁରେ
ଭବିଷ୍ୟତ ମାରେ ହାଇ।

ଗୋଲାପ ପରଶେ ପ୍ରୀତିର ପୀୟୂଷ
ପ୍ରିୟତମା ମନ କଥା,
ଗୋଲାପ ଦେଖିଲେ ମନେ ଉଙ୍କିମାରେ
ବାଲୁକା ବେଳାର ବ୍ୟଥା।

ପ୍ରିୟତମା ବସି ଗୁଡୁକଙ୍କ ମାଳେ
ସ୍ୱପ୍ନର ପାଚେରି ଡେଇଁ,
ଯେଉଁ ଦିନ ମୋତେ କହିଥିଲା କଥା
ନରମୀ ନଈଟି ହୋଇ।

ମେଘ ବଳୟିତ ଚନ୍ଦ୍ରମା ଯେ ଥିଲା
ସେଦିନ ଆକାଶ ବକ୍ଷେ,
ତୁମେ ପ୍ରିୟତମା କଳା କବରୀରେ
ଚାହିଁଥିଲ ବସି ପାଖେ।

ତୁମ ପାପୁଲିରେ ଶତ ପଥ ଦେଖି
କବିତା ଲେଖିଲି ବସି,
ସେଇତକ ହେଲା ମୋ ପୋଡ଼ାଜୀବନେ
ଶରତ ଆକାଶ ଶଶୀ।

ମୋ: ୮୪୮୦୩୪୯୬୯୦

# କଷଣ

ଗଳ୍ପ

**ଭୁବନେଶ୍ୱରୀ ପଣ୍ଡା**

ବିଲରେ ସୁନାର ଫସଲ ଲହଡ଼ି ମାରୁଥିବା ଦେଖି ମଦନର ଖୁସି ବନ୍ଧବାଡ଼ ମାନୁ ନଥାଏ। ଧାନ ଅମଳ ପରେ ୪ ପ୍ରାଣୀଙ୍କ ପାଇଁ ବର୍ଷକ ଯାକର ଆହାର ରଖି ବାକି ସବୁ ମଣ୍ଡିକୁ ନେଇ ବିକିଦବ ସେ। ଧାନ ବିକା ଟଙ୍କା ଆସିଲେ ଝିଅ ମାଧବୀ ପାଇଁ ଏଥର ଯେମିତି ହେଲେ ବିଚିତ୍ରାପୁରୀ ଶାଢ଼ି କିଣିଦେବ। ଏଇ ଶାଢ଼ି ପାଇଁ ଝିଅଟା କେବେଠୁ କହୁଛି। ହେଲେ ଅଭାବରେ ସଢୁଥିବା ମଦନ ସବୁବେଳେ କହେ, 'ଆରଥରକୁ ଦେଖିବା'।

ଅତାବିରା ଲରମ୍ବାର ମଦନ ପ୍ରଧାନ ରକ୍ତକୁ ପାଣି କରି ବିଲରେ ଖଟେ। ହେଲେ ପ୍ରତି ବର୍ଷ କିଛି ନା କିଛି ସମସ୍ୟାର ସାମ୍ନା କରେ। ବର୍ଷାକୁ ଆଶା ରଖି ଚାଷ କାମ ଆରମ୍ଭ କରେ ମଦନ। କିନ୍ତୁ ଶ୍ରାବଣରେ ବୈଶାଖର ତାତି ଭିତରେ ଜଳିପୋଡ଼ି ପାଉଁଶ ହୋଇଯାଏ ଚଷାପୁଅ ମଦନର ସବୁ ସ୍ୱପ୍ନ। ଆକାଶରେ କେବେକେବେ ମେଘ ଘୋଟି ଆସିଲେ ମଦନ ମୁହଁ ଉଜ୍ଜ୍ୱଳ ଦେଖାଯାଏ। ହେଲେ ବର୍ଷେନି ଜମା। କିଛି ସମୟ ପରେ ପୁଣି ଟାଇଁଟାଇଁ ଖରା। ମନମାରି ବସେ ମଦନ। ଆକାଶକୁ ଚାହିଁଚାହିଁ ତା' ଦିନ କଟେ। ହେଲେ ଇନ୍ଦ୍ରଦେବତା କାଇଁ ତା' ଗୁହାରି ଶୁଣନ୍ତେ। ବର୍ଷା ନ ଥିବାରୁ ଜମି ଫାଟି ଆଁ କରେ।

ଖାଲି ପାଣି ପାଇଁ ଚାଷ ଉଜୁଡ଼େନି। କୋଉଥର ବିହନ, ସାର ମିଳେନି ଚାଷ ପାଇଁ। ପୁଣି କେବେ ଲଘୁଚାପ ବର୍ଷାରେ ବୁଡ଼ିଯାଏ କ୍ଷେତ। ଦୁଇ–ତିନିଦିନ ପାଣି ଜମିରହିବା ଯୋଗୁଁ ଧାନ ଗଛ ପଚି ନଷ୍ଟହୁଏ। ଉଜୁଡ଼ା କ୍ଷେତକୁ ଦେଖି ମୁଣ୍ଡ ପିଟେ ମଦନ।

ପାଞ୍ଚ ବର୍ଷ ତଳେ ଧାନ କେଣ୍ଡା ଧରିଲା ବେଳକୁ ଚକଡ଼ା ପୋକ ସବୁ ସାରିଦେଲା। କୃଷି ଅଧିକାରୀଙ୍କୁ ଭେଟି ବିଲରେ ଔଷଧ ଆଣି ପକେଇଲା ମଦନ। ହେଲେ କିଛି କାଟୁ କଲାନି। ଓଲଟି ଗୋଟେ କ୍ଷେତରୁ ଆଉ ଏକ କ୍ଷେତକୁ ମାଡ଼ିଗଲା ଚକଡ଼ା। ଆଖି ଆଗରେ ଧାନଗଛ ହଳଦିଆ ପଡ଼ିଗଲା। ପରେ ପରେ ଗଛ ସବୁ ଜଳିଗଲା। ସେଥର ତ କ୍ଷତି ଆଉ କ୍ଷତି। ଚକଡ଼ା ତ ଯାହା ଦାଉ ସାଧିଲା। ସେପଟେ କରଜ ଟଙ୍କା ଆଦାୟ କରିବାକୁ ସବୁବେଳେ ସାହୁକାର ପୁଅ କାଳିଆ ଆସି ବସିଲା ମଦନ ପିଣ୍ଡାରେ। ବାଧ୍ୟ ହୋଇ ଦାଦନ ଖଟିବାକୁ ତେଲଙ୍ଗାନାର ଏକ ଇଟାଭାଟିକି ଚାଲିଗଲା ସେ। ସେଠି କାମ କରି ଯାହା ରୋଜଗାର କଲା ସେଥିରୁ ଘରକୁ ଟଙ୍କା ପଠେଇଲା ଚଳିବା ପାଇଁ। ସାହୁକାର ଟଙ୍କା ବି ଶୁଝିଲା। ହେଲେ ଗାଁ, ଘରଦ୍ୱାର, ବିଲବାଡ଼ି ଛାଡ଼ି କେତେଦିନ ସେଠି ପଡ଼ିଥାଆନ୍ତା? ହାତ ଉଧାରି ଟଙ୍କା ଶୁଝି ହେଇଯିବା ପରେ ପୁଣି ଲରମ୍ବା ଫେରି ଆସିଲା ମଦନ।

ତେଲଙ୍ଗାନାରୁ ଫେରିବା ପରେ ପରିବାଚାଷ ଆରମ୍ଭ କଲା ମଦନ। ବିଲାତି, କୋବି, ବାଇଗଣରେ ହସିଲା କ୍ଷେତ। ହେଲେ ମଦନ ମୁହଁରେ କିଛୁ ହସ ଫୁଟି ପାରିଲାନି। ଅମଳ ବେଳକୁ ବିଲାତି କେଜି ୨ ଟଙ୍କା। ଫୁଲକୋବି ଗୋଟାକ ଟଙ୍କାଏ। ଲାଭ କଥା ଛାଡ଼। ଯେତିକି ଖର୍ଚ୍ଚ ହେଇଛି ସେତିକି ବି ଉଠିବନି। ଟାଉନ ବଜାରରେ ନେଇ ପରିବା ବିକିଥିଲେ ଦି ପଇସା ପାଇଥାଆନ୍ତା ସେ। ହେଲେ ସେଥିପାଇଁ ଗାଡ଼ି ଭଡ଼ା ବାବଦକୁ ବି ଖର୍ଚ୍ଚ କରିବାକୁ ପଡ଼ିବ। ଶୀତଳ ଭଣ୍ଡାର ବ୍ୟବସ୍ଥା ବି ନାହିଁ ଯେ ରଖିକି ପରେ ଦର ଉଚ୍ଚା ଥିଲାବେଳେ ବିକିବ। ତେଣୁ ଲୋକ ପକାଇ ମଜୁରି ଦେଇ କୋବି, ବିଲାତି, ବାଇଗଣ ଆଉ ତୋଳିଲାନି ମଦନ। କ୍ଷେତରେ ସେମିତି ପରିବା ଶଢ଼ିଲା ନହେଲେ ଗାଈଗୋରୁ ଖାଇଲେ।

ପରିବା ଚାଷ କରି ନାମ ନେଲା ମଦନ। ତେଣୁ ଏଥର ପୁଣି ଧାନ କଲା ସେ। ପାଗଯୋଗ ସବୁ ଠିକ ରହିଲା ମାଆ ସମଲେଇଙ୍କ ଦୟାରୁ। ପ୍ରକୃତି ଚଳିତ ବର୍ଷ କୌଣସି ପ୍ରକାର ଦାଉ ସାଧିନି। ରୋଗ ପୋକ ସମସ୍ୟା ବି ନାହିଁ। ଭଲ ଅମଳ ହୋଇଥିଲା ଏଥର।

ଡିସେମ୍ବର ୨୫ରୁ ଜାନୁଆରୀ ୨୫ ମଧ୍ୟରେ ମଣ୍ଡିରେ ଧାନ ବିକ୍ରି ପାଇଁ ଟୋକନ ପାଇଛି ମଦନ। ମୋବାଇଲକୁ ମେସେଜ ବି ଆସିଛି। ତେବେ ଡିସେମ୍ବର



୧୦ ପୂର୍ବରୁ ସରିଗଲା ଅମଳ। ବସ୍ତା ବସ୍ତା ଧାନ ରଖିବାକୁ ଜାଗା ନାହିଁ ଘରେ କି ବାଡ଼ିରେ। ତେଣୁ ନିଜ ଉତ୍ପାଦିତ ଫସଲ ଧରି ମଣ୍ଡିକୁ ଚାଲିଆସିଲା ସେ।

ଶୀତ କାକରରେ ଧାନକୁ ଜଗିକି ପଡୁ ପଡୁ ଥଣ୍ଡା, କାଶ ହେଲା ମଦନକୁ। ପରେ ପରେ ଜର। ହେଲେ ଏତେ ଦିନ ପରେ ଭଲ ଅମଳ ହେଇଛି। ତାକୁ ବିକି ଦି ପଇସା ପାଇବା ଲୋଭରେ ପଡ଼ିରହିଲା ମଦନ। କାରଣ ମାଧବୀ ପାଇଁ ଯେମିତି ହେଲେ ବିଚିତ୍ରାପୁରୀ ଶାଢ଼ି କିଣିବ ସେ। କେତେଦିନ ଆଉ "ଆରଥର", "ଆରଥର" କହି ଭଣ୍ଡେଇବ ତାକୁ?

ମଣ୍ଡିରେ ଥିବା ଅନ୍ୟ ଚାଷୀ ଭାଇମାନେ କହିଲେ, "ଏଠି ଥଣ୍ଡାରେ ପଡ଼ନା। ବେଶୀ ଦେହ ଖରାପ ହେବ। ଘରକୁ ପଳା। ଡାକ୍ତର ଦେଖାଇ ଔଷଧ ଖାଆ। ଭଲ ହେଲେ ଆସିବୁ। ଆମେ ଜଗିଛୁ ତୋ' ଧାନକୁ। ନହେଲେ ତୋ' ପୁଅ ହେମନ୍ତକୁ ମଣ୍ଡିକୁ ଆସି ଜଗିବାକୁ କହ।"

"ବର୍ଷ ଯାକ ଖଟିଲି। ଠିକ ଧାନ ବିକ୍ରି ବେଳକୁ ଥଣ୍ଡା ଜର ଟିକିଏ ହେଲା ବୋଲି ଛାଡ଼ି ପଳେଇବି। ନା, କଦାପି ନୁହେଁ"– କହିଲା ମଦନ।

ତିନି ଚାରି ଦିନ ହେବ ଜର ହେଲାଣି ମଦନକୁ। ଔଷଧ ଦୋକାନରୁ ଔଷଧ ଆଣି ଖାଉଥିଲା। ହେଲେ କିଛି କାମ କଲାନି। ଖାଇବା ପିଇବା ବି ଠିକ ନାହିଁ। ଦୁର୍ବଳ ହୋଇପଡ଼ିଥିଲା ମଦନ। ଚାଲିବାକୁ କି କଥା କହିବାକୁ ବି ଶକ୍ତି ନଥିଲା ତା'ର। କେତେଜଣ ଚାଷୀ ମିଶି ତାକୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ନେଲେ। ତା' ଘର ଲୋକଙ୍କୁ ଖବର ଦିଆହେଲା। ସମସ୍ତେ ଆସି ମେଡିକାଲରେ ପହଞ୍ଚିଲେ। ପରୀକ୍ଷାନିରୀକ୍ଷାରୁ ନିମୋନିଆ ବୋଲି ଜଣାପଡ଼ିଲା। ସେହି ହିସାବରେ ଚିକିତ୍ସା ଚାଲିଲା। ହେଲେ ସେତବେଳକୁ ବହୁତ ଡେରି ହେଇଯାଇଥିଲା କି କ'ଣ।

ମାଧବୀ ମୁଣ୍ଡ ପିଟୁଥିଲା ଡାକ୍ତରଖାନା ବାରଣ୍ଡାରେ। 'ବିଚିତ୍ରାପୁରୀ ଶାଢ଼ି ମୋର ଦରକାର ନାହିଁ। ତମେ ଉଠ' କହି ବାପାକୁ ତା'ର ହଲାଉଥିଲା ମାଧବୀ। ହେଲେ କିଛି ଉତ୍ତର ଦେଉ ନ ଥିଲା ମଦନ। ସବୁ କଷଣରୁ ମୁକ୍ତି ପାଇ ଶାନ୍ତିରେ ଶୋଇଯାଇଥିଲା ସେ।

ପାଣ୍ଡବ ନଗର, ବଡ଼ଗଡ଼, ଭୁବନେଶ୍ୱର
ମୋ: ୬୩୭୧୬୫୨୨୨୪

# ପୂଜା ପତ୍ରିକା-୨୦୨୫


## ଗୋକର୍ଣ୍ଣିକା



**ମୁଖ୍ୟ ସମ୍ପାଦକ:** ଡ. ରମାକାନ୍ତ ଜେନା
**୧/୪ ସାଇଜ୍:** ପୃ: ୩୪୦,
**ମୂଲ୍ୟ:** ଟ.୧୫୦/–

ମୋଟ ୨୪ଟି ପ୍ରବନ୍ଧ, ୧୧୯ଟି କବିତା, ୧୫ଟି ଗୀତି–କବିତା, ୩୭ଟି ଗଳ୍ପ, ୫ଟି ଅନୁବାଦ ଗଳ୍ପ ଓ ୨ଟି ପୁସ୍ତକ ସମୀକ୍ଷା ସ୍ଥାନିତ ହୋଇଛି। ପ୍ରବନ୍ଧରେ ବିଜୟ କୁମାର ଶତପଥୀ, କୁମରବର ଦାସ, ସଂଘମିତ୍ରା ମିଶ୍ର, ଦିଲୀପ କୁମାର ସ୍ୱାଇଁ, ବିଶ୍ୱରଂଜନ ଦାସ, ସୂର୍ଯ୍ୟମଣି ଖୁଣ୍ଟିଆ, ବିରଞ୍ଚି କୁମାର ସାହୁ ଓ ତ୍ରିନାଥ ପଟ୍ଟନାୟକ ରହିଥିବା ବେଳେ କବିତାରେ ଫନୀ ମହାନ୍ତି, ନିତ୍ୟାନନ୍ଦ ନାୟକ, ମମତା ଦାଶ, ନୀଳାଦ୍ରି ଭୂଷଣ ହରିଚନ୍ଦନ, ଅମରେଶ ପଟ୍ଟନାୟକ, ହୃଷୀକେଶ ମଲ୍ଲିକ, ହରିଶ୍ଚନ୍ଦ୍ର ବେହେରା, ଦେବେନ୍ଦ୍ର ବାଉରୀ, ତୁହିନାଂଶୁ ରଥ, ସଦାଶିବ ଦାଶ, ସୌଭାଗ୍ୟବନ୍ତ ମହାରଣା, କୁମୁଦ ଚନ୍ଦ୍ର ଦାଶ, ଇନ୍ଦିରା ଦାଶ, ପିନାକୀ ମିଶ୍ର, ଶରତ ଚନ୍ଦ୍ର ନାୟକ, ନର୍ମଦା ନୀଳୋତ୍ପଳା, ରମେଶ ପତି ଓ ଭରତ ବେହେରା ଅବଦାନ ରଖିଛନ୍ତି। ଗୀତି–କବିତାରେ ଧନଞ୍ଜୟ ସ୍ୱାଇଁ ଓ ହଂସନାଥ ମୁଦୁଲି ତଥା ଗଳ୍ପରେ ଅଚ୍ୟୁତାନନ୍ଦ ପତି, ସୁଲୋଚନା ଦାସ, ରୁମ୍‌ଝୁମ୍ ନାୟକ, ମନୋଜ କୁମାର ମହାପାତ୍ର, ଜୟନ୍ତୀ ସାହୁ ଓ ଭାସ୍କର ଜେନା ସ୍ଥାନିତ ହୋଇଛନ୍ତି। ଅନୁବାଦ ଗଳ୍ପରେ କନକ ମଞ୍ଜରୀ ସାହୁ ଓ ଗିରିଜା ମଞ୍ଜରୀ ପାଢ଼ୀ ରହିଛନ୍ତି। ପତ୍ରିକାର ସମ୍ପାଦକ ଅଛନ୍ତି ଡ. ଅମୃତ ରଞ୍ଜନ ଜେନା, ଯଦିଓ ସମ୍ପାଦକୀୟ ଲେଖିଛନ୍ତି ମୁଖ୍ୟ ସମ୍ପାଦକ।

## ସୋରପ୍ରଭା



**ସମ୍ପାଦକ:** ଚନ୍ଦ୍ରମୋହନ ମହାପାତ୍ର
**୧/୪ ସାଇଜ୍:** ପୃ: ୧୬୨,
**ମୂଲ୍ୟ:** ଟ.୧୩୦/–

ଗାଳ୍ପିକ ଅଚ୍ୟୁତାନନ୍ଦ ପତିଙ୍କ ସହ ସାକ୍ଷାତ୍‌କାର ହୋଇଛି ପତ୍ରିକାଟିର ଏକ ଅମୂଲ୍ୟ ସମ୍ପଦ। ଏକ ପ୍ରଶ୍ନର ଉତ୍ତରରେ ଅଚ୍ୟୁତାନନ୍ଦ କହିଛନ୍ତି: "ଯେଉଁ ଶବ୍ଦଗୁଡ଼ିକ ବ୍ୟବହାରରୁ ବାହାରେ ରହିଛି, ମୁଁ ସେଗୁଡ଼ିକୁ ମୋ' ଗଳ୍ପରେ ବ୍ୟବହାର କରେ, କରୁଛି।" ପ୍ରବନ୍ଧରେ ସୁବ୍ରତ କୁମାର ଦାସ ଓ ନିଖିଳାନନ୍ଦ ପାଣିଗ୍ରାହୀ; ଗଳ୍ପରେ ରଜନୀକାନ୍ତ ମହାନ୍ତି, ରବି ପଣ୍ଡା, କାଶୀନାଥ ନନ୍ଦୀ; କବିତାରେ ହର ପ୍ରସାଦ ଦାସ, ଫନୀ ମହାନ୍ତି, ହୃଷୀକେଶ ମଲ୍ଲିକ, ବିମଳ ଜେନା, ସରୋଜ ବଳ, ସମରେନ୍ଦ୍ର ନାଥ ମହାପାତ୍ର, ଭାରତ ମାଝୀ, ପ୍ରବାସିନୀ ମହାକୁଡ଼, ଇପ୍‌ସିତା ଷଡ଼ଙ୍ଗୀ ଓ ସେନାପତି ପ୍ରଦ୍ୟୁମ୍ନ କେଶରୀ ପ୍ରମୁଖ ରହିଛନ୍ତି। ଏତଦ୍‌ଭିନ୍ନ ଗୀତି–କବିତା ଓ ସ୍ୱତନ୍ତ୍ର ଭାବେ ସନେଟ୍ ସ୍ଥାନିତ ହୋଇଛି। ପ୍ରଚ୍ଛଦରେ ନୂତନତା ବିଦ୍ୟମାନ।

## ମୌସୁମୀ



**ମୁଖ୍ୟ ସମ୍ପାଦକ:** ଡ. ଶ୍ରୀଧର ସାମଲ
**୧/୪ ସାଇଜ୍:** ପୃ: ୧୧୬, **ମୂଲ୍ୟ:** ଟ.୧୧୦/–

ପ୍ରବନ୍ଧରେ ରଞ୍ଜନ ପ୍ରଧାନ, ସର୍ବେଶ୍ୱର ସେଣ; ସମୀକ୍ଷାରେ ବାସୁଦେବ ଦାସ, କବିତାରେ ହୃଷୀକେଶ ମଲ୍ଲିକ, ଶ୍ରୀହରି ଧଳ, ଅନ୍ନପୂର୍ଣ୍ଣା ମହାନ୍ତି, ଶ୍ରୀରାମ ଦାଶ, କବିତା ପ୍ରତିହାରୀ, ନିରାକାର ଦାସ, ହିମାଂଶୁ ପରିଡ଼ା ଓ ବିରଜା ରାଉତରାୟ; ଗଳ୍ପରେ ସୌଭାଗିନୀ ପରିଡ଼ା, ପଦ୍ମାଳୟା ସାମଲ, ଗାୟତ୍ରୀ ସିଂହ ଓ ସୌଭାଗ୍ୟ ଦାଶ ପ୍ରମୁଖ ସ୍ଥାନିତ ହୋଇଛନ୍ତି।

## ଆଗାମୀ ଶତାବ୍ଦୀ



**ସମ୍ପାଦକ:** ସେକ୍ ମସୁଦ୍ ଅଲି
**୧/୪ ସାଇଜ୍:** ପୃ: ୬୪, **ମୂଲ୍ୟ:** ଟ.୫୦/–

ପ୍ରୟାତ ଲେଖକ ଓ ସାହିତ୍ୟପ୍ରେମୀ ସେକ୍ ମତଲୁବ୍ ଅଲିଙ୍କ ସମ୍ପାଦନାରେ ପ୍ରତିଷ୍ଠିତ ପତ୍ରିକା 'ଆଗାମୀ ଶତାବ୍ଦୀ' ତାଙ୍କ ଅନ୍ତେ ତାଙ୍କ ସୁପୁତ୍ର ସେକ୍ ମସୁଦ୍ ଅଲିଙ୍କ ଦ୍ୱାରା ନିୟମିତତା ରକ୍ଷା କରି ପ୍ରକାଶ ପାଇଆସୁଛି। ଏଥରର ଶାରଦୀୟ ବିଶେଷାଙ୍କରେ ପ୍ରବନ୍ଧ, କବିତା, ଆତ୍ମକଥା ଓ ଗଳ୍ପ ଆଦି ବିଭାଗ ସ୍ଥାନିତ ହୋଇଛି। ପ୍ରବନ୍ଧରେ ସତ୍ୟନାରାୟଣ ମିଶ୍ର, ବିଜୟାନନ୍ଦ ସିଂହ ଓ ଶିଶିର ବେହେରାଙ୍କ ଲେଖା ସ୍ଥାନିତ ହେବା ସହ ସଂଗ୍ରାମୀ ବଂଶୀଧର ମିଶ୍ରଙ୍କ ଉପରେ ଲିଖିତ ମସୁଦ୍ ଅଲିଙ୍କର ଲେଖା ପତ୍ରସ୍ଥ ହୋଇଛି। କବିତାରେ ଅଛନ୍ତି ରାଜକିଶୋର ପାଢ଼ୀ, ଉପେନ୍ଦ୍ର ପ୍ରସାଦ ନାୟକ, ସୁଶାନ୍ତ କୁମାର ନାୟକ ଓ ବିକ୍ରମ କୁମାର ମହାପାତ୍ର। ଗଳ୍ପରେ ସ୍ଥାନିତ ପଞ୍ଚାନନ କାନୁନ୍‌ଗୋ, ମାନସୀ ଦାସ, ସୁସ୍ମିତା ରଥ ଓ ଗିରୀଶ ସାହୁ।

## ତମସା: ଭୀମଭୋଇ ବିଶେଷାଙ୍କ



**ସମ୍ପାଦକ:** ଡ. ସୁରେଶ ଚନ୍ଦ୍ର କର
**୧/୮ ଡିମେଇ ସାଇଜ୍:** ପୃ: ୬୦, **ମୂଲ୍ୟ:** ଟ.୮୦/–

'ତମସା' ସାହିତ୍ୟ ପତ୍ରିକାର 'ଭୀମଭୋଇ ବିଶେଷାଙ୍କ' ପ୍ରକାଶ ପାଇଛି। ଏଥିରେ ଭୀମଭୋଇଙ୍କ ଜୀବନୀ ଓ କବିତା ସମ୍ପର୍କରେ ଏକ ତଥ୍ୟନିଷ୍ଠ ସମ୍ପାଦକୀୟ ସ୍ଥାନିତ ହୋଇଛି, ଯାହାର ଶୀର୍ଷକ "ଅନ୍ଧକବି କି କନ୍ଧକବି ନୁହେଁ, ସନ୍ଥ କବି ଭୀମଭୋଇ"। ଏ ସଂଖ୍ୟାରେ ଯେଉଁମାନଙ୍କ ପ୍ରବନ୍ଧ ପ୍ରକାଶିତ, ସେମାନେ ହେଲେ– ରମାକାନ୍ତ ରଥ, ବିଜୟ ନାୟକ, କାହ୍ନୁଚରଣ ମିଶ୍ର, ସତ୍ୟପ୍ରିୟ ମହାଳିକ, ରବୀନ୍ଦ୍ର ବିହାରୀ, ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ଏକାଦଶୀ ପ୍ରଧାନ ଓ ରବି ରାୟ। ଭୀମଭୋଇଙ୍କ ରଚିତ 'ଅଷ୍ଟକବିହାରୀ ଗୀତା'ର ଶୁଦ୍ଧପାଠ ସମ୍ପାଦିତ ହୋଇ ପତ୍ରିକାରେ ସ୍ଥାନ ପାଇବା ପାଠିକାପାଠକଙ୍କ ପାଇଁ ଏକ ମୂଲ୍ୟବାନ୍ ପ୍ରାପ୍ତି। ସମ୍ପାଦନ କର୍ମଟି ନିର୍ବାହ କରିଛନ୍ତି ଖୋଦ୍ ପତ୍ରିକାର ସମ୍ପାଦକ ସୁରେଶ ଚନ୍ଦ୍ର କର।

## କାଳକାଳକୁ



"ଏକ ଭଲ ବହି ଆତ୍ମାର ରକ୍ତ ସଦୃଶ।
ଜୀବନ ଓ ଉତ୍ତର–ଜୀବନର ସାହାରା।"
– ଜନ୍ ମିଲ୍‌ଟନ୍

**ଜନ୍ ମିଲ୍‌ଟନ୍‌ଙ୍କ** ଜନ୍ମ ୯ ଡିସେମ୍ବର ୧୬୦୮ରେ ଲଣ୍ଡନର ବ୍ରେଡ୍ ଷ୍ଟ୍ରିଟ୍‌ରେ ଓ ପରଲୋକ ୮ ନଭେମ୍ବର ୧୬୭୪ରେ ଲଣ୍ଡନର ବନ୍‌ହିଲ୍ ରୋ'ରେ। ଇଂଲିଶ୍, ଲାଟିନ୍, ଗ୍ରୀକ୍, ହିବ୍ରୁ, ଫରାସୀ, ସ୍ପାନିଶ୍ ଓ ଇଟାଲୀୟ ଆଦି ଏକାଧିକ ବିଶ୍ୱ–ଭାଷାରେ ଅବଗାହୀ ଏହି କବି ବୃତ୍ତିରେ ଥିଲେ ଉଚ୍ଚପଦସ୍ଥ ସରକାରୀ ଅଧିକାରୀ। ତାଙ୍କର ସର୍ବୋତ୍ତମ ରଚନା ହେଉଛି ମହାକାବ୍ୟ 'ପାରାଡାଇଜ୍ ଲଷ୍ଟ' (୧୬୬୭)। ଇଂଲଣ୍ଡର ଉତ୍ତାଳ ରାଜନୈତିକ କାଳଖଣ୍ଡରେ ରଚିତ ଏହି ମହାକାବ୍ୟର ସବୁଠୁଁ ବୃହତ୍ତର ପ୍ରସଙ୍ଗ 'ମଣିଷର ପତନ'। ଏହି ଗ୍ରନ୍ଥ ତାଙ୍କୁ ଇତିହାସରେ ଏକ ସର୍ବୋତ୍ତମ କବିର ପ୍ରସିଦ୍ଧି ଆଣି ଦେଇଥିଲା। ସେ କହନ୍ତି: ୧. "ନିକାଞ୍ଚନ ବି କେବେ କେବେ ସର୍ବୋତ୍ତମ ସମାଜ", କହନ୍ତି: "ସବୁ ସ୍ୱାଧୀନତାର ଊର୍ଦ୍ଧ୍ୱରେ ମୋତେ ଜାଣିବାର, କହିବାର ଓ ବିବେକାନୁସାରେ ତର୍କ କରିବାର ସ୍ୱାଧୀନତା ଦିଅ।" ୨. "ମୋ' ଭିତରେ ଯେଉଁ ଅନ୍ଧକାର ଅଛି, ତାକୁ ଆଲୋକିତ କର।"

# ଦେଶବ୍ୟାପୀ ହକି ଉତ୍ସାହ

## ଭାରତୀୟ ହକିର ଗୌରବମୟ ଶତବାର୍ଷିକୀ



ନୂଆଦିଲ୍ଲୀରେ ଭାରତୀୟ ହକିର ଶତବାର୍ଷିକୀ ପାଳନ ଅବସରରେ ଉପସ୍ଥିତ ଅତିଥିବୃନ୍ଦ। (ଫଟୋ: ଚମନ ଗୌତମ)

**ନୂଆଦିଲ୍ଲୀ, ୭।୧୧**

ଭାରତୀୟ ହକିର ଆରମ୍ଭ ୧୯୨୫ରୁ ହୋଇଛି। ଶୁକ୍ରବାର ଏହାର ୧୦୦ତମ ଗୌରବମୟ ବର୍ଷ ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। ହକି ଇଣ୍ଡିଆ ତରଫରୁ ଦେଶବ୍ୟାପୀ ହକି ମହୋତ୍ସବ ଆୟୋଜନ କରାଯାଇଥିଲା। ଏଥିରେ ୫୦୦ ଜିଲାରେ ୩୬,୦୦୦ ଖେଳାଳି ଭାଗ ନେଇଥିଲେ। ୧, ୦୦୦ ପ୍ରଦର୍ଶନୀ ମ୍ୟାଚର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍କୁଲ ଆଥଲେଟ, ଭେଟେରାନ ଓ କମ୍ୟୁନିଟି ଟିମ୍‌ଗୁଡିକ ସାମିଲ ହୋଇଥିଲେ। ନୂଆଦିଲ୍ଲୀସ୍ଥିତ ଆଇକନିକ ମେଜର ଧ୍ୟାନଚାନ୍ଦ ନ୍ୟାଶନାଲ ଷ୍ଟାଡିୟମ ଏଥିପାଇଁ ଚଳଚଞ୍ଚଳ ହୋଇଉଠିଥିଲା। ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅଲିମ୍ପିକ ସ୍ୱର୍ଣ୍ଣ ବିଜେତା ଗୁରୁବକ୍ସ ସିଂ ଓ ଆସଲାମ ଶେର ଖାନ୍‌ଙ୍କ ସମେତ ଖେଳର ବହୁ କିମ୍ବଦନ୍ତୀ ଉପସ୍ଥିତ ଥିଲେ। ଏହି ଅବସରରେ ଖେଳ ପ୍ରତି ଉଲ୍ଲେଖନୀୟ ଅବଦାନ ରଖିଥିବା ସେଲିବ୍ରିଟି ଆଇକନଙ୍କୁ ହକି ଇଣ୍ଡିଆ ସମ୍ବର୍ଦ୍ଧିତ କରିଥିଲା। ସେମାନଙ୍କ ମଧ୍ୟରେ ରହିଛନ୍ତି ଗୁରୁବକ୍ସ ଆସ୍‌ଲାମ, ହରବିନ୍ଦର ସିଂ, ଅଜିତ ପାଲ୍ ସିଂ, ଅଶୋକ କୁମାର, ବି.ପି. ଗୋବିନ୍ଦା, ଜାଫର ଇକ୍‌ବାଲ, ବ୍ରିଗେଡିୟର ହରଚରଣ ସିଂ, ବିନିତ୍ କୁମାର, ମୀର ରଞ୍ଜନ ନେଗି, ରୋମିଓ ଜେମ୍ସ, ଅସୁନ୍ତା ଲାକ୍ରା ଓ ଶୁଭଦ୍ରା ପ୍ରଧାନ।


ଭାରତୀୟ ହକି ଉପରେ ଫଟୋ ପ୍ରଦର୍ଶନୀ।

ଏହି ଇଭେଣ୍ଟରେ କେନ୍ଦ୍ର କ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ, କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ, ତାମିଲନାଡୁ ଉପମୁଖ୍ୟମନ୍ତ୍ରୀ ଥିରୁ ଉଦାୟନିଧି ଷ୍ଟାଲିନ୍ ଏବଂ ଓଡ଼ିଶା କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଏଫ୍‌ଆଇଏଚ୍ ସଭାପତି ଦତୋ ତୟାବ ଇକ୍ରାମ ପ୍ରମୁଖ ଯୋଗ ଦେଇଥିଲେ। ସେମାନେ ଖେଳର ଗୌରବମୟ ଯାତ୍ରାର ଉଚ୍ଚ ପ୍ରଶଂସା କରିଥିଲେ। ମାଣ୍ଡବ୍ୟଙ୍କ ନେତୃତ୍ୱରେ କ୍ରୀଡ଼ାମନ୍ତ୍ରୀ ଏକାଦଶ ଏବଂ ହକି ଇଣ୍ଡିଆ ସଭାପତି ଦିଲୀପ ଟିର୍କୀଙ୍କ ନେତୃତ୍ୱରେ ହକି ଇଣ୍ଡିଆ ଏକାଦଶ ମଧ୍ୟରେ ଏକ ପ୍ରଦର୍ଶନୀ ମ୍ୟାଚ ସହିତ ଶତବାର୍ଷିକୀ ଉତ୍ସବ ଆରମ୍ଭ ହୋଇଥିଲା। ଏହା ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ହୋଇଥିଲେ ହେଁ ବେଶ୍ ଆମୋଦ ଦାୟକ ଥିଲା। ଏଥିରେ କ୍ରୀଡ଼ା ମନ୍ତ୍ରଣାଳୟ ଏକାଦଶ ୩-୧ ଗୋଲ୍‌ରେ ବିଜୟ ଲାଭ କରିଥିଲା। ବିଜୟୀ ଦଳ ପକ୍ଷରୁ ବିୟୁଟି ଡୁଙ୍ଗ୍ ଡଙ୍ଗ୍, ସାଲିମା ଟେଟେ ଓ କ୍ରିଷ୍ଣା ପାଠକ ପ୍ରମୁଖ ଗୋଟିଏ ଲେଖାଏଁ ଗୋଲ୍ ଦେଇଥିବାବେଳେ ହକି ଇଣ୍ଡିଆ ଏକାଦଶ ପକ୍ଷରୁ ମନପ୍ରୀତ ସିଂ ଏକମାତ୍ର ଗୋଲ ସ୍କୋର କରିଥିଲେ। ଉଭୟ ପୁରୁଷ ଓ ମହିଳା ଜାତୀୟ ଦଳର ଖେଳାଳିମାନେ ଏହି ଦୁଇଟି ଦଳରେ ସ୍ଥାନ ପାଇଥିଲେ। ଏହି ଅବସରରେ ଏକ ସ୍ୱତନ୍ତ୍ର ଫଟୋ ପ୍ରଦର୍ଶନୀରେ ବିରଳ ଅଭିଲେଖାଗାର ଫଟୋଚିତ୍ର, ଅଲିମ୍ପିକ ସ୍ମୃତି ଏବଂ ୧୯୨୮ ଆମଷ୍ଟରଡାମ ଅଲିମ୍ପିକ୍ସରେ ଭାରତୀୟ ହକି ଦଳର ସୁବର୍ଣ୍ଣ ପଦାର୍ପଣଠାରୁ ଆରମ୍ଭ କରି ଅତ୍ୟାଧୁନୀକ ଯୁଗରେ ପୁନରୁତ୍ଥାନ ପର୍ଯ୍ୟନ୍ତ ଏହାର ବିକାଶକୁ ଦର୍ଶାଇଥିବା କେତୋଟି ସ୍ମରଣୀୟ ଜିନିଷ ପ୍ରଦର୍ଶିତ କରାଯାଇଥିଲା। ଦିଲୀପ ଟିର୍କୀ ତାଙ୍କ ଅଭିଭାଷଣରେ କହିଥିଲେ, ଯେଉଁଠାରେ ତାଙ୍କର ନିଜସ୍ୱ ହକି ଯାତ୍ରା ଆରମ୍ଭ ହୋଇଥିଲା, ଶୁକ୍ରବାର ସେ ପୁଣି ସେହି ସ୍ଥାନକୁ ଫେରିଛନ୍ତି। ଏହା ତାଙ୍କୁ ଭାବପ୍ରବଣ କରିଛି। କାରଣ, ଏହି ଷ୍ଟାଡୟମରେ ତାଙ୍କ ପ୍ରଥମ ହକି କ୍ୟାମ୍ପ ଥିଲା ଏବଂ ସେ ତାଙ୍କର ପ୍ରଥମ ପ୍ରମୁଖ ଟୁର୍ନାମେଣ୍ଟ ଖେଳିଥିଲେ। ଶତବାର୍ଷିକୀ ପାଳନ ଅବସରରେ ଭାରତୀୟ ହକିର ମୂଳଦୁଆ ପକାଇଥିବା ବ୍ୟକ୍ତିବିଶେଷ ଏବଂ ଏହି ଖେଳ ମାଧ୍ୟମରେ ଦେଶ ପାଇଁ ଗୌରବ ଆଣିଦେଇଥିବା ପ୍ରତ୍ୟେକ ଖେଳାଳିଙ୍କୁ ଧନ୍ୟବାଦ।


ପ୍ରଦର୍ଶନୀ ମ୍ୟାଚରେ ଭାଗ ନେଇଥିବା ଭାରତୀୟ ମହିଳା ଓ ପୁରୁଷ ଖେଳାଳିମାନେ ଅତିଥିଙ୍କ ଗହଣରେ।

# ଦୀପ୍‌ଗ୍ରେସ, ସୁନୀତା, ଲିଲିମା ସମ୍ବର୍ଦ୍ଧିତ

**ଭୁବନେଶ୍ୱର, ୭।୧୧ (ତପନ ସ୍ୱାଇଁ)**

ଭାରତୀୟ ହକିର ଶତବାର୍ଷିକୀ ଦେଶବ୍ୟାପୀ ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଇଛି। ହକି ଇଣ୍ଡିଆ ପକ୍ଷରୁ ପୂର୍ବରୁ ଅନେକ କାର୍ଯ୍ୟକ୍ରମମାନ ଆୟୋଜନ ହୋଇଥିବାବେଳେ ଶୁକ୍ରବାର ରାଜ୍ୟସ୍ତରରେ ମଧ୍ୟ ଏହା ପାଳିତ ହୋଇଛି। ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ପକ୍ଷରୁ କଳିଙ୍ଗ ଷ୍ଟାଡିୟମରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଛି। କ୍ରୀଡ଼ା ସଚିବ ସଚିନ ରାମଚନ୍ଦ୍ର ଯାଦବ ଏକ ସେଲିବ୍ରାଟୋରି ରାଲିକୁ ପତାକା ଦେଖାଇ ଉଦ୍‌ଘାଟନ କରିବାପରେ ଉଭୟ ବାଳିକା ଓ ବାଳକ ବିଭାଗରେ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ବାଳିକା ବିଭାଗର ମ୍ୟାଚ ଓଡ଼ିଶା ନାଭାଲ ଟାଟା ହକି ଏଚ୍‌ପିସି ଓ ରାଉରକେଲା ସ୍ପୋର୍ଟ୍ସ ହଷ୍ଟେଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କ୍ରୀଡ଼ା ସଚିବ ଖେଳାଳିଙ୍କ ସହ ପରିଚିତ ହେବାସହ ଖେଳାଳିଙ୍କୁ ଶୁଭକାମନା ଜଣାଇଥିଲେ। ସେହିପରି ଓଡ଼ିଶା ନାଭାଲ ଟାଟା ହକି ଏଚ୍‌ପିସି ଏବଂ ଭୁବନେଶ୍ୱର ଆଥଲେଟିକ୍ସ ଆସୋସିଏଶନ ମଧ୍ୟରେ ବାଳକ ବିଭାଗର ମ୍ୟାଚ ହୋଇଥିଲା। ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶକ ୟେଦୁଲା ବିଜୟ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ଏପରି ଏକ ସ୍ମରଣୀୟ ଦିବସରେ ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ ରାଜ୍ୟର ମହିଳା ଅଲିମ୍ପିଆନ ଦୀପ୍ ଗ୍ରେସ୍ ଏକ୍କା, ସୁନୀତା ଲାକ୍ରା ଓ ଲିଲିମା ମିଞ୍ଜ୍‌ଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ତିନିଜଣ ଯାକ ମହିଳା ଖେଳାଳି ଭାରତୀୟ ହକିର ଗୌରବମୟ ଗାଥା ବର୍ଣ୍ଣନା କରିବା ସହ ଓଡ଼ିଶାର ହକିପ୍ରତି ଥିବା ଅବଦାନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଭାରତୀୟ ହକିର ତାରକା ଡିଫେଣ୍ଡର ଅମିତ ରୋହିଦାସ ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ନିଜ ଜୀବନଯାତ୍ରା ସମ୍ପର୍କରେ ବର୍ଣ୍ଣନା କରି ରାଜ୍ୟ ସରକାରଙ୍କ ଅବଦାନକୁ ପ୍ରଶଂସା କରିଛନ୍ତି।


କ୍ରୀଡ଼ା ସଚିବ ସଚିନ ରାମଚନ୍ଦ୍ର ଯାଦବ ପତାକା ଦେଖାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି।

## ୨୦୧୮ରୁ ଓଡ଼ିଶା ପ୍ରାୟୋଜକ

ଭାରତୀୟ ହକିର ଗୌରବ ଇତିହାସରେ ଓଡ଼ିଶା ଅନ୍ୟତମ ପ୍ରମୁଖ ଭୂମିକା ଗ୍ରହଣ କରି ଆସୁଛି। ଓଡ଼ିଶା ସରକାର ୨୦୧୮ରୁ ଭାରତୀୟ ହକି ଦଳର ପ୍ରାୟୋଜକ ରହି ଆସିଛନ୍ତି। ଫଳରେ ଅନ୍ତର୍ଜାତୀୟ ସ୍ତରରେ ଭାରତୀୟ ଦଳ ଅଧିକ ଶକ୍ତିଶାଳୀ ହୋଇପାରିଛି। ଅନ୍ୟ ବଡ଼ ଟୁର୍ନାମେଣ୍ଟ ସମେତ ଓଡ଼ିଶାରେ ୨ ଥର ହକି ବିଶ୍ୱକପ ଆୟୋଜନ ହୋଇ ସାରିଛି। ୨୦୧୮ରେ କଳିଙ୍ଗରେ ଏବଂ ୨୦୨୩ରେ କଳିଙ୍ଗ ସମେତ ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମରେ ଏହା ଆୟୋଜିତ ହୋଇଛି। ସେହିପରି ୨୦୨୧ରେ ଜୁନିୟର ହକି ବିଶ୍ୱକପ ମଧ୍ୟ ଏଠାରେ ଖେଳାଯାଇଛି। ଏହା ବ୍ୟତୀତ ହକି ଚାମ୍ପିୟନ୍ସ ଟ୍ରଫି, ଏଫ୍‌ଆଇଏଚ୍ ମହିଳା ଓ ପୁରୁଷ ପ୍ରୋ ଲିଗ୍, ଏଫ୍‌ଆଇଏଚ୍ ହକି ସିରିଜ ଫାଇନାଲ୍ସ, ମହିଳା ହକି କ୍ୱାଲିଫାୟର୍ସ ଆଦି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତା ଆୟୋଜନରେ ଓଡ଼ିଶାର ମୂଲ୍ୟବାନ ଅବଦାନ ରହିଛି।


କ୍ରୀଡ଼ା ନିର୍ଦ୍ଦେଶକ ୟେଦୁଲା ବିଜୟ ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି।




କଳିଙ୍ଗ ଷ୍ଟାଡିୟମରେ ଲିଲିମା ମିଞ୍ଜ, ସୁନୀତା ଲାକ୍ରା ଓ ଦୀପ୍ ଗ୍ରେସ୍ ଏକ୍କାଙ୍କୁ ଅତିଥି ବିଜୟ କୁମାର ସ୍ୱାଇଁ ସମ୍ବର୍ଦ୍ଧିତ କରୁଛନ୍ତି।

# ଓଡ଼ିଶା ଆଗରେ ବିଦର୍ଭ ଚ୍ୟାଲେଞ୍ଜ

**ଭୁବନେଶ୍ୱର, ୭।୧୧(ତପନ ସ୍ୱାଇଁ)**

### ରଣ୍‌ଜୀ ଟ୍ରଫି

ନାଗପୁରର ବିଦର୍ଭ କ୍ରିକେଟ୍ ଆସୋସିଏଶନ ଷ୍ଟାଡିୟମରେ ଓଡ଼ିଶା ଓ ବିଦର୍ଭ ମଧ୍ୟରେ ରଣ୍‌ଜୀ ଟ୍ରଫି କ୍ରିକେଟ ମ୍ୟାଚ୍ ଶନିବାରଠାରୁ ଆରମ୍ଭ ହେବ। ଏଲିଟ୍ ଗ୍ରୁପ୍ 'ଏ'ର ଏହି ମ୍ୟାଚ ଓଡ଼ିଶା ପାଇଁ କଡ଼ା ଚ୍ୟାଲେଞ୍ଜପୂର୍ଣ୍ଣ ରହିବ। କାରଣ ସିଜନ ଆରମ୍ଭ ୩ ମ୍ୟାଚ୍‌ରେ ଦଳ ଅତ୍ୟନ୍ତ ନୈରାଶ୍ୟଜନକ ପ୍ରଦର୍ଶନ କରି ମାତ୍ର ୧ ପଏଣ୍ଟ ପାଇଛି। ଅନ୍ୟପକ୍ଷରେ ବିଦର୍ଭ ହେଉଛି ଗତଥରର ଚାମ୍ପିୟନ ଦଳ। ଏହା ବ୍ୟତୀତ ଏହି ସିଜନରେ ମଧ୍ୟ ଏହି ଦଳ ଦମ୍‌ଦାର ପ୍ରଦର୍ଶନ କରି ୩ ମ୍ୟାଚ୍‌ରୁ ୧୩ ପଏଣ୍ଟ ପାଇ ଟେବୁଲର ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଘରୋଇ ପରିବେଶରେ ୨ଟି ମ୍ୟାଚ ଖେଳିସାରିଥିବା ଓଡ଼ିଶା ବାହାର ପରିବେଶରେ ସିଜନର ଦ୍ୱିତୀୟ ମ୍ୟାଚ୍ ଖେଳିବାକୁ ଯାଉଛି। ପୂର୍ବରୁ କାନ୍‌ପୁରରେ ଅନୁଷ୍ଠିତ ଉତ୍ତର ପ୍ରଦେଶ ବିପକ୍ଷ ମ୍ୟାଚକୁ ଡ୍ର ରଖିଥିଲେ ହେଁ ପ୍ରଥମ ଇନିଂସରେ ପଛୁଆ ରହିଥିବାରୁ ମାତ୍ର ୧ ପଏଣ୍ଟ ପାଇଛି। କଟକର ବାରବାଟୀ ଷ୍ଟାଡିୟମରେ ଖେଳିଥିବା ଅନ୍ୟ ୨ଟି ମ୍ୟାଚ୍(ବରୋଦା ଓ ଆନ୍ଧ୍ରପ୍ରଦେଶ)ରେ ପରାଜିତ ହୋଇଛି। ବରୋଦା ନିକଟରୁ ୭ ଉଇକେଟରେ ପରାଜୟ ସହ ଅଭିଯାନ ଆରମ୍ଭ କରିଥିବା ଓଡ଼ିଶା ପରେ ଉତ୍ତର ପ୍ରଦେଶ ବିପକ୍ଷ ମ୍ୟାଚ୍‌କୁ ଡ୍ର ରଖିବା ପରେ ଆନ୍ଧ୍ର ପ୍ରଦେଶଠାରୁ ଏକ ଇନିଂସ ୫୦ ରନ୍‌ରେ ପରାଜୟ ବରଣ କରିଥିଲା। ବିଦର୍ଭ ବିପକ୍ଷ ମ୍ୟାଚ ପାଇଁ ଦଳରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ଦ୍ରୁତ ବୋଲର ପ୍ରଶାନ୍ତ କୁମାର ରଣା ଓ ବାମହାତୀ ସ୍ପିନର ଜାମଳା ଭଞ୍ଜନ ମହାପାତ୍ରଙ୍କୁ ସାମିଲ କରାଯାଇଛି। ଅନ୍ୟପକ୍ଷରେ ଦ୍ରୁତ ବୋଲର ସୁନୀଲ କୁମାର ରାଉଳଙ୍କୁ ବାଦ୍ ଦିଆଯାଇଛି। ତେବେ ଚୟନକର୍ତ୍ତାଙ୍କ ଏହି ନିଷ୍ପତ୍ତି କେତେ ଫଳପ୍ରଦ ହେବ ତାହା ଆଗାମୀ ମ୍ୟାଚ୍‌ରେ ସ୍ପଷ୍ଟ ହୋଇଯିବ। ଜମଥାସ୍ଥିତ ବିଦର୍ଭ କ୍ରିକେଟ ଆସୋସିଏଶନ ଗ୍ରାଉଣ୍ଡରେ ଓଡ଼ିଶା ଦଳ ଶୁକ୍ରବାର କଡ଼ା ଅଭ୍ୟାସ କରିଛି।

ଅନ୍ୟପକ୍ଷରେ ବିଦର୍ଭ ଏହାର ପ୍ରଥମ ମ୍ୟାଚରେ ନାଗାଲାଣ୍ଡକୁ ଏକ ଇନିଂସ୍ ଓ ୧୭୯ ରନ୍‌ରେ ପରାସ୍ତ କରିଛି। ଝାଡ଼ଖଣ୍ଡ ଓ ତାମିଲନାଡୁ ବିପକ୍ଷ ଅନ୍ୟ ୨ଟି ମ୍ୟାଚ୍ ଡ୍ର ରଖିଥିଲେ ହେଁ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ୩ ପଏଣ୍ଟ ଲେଖାଏ ପାଇଛି। ବ୍ୟାଟିଂ ବିଭାଗରେ ଅମନ ମୋଖାଡ଼େ ଚମତ୍କାର ଫର୍ମରେ ଥିବା ପ୍ରମାଣିତ ହୋଇସାରିଛି। ୩ଟି ମ୍ୟାଚରେ ସେ ୪୩୯ (ବନାମ ନାଗାଲାଣ୍ଡ-୧୮୩, ଝାଡ଼ଖଣ୍ଡ-୧୭୬, ତାମିଲନାଡୁ-୮୦) ରନ କରିସାରିଛନ୍ତି। ୟଶ୍ ରାଠୋଡ୍ ମଧ୍ୟ ଶତକ ହାସଲକାରୀ ବ୍ୟାଟର ତାଲିକାରେ ସାମିଲ ହୋଇଛନ୍ତି। ବୋଲିଂରେ ନଚିକେତ ଭୂତେଙ୍କ ଉପରେ ନଜର ରହିବ। ସେ ୩ ମ୍ୟାଚରୁ ୧୫ ଉଇକେଟ ହାସଲ କରିସାରିଛନ୍ତି।

# ସିରିଜ୍ ବିଜୟ ଲକ୍ଷ୍ୟରେ ଭାରତ

**ବ୍ରିସ୍‌ବେନ, ୭।୧୧(ପି.ଟି.)**

### ପଞ୍ଚମ ଟି୨୦ ଆଜି

ମ୍ୟାଚ୍ ଆରମ୍ଭ: ଅପରାହ୍ଣ ୧ଟା ୪୫
ପ୍ରସାରଣ: ଷ୍ଟାରସ୍ପୋର୍ଟ୍ସ/ହଟ୍‌ଷ୍ଟାର

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଚଳିତ ସିରିଜ୍‌ର ୫ମ ତଥା ଅନ୍ତିମ ଟି୨୦ କ୍ରିକେଟ୍ ମ୍ୟାଚ୍ ଶନିବାର ଏଠାରେ ଅନୁଷ୍ଠିତ ହେବ। ଗୋଟିଏ ମ୍ୟାଚ୍ ବର୍ଷା ବାଧାପ୍ରାପ୍ତ ହୋଇଥିବାବେଳେ ଅନ୍ୟ ୩ ମ୍ୟାଚ୍‌ରୁ ୨ଟିରେ ବିଜୟୀ ହୋଇ ଭାରତ ୨-୧ରେ ସିରିଜ୍ ଅଗ୍ରଣୀ ରହିଛି। ତେଣୁ ଅନ୍ତିମ ମ୍ୟାଚ୍ ଜିତି ଭାରତ ସିରିଜ୍ ବିଜୟ ଲକ୍ଷ୍ୟରେ ରହିଛି। ଅଷ୍ଟ୍ରେଲିଆ ମାଟିରେ ଭାରତ ଦୀର୍ଘ ୧୭ ବର୍ଷଧରି ଦ୍ୱିପାକ୍ଷିକ ଟି୨୦ ସିରିଜ୍ ହାରିନାହିଁ। ଏଥର ମଧ୍ୟ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଦଳ ଏହି ଧାରା ଆଗକୁ ବଢ଼ାଇବା ଆଶା କରାଯାଉଛି। ଶେଷଥର ପାଇଁ ଅଷ୍ଟ୍ରେଲିଆ ୨୦୦୭-୦୮ ସିଜନରେ ସିରିଜ୍ ଜିତିଥିଲା। ଅନ୍ୟପକ୍ଷରେ ଘରୋଇ ଅଷ୍ଟ୍ରେଲିଆ ଭାରତୀୟ ସ୍ପିନ୍‌କୁ କାଉଣ୍ଟର କରି ମ୍ୟାଚ୍ ଜିତିବା ସହ ସିରିଜ୍‌କୁ ୨-୨ରେ ବରାବର କରିବା ଆଶାରେ ରହିଛି। ଆସନ୍ତା ବର୍ଷ ଭାରତ ଓ ଶ୍ରୀଲଙ୍କାରେ ହେବାକୁଥିବା ଟି୨୦ ବିଶ୍ୱକପ୍ ପୂର୍ବରୁ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଏହା ଶେଷ ଟି୨୦ ମ୍ୟାଚ୍।

ଚତୁର୍ଥ ଟି୨୦ରେ ଭାରତର ଆରମ୍ଭ ଭଲ ହୋଇଥିଲା। ଚକ୍‌ମା ଦେଇଥିବା କାରାରା ପିଚ୍‌ରେ ଶୁବମନ ଗିଲ୍‌ଙ୍କ ସତର୍କତାପୂର୍ଣ୍ଣ ବ୍ୟାଟିଂ ସହାୟତାରେ ଭାରତ ଏକଦା ୨ ଉଇକେଟ ହରାଇ ୧୨୧ ରନ୍ ସଂଗ୍ରହ କରିନେଇଥିଲା। ମାତ୍ର ପରବର୍ତ୍ତୀ ୧୫ ରନ୍ ମଧ୍ୟରେ ୪ ଉଇକେଟର ପତନ ଯୋଗୁ ଇନିଂସ୍ ଭୁଶୁଡ଼ି ପଡ଼ିଥିଲା। ଉପଅଧିନାୟକ ଗିଲ୍ ଗତ ୭ ଇନିଂସ୍‌ରେ ଗୋଟିଏହେଲେ ଅର୍ଦ୍ଧଶତକ ହାସଲ କରିପାରି ନ ଥିଲେ ମଧ୍ୟ ପୂର୍ବ ମ୍ୟାଚ୍‌ରେ ୪୬ ରନ୍‌କରି ଫର୍ମକୁ ଫେରୁଥିବା ସୂଚନା ଦେଇଛନ୍ତି। ଅଧିନାୟକ ସୂର୍ଯ୍ୟକୁମାର ମଧ୍ୟ ଭଲ ଆରମ୍ଭକୁ ବଡ଼ ସ୍କୋରରେ ପରିଣତ କରିବାରେ ବିଫଳ ହୋଇଛନ୍ତି। ତେଣୁ ଆସନ୍ତା ମାସରେ ଆରମ୍ଭ ହେବାକୁ ଯାଉଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ୍ ପୂର୍ବରୁ ଏଠାରେ ତାଙ୍କଠାରୁ ଏକ ବଡ଼ ସ୍କୋର ଆଶା କରାଯାଉଛି। ଅଷ୍ଟ୍ରେଲିଆ ପାଇଁ ଭାରତୀୟ ସ୍ପିନରଙ୍କୁ ମୁକାବିଲା କରିବା ଚ୍ୟାଲେଞ୍ଜପୂର୍ଣ୍ଣ ରହିବ।


ଅର୍ଶଦୀପ ସିଂଙ୍କ ଉପସ୍ଥିତିରେ ୱାଶିଂଟନ ସୁନ୍ଦରଙ୍କ ବୋଲିଂ ଅଭ୍ୟାସ।

# ସେମିଫାଇନାଲରେ ସାବାଲେଙ୍କା

**ରିୟାଦ, ୭।୧୧(ଏପି)**

ଶୀର୍ଷ ର୍‍ୟାଙ୍କିଙ୍ଗ୍‌ପ୍ରାପ୍ତ ଆରିନା ସାବାଲେଙ୍କା ଏଠାରେ ଚାଲିଥିବା ଡବ୍ଲ୍ୟୁଟିଏ ଫାଇନାଲ୍ସର ଗ୍ରୁପ୍ ପର୍ଯ୍ୟାୟରେ ତାଙ୍କର କ୍ରମାଗତ ତୃତୀୟ ବିଜୟ ହାସଲ କରିଛନ୍ତି। ସେ ତାଙ୍କ ଆମେରିକାନ୍ ପ୍ରତିଦ୍ୱନ୍ଦ୍ୱୀ କୋକୋ ଗଫ୍‌ଙ୍କୁ ୭-୬ (୫), ୬-୨ରେ ପରାସ୍ତକରି ନିଜ ଗ୍ରୁପ୍‌ରୁ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସାବାଲେଙ୍କାଙ୍କ ବିଜୟ ଅର୍ଥ ହେଉଛି ଜେସିକା ପେଗୁଲା ବେଲାରୁଷ୍‌ର ନମ୍ବର-୧ଙ୍କ ସହିତ ଗ୍ରୁପ୍‌ରୁ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପେଗୁଲା ୬-୨, ୬-୩ରେ ଜସ୍ମିନ ପାଓଲିନିଙ୍କୁ ହରାଇ ଦେଇଛନ୍ତି। ବିଶ୍ୱର ଶୀର୍ଷ ୮ ଖେଳାଳିଙ୍କୁ ନେଇ ଅନୁଷ୍ଠିତ ହେଉଥିବା ଏହି ସିଜନ ଶେଷ ଟୁର୍ନାମେଣ୍ଟର ସେମିଫାଇନାଲରେ ଆମଣ୍ଡା ଆନିସିମୋଭାଙ୍କ ସହିତ ମୁକାବିଲା କରିବେ। ଏହାକୁ ଚଳିତବର୍ଷର ୟୁ.ଏସ୍ ଫାଇନାଲର ଏକ ରିମ୍ୟାଚ କୁହାଯାଉଛି।

# ରାଜ୍ୟ ସବ୍‌ଜୁନିୟର ବ୍ୟାଡ୍‌ମିଣ୍ଟନ ଉଦ୍‌ଘାଟିତ


ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ସହ ଖେଳାଳିମାନେ।

**ଭୁବନେଶ୍ୱର, ୭।୧୧(ତପନ ସ୍ୱାଇଁ)**

ସ୍ଥାନୀୟ ପୋଖରୀପୁଟ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ରାଜ୍ୟ ସବ୍‌ଜୁନିୟର (୧୫ ଓ ୧୭ ବର୍ଷରୁ କମ୍) ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଶୁକକ୍ରବାର ଉଦ୍‌ଘାଟିତ ହୋଇଛି। ଓଡ଼ିଶା ବ୍ୟାଡ୍‌ମିଣ୍ଟନ ସଂଘ ଆନୁକୂଲ୍ୟରେ ଆୟୋଜିତ ୪ ଦିନ ଧରି ଚାଲିବାକୁଥିବା ଏହି ପ୍ରତିଯୋଗିତାକୁ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗର ପ୍ରଶାସନିକ ଅଧିକାରୀ ସୋନାଲି ଚାନ୍ଦ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଉଦ୍‌ଘାଟନ କରିଛନ୍ତି। ରାଜ୍ୟ ସଂଘ ସମ୍ପାଦକ ନିଳିନ କୁମାର, ଉପ-ସଭାପତି ପ୍ରଦୀପ ପଟ୍ଟନାୟକ, ଆୟୋଜନ କମିଟି ସମ୍ପାଦକ ଅଜିତ୍ ମହାନ୍ତି, ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଶୁଭମ୍ ନାୟକ, ପର୍ଯ୍ୟବେକ୍ଷକ ଶିବମ୍ ଅଗ୍ରୱାଲ, ସଂଯୋଜକ ତାରାକାନ୍ତ ଦାଶ, ଅବ୍‌ଦୁଲ ହାକିମ୍, ଜୟପ୍ରକାଶ ଜେନା, ମୁଖ୍ୟ ରେଫରି ରୀତା ଦାଶ ଓ ଲକ୍ଷାପତି ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ବାଳିକା-ବାଳକ ସିଙ୍ଗଲ୍ସ, ଡବଲ୍ସ ଓ ମିକ୍ସ ଡବଲ୍ସ ବିଭାଗରେ ୨୮୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିନରେ ୮୦ଟି ମ୍ୟାଚ୍ ଅନୁଷ୍ଠିତ ହୋଇଛି। ପ୍ରତ୍ୟେକ ବିଭାଗର ଫାଇନାଲ ଆସନ୍ତା ୧୦ ତାରିଖ ମଧ୍ୟାହ୍ନରେ ଅନୁଷ୍ଠିତ ହେବ।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ